# ସମାରୋହ

ଫେବୃୟାରୀ ୨୦୨୫

www.samaroha.in



KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*






*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining, Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**


Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com


Begin your
Happily
ever
after
with us
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
jjcreativevision / abcl-01/23

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra

**ସଂପାଦିକା:**
ଶୈଳରାଣୀ ମିଶ୍ର

**Associate Editor:**
Rabi Narayna Nanda
Kishore Kumar Mohanty

**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି

**Publisher:**
Bibhuti Bhusan Nanda
Gandarpur, Cuttack-753003

**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩

**DTP:**
Printtech Offset Pvt. Ltd.
Bhubaneswar-24

**ଡିଟିପି:**
ପ୍ରିଣ୍ଟ୍‌ଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪

**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack

**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ

**Managing Editor:**
Kalyani Nanda

**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 34 Issue - 5**
**February - 2025**
**Price- Rs. 25/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ଉତ୍କଳୀୟ ଭାବାଦର୍ଶ ଓ ଓଡ଼ିଶାର ଆତ୍ମପରିଚିତି**
ଡକ୍ଟର ବାସୁଦେବ ଦାସ............ ୭


### କଥା ଓ କାହାଣୀ


**ରଙ୍ଗଛଡ଼ା ଜୀବନ** ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ.. ୧୦
**ଡାହାଣୀ** କ୍ଷୀରୋଦ ଦାସ...................... ୧୪
**ଠକ ଓ ସାଧୁ** ରଞ୍ଜନ ସାହୁ...................... ୧୮
**ନିଜ ପାଇଁ ନିଜେ** ସୁଜାତା ମହାପାତ୍ର.................. ୨୧
**ସଇତାନଙ୍କୁ ପଦେ** ବିଷ୍ଣୁ ଚରଣ ଚୌଧୁରୀ.............. ୨୪
**ବଡ଼ି** ମୂଳ ରଚନା: ସଂଜୀବ ଚଟ୍ଟୋପାଧ୍ୟାୟ
ଅନୁବାଦ: ଗିରିଜା ମଂଜରୀ ପାଢ଼ୀ............. ୨୮
**ପ୍ରତୀକ୍ଷା** ସରୋଜ ସାହୁ..................... ୩୦
**ସୁନା ପଞ୍ଜୁରୀ** ବିଭୁତି ଭୂଷଣ ତ୍ରିପାଠୀ............. ୩୨
**ଯେ ପକ୍ଷୀ ଉଡ଼େ ଯେତେ ଦୂର** ଇନ୍ଦୁମତୀ ପାତ୍ର............ ୩୪
**ଅଗ୍ନି ପରୀକ୍ଷା** ଗୀତା ଦାସ........................ ୩୭
**ଠକ** ଡଃ ବିଜୟଲକ୍ଷ୍ମୀ ତାରେଣିଆ......... ୪୦


### ଧାରାବାହିକ ଉପନ୍ୟାସ


**ଶ୍ରୀ ଖାରବେଳ** ଡାକ୍ତର ଇନ୍ଦ୍ରମଣି ଜେନା............ ୪୩


### କବିତା


**ଆମେ ଏ’ ଯୁଗର ନାରୀ** ପ୍ରଫୁଲ୍ଲ କୁମାରୀ ରାୟ.............. ୫୦
**କେତେ ଭାବୁଛି** ଦୁର୍ଗାଚରଣ ଷଡ଼ଙ୍ଗୀ................. ୫୦
**ଡେଣା ଭଂଗା ପକ୍ଷୀର ବିଳାପ** ଡକ୍ଟର ନାରାୟଣ ପଣ୍ଡା....... ୫୧
**ଖାଲି ହାତର କବିତା** ଭିକାରି ଧଳ....................... ୫୧
**ଉଠିବୁ ନାହିଁକି** ପିନାକୀ ମିଶ୍ର...................... ୫୨
**କେନ୍ଦୁଝର ର ଶୀତ** ଦେବାଶିଷ ଚକ୍ରବର୍ତ୍ତୀ.............. ୫୩
**ଅସମ୍ପୂର୍ଣ୍ଣ ପରିଭାଷା** ଡ. ଗୋପବନ୍ଧୁ ଦାଶ............... ୫୩
**ସବୁ ବୈଚିତ୍ର୍ୟମୟ : ସୁଜନେ !** ଡାଃ ମନୋରଞ୍ଜନ ଦାଶ........ ୫୪
**ଭୋଗ** ଅକ୍ଷୟ ପାତ୍ର....................... ୫୪
**ଟିକେ ନିଆଁ ମିଳିବ !** ତାରକ ମହାନ୍ତି.................... ୫୫
**ତଥାପି** ବାସନ୍ତୀ ଦାସ..................... ୫୫
**ରେ ଜୀବନ** ସୁଶୀଲ କୁମାର ପାଣିଗ୍ରାହୀ......... ୫୬
**ଉଚ୍ଛୁଳା ଭାବ** ସ୍ୱୟଂପ୍ରଭା ରଥ.................. ୫୭
**ନୀଳକଣ୍ଠଙ୍କ ଆବାହନ ପୂର୍ବରୁ** ଗୋପାଳ ଚନ୍ଦ୍ର ମିଶ୍ର........ ୫୭
**ଅଧିକାର** ରୀନାରାଣୀ ରାଉତରାୟ........... ୫୮
**ପରିଚିତ ସମୟ** ଡ. ଶର୍ମିଷ୍ଠା ମହାପାତ୍ର.............. ୫୮

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

**ପରିଚାଳନା ସଂପାଦିକା**

**ସମାରୋହ ଆଜୀବନ ପୃଷ୍ଠପୋଷକ**

**- ଶ୍ରୀ ଦେବ ପଟ୍ଟନାୟକ**
**- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**
**- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ**
**- ଡା. ଅମରେନ୍ଦ୍ରନାଥ ଦାସ**


## ତନ୍ମାତ୍ର

**ନୂଆ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ**.......................... ୫୯

## ଖେଳ ଓ ଖେଳାଳୀ

**ଚାମ୍ପିୟାନ୍ସ ଟ୍ରଫି - ୨୦୨୫**.................................. ୬୧

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୬୩



**ପଢ଼ନ୍ତୁ ! ପଢ଼ନ୍ତୁ !**

**ମାସିକ ଓଡ଼ିଆ ପତ୍ରିକା**






**ଯୋଗାଯୋଗ ଠିକଣା**

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡ୍ୟୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୬୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com



| **ସମାରୋହର ଦେୟ** | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
|---|---|---|
| | ୩ ବର୍ଷ ପାଇଁ..........ଟ. ୯୦୦.୦୦ | ୫ ବର୍ଷ ପାଇଁ..........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂପାଦକୀୟ

ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ନିଜକୁ ନିଜେ ମାପିବା ବିଧେୟ। ଯାହାକିଛି କରିବାକୁ ମୁଁ ବର୍ତ୍ତମାନ ଚାହୁଁଛି ସେଥିପାଇଁ ମୋର ପର୍ଯ୍ୟାପ୍ତ ଯୋଗ୍ୟତା ଅଛି କି ନାହିଁ। ଅହଂକାର-ଲୋଭ-ମୋହ ଇତ୍ୟାଦିର ବଶବର୍ତ୍ତୀ ହୋଇ ଆମେ ନିଜକୁ ଉପଯୁକ୍ତ ବିଧିରେ ନ ତଉରି ବାଟ ଅବାଟ ନମାନି ମାଡ଼ିଚାଲିଯାଉ। ଏଇଭଳି ପରିସ୍ଥିତିରେ ଯେଉଁସବୁ କାର୍ଯ୍ୟ ସମାଧାନ ହୁଏ ତାହା ପ୍ରକୃତ ଜଗତର ହିତ ପାଇଁ ପ୍ରୟୋଗ ହୁଏ ନାହିଁ। ଆମେ ରାଜ୍ୟକୁ, ରାସ୍ତାଘାଟକୁ, ବିରାଟ ବିରାଟ କୋଠାମାନଙ୍କୁ ଆଲୋକମାଳାରେ ସଜାଇ ନିଜକୁ ନିଜେ ବାହାବା ନେଉ। କିନ୍ତୁ ସେଥିରେ ସମାଜର ତ ଆଦୌ ନୁହେଁ ସାମାନ୍ୟ କୀଟପତଙ୍ଗଟିଏର ମଧ୍ୟ ସାମାନ୍ୟତମ ଉପକାର ହୁଏ ନାହିଁ। ସେ ଯୁଗରେ ଯେଉଁମାନେ ଦେଶପ୍ରେମୀ ଥିଲେ, ସେମାନେ ନିଜ ଜୀବନକୁ ପାଣି ଛଡ଼ାଇ ଦେଶପାଇଁ ଶ୍ରଦ୍ଧା-ସମ୍ମାନ ବିଶ୍ୱାସର ସହିତ ଲାଗି ରହିଥିଲେ। ତେଣୁ ଭାରତ ସ୍ୱାଧୀନ ହୋଇପାରିଲା। ଏପରିକି ଆମ ଓଡ଼ିଶା ମଧ୍ୟ ସେଇ ସୂତ୍ରଧରି "ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ" ୧୯୩୯ ମସିହାରେ ହୋଇପାରିଥିଲା। ଆଜି ଆମେ ଯେଉଁମାନେ ରାଜ୍ୟ ନିମନ୍ତେ ଦେଶ ନିମନ୍ତେ କିଛି ଟିକିଏ ମଧ୍ୟ କରିବାକୁ ଚାହିଁଲେ- ଆମକୁ ସେଇ ଗୋଟିଏ ପଥଧରି ଆଗେଇବାକୁ ପଡ଼ିବ। ନଚେତ୍ ବାହ୍ୟ ଆଲୋକ ଏବଂ ଅନ୍ତର ଅନ୍ଧକାର କୂପରେ ପଡ଼ି ଘାଣ୍ଟି ଚକଟି ହୋଇ ଚାଲିଥିବା। ସାମାନ୍ୟ ବିଚାରବନ୍ତ ମନୁଷ୍ୟ ମଧ୍ୟ ଏସବୁକୁ ଆଜି ନିଜକୁ ଏବଂ ରାଜ୍ୟକୁ ତା ସହିତ ଦେଶକୁ ଦେଖି ଅନୁଭବୀ ପାରୁଥିବ- ଯଦି ତାର ଦେଶର ମାଟି ପ୍ରତି ପ୍ରକୃତ ଶ୍ରଦ୍ଧା ଭକ୍ତି ରହିଥିବ। ବାହ୍ୟ ଆଡମ୍ବର ଏବଂ ଫମ୍ପା ଆୱାଜ ଶୁଣି କେହି ନିଜକୁ ପରିବର୍ତ୍ତନ କରିବେ ନାହିଁ। ପୂର୍ବେ ଲେଖାଥିଲା- " ମହାଜନେ ଯେନ ଗତସ୍ୟ ପନ୍ଥା।" ତାଙ୍କୁହିଁ ଅନୁସରଣ କରି ଆଗେଇ ଯିବା ନିମନ୍ତେ ଦୃଢ଼ ଦଣ୍ଡଧାରୀ ହୋଇପାରୁଥିଲେ। ଆଜି ଏଭଳି କେହି ଅଛନ୍ତି କି ଯାହାକୁ ଅନୁସରଣ କରି ଆମେ ନିଜକୁ ସେଇ ମାର୍ଗରେ ଆଗେଇ ଅନେକ କିଛି କରିବା ପାଇଁ ଆଗ୍ରହ ପ୍ରକାଶ କରିବା। କିନ୍ତୁ ! ନ କହିବା ଭଲ। ଡ୍ରେସ୍‌କୁ ଆମେ ଅନୁସରଣ କରିବା ଖୁବ୍ ସହଜ ସାଧ୍ୟ ହୋଇଥାଏ- କିନ୍ତୁ ମୂଳତତ୍ତ୍ୱର ଗଭୀରତାକୁ ଅନୁସରଣ ନକରି- କେବଳ ଅନୁକରଣ କରି ଭାଷାରେ ପ୍ରକାଶ କରିପାରିବା ଜୀବନର ଲକ୍ଷ୍ୟରେ ନୁହେଁ।


ତେଣୁ ! ମନେହୁଏ ବୋଧହୁଏ ବର୍ତ୍ତମାନର ସୂର୍ଯ୍ୟ-ଚନ୍ଦ୍ର ପୂର୍ବ ଦିଗରେ ଉଦୟ ନହୋଇ ପଶ୍ଚିମ ଦିଗରେ ହେଉଛନ୍ତି ଏବଂ ଅସ୍ତ ପୂର୍ବଦିଗରେ ହୋଇଛନ୍ତି। ଏଇ ବିପରୀତଗାମୀ ଜଗତକୁ ସମ୍ଭାଳିବାର ଶକ୍ତି ବାହାରି ନାହିଁ। ଯଦି ମା'ଦୁର୍ଗା ଦଶଭୂଜା ନ ହୋଇ ଶତଭୂଜା ହୋଇ ଆସନ୍ତେ ତେବେ ଅବା ହୋଇପାରନ୍ତା। ପ୍ରତିଦିନ ଖବରକାଗଜରେ ବାହାରି ଚାଲିଥିବା ବିଭିନ୍ନ ପ୍ରକାରର ଦୁଃସସମ୍ବାଦ ପାଠ କରିବାର ଆଉ ଧୈର୍ଯ୍ୟ କିମ୍ବା ସାହସ ନାହିଁ। ଦିନଥିଲା ମନେ ହେଉଥିଲା- ହଁ - ଏସବୁ ମଧ୍ୟ ଚାଲିଯିବ। ପୁଣି ଆମେ ପୂର୍ବାବସ୍ଥାକୁ ଫେରିଆସିବା। ଏବେ ସେ ଆଶା କ୍ଷୀଣରୁ କ୍ଷୀଣତର ହୋଇଗଲାଣି। ଶକ୍ତି ନାହିଁ ଆଧ୍ୟାତ୍ମିକ-ଆଧି ଦୈବୀକ-ଆଧିଭୌତିକ ସମସ୍ତ ପ୍ରକାର ଯନ୍ତ୍ରଣା ସହିଯାଇ- ନିଜକୁ ସଂପୂର୍ଣ୍ଣ ନିରାପଦସ୍ଥଳୀରେ ନେଇ ସ୍ଥାପିତ କରିବାକୁ। କୌଣସି ଘଟଣାକୁ ବଖାଣି ଲେଖିବାର ପ୍ରୟୋଜନ ନାହିଁ। ଧାରାବାହିକ ଭାବେ ଚାଲିଥିବା ବର୍ତ୍ତମାନର ପୃଥିବୀରେ- କେଉଁଠି ଶାନ୍ତି ? କେଉଁଠି ସହୃଦୟତା ? କେଉଁଠି ସତ୍ୟ ସହାନୁଭୂତିତା ?

ସାମାନ୍ୟ ଟିକିଏ କଣ କରିଦେଲେ ଲୋକେ ଆମକୁ ଟେକି ଟେକି ଦିଅନ୍ତି- ଆମେ ନିଜକୁ ନ ମାଗି ସେଇ କଥାରେ ଭୋଳ ହୋଇ ଭାସିଯାଉ ଆନନ୍ଦ ସମୁଦ୍ରରେ ସନ୍ତରଣ କଲାପରି। ଆଖି ପଲକରେ ସେ ଛାଇ ଚାଲିଯାଏ- ମାଡ଼ିଆସେ ପ୍ରଚଣ୍ଡ ଗ୍ରୀଷ୍ମଋତୁ ତାର ପ୍ରକୋପକୁ ଆବୋରି। ଦିଗବାରେଣୀ ଖୁଣ୍ଟି କେଉଁ ଆଡ଼େ ଲୁଚିଯାଏ। ଆମେ ପଙ୍କ କାଦୁଅରେ ଲଟ୍‌ପଟ୍ ହୋଇ ସଂପୂର୍ଣ୍ଣ ବାଟବଣା ହୋଇଯାଇ ପୁଣି ସେଥିରୁ ନିଜକୁ ଉଦ୍ଧାର କରି ସଳଖ ହୋଇ ଚାଲିବାକୁ ଚେଷ୍ଟା କଲେ ମଧ୍ୟ ଆଉ ତାର ପୂର୍ବାବସ୍ଥା ପ୍ରାପ୍ତ ହୁଏନାହିଁ।

ଦୁଇହଜାର ପଚିଶି ମସିହା ଆସିଗଲା। ପ୍ରାୟ ମାସ ପୂରିବାକୁ ବସିଲାଣି। ପୁଣି ଆସିବ ଫେବୃୟାରୀର ଡାକରା। ସେଥିରେ କଣ ନୂଆ ନୂଆ ଫୁଲସବୁ ଫୁଟି ଦିଗ ଚହଟିବ, ନାଁ କଣ୍ଟାବୁଦାରେ ପଶି ଗୋଡ଼ହାତ ରକ୍ତାକ୍ତ ହେବ ପ୍ରଭୁ ଜାଣନ୍ତି। କାରଣ ମନୁଷ୍ୟ ଜାତିର ଆଉ ସହନଶକ୍ତି ନାହିଁ। ସେ କେବଳ ସ୍ରୋତ ମୁଖରେ ଭାସିଯିବା ପାଇଁ ନିଜକୁ ବିସର୍ଜନ କରି ଚାଲିଛି। ତାର ସମସ୍ତ ଶୌର୍ଯ୍ୟ-ବୀର୍ଯ୍ୟ-ନିଷ୍ଠା-ପରାକାଷ୍ଠାରେ ପ୍ରଦ୍ୟୁଷଣ ହୋଇ କୀଟଦ୍ରଷ୍ଟ ହୋଇଗଲାଣି। ପରିବର୍ତ୍ତନ କରିବାର ଧାତା ଧ୍ୟାନମଗ୍ନ ହୋଇ ରହିଗଲେଣି ନିଜର ଉନ୍ନତି ପାଇଁ। କାରଣ ଦେଶବାସୀଙ୍କ ପାଇଁ- ମନ୍ଦିରରେ ସେ ଉପାସ ରହିପାରୁଛନ୍ତି, ଅନିଦ୍ରା ହେଉଛନ୍ତି, ତଥାପି କାହାରି ଚେତା ଆସୁନାହିଁ।

ଆଜି ଏତିକି

ହରିଓଁତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ



## ଶ୍ରଦ୍ଧାଞ୍ଜଳି

# ୰ ଦୁର୍ଗାମାଧବ ମିଶ୍ର

**ଜନ୍ମ : ଭାଦ୍ରବ କୃଷ୍ଣପକ୍ଷ ଦଶମୀ (୧୯୨୯)**
**ତିରୋଧାନ : ମାଘ କୃଷ୍ଣପକ୍ଷ ଦଶମୀ (୧୯୯୭)**



"ଅବହେଳିତ ଏ ଜୀବନେ ମୋହର ଘୋଟିଯାଉପଛେ ନିଶୀଥିନୀ,
ଝଡ଼ ବତାସର ଝାଉଁ ଝଙ୍କାରେ ଥରିଯାଉ ପଛେ ଏ ମେଦିନୀ,
ସରିଯାଉ ପଛେ ଜୀବନର ସ୍ୱର, ନିଭିଯାଉ ପଛେ ଚନ୍ଦ୍ରମା
ଛାଡ଼ି ଏ ଧରଣୀ ରୂପରସ ଖଣି ଯାଇପାରିବିନି ମୁହିଁ ଜମା"

(ମାଟିର ମମତା)

◆୦◆

ପ୍ରବନ୍ଧ

# ଉତ୍କଳୀୟ ଭାବାଦର୍ଶ ଓ ଓଡ଼ିଶାର ଆତ୍ମପରିଚିତି

ଡକ୍ଟର ବାସୁଦେବ ଦାସ

ଓଡ଼ିଆ ବୀରର ଧମନୀ ସ୍ତବ୍ଧ ହୋଇଯାଇଥିଲା ୩୬୮ ବର୍ଷ ଧରି। ଏହି ଭାବାଦର୍ଶକୁ ଜାଗ୍ରତ କରିବାର ପ୍ରୟାସ ଆରମ୍ଭ ହୋଇଥିଲା ଊନବିଂଶ ଶତାବ୍ଦୀରେ। ଊନବିଂଶ ଶତାବ୍ଦୀ ଓଡ଼ିଆ ଜାତିର ସଂଗ୍ରାମର ବଡ଼ଦାଣ୍ଡ ବୋଲି କୁହାଯାଇପାରେ। ଏକ ଘଡ଼ିସନ୍ଧି କାଳରେ ଏ ଜାତି ଯେ ଏକ ସଫଳତାର ଶୀର୍ଷରେ ପହଞ୍ଚିପାରିବ, ଏ ବିଶ୍ୱାସ ଖୁବ୍ କମ୍ ଲୋକଙ୍କର ଥିଲା। ଅନ୍ୟ ମୁକ୍ତିର ସ୍ୱପ୍ନ କିଛି ସଚେତନ ଓଡ଼ିଆଙ୍କ ପ୍ରାଣତନ୍ତ୍ରୀରେ ଆଣିଥିଲା ମଧୁର ଝଙ୍କାର।

ବଙ୍ଗାଳୀ ବନ୍ଧୁ ହିଁ ଅତୀତରେ ସର୍ବାଧିକ ସର୍ବନାଶର କାରଣ ହୋଇଥିଲେ। ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଲେଖିଛନ୍ତି – "ଜଣେ ବଙ୍ଗାଳୀ କର୍ମଚାରୀ କଳକୌଶଳରେ ଖୋର୍ଦ୍ଧାର ବକ୍ସିଙ୍କୁ ତାଙ୍କର ପ୍ରଭୂତ ସମ୍ପତ୍ତିରୁ ବଞ୍ଚିତ କରିବାରୁ ୧୮୦୫ ସାଲରେ ଖୋର୍ଦ୍ଧା ବିଦ୍ରୋହ ଘଟିଥିଲା।" ବଙ୍ଗାଳୀମାନେ ଏତିକିରେ ସନ୍ତୁଷ୍ଟ ନଥିଲେ। କମ୍ପାନୀ ଅମଳରେ ସମସ୍ତ ଚାକିରିରେ ବଙ୍ଗାଳୀମାନେ ରହି ଓଡ଼ିଶାର ଭାଷା ପୃଥକ୍ ଥିବା ହେତୁ ସୁରୁଖୁରୁରେ କାମ କରିବାରେ ଅସୁବିଧା ହେଲା। ଓଡ଼ିଶାକୁ ବଙ୍ଗଭୂମିର ଏକ ପ୍ରସାରିତ ଅଙ୍ଗ ଭାବି ସେମାନେ ପ୍ରମାଣ କରିବାକୁ ଚେଷ୍ଟା କଲେ ଯେ, ଭାଷାକୁ ବିଲୋପ କରାଗଲେ ବଙ୍ଗର ଅଧିକୃତ ହେବ ଓଡ଼ିଶା। ତେଣୁ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଅପଦୁଆ ବା ହୁଡ୍ଡା ଉଠାଇଲେ। ପରିଶେଷରେ ବାଲେଶ୍ୱର ଜିଲ୍ଲା ସ୍କୁଲର ପଣ୍ଡିତ କାନ୍ତିଲାଲ ଭଟ୍ଟାଚାର୍ଯ୍ୟ ଗୋଟିଏ ବହି ଲେଖି ପ୍ରକାଶ କରିଥିଲେ। ଏହି ଓଡ଼ିଆ ବିଲୋପ ଆନ୍ଦୋଳନକୁ ଦୁଇ ବିଶିଷ୍ଟ ବ୍ୟକ୍ତି ରାଜେନ୍ଦ୍ରଲାଲ ମିତ୍ର ଐତିହାସିକ ଓ ଶିକ୍ଷାବିତ୍ ଉମାଚରଣ ହାଲଦାର ଦୃଢ଼ ସମର୍ଥନ କରିଥିଲେ। ୧୮୦୦ ରୁ ୧୮୭୦ ମସିହା ଯାଏ ଏହି ଚକ୍ରାନ୍ତର ସମୟ ସୀମା ନିର୍ଦ୍ଧାରଣ କରାଯାଇପାରେ। କିନ୍ତୁ ସୌଭାଗ୍ୟର କଥା, କେତେକ ଉଦାର ହୃଦୟ ଖ୍ରୀଷ୍ଟିୟାନ ପାଦ୍ରୀ ଓଡ଼ିଆ ଭାଷା ସପକ୍ଷରେ ମତପୋଷଣ କରିଥିଲେ। ୧୮୮୫ରେ ଅକ୍ଟାଭିଆନ୍ ହ୍ୟୁମଙ୍କ ନେତୃତ୍ୱରେ 'କଂଗ୍ରେସ' ପ୍ରତିଷ୍ଠା ଲାଭ କରିଥିଲେ ହେଁ ଲାଲା ଲଜପତ ରାୟ, ବାଲ ଗଙ୍ଗାଧର ତିଳକ, ଓଡ଼ିଶାର ପି.ଏମ୍. ଏକାଡେ଼ମୀର ପ୍ରଧାନ ଶିକ୍ଷକ ବିପିନ୍ ଚନ୍ଦ୍ର ପାଲ ଥିଲେ ଯଥାର୍ଥରେ କଂଗ୍ରେସ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠତା। ୧୮୮୫ରୁ ୧୮୯୫ ପର୍ଯ୍ୟନ୍ତ ଏହି ଦଶନ୍ଧିରେ ଓଡ଼ିଶାର ମଉଡ଼ମଣି ମଧୁସୂଦନ ଦାସ କଲିକତାରୁ ପ୍ରତ୍ୟାବର୍ତ୍ତନ କରି ଉତ୍କଳୀୟ ଶୌର୍ଯ୍ୟର ତୂର୍ଯ୍ୟନାଦ କଲେ। କଂଗ୍ରେସ ଅଧିବେଶନରେ ଯୋଗଦାନ କରି ପ୍ରଥମେ ୧୮୮୬ ରେ କେନ୍ଦ୍ରାପଡ଼ାଠାରେ ସଭା କରି ଜଣାଇଲେ, ଆମ ଉତ୍କଳ ଜନନୀଙ୍କ ମୁଖ ଉଜ୍ଜ୍ୱଳ ଦିଶିବାର ସମ୍ଭାବନା ବହୁତ। କରମଚାନ୍ଦ ଗାନ୍ଧୀ କଂଗ୍ରେସରେ ମିଶିଲା ପରେ କଂଗ୍ରେସ ବୈଦ୍ୟୁତିକ ସ୍ପର୍ଶଲାଭ କଲା।

ଏଠାରେ ସ୍ମରଣ କରାଯାଇପାରେ ଯେ, ୧୮୬୬ ମସିହା ଉତ୍କଳୀୟ ଜନଜୀବନରେ ଦୁଇଟି ସ୍ମରଣ ଘଟଣା ଘଟିଲା। ଗୋଟିଏ ହେଉଛି ନ'ଅଙ୍କ ଦୁର୍ଭିକ୍ଷର କରାଳ ଗ୍ରାସରେ ପଚିଶ ଲକ୍ଷ ଲୋକଙ୍କର ପ୍ରାଣହାନି ଘଟିବା ଦ୍ୱାରା ଏ ଜାତିର ଅର୍ଥବଳ ଓ ମନୋବଳ ଭୀଷଣ ଭାବେ ସଂକୁଚିତ ହୋଇଗଲା। ଜାତୀୟ ଜୀବନର କଣ୍ଠରୋଧ ପାଇଁ ଆଉ ବ୍ରିଟିଶ ସରକାରଙ୍କୁ କଷ୍ଟ କରିବାକୁ ପଡ଼ିଲା ନାହିଁ। ଆଉ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟିକଲେ କର୍ମବୀର ଗୌରୀଶଙ୍କର ରାୟ। 'ଉତ୍କଳଦୀପିକା' ପ୍ରକାଶ କରି ଓଡ଼ିଆ ଜାତି ତାହାର ସ୍ୱପ୍ନ ଓ ସମ୍ଭାବନାକୁ ତୋଳି ଧରିବାକୁ ଏକ ଶ୍ରେଷ୍ଠ ଆୟୁଧ ଭାବେ ସେ 'ଦୀପିକା' କୁ ବ୍ୟବହାର କରିଲେ। ମତାମତ ଦେବା ଓ ଲେଖା ପ୍ରକାଶ ସୁଯୋଗ ସୃଷ୍ଟି ହେଲା। କର୍ମବୀର ଗୌରୀଶଙ୍କର ମଧୁସୂଦନ ଓ ରାଧାନାଥଙ୍କ ଥିଲେ ମାର୍ଗଦର୍ଶକ। ୧୮୮୫-୯୫ କାଳଖଣ୍ଡ ମଧ୍ୟରେ କବି ରାଧାନାଥ ଓଡ଼ିଆ ଭାଷାରେ ଉତ୍କଳୀୟ ଭାବାଦର୍ଶରେ ସାହିତ୍ୟ ସୃଷ୍ଟିରେ ମନୋନିବେଶ କରିଥିଲେ। ତାଙ୍କ ସମସାମୟିକ ଅଭିଜାତ ଶିକ୍ଷିତବର୍ଗ ଦେଶ, ଜାତି ଓ ଭାଷା ଭାବନାରେ ବେଶ୍ ଉଦ୍‌ବୁଦ୍ଧ ହୋଇ ଉଦ୍ୟମ ଆରମ୍ଭ କରିସାରିଥିଲେ। ମହାତ୍ମାଗାନ୍ଧୀଙ୍କୁ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏଇଥିପାଇଁ ଶ୍ରେୟ ଦେବାର ଅଛି ଯେ, ଭାରତବର୍ଷର ଆତ୍ମପରିଚୟ ଦେବାର ସେ ସରଳ ଅଥଚ ସହଜ ପ୍ରକ୍ରିୟା ଦେଲେ। ସତ୍ୟ, ଅହିଂସା ଓ ସତ୍ୟାଗ୍ରହ ଆମ ଆନ୍ଦୋଳନର ମାର୍ଗ ପ୍ରଦର୍ଶନ ପାଇଁ ସାଧନ ପ୍ରକ୍ରିୟା ସଜାଡୁଥିଲେ। ତାଙ୍କ ପୂର୍ବରୁ ଓଡ଼ିଶାର ମାନସିକତାକୁ ବୁଝି ମଧୁସୂଦନ ଦାସ ସମାଜିକ, ଆର୍ଥିକ, ଶୈକ୍ଷିକ ଓ ନ୍ୟାୟିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟ କରି ଆକର୍ଷଣରେ କେନ୍ଦ୍ର ହୋଇପାରିଥିଲେ, ଯେତେବେଳେ ଗାନ୍ଧିଜୀ ସେହିସବୁ କଳ୍ପନା କରିପାରିନଥିଲେ। ଗାନ୍ଧିଜୀ ମଧ୍ୟ ମଧୁସୂଦନ ଦାସଙ୍କୁ ମାର୍ଗଦର୍ଶକ ବୋଲି ସ୍ୱୀକାର କରିଛନ୍ତି।

ଡକ୍ଟର ମହତାବ କହନ୍ତି- ବଙ୍ଗଳୀଙ୍କ କବଳରୁ ଓଡ଼ିଶାର ସ୍ୱାର୍ଥକୁ

ରକ୍ଷାକରିବା ପାଇଁ ଓ ଓଡ଼ିଆ ଜାତିକୁ ସୁସଂଗଠିତ କରିବା ସକାଶେ ବିଭିନ୍ନ ପ୍ରଦେଶାଧୀନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକୀକରଣ ଉଦ୍ଦେଶ୍ୟରେ ୧୮୮୫ ମସିହାରେ ଏକ ସମ୍ମିଳନୀ ଗଠିତ ହୋଇଥିଲା। ସନ ୧୯୯୨ ସାଲ ପର୍ଯ୍ୟନ୍ତ ପ୍ରାକୃତିକ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ଏହି ସମ୍ମିଳନୀର ବାର୍ଷିକ ଅଧିବେଶନ ବସୁଥିଲା। ସେଥିରେ ଗଡ଼ଜାତ ରାଜା ଓ ଜମିଦାରଙ୍କ ଠାରୁ ଆରମ୍ଭ କରି ସମାନ୍ୟ ଚାଷୀ ପର୍ଯ୍ୟନ୍ତ ଯୋଗ ଦେଉଥିଲେ। ଭାରତର ରାଜନୀତିରେ ଏ ପ୍ରକାର ସମ୍ମିଳନୀ ବାସ୍ତବିକ ଏକ ଅଭିନବ ବ୍ୟାପାର ଥିଲା। ସମସ୍ତ ଓଡ଼ିଆ ଭାଷୀଙ୍କ ମନରେ ସଂସ୍କାରର ଭାତୃଭାବ ବଜାୟ ରଖିବାରେ ଉତ୍କଳ ସମ୍ମିଳନୀ ଯଥେଷ୍ଟ କାର୍ଯ୍ୟ କରିଥିଲା। ଏହି ସମ୍ମିଳନୀରେ ରାଜନୀତିକ ଆଲୋଚନା ହୋଇନଥିଲା। ଓଡ଼ିଆ ମାନସିକତା ଥିଲା ଆବେଗର କେନ୍ଦ୍ରବିନ୍ଦୁ। ବ୍ୟାପୀଥିଲା ସ୍ୱପ୍ନର ପରିଧି। ଆଣ୍ଟିକ୍ୱିଟିକ୍ ଅଫ୍ ଓଡ଼ିଶାର ଲେଖକ ବାବୁ ରାଜେନ୍ଦ୍ର ଲାଲ ମିତ୍ରଙ୍କର "ଓଡ଼ିଆ ଏକ ସ୍ୱତନ୍ତ୍ର ଜାତି ନୁହେଁ" କହିବା ଫଳରେ ଶିକ୍ଷିତ-ବୁଦ୍ଧିଜୀବୀଙ୍କ ହାଡ଼ରେ ନିଆଁ ଲାଗିଯାଇଥିଲା। ତାହାରି ପ୍ରତିଶୋଧ ନେବାକୁ ଓଡ଼ିଶାରେ ନବଜାଗରଣ ପର୍ବର ସୂତ୍ରପାତ ଘଟିଲା। ବିଭିନ୍ନ ସଂଗଠନକୁ ଏକୀଭୂତ କରି ଗୋଟିଏ ପରିଚୟ ସୃଷ୍ଟି କରିବା ମଞ୍ଚ ହେଲା 'ଉତ୍କଳ ସମ୍ମିଳନୀ', ତାହା ତା ୦୧.୦୫.୧୯୦୧ରେ ପ୍ରଥମେ ରମ୍ଭାଠାରେ ଖଲିକୋଟର ରାଜା ହରିହର ମର୍ଦ୍ଦରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା।

ଅନ୍ୟ ପ୍ରଦେଶ ତୁଳନାରେ ଓଡ଼ିଶା ଅନେକ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ଚେତନାରେ ଆଗରେ ଥିଲା। ଯଥା - ଅରଟରେ ସୂତା କାଟିବା କଥା ସନ ୧୯୨୧ ସାଲରେ ବିଖ୍ୟାତ ହେଲା। ମାତ୍ର ତତ୍ ପୂର୍ବରୁ ସନ ୧୯୧୧ ସାଲ ଉତ୍କଳ ସମ୍ମିଳନୀ ୧୬ଶ ଅଧିବେଶନରେ ଅରଟରେ ସୂତା କାଟିବା ବିଷୟ ଆଲୋଚିତ ହୋଇଥିଲା ଏବଂ ଓଡ଼ିଶାରେ ଅରଟ ପ୍ରଚାର ପାଇଁ ଗୋଟିଏ କମିଟି ଗଠିତ ହୋଇଥିଲା। ଜଣେ ପ୍ରତିନିଧି ଅରଟରେ ସୂତାକାଟି, ସମ୍ମିଳନୀକୁ ଆସୁଥିଲେ। ବଙ୍ଗର ଅଙ୍ଗଚ୍ଛେଦ ଆନ୍ଦୋଳନରେ 'ବଙ୍ଗଲକ୍ଷ୍ମୀ' ଲୁଗାକଳ ବସିଲା, ସେତେବେଳେ ଆଠଗଡ଼ ଗଡ଼ଜାତର ରାଜା ଓଡ଼ିଶାରେ ଗୋଟିଏ ଲୁଗାକଳ ବସାଇବା ପାଇଁ ଉତ୍କଳ ସମ୍ମିଳନୀ ହାତରେ ୨୦ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଅରଟ ପ୍ରଚାର ଦ୍ୱାରା ସମସ୍ୟାର ସମାଧାନ ଯେପରି ହେବ, କଳଦ୍ୱାରା ସେପରି ହୋଇପାରିବ ନାହିଁ ବୋଲି ମନେ କରି, ଉତ୍କଳ ସମ୍ମିଳନୀ ସେ ଦାନକୁ ଧନ୍ୟବାଦ ସହ ପ୍ରତ୍ୟାଖ୍ୟାନ କରିଥିଲେ।

ଭାରତ ମହାସଭାରେ ଗାନ୍ଧିଜୀଙ୍କ ଆବିର୍ଭାବ ପୂର୍ବରୁ ମହାସଭାରେ ପ୍ରସ୍ତାବ ଯେପରି କାଗଜ କଲମରେ ବାର୍ଷିକ ଅଧିବେଶନର ନିଷ୍ପତ୍ତି ସୀମିତ ରହୁଥିଲା, ଉତ୍କଳ ସମ୍ମିଳନୀର ସେହିପରି ଅବସ୍ଥା ଥିଲା। ଯଦି ଓଡ଼ିଶାର ନେତାମାନେ କର୍ମନିଷ୍ଠା ଦେଖାଇପାରିଥାନ୍ତେ, ଓଡ଼ିଶା ପ୍ରଦେଶ ଆଜି ସମସ୍ତଙ୍କ ଆଗରେ ଥାଆନ୍ତା ବୋଲି ଡଃ ମହତାବ କହିଛନ୍ତି। ୧୯୧୮ ମସିହାରେ ଉତ୍କଳ ସମ୍ମିଳନୀ ପଞ୍ଜାବରେ ହୋଇଥିବା ଅତ୍ୟାଚାରକୁ ନିନ୍ଦା କରିଥିଲା, ଏହା ହିଁ ବୋଧହୁଏ ଏକମାତ୍ର ଭାରତୀୟ ପ୍ରଶ୍ନର ବିଚାର। ମଧୁସୂଦନ ଦାସଙ୍କ ସମ୍ପର୍କରେ ଡ. ମହତାବ କହିଛନ୍ତି, ମଧୁସୂଦନ ଦାସ ସି.ଆଇ.ଇଙ୍କ ଜୀବନୀ ସହିତ ଉତ୍କଳ ସମ୍ମିଳନୀକୁ ଆଲୋଚନା ନ କଲେ ସମ୍ମିଳନୀର ସମସ୍ତ ବିଷୟ କେହି ଜାଣିପାରିବେ ନାହିଁ। ମଧୁବାବୁ ଉତ୍କଳର ଜନ୍ମଦାତା ଓ ସେ ଯେପରି ଇଚ୍ଛା କରିଥିଲେ, ସେହିପରି ଭାବରେ ଗଢ଼ିଥିଲେ। ଉତ୍କଳ ସମ୍ମିଳନୀକୁ ମଧୁବାବୁଙ୍କ ମାନସ ସନ୍ତାନ କହିଲେ ଅତ୍ୟୁକ୍ତି ହେବନାହିଁ। ୧୯୨୧ ସାଲ ପର୍ଯ୍ୟନ୍ତ ସେ ଓଡ଼ିଶାର ଅଦ୍ୱିତୀୟ ନେତା ଥିଲେ, ସବୁ ଶ୍ରେଣୀର ଲୋକଙ୍କ ଉପରେ ତାଙ୍କ ପ୍ରତିପତ୍ତି ଥିଲା। ନେତା ହିସାବରେ ତାଙ୍କଠାରୁ ୨୦୦ ହାତ ଦୂରରେ ଛିଡ଼ାହେଲା ଭଳି ଲୋକ ସେତେବେଳେ ନଥିଲେ। ଓଡ଼ିଆ ଭାଷା ଓ ଓଡ଼ିଆ ଜାତିର ଆତ୍ମପରିଚୟ ପାଇଁ ଯେଉଁମାନେ ଜାତୀୟତାର ଯଜ୍ଞ ଆହୁତ କରିଥିଲେ, ତାହାର ଆଦି ଅଗ୍ନିହୋତ୍ରୀ ମଧୁବାବୁ, ଏଥିରେ ଦ୍ୱିମତ ନାହିଁ। ଭାଷା ସମ୍ପର୍କରେ ଉଠିଥିବା ଅପଦୁଆକୁ ଦୁଇଜଣ ଇଂରେଜ ସାହେବ ଭାଷା ବିଶ୍ଳେଷଣ ପୂର୍ବକ ଖଣ୍ଡନ କରିଥିଲେ। ସେମାନେ ହେଲେ ଓଡ଼ିଶାର କମିଶନର ଗୋଲ୍ଡ଼ ସବାରୀ ଓ ଜନ୍ ବୀମ୍ସ। କଲେକ୍ଟର ଜନ୍ ବୀମ୍ସ ତାଙ୍କ ଗବେଷଣା ପ୍ରସୂତ ତଥ୍ୟ ସାହାଯ୍ୟରେ ପ୍ରମାଣିତ କରିଥିଲେ ଯେ, ଓଡ଼ିଆ ଏକ ପ୍ରାଚୀନ ସ୍ୱତନ୍ତ୍ର ଭାଷା, ସେହି ଦୃଷ୍ଟିରୁ ଓଡ଼ିଆ ଏକ ସଂସ୍କୃତି ସମ୍ପନ୍ନ ଜାତି। ବଙ୍ଗୀୟ ବନ୍ଧୁଙ୍କର ଦଶ ବର୍ଷର ଆକ୍ରମଣକୁ ପ୍ରଶମନ କରିଥିଲା ବୀମ୍ ସାହେବଙ୍କର ମତାଦର୍ଶ। ଏହି ପରିପ୍ରେକ୍ଷୀରେ ମଧୁବାବୁ ସକଳ ବିଭାଜନର ରେଖାକୁ ଲିଭାଇ, ଗୋଟିଏ ମଞ୍ଚରେ ରାଜନୀତିକ ସ୍ଥିତି ବଜାୟ ରଖିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

୧୮୮୧ ରୁ ୧୯୨୨ ପର୍ଯ୍ୟନ୍ତ ମଧୁସୂଦନ ଦାସଙ୍କର ନିରବଚ୍ଛିନ୍ନ ପରିଶ୍ରମ, ଉଦ୍ୟମ ଓ ତ୍ୟାଗ ଓଡ଼ିଶାର ଅନ୍ୟ ନେତୃବୃନ୍ଦଙ୍କୁ ମାର୍ଗଦର୍ଶନ ଦେଇଥିଲା। ମଧୁସୂଦନ ଇଟାଲୀ, ଜର୍ମାନ ଦେଶର ଏକତ୍ରୀକରଣକୁ ଲକ୍ଷ୍ୟ କରି ଓଡ଼ିଆ ବିଚ୍ଛିନ୍ନାଞ୍ଚଳକୁ ଏକତ୍ର କରିବାର ପ୍ରୟାସ କରିଥିଲେ। ସାମାଜିକ ଚଳଣି, ବିଭିନ୍ନ ସମସ୍ୟାର ସମାଧାନ ଓ ମନୋରଞ୍ଜନ ଉଦ୍ଦେଶ୍ୟରେ ବୁଦ୍ଧିଜୀବିମାନଙ୍କୁ ନେଇ ୧୮୭୧ ସାଲରେ ଗଠିତ ହୋଇଥିଲା ଉତ୍କଳ ସଭା। ମଧୁସୂଦନ ଦାସ କଟକର ସୁପ୍ରତିଷ୍ଠିତ ଅଗ୍ରଣୀ ଓକିଲ ହିସାବରେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଏବଂ ସେ ଉକ୍ତ ଅନୁଷ୍ଠାନର ସଦସ୍ୟତା ଗ୍ରହଣ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ନିମନ୍ତେ ଆହ୍ୱାନ ଦେଇଥିଲେ। ମଧୁବାବୁଙ୍କ ସଂସ୍ପର୍ଶରେ ଉତ୍କଳ ସଭାର ଅଭିମୁଖ୍ୟ ପରିବର୍ତ୍ତିତ ହୋଇଥିଲା। ତତ୍କାଳୀନ ଭାରତରେ ଇଲବଟ ବିଲ ନାମକ ଏକ ବିବାଦୀୟ ଆଇନ ଥିଲା। ଏହି ଆଇନ ଉପରେ ଉତ୍କଳ ସଭା ତରଫରୁ ବଡ ସରଗରମ ଆଲୋଚନା ହୋଇଥିଲା। କଥାଟି ହେଉଛି - ଭାରତୀୟ ଅପରାଧୀମାନଙ୍କର ବିଚାର କରିବା ପାଇଁ ଭାରତୀୟ ବିଚାରପତିମାନଙ୍କର କ୍ଷମତାକୁ ବୃଦ୍ଧି କରାଯିବା ସପକ୍ଷରେ ଯୁକ୍ତିନିଷ୍ଠ ଏକ ସ୍ମାରକୀ ପ୍ରଦାନ କରିଥିଲେ। ଉତ୍କଳ ସଭାର ସଭାପତି ଥିଲେ ଓଡ଼ିଆ ଜାତିର ପିତାମହ କର୍ମବୀର ଗୌରୀଶଙ୍କର ରାୟ। ମଧୁସୂଦନଙ୍କର ବିଚକ୍ଷଣତା ଦେଖି ତାଙ୍କୁ ୧୮୮୫ ସାଲରେ ଉତ୍କଳ ସଭାର ସମ୍ପାଦକ ଓ ୧୮୮୮ ସାଲରେ ଉପସଭାପତି ପଦରେ ବିଭୂଷିତ କରାଇଥିଲେ। ଅତଃ ପର ମଧୁବାବୁ ସରକାରଙ୍କ ଉପରେ ଓଡ଼ିଶାର ଚାରିଗୋଟି ପ୍ରସ୍ତାବ ନେଇ ଭୀଷଣ ଚାପ ପକାଇଥିଲେ, ଯାହା କାହାରି କଳ୍ପନାରେ ନଥିଲା। ସେଗୁଡ଼ିକ ହେଲା -

(୧) ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, (୨) ଓଡ଼ିଶାରେ ରେଳପଥର ସମ୍ପ୍ରସାରଣ, (୩) ଦୁର୍ଭିକ୍ଷ ଓ ମରୁଡ଼ିର ସ୍ଥାୟୀ ନିରାକରଣ, (୪) ଜଗନ୍ନାଥ ମନ୍ଦିରର ସ୍ଥାୟୀ ପରିଚାଳନା ସମାଧାନ।

ଉତ୍କଳ ଦୀପିକା ଜରିଆରେ ଏ ସମସ୍ୟାଗୁଡ଼ିକର ଉପସ୍ଥାପନ ଉତ୍କଳୀୟ ଜନମାନସରେ ଗଭୀର ପ୍ରଭାବ ପକାଇବା ସହିତ ସରକାରଙ୍କର ତନ୍ଦ୍ରାଭଙ୍ଗର କାରଣ ହେଲା। ମଧୁସୂଦନଙ୍କର ଚିନ୍ତା ଚେତନାର ବିସ୍ଫୋରଣ ବ୍ରିଟିଶ ଶାସନରେ ହୃତ୍‌କମ୍ପନ କରାଇଲା। ୧୮୮୫ ମସିହାରେ ଜାତୀୟ କଂଗ୍ରେସର ପ୍ରତିଷ୍ଠା ହେବା ପୂର୍ବରୁ ଉତ୍କଳର ନବଜାଗରଣର ମନ୍ଦମଳୟ ପ୍ରବାହ ହୋଇସାରିଥିଲା ଏବଂ ମଧୁସୂଦନଙ୍କ କର୍ତ୍ତୃତ୍ୱକୁ ସାବାସୀ ମିଳି ସାରିଥିଲା। କଂଗ୍ରେସ ଅଧିବେଶନରେ ଯୋଗଦେବା ପାଇଁ ଉତ୍କଳ ସଭା ତରଫରୁ ସେ ଓ ଅନ୍ୟ କେତେ ଜଣ ମନୋନୀତ ହୋଇଥିଲେ ଏବଂ ନିଜେ ମଧ ଯୋଗ ଦେଇଥିଲେ। କଂଗ୍ରେସ ସଭାରେ ଯେଉଁ ପ୍ରସ୍ତାବ ଗୃହୀତ ହୋଇଥିଲା - ମଧୁସୂଦନ ଦାସ ସମର୍ଥନ କଲେ ମଧ ସେ ଅନୁଭବ କରିଥିଲେ, ଏହା ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ। ସେଗୁଡ଼ିକ ଉତ୍କଳ ସଭାରେ ଆଲୋଚିତ ହେବାପରେ ଓଡ଼ିଶାର ଜୀବିକା କୃଷି ଓ କୃଷକଙ୍କ ସପକ୍ଷରେ ସେ ତାଙ୍କର ମତ ପୋଷଣ କରିଥିଲେ। ଚିନ୍ତାଧାରା ଦୃଷ୍ଟିରୁ ମଧୁବାବୁ ଆଗରେ ଅଛନ୍ତି - ଏହା ଅନ୍ୟମାନଙ୍କର ବିସ୍ମୟର କାରଣ ହୋଇଥିଲା।

ଗଞ୍ଜାମର ତେଲୁଗୁ ଭାଷୀଙ୍କର ଦୌରାତ୍ମ୍ୟ ଥିଲା ବଡ଼ ଅସହ୍ୟ। ସୁତରାଂ ଉତ୍କଳ ସଭାକୁ ଉତ୍କଳବାସୀଙ୍କର ବିମ୍ବ ସ୍ୱରୂପ ଦର୍ଶନ କରିବା ପାଇଁ ସେ ଇଚ୍ଛା ପ୍ରକାଶ କରିଥିଲେ। ଏହା କଟକରେ ସୀମିତ ନ ହୋଇ ସମଗ୍ର ଉତ୍କଳକୁ ପରିବ୍ୟାପ୍ତ ହେଉ। ମହାଭାରତୀୟ ବିଚାରକୁ ଅଧିକ ଗୁରୁତ୍ୱ ଦେଇ ସେ କଂଗ୍ରେସ ଅଧିବେଶନରେ ବିଭିନ୍ନ ସ୍ଥାନକୁ ଯାଇ ମତଗ୍ରହଣ କରିଛନ୍ତି। ସେ ସମୟକୁ ଓଡ଼ିଆମାନେ ଚିନ୍ତାଧାରା ଦୃଷ୍ଟିରୁ ଆଗରେ ଅଛନ୍ତି - ଏହା ଅନ୍ୟମାନଙ୍କର ବିସ୍ମୟର କାରଣ ହୋଇଥିଲା।

ଉତ୍କଳ ସମ୍ମିଳନୀ - ମଧୁସୂଦନ ଦାସଙ୍କ ସହିତ କନିକାର ରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଖୁବ୍ ଆଡ଼ମ୍ବର ସହକାରେ କରିଥିଲେ। ସେ ଥିଲେ ଅଭ୍ୟର୍ଥନା ସମିତିର ସଭାପତି। ଏହି ମହାଧିବେଶନରେ ଯୋଗଦାନ ପାଇଁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ବହୁ ରାଜା, ଜମିଦାର ଓ ପଦାଧିକାରୀ ଜନପ୍ରତିନିଧିଙ୍କୁ ଆହ୍ୱାନ କରାଯାଇଥିଲା। ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସଭାପତି ହୋଇ ଓଡ଼ିଆରେ ଏକ ସୁବିସ୍ତୃତ ସାରଗର୍ଭକ ଭାଷଣ ଦେଇଥିଲେ। ତାଙ୍କର ବକ୍ତବ୍ୟରେ ସମଗ୍ର ଓଡ଼ିଆ ଜାତିର ସମସ୍ୟାମାନ ସ୍ଥାନ ପାଇଥିଲା। ଏହି ସ୍ୱପ୍ନର ପରିଧି ଏହିପରି -

(୧) ଓଡ଼ିଆ ଭାଷାଭାଷୀ ଅଞ୍ଚଳଗୁଡ଼ିକର ପ୍ରଶାସନିକ ଏକତ୍ରୀକରଣ
(୨) ଶିଳ୍ପ ମାଧ୍ୟମରେ ଓଡ଼ିଆ ମାନଙ୍କର ଆର୍ଥିକ ଅବସ୍ଥାର ଉନ୍ନତି
(୩) ସମାଜିକ ବିକାଶକୁ ତ୍ୱରାନ୍ୱିତ ଶିକ୍ଷା, ବୈଷୟିକ ଶିକ୍ଷା ଓ ସ୍ତ୍ରୀ ଶିକ୍ଷା ପ୍ରସାରର ଉନ୍ନତି
(୪) କୃଷିର ଉନ୍ନତି ପାଇଁ ଜଳସେଚନ ବ୍ୟବସ୍ଥା ଓ ଉନ୍ନତ କୃଷି ପଦ୍ଧତି ପ୍ରଚଳନ
(୫) ସମାଜ ସମ୍ପଦର ଉପଯୁକ୍ତ ବିନିଯୋଗ ଓ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା
(୬) ଖଣିଜ ସମ୍ପଦର ଉପଯୁକ୍ତ ବିନିଯୋଗ ଓ ଓଡ଼ିଆଙ୍କ ସ୍ୱାର୍ଥରକ୍ଷା
(୭) ପଶୁପାଳନ ଓ ବୟନ ଶିଳ୍ପର ଉନ୍ନତି ଉପରେ ଗୁରୁତ୍ୱ ଆରୋପ

ଉତ୍କଳ ସମ୍ମିଳନୀର ଏହି ପ୍ରଥମ ମହାଧିବେଶନରେ ୩୦ ଜଣ ରାଜା ଓ ଜିମଦାରଙ୍କ ସମତେ ଓଡ଼ିଶା ଡିଭିଜନ୍‌ର ଉଚ୍ଚ ପଦାଧିକାରୀ, ଓଡ଼ିଶାର ଶିକ୍ଷିତ ସମାଜ ଯୋଗଦାନ କରିଥିବାରୁ ଏହା ଏକ ଅସାଧାରଣ ଜାତୀୟ ସାଫଲ୍ୟ ଭାବେ ବିବେଚିତ। ଓଡ଼ିଆ ଜାତିର ସ୍ୱପ୍ନ, ଏକ ପ୍ରାଣ, ଏକମନ, ଏକଆଶା ଓ ଏକ ଉଦ୍ଦୀପନା ସମ୍ମିଳନୀରେ ପ୍ରତିଫଳିତ ହୋଇଥିଲା। ମଧୁସୂଦନଙ୍କର ଏହି ଯୋଜନା ଫଳବତୀ ହେବାରୁ, ସେ ଓଡ଼ିଆ ଜାତିର ପୁରୋଧା ଭାବେ ସେ ସ୍ୱୀକୃତ ହୋଇଥିଲେ। ଏହା ବ୍ୟତୀତ ଉତ୍କଳ ସମ୍ମିଳନୀରେ ସଦସ୍ୟଗଣ ଯେଉଁ ଦାବୀଗୁଡ଼ିକ ଉତ୍‌ଥାପନ କରିଥିଲେ; ତାହା ସେହି ସମୟ ଖଣ୍ଡର ସମ୍ଭାବନା ପୂର୍ଣ୍ଣ ଅଭିଳାଷ।

ଏତଦ୍‌ଦ୍ୱାରା ଓଡ଼ିଆ ଜାତିର ବୃହତ୍ତମ ସ୍ୱାର୍ଥ ସୁରକ୍ଷିତ ହେବାର କଥା। ଏତଦ୍ ଭିନ୍ନ କନିକା ରାଜାଙ୍କ ପ୍ରସ୍ତାବଗୁଡ଼ିକ ଥିଲା - ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ସ୍ଥାପନ, ଶିକ୍ଷା ବ୍ୟବସ୍ଥାର ବ୍ୟାପକ ପରିବର୍ତ୍ତନ, ରେଭେନ୍ସା କଲେଜରରେ ଏମ.ଏ ଓ ବି.ଏଡ୍ ଶ୍ରେଣୀ ସ୍ଥାପନ, ବୈଷୟିକ ଶିକ୍ଷା, ଗଣଶିକ୍ଷା ଓ ସ୍ତ୍ରୀ ଶିକ୍ଷାର ପ୍ରସାର ପାଇଁ ସ୍ୱତନ୍ତ୍ର ଅନୁଦାନ, ମେଧାବୀ ଓଡ଼ିଆ ଛାତ୍ରଙ୍କୁ ବୈଷୟିକ ଜ୍ଞାନରେ ତାଲିମ ନିମନ୍ତେ ଓଡ଼ିଶା ବାହାରକୁ ପଠାଇବା ଓ ବୃହତ୍ ଦାନ କରିବା, ବିଜ୍ଞାନ, କାରିଗରୀ, ବିଦ୍ୟାପ୍ରସାର ପାଇଁ କମିଟି ଗଠନ, ସ୍ଥାନୀୟ କଳାକୁଶଳତାକୁ ପ୍ରୋତ୍ସାହନ, ଫୁଲଝର ଓ ଗଞ୍ଜାମରେ ସ୍ୱତନ୍ତ୍ର ବ୍ୟବସ୍ଥା, ତାରକସି କାମକୁ ପୃଷ୍ଠପୋଷକତା, ଓଡ଼ିଆ ଭାଷା ସାହିତ୍ୟର ଉନ୍ନତି ପାଇଁ ସିଂହଭୂମି ଆଦି ଅଞ୍ଚଳରେ ସ୍ୱତନ୍ତ୍ର ଦୃଷ୍ଟିପାତ, କୃଷକମାନଙ୍କୁ ଆଧୁନିକ କୃଷି ବିଜ୍ଞାନ ପ୍ରଣାଳୀରେ ଆଭିମୁଖ୍ୟ ବା ସ୍ୱପ୍ନ ଥିଲା ଭିବଷ୍ୟତର ଏକ ମହାନ ଓଡ଼ିଶା ଗଠନ। ଏହି କାର୍ଯ୍ୟକ୍ରମରେ ଦୂରଦୃଷ୍ଟି ଓ ପ୍ରଗତିମୂଳକ ମନୋବୃତ୍ତିର ବେଶ୍ ପରିଚୟ ମିଳେ।

୧୯୦୩ ମସିହାରେ ଚିନ୍ତାନାୟକଙ୍କର ଏହି ସ୍ୱପ୍ନ କେତେ ବାସ୍ତବ ରୂପ ନେଇଛି, କେତେ ହଜି ଯାଇଛି ବା କେତେ କାର୍ଯ୍ୟକାରୀ ହେବାକୁ ଅଛି - ୧୨୨ ବର୍ଷ ପରେ ଆମ୍ଭମାନଙ୍କର ଚିନ୍ତା କରିବାର ଅଛି। ଏତାଦୃଶ ଦାବି ଥିଲା ଗୋଟିଏ ବିଶାଳ ବଣିକ ବିଦେଶୀ ସରକାରଙ୍କ ପାଖରେ; ମାତ୍ର ସ୍ୱାଧୀନ ଗଣତନ୍ତ୍ର ସରକାର ତଥା ଓଡ଼ିଶା ସରକାର ସେହି ମନୀଷୀମାନଙ୍କ ସ୍ୱପ୍ନକୁ କେତେ ଅଙ୍ଗୀକାର କରିପାରିଛନ୍ତି, ତାହା ମଧ ଚିନ୍ତା କରିବାର ଅଛି। ଯଦି ଓଡ଼ିଆ ଜାତିର ଏହି ସବୁ ପ୍ରସ୍ତାବ ବାସ୍ତବାୟିତ ହୋଇପାରିଥାନ୍ତା, ତେବେ ଓଡ଼ିଆ ଭାରତର ଏକ ନମ୍ବର ସମୃଦ୍ଧଶାଳୀ ପ୍ରଦେଶ ହୋଇପାରିଥାନ୍ତା।

***ଜୟୀପୁରା, ବି.କଲୋନୀ***
***କେନ୍ଦ୍ରାପଡ଼ା -୭୫୪୨୧୧***

କଥା ଓ କାହାଣୀ

# ରଙ୍ଗଛଡ଼ା ଜୀବନ

ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ

ରସାନନ୍ଦ ମହାପାତ୍ରଙ୍କ ସହିତ ମୋର ବନ୍ଧୁତା ଦୀର୍ଘ ଚାଳିଶି ବର୍ଷର । ସେ ମୋର ସହପାଠୀ ନଥିଲେ କିମ୍ବା ସହକର୍ମୀ ନଥିଲେ । ଥିଲେ କେବଳ ଜଣେ ଶିଳ୍ପୀ ବନ୍ଧୁ । ନାଟ୍ୟଶିଳ୍ପୀ ।

ମୁଁ ନାଟକ ଲେଖେ । ନାଟକରେ ଅଭିନୟ କରେ । ନାଟକ ନିର୍ଦ୍ଦେଶନା ଦିଏ । ମଞ୍ଚରେ ସଫଳ ଅଭିନୟ କରି, ନିର୍ଦ୍ଦେଶନା ଦେଇ ଏବଂ ଅନେକ ପ୍ରଭାବଶାଳୀ ନାଟକ ରଚନା କରି ଅନେକ ସମ୍ମାନ, ସମ୍ବର୍ଦ୍ଧନା ଓ ପୁରସ୍କାର ଆଦି ପାଇ ଗୌରବାନ୍ୱିତ ହୋଇଛି । ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ - ୨୦୧୨ରେ ମୁଁ ଥିଏଟର ମୋଭମେଣ୍ଟ ପକ୍ଷରୁ 'ନାଟ୍ୟ ଗୌରବ' ସମ୍ମାନରେ ଉପାଧି ପ୍ରାପ୍ତ ।

ରସାନନ୍ଦ ମହାପାତ୍ର ପ୍ରଥମେ ଆକାଶବାଣୀ (ବେତାର)ରୁ ଜୀବନ ଆରମ୍ଭ କରିଥିଲେ ମଧ୍ୟ ଦୂରଦର୍ଶନରେ ସେ ଅଧିକ ପ୍ରତିଷ୍ଠିତ ହୋଇ ପାରିଥିଲେ । ପ୍ରଥମେ ବେତାରରେ ଯୁବବାଣୀରେ ଅସ୍ଥାୟୀ ନିଯୁକ୍ତିରେ କାର୍ଯ୍ୟ କରୁଥିଲେ । ପରବର୍ତ୍ତୀ ଅବସ୍ଥାରେ ତାଙ୍କର ନିଯୁକ୍ତ ସ୍ଥାୟୀ ହେଲା । ବେତାରରେ ଅନେକବର୍ଷ କାର୍ଯ୍ୟ କରିବା ପରେ ତାଙ୍କର ଦୂରଦର୍ଶନକୁ ବଦଳି ହୋଇଥିଲା । ଦୂରଦର୍ଶନରେ ମଧ୍ୟ ବହୁ ମୂଲ୍ୟବୋଧଭିତ୍ତିକ କାର୍ଯ୍ୟକ୍ରମ ସଂପାଦନ କରି ସଭିଙ୍କଦ୍ୱାରା ଆଦୃତ ଓ ଲୋକପ୍ରିୟ ହୋଇ ପାରିଥିଲେ ।

ମୁଁ ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ ନାଟ୍ୟଶିଳ୍ପୀ ଓ ଗୀତିକାର ।

ରସାନନ୍ଦବାବୁଙ୍କ ସହିତ ସେହି ଆକାଶବାଣୀରୁ ହିଁ ପରିଚୟ ଓ ବନ୍ଧୁତା ।

ଦୁଇଟି ବ୍ୟକ୍ତିଙ୍କର ମାନସିକ ସାମ୍ୟତା ପରିଲକ୍ଷିତ ହେଲେ ବନ୍ଧୁତା ସ୍ଥାପିତ ହୁଏ । ରସାନନ୍ଦ ବାବୁଙ୍କ ଭଦ୍ରୋଚିତ ବ୍ୟବହାର ଓ ସରଳ ସ୍ୱଭାବ ମୋତେ ପ୍ରଲୁବ୍ଧ କରିଥିଲା । ଆମେ ଉଭୟ ଉଭୟଙ୍କୁ ଭଲପାଇ ଟାଣି ହୋଇଯାଇଥିଲୁ ଏବଂ ବନ୍ଧୁତା ରଜ୍ଜୁରେ ବାନ୍ଧି ହୋଇଯାଇଥିଲୁ । ଆମ ଦୁହିଁଙ୍କ ମଧ୍ୟରେ କିଛି ଆବିଳତା ନଥିଲା କିମ୍ବା କୌଣସି ସ୍ୱାର୍ଥ ଜନିତ ଆବେଗ ବା ଅଭିଳାଷ ନଥିଲା ।

ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ନିବିଡ଼ରୁ ନିବିଡ଼ତର ହେବାକୁ ଲାଗିଲା । ମୁଁ ଭୁବନେଶ୍ୱରରେ ରହୁଥିଲେ ମଧ୍ୟ କଟକ ବେତାରକେନ୍ଦ୍ରକୁ ଅଧିକାଂଶ ସମୟରେ ଟାଣିହୋଇ ଯାଉଥିଲି । ତାଙ୍କ ଅଫିସ୍‌ରେ ଘଣ୍ଟାଘଣ୍ଟା ଧରି ନାନାଦି ଗଳ୍ପରେ ନିମଜ୍ଜିତ ହୋଇ ରହୁଥିଲି । ଅନେକଥର ମଧ୍ୟ ତାଙ୍କ ସରକାରୀ ବାସଭବନକୁ ଯାଇଛି ଏବଂ ତାଙ୍କ ପତ୍ନୀ ରେଣୁବାଳାଙ୍କ ହସ୍ତରୁ କେତେବେଳେ ମଧ୍ୟାହ୍ନଭୋଜନ, କେବେ ବା ସାନ୍ଧ୍ୟଭୋଜନରେ ଆପ୍ୟାୟିତ ହୋଇ ଫେରିଛି । ବେତାରରେ ସେ ମୋ ରଚିତ ଅନେକ ନାଟକ ତାଙ୍କ ପରିଚାଳନାରେ ପ୍ରସାରିତ କରିଛନ୍ତି । ତାଙ୍କ ଦ୍ୱାରା ନିର୍ଦ୍ଦେଶିତ ଅନେକ ନାଟକରେ ମୁଁ ମଧ୍ୟ ବେତାରରେ ଏବଂ ଦୂରଦର୍ଶନରେ ଅଭିନୟ କରିବାର ସୁଯୋଗ ଲାଭ କରିଛି ।

ରସାନନ୍ଦ ବାବୁ ବେତାରରୁ ଦୂରଦର୍ଶନ ବଦଳି ହୋଇ ଆସିବାପରେ ଆମର ବନ୍ଧୁତା ଓ ସଂପର୍କ ଅଧିକ ନିବିଡ଼ତର ହୋଇଯାଇଥିଲା ଏବଂ ଆମର ବ୍ୟକ୍ତିଗତ ବନ୍ଧୁତା ସହିତ ପାରିବାରିକ ବନ୍ଧୁତା ଓ ସଂପର୍କ ଦୃଢ଼ ହୋଇପାରିଥିଲା ।

ରସାନନ୍ଦ ବାବୁ ଜଣେ ସାଧାସିଧା ସରଳ ବ୍ୟକ୍ତି ଥିଲେ ମଧ୍ୟ ସେ ଥିଲେ ନୀତି ନିଷ୍ପତ୍ତିରେ ଭୀଷଣ କଠୋର । ସେ ଥିଲେ ଯେପରି ନ୍ୟାୟ ପରାୟଣ ସେହିପରି ସ୍ୱାଭିମାନୀ । ଜୀବନ ତମାମ୍ ଲାଞ୍ଚ ମିଛଠାରୁ ଦୂରରେ ରହି ଏକ ଆଦର୍ଶମୟ ଜୀବନ ବିତାଇ ଆସିଥିଲେ । ତାଙ୍କ ସାଧୁତା ଏବଂ କର୍ମରେ ଏକନିଷ୍ଠତା ନିମନ୍ତେ ସେ ତାଙ୍କ ଉଚ୍ଚ ପଦଧିକାରୀମାନଙ୍କ ଦ୍ୱାରା ବେଶ୍ ଶ୍ରଦ୍ଧାଭାଜନ ହୋଇପାରିଥିଲେ ।

ରସାନନ୍ଦ ବାବୁ ଯେଉଁ ସବୁ ଦାୟିତ୍ୱରେ ଥିଲେ ସେ ଚାହିଁଥିଲେ ଲକ୍ଷ ଲକ୍ଷ ଟଙ୍କା ପ୍ରତିମାସରେ ଲାଞ୍ଚ ଗ୍ରହଣ କରି ପାରିଥାନ୍ତେ, କିନ୍ତୁ ତାହା ସେ କେବେ ବି କରିନାହାନ୍ତି । ତାଙ୍କ ମହତ୍ତର ଜୀବନଧାରାର ପଟାନ୍ତର ନଥିଲା । କେହି ବି ତାଙ୍କୁ ଲାଞ୍ଚ ଯାଚିବାକୁ ସାହସ କରିପାରନ୍ତି ନାହିଁ ।

ଥରେ ତାଙ୍କ ଜୀବନରେ ସେହି ଲାଂଚକୁ କେନ୍ଦ୍ରକରି ଏକ ଘଟଣା ଘଟିଥିଲା । ଜଣେ ନାଟ୍ୟ ନିର୍ଦ୍ଦେଶକଙ୍କୁ ନାଟକଟିଏ ଦୂରଦର୍ଶନରେ ପ୍ରସାରଣ କରାଇବା ନିମନ୍ତେ ରସାନନ୍ଦବାବୁ ନିର୍ଦ୍ଦେଶ ଦେଇଥିଲେ ଏବଂ ନାଟକଟି ଯଥାରୀତିରେ ଯଥା ସମୟରେ ସୁଟିଂ ହେଲା ଏବଂ ନିର୍ଦ୍ଦିଷ୍ଟ ତାରିଖ, ନିର୍ଦ୍ଦିଷ୍ଟ ସମୟରେ ଦୂରଦର୍ଶନରେ ପ୍ରସାରିତ ହେଲା । ନାଟ୍ୟ ନିର୍ଦ୍ଦେଶକ ତାଙ୍କ ନାଟ୍ୟ ଉପସ୍ଥାପନା ନିମନ୍ତେ ସମସ୍ତ ଶିଳ୍ପୀଙ୍କ ପ୍ରାପ୍ୟ,

ଖାଦ୍ୟପେୟ, ଯାତାୟାତ, କଷ୍ଟ୍ୟୁମ୍, ମେକ୍ଅପ୍ ଆଦି ନିମନ୍ତେ ସେ ଅଶୀ ହଜାର ଟଙ୍କାର ଚେକ୍ ପାଇଲେ । ତା'ର କିଛିଦିନ ପରେ ସେହି ନାଟ୍ୟ ନିର୍ଦ୍ଦେଶକ ଜଣକ ଦଶହଜାର ଟଙ୍କା ଗୋଟାଏ ପ୍ୟାକେଟରେ ପୂରାଇ ଆଣି ଏକ ନିକାଂଚନ ସମୟରେ ରସାନନ୍ଦ ବାବୁ ତାଙ୍କ ଅଫିସ୍‌ରେ ଏକାକୀ ଥିବାବେଳେ ଆସି ନମସ୍କାରଟିଏ କରି ଟଙ୍କା ପକେଟଟି ତାଙ୍କ ହାତକୁ ବଢ଼ାଇ ଦେଇ କହିଲେ – କିଛି ମନେ କରିବେ ନାହିଁ ସାର୍ ! ଏଇ ଯତ୍‌କିଂଚିତ ଆମର ଉପହାର ।

ରସାନନ୍ଦ ବାବୁ ସେ ଭଦ୍ରଲୋକଙ୍କୁ ମଥାଟେକି ଭଲକରି ଥରେ ଚାହିଁଲେ । ତାପରେ କିଛି ନକହି ସେ ଟଙ୍କା ପ୍ୟାକେଟଟି ଖୋଲିଲେ ଏବଂ ଦଶହଜାର ଟଙ୍କା ଥିବାର ଦେଖିଲେ ଏବଂ ପୁଣି ସେ ଟଙ୍କାକୁ ସେ ପ୍ୟାକଟରେ ରଖିଲେ । ତାପରେ ଅନୁଚ୍ଚ ସ୍ୱରରେ କହିଲେ– ପୋଲିସ୍‌କୁ ଡାକିବାକୁ ମୋତେ ଆପଣ ବାଧ୍ୟ କରିଛନ୍ତି । ବର୍ତ୍ତମାନ ଥାନାକୁ ଯିବାକୁ ପ୍ରସ୍ତୁତ ହୋଇଯାନ୍ତୁ ।

ଏତକ କହିବା ଭିତରେ ସେତେବେଳକୁ ରସାନନ୍ଦ ବାବୁ ଫୋନ୍ ରିସିଭର ହାତରେ ଧରି ସାରିଥିଲେ । ଫୋନ୍ ଡାଏଲ୍ କରିବାକୁ ଆରମ୍ଭ କରୁଥିବାବେଳେ ସେ ନାଟ୍ୟକର୍ମୀ ଜଣକ ଭୟରେ ଥରିଥରି ରସାନନ୍ଦବାବୁଙ୍କ ପାଦଧରି ଭୁଲ୍ ମାଗି କହିଥିଲେ – ସାର୍ ମୋର ଭୁଲ୍ ହୋଇଯାଇଛି । ଏ ଭୁଲ୍ ଆଉ ଜୀବନରେ କେବେ କରିବିନାହିଁ ସାର୍ । ମୋତେ ବଂଚାନ୍ତୁ ସାର୍ । ପୋଲିସକୁ ଜଣାନ୍ତୁ ନାହିଁ ସାର୍ ।

ରସାନନ୍ଦ ବାବୁ ଲୋକଟି ପ୍ରତି ଦୟାପରବଶ ହୋଇ ରିସିଭର ଥୋଇଦେଇ କହିଲେ – ଶୀଘ୍ର ଏ ଟଙ୍କା ନେଇ ରୁମ୍‌ରୁ ବାହାରି ଯାଆନ୍ତୁ ।

ଲୋକଟି ଅଥୟ ହୋଇ ରସାନନ୍ଦ ବାବୁଙ୍କ ଅଫିସ୍ ଗୃହରୁ ବାହାରକୁ ବାହାରି ଯାଉଥିବା ସମୟରେ ରସାନନ୍ଦ ବାବୁ ଖୁବ୍ କଠୋର ସ୍ୱରରେ କହିଲେ – ଆଉ କେବେବି ଥରେ ହେଲେ ମୋ ଅଫିସ୍ ମାଟି ମାଡ଼ିବାକୁ ଚେଷ୍ଟା କରିବେ ନାହିଁ । ଏକଥା ଭୁଲି ନଯାନ୍ତି ଯେପରି ।

ରସାନନ୍ଦ ବାବୁ ମୋତେ ମଧ୍ୟ ଖୁବ୍ ସାହାଯ୍ୟ କରିଛନ୍ତି । କିନ୍ତୁ ସେହି ପ୍ରତିଦାନରେ କେବେ ବି ମୁଁ କିଛି ଏପରିକି ସାଧାରଣ ଭାବେ କେବେ ଫୁଲତୋଡ଼ାଟିଏ ମଧ୍ୟ ତାଙ୍କ ହାତକୁ ବଢ଼ାଇଦେବାର ସାହସ କରିପାରିନାହିଁ ।

ସାଂପ୍ରତିକ ସମାଜବ୍ୟବସ୍ଥା କଥା ଭାବେ । ସେହି ଭାବରେ ରସାନନ୍ଦ ବାବୁଙ୍କୁ ଅନ୍ୟମାନଙ୍କ ସହିତ ତୁଳନା କରେ ।

ଏବେ ତ ପ୍ରତି କ୍ଷେତ୍ରରେ ସମସ୍ତଙ୍କ ନିମନ୍ତେ ଲାଂଚର ବ୍ୟାପ୍ତି ପରିବ୍ୟାପ୍ତ । ସତେ ଯେମିତି ଲାଞ୍ଚ ହେଉଛି ପାଚିଲା ଫଳ । ଯେଉଁ କାର୍ଯ୍ୟ କରିବାକୁ ଯିଏ ନିଯୁକ୍ତ – ସେ ଭାବୁଛି ସତେ ଯେମିତି କାହାକୁ ସେ ଦୟା କରୁଛି । ତେଣୁ ତା ପ୍ରତିବଦଳରେ ହାତ ପତାଇ ଦେଉଛି, ଲାଂଚର ଦୁର୍ଗନ୍ଧ ଫୁଲକୁ ହାତରେ ଧରି ନିଜକୁ କୃତ୍ୟକୃତ୍ୟ ହେବାକୁ । ପିଅନଠାରୁ ମନ୍ତ୍ରୀଯାଏ ସମସ୍ତେ ସେହି ଉପୁରିଧନ ବା ଲାଞ୍ଚର ପ୍ରାପ୍ତିକୁ ଚାହିଁ ରହିଛନ୍ତି । ବିନା ଲାଞ୍ଚରେ ଯେମିତି ଫାଇଲ୍‌ଟା ଇଞ୍ଚେ ଘୁଞ୍ଚିବ ନାହିଁ, କିମ୍ବା ତହିଁରେ ଶବ୍ଦଟିଏ ବି ଲେଖାଯିବ ନାହିଁ । ଖୁବ୍ ମୁଷ୍ଟିମେୟ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଏ ଲାଞ୍ଚକୁ ଘୃଣା କରନ୍ତି ଏବଂ ମହତ ଭାବରେ ସାଧୁତାର ସହ ବଞ୍ଚନ୍ତି । ନିଷ୍ଠାରସହ ସତ୍ ପଥରେ ରହି ନିଜର କାର୍ଯ୍ୟ କରନ୍ତି ।

ସାଂପ୍ରତିକ ସମାଜର ଏ ପ୍ରକାର ଦୁର୍ନୀତିର ପାହାଡ଼କୁ ଆଖି ପାଏ ନାହିଁ । ମହତ ଲୋକଟିଏ, ଭଦ୍ରଲୋକଟିଏ, ସରଳ ଲୋକଟିଏ ବଞ୍ଚିବା ମୁସ୍କିଲ ଏଠି । ପ୍ରତି ମୁହୂର୍ତ୍ତରେ ତାକୁ ନାନାଦି ସଂକଟର ସମ୍ମୁଖୀନ ହେବାକୁ ପଡ଼େ । ସଂପ୍ରତି ଯିଏ ଯେତେ ଅଧିକ ଲାଂଚ ଖାଇ ପାରିଲା, ଯିଏ ଯେତେ ଅଧିକ ଦୁର୍ନୀତି କରି ପାରିଲା, ସେ ସେତେ ଅଧିକ ପାରଙ୍ଗମ, ସେତେ ଅଧିକ ଦକ୍ଷ ବୋଲି ନିଜକୁ ପ୍ରମାଣିତ କରିପାରୁଛି ।

ରସାନନ୍ଦ ବାବୁ ଥିଲେ ଦୁର୍ନୀତିଠାରୁ ବହୁ ଦୂରରେ । ଦୁର୍ନୀତିର ଗନ୍ଧ ତାଙ୍କୁ କେବେବି ସ୍ପର୍ଶ କରିପାରୁ ନଥିଲା ।

ଯାହା ହେଉ, ସାରା ଜୀବନ ରସାନନ୍ଦ ବାବୁ ଏକ ଆଦର୍ଶ ଓ ମହତ ଜୀବନ ଧାରାରେ ଗତିକରି ଆସିଥିଲେ ।

କିନ୍ତୁ ଦୁଃଖର କଥା ସମୟ ଚକ୍ରରେ ତାଙ୍କ ଜୀବନର ଗତିପଥ ପରିବର୍ତ୍ତନ ହେବାକୁ ଲାଗିଲା ।

ଘରେ, ଅଫିସ୍‌ରେ ସବୁଠି ବିଶୃଙ୍ଖଳା । ସବୁଠି ବ୍ୟତିକ୍ରମ । କାଳିମାର ଛାଇ ଯେମିତି ଛାଇ ହୋଇଗଲା ରସାନନ୍ଦ ବାବୁଙ୍କ ଜୀବନ ବଳୟରେ ।

ଏହା ମଧ୍ୟରେ ରସାନନ୍ଦ ବାବୁ ବେଶ୍ ବୟସ୍କ ହୋଇଯାଇଥିଲେ । ଅବସର ଗ୍ରହଣ କରିବାକୁ ପ୍ରାୟ ଦୁଇବର୍ଷରୁ କମ୍ ସମୟ ରହିଥିଲା । ସେତେବେଳକୁ ତାଙ୍କର ତିନିପୁଅ ଏବଂ ଗୋଟିଏ ଝିଅ ପାଠପଢ଼ି ବଡ଼ ହୋଇଯାଇଥିଲେ ମଧ୍ୟ ସେପରି କିଛି ଉଚ୍ଚ ପଦପଦବୀରେ ରହିପାରିନଥିଲେ । ଝିଅ ଥିଲା ସଭିଙ୍କଠାରୁ ବଡ଼ । ମନସ୍ତତ୍ତ୍ୱ ବିଜ୍ଞାନରେ ସେ ଏମ୍.ଏ. ପାସ୍ କରିଥିଲେ ମଧ୍ୟ ଚାକିରି କରିପାରି ନଥିଲା । ପ୍ରେମ ବିବାହ କରିବାକୁ ସେ ଆଗଭର ହୋଇ ପଡ଼ିଥିଲା । ସେ ଏମ୍.ଏ. ପଢୁଥିବାବେଳେ ତାର କେଉଁ ଏକ ଧନିକ ସହପାଠୀକୁ ଭଲପାଇଥିଲା । ସେହି ପାତ୍ର ସହିତ ବିବାହ କରିବାକୁ ଘରେ ଜିଗର ଧରି ବସନ୍ତେ ରସାନନ୍ଦ ବାବୁ ଆଉ କିଛି ଉପାୟ ନ ପାଇ ସେହି ପାତ୍ର ସହିତ ଏକମାତ୍ର କନ୍ୟା ସଲୀଳାର ବିବାହ କରାଇ ଦେଲେ ।

ବିବାହ ଉତ୍ସବ ସୁରୁଖୁରୁରେ ହୋଇଗଲା ସତ, କିନ୍ତୁ ଝିଅର ଦାମ୍ପତ୍ୟ ଜୀବନ ସୁଖମୟ ହେଲାନାହିଁ । ବିବାହର ମାତ୍ର ଆଠମାସ ପରେ ସଲୀଳାର ଶ୍ୱଶୁର ଯେ କି ଥିଲେ ଜଣେ ଅବସରପ୍ରାପ୍ତ ଇଂଜିନିୟର, ସେ ହୃଦ୍‌ଘାତରେ ଆଖି ବୁଜିଲେ । ସଲୀଳାର ବିବାହର ତିନିବର୍ଷ ପୂର୍ବରୁ ତାର ଶାଶୁଙ୍କ ଦେହାନ୍ତ ହୋଇସାରିଥିଲା ।

ସଲୀଳାର ସ୍ୱାମୀ ସୁରଜିତ୍ ଥିଲା ବାପା ମାଆଙ୍କର ଏକମାତ୍ର ସନ୍ତାନ । ବାପାଙ୍କର ପ୍ରଚୁର ସଂପତ୍ତି ଥିବାରୁ ସେ କୌଣସି ଚାକିରି କରି ନଥିଲା । ଘରେ ଚଳିବାକୁ ପ୍ରଚୁର ଅର୍ଥ ଥିଲେ ବି କୌଣସି କାର୍ଯ୍ୟ ନକରି ଘରେ ବସିରହି ଶେଷକୁ କୁସଙ୍ଗରେ ପଡି ମଦ୍ୟପାନ କଲା । ଜୁଆ ଖେଳିଲା ଏବଂ ବେଶ୍ୟାସକ୍ତ ହେବାକୁ ଲାଗିଲା ।

ସୁରଜିତ୍‌ର ଏ ପ୍ରକାର ଆଚରଣରେ ଅତିଷ୍ଠ ହୋଇ ପଡୁଥିଲା ସଲୀଳା । ସେଥିରୁ ନିବର୍ତ୍ତାଇବାକୁ ଯେତେ ଆକଟ କଲେ ମଧ୍ୟ ଫଳ କିଛି ହେଲା ନାହିଁ ବରଂ ଦୁହିଁଙ୍କ ମଧ୍ୟରେ ତିକ୍ତତା ବଢ଼ିବାକୁ ଲାଗିଲା । ସେତେବେଳକୁ ସଲୀଳା ଥିଲା ଅନ୍ତଃସତ୍ତ୍ୱା । ଯଥା ସମୟରେ ସଲୀଳା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଥିଲେ ମଧ୍ୟ ସୁରଜିତ୍‌ର ସେଥିପ୍ରତି

କୌଣସି ଆନନ୍ଦ କିବା ଆବେଗ ନଥିଲା । ବରଂ କନ୍ୟାଜନ୍ମର ଦୁଃଖରେ ସେ ସଲୀଳାକୁ ନାନାଦି ତିରସ୍କାର କରିବାକୁ ପଶ୍ଚାତପଦ ହେଉନଥିଲା ।

ଏହାର ପରବର୍ତ୍ତୀ ଘଟଣା ଆଉରି ଅଧିକ ବିଷାଦମୟ ହେବାକୁ ଆରମ୍ଭ କଲା । ସୁରଜିତ୍ ମଦ୍ୟପାନ କରି ଆସି ଘରେ ସଲୀଳା ଉପରେ ନାନାଦି ଅକଥନୀୟ ବ୍ୟବହାର ପ୍ରଦର୍ଶନ କରିବା ସଙ୍ଗେ ସଙ୍ଗେ ଦିନେ ଦିନେ ଅନ୍ୟ ନିମ୍ନଧରଣର ତରୁଣୀଙ୍କୁ ସଙ୍ଗରେ ଧରି ନିଜ ଘରକୁ ଫେରି ରୁଦ୍ଧ କୋଠରି ଭିତରେ ରାତ୍ରି ଯାପନ କରିବାର ହୀନକର୍ମ କରିବାକୁ ମଧ୍ୟ ସେ ପଛାଇଲା ନାହିଁ ।

ରକ୍ତମାଂସର ଦେହ ଧରି କେଉଁ ପତ୍ନୀ ବା ଏହାକୁ ସହ୍ୟ କରିପାରିବ । ଶେଷକୁ ସୁରଜିତ୍‌ର ଏ ପ୍ରକାର ବ୍ୟବହାର ଏ ପ୍ରକାର ନିମ୍ନମୁଖୀ ଚଳଣି ଯେତେବେଳେ ସୀମା ଅତିକ୍ରମ କଲା, ଆଉ ସଲୀଳା ସୁରଜିତ୍ ପାଖରେ ରହିବା ସମ୍ଭବ ହେଲାନାହିଁ । ସେ ବାଧହୋଇ ତାର ସେ ଶିଶୁକନ୍ୟାକୁ ସଙ୍ଗରେ ଧରି ସେ ଫେରି ଆସିଥିଲା ନିଜର ବାପା ରସାନନ୍ଦ ବାବୁଙ୍କ ସଂସାରକୁ ।

ରସାନନ୍ଦ ବାବୁ ସବୁ ଜାଣିଲେ, କି ପ୍ରତିକାର କରିପାରିବେ ଚିନ୍ତା କରିପାରି ନଥିଲେ ।

ସେ ଦିନ ରସାନନ୍ଦ ବାବୁ ଅଫିସ୍ ଯାଇଥାନ୍ତି । ତାଙ୍କ ପତ୍ନୀ ରେଣୁବାଳା ବଜାରକୁ ଯାଇଛନ୍ତି । ଏହି ସମୟରେ ସୁରଜିତ୍ ଆସି ସଲୀଳାଠାରୁ ଜବରଦସ୍ତ ଛାଡ଼ପତ୍ରରେ ଦସ୍ତଖତ କରାଇ ନେଇ ଚାଲିଗଲା । ଏକଥା ରସାନନ୍ଦ ବାବୁଙ୍କୁ ଜଣାଇବାକୁ ମଧ୍ୟ ସଲୀଳା ସମୟ ପାଇନଥିଲା । ମାତ୍ର କେତୋଟି ମୁହୂର୍ତ୍ତର ବ୍ୟବଧାନରେ ସବୁକିଛି ଘଟି ଯାଇଥିଲା ।

ସଲୀଳା ନିଜେ ରାଜି ହୋଇ ପ୍ରେମ ବିବାହ କରିଥିଲା ରସାନନ୍ଦବାବୁଙ୍କ ଇଚ୍ଛା ବିରୁଦ୍ଧରେ । ତେଣୁ ସଲୀଳା ନିଜର ଭାଗ୍ୟକୁ ନିନ୍ଦିବାଛଡ଼ା ଆଉ କାହାକୁ କିଛି ଦୋଷାରୋପ କରିବାର ଅବସର ନଥିଲା ।

ରସାନନ୍ଦ ବାବୁ ସଲୀଳାର ଛାଡ଼ପତ୍ର ପ୍ରସଙ୍ଗ ଜାଣିବା ପରେ ଅନେକ ସମୟଧରି ମୂକପ୍ରାୟ ବସି ରହିଲେ । ପତ୍ନୀ ରେଣୁବାଳା ତାଙ୍କ ନିକଟକୁ ଯାଇ କିଛି କହିବାକୁ କିମ୍ବା ପ୍ରବୋଧନା ଦେବାକୁ ଭୟ କରୁଥିଲେ ।

ସେଦିନ ରାତିରେ ରସାନନ୍ଦ ବାବୁ ଆଉ ଖାଇ ପାରିନଥିଲେ । ଅନ୍ନ ଜଳ ସବୁ ଯେମିତି ବିଷପ୍ରାୟ ବୋଧ ହେଲା ।

ଚିରକାଳ ପାଇଁ ନିଜର ଏକମାତ୍ର କନ୍ୟାର ସୁଖ ସୌହାର୍ଦ୍ଦ୍ୟର ଅସ୍ତମିତ ଦୃଶ୍ୟ ଯେମିତି ତାଙ୍କ ଚକ୍ଷୁସାମ୍ନାରେ ପ୍ରତିବିମ୍ବିତ ହେଉଥିଲା ।

ଦୁଃଖ ସେତିକିରେ ଛାଡ଼ିଗଲା ନାହିଁ । ବଡ଼ପୁଅ ସୌମ୍ୟକାନ୍ତ ଯାହାକୁ ସେ ଜୀବନସାରା ଅତ୍ୟନ୍ତ ଅଲିଅଳରେ ବଢ଼ାଇଥିଲେ ସେ ବି.କମ୍ ପାସ୍ କରି ଆଉ ପଢ଼ିଲା ନାହିଁ । ବ୍ୟବସାୟ କରିବ ବୋଲି ଜିଗର ଧରି ବ୍ୟାଙ୍କରୁ ପଚାଶ ଲକ୍ଷ ଟଙ୍କା ଲୋନ୍ ଆଣିବା ସହିତ ରସାନନ୍ଦ ବାବୁଙ୍କ ଜି.ପିଏଫ୍‌ର ସଂଚିତ ଅର୍ଥରୁ ମଧ୍ୟ ମୋଟା ଅଙ୍କର ଟଙ୍କା ନେଇ ଘରଭଡ଼ା ସୂତ୍ରରେ ଏକ ହୋଟେଲ୍ ବ୍ୟବସାୟ ଆରମ୍ଭ କଲା ।

ସମସ୍ତେ କହନ୍ତି ବାଣିଜ୍ୟେ ବସତି ଲକ୍ଷ୍ମୀ । କିନ୍ତୁ ତାହା ସଭିଙ୍କ ପାଇଁ ହୁଏତ ପ୍ରଯୁଜ୍ୟ ହୋଇ ନପାରେ ।

ସୌମ୍ୟକାନ୍ତ ଏ ବ୍ୟବସାୟକୁ ସୂଚାରୁରୂପେ ଚଳାଇ ପାରିଲା ନାହିଁ । ବାରମ୍ବାର କ୍ଷତି ସହି ସହି ଅତିଷ୍ଠ ହୋଇପଡ଼ିଲା । ସୌମ୍ୟକାନ୍ତ ବି ନିଜ ହୋଟେଲରେ ମଦ୍ୟପ ବନ୍ଧୁମାନଙ୍କ ସହିତ ମଦ୍ୟପାନ କରି ଫେରୁଥିଲା ।

ରସାନନ୍ଦ ବାବୁ ସୌମ୍ୟକାନ୍ତର ଏ ପ୍ରକାର ଅଧପତନର ସମ୍ବାଦ ଅନେକ ଦିନ ପର୍ଯ୍ୟନ୍ତ ଜାଣି ନଥିଲେ । ଜାଣିବା ପରେ ନେଡ଼ିଗୁଡ଼ କହୁଣୀକୁ ବହି ଯାଇଥିଲା । କ୍ରମଶଃ ସେ ନିଜର ଭାରସାମ୍ୟ ହରାଇ ବସୁଥିଲେ । କେଉଁଠୁ କେମିତି ଚଳାଇବେ ଏତେବଡ ସଂସାର । କେମିତି ସମ୍ମୁଖୀନ ହେବେ ଏ ସଂକଟକୁ ।

ମଝିଆଁପୁଅ ରାଧାକାନ୍ତ ନାନାଦି ଧାରାବାହିକରେ ଅଭିନୟ କରେ । ଯାହାକିଛି ପାଏ ସେ ତାର ନିଜ ଖର୍ଚ୍ଚରେ ଉଡ଼ାଇ ଦିଏ । ଦିନେ ବାପା ମାଆଙ୍କୁ ଟଙ୍କାଟିଏ ବି ଦିଏନାହିଁ ।

ରାଧାକାନ୍ତ ସେହି ଧାରାବାହିକରେ ଅଭିନୟ କରୁଥିବା ଜଣେ ଅଭିନେତ୍ରୀକୁ ଭଲପାଇ ବିବାହ କରିବ ବୋଲି ସ୍ଥିର କରି ନେଇଥିଲା । ଏ ପ୍ରେମ ବିବାହ କଥା ଶୁଣି ତାର ମାଆ ବଡ଼ଝିଅ ସଲୀଳାର ପ୍ରେମ ବିବାହର ଦ୍ୱାହି ଦେଇ ନିରୁତ୍ସାହିତ, କରନ୍ତେ ରାଧାକାନ୍ତ ସଲୀଳାର ଅପାରଗତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଥିଲା ।

ସାନପୁଅ ସରୋଜକାନ୍ତ ପୁନେରେ ଫିଲ୍ମ ଇନିଷ୍ଟିଚ୍ୟୁଟରେ ପଢ଼େ । ତାକୁ ମାସକୁ ମାସ ଟଙ୍କା ଯୋଗାଇବାକୁ ପଡ଼େ ।

ରସାନନ୍ଦ ବାବୁଙ୍କୁ ଏଇ ଘରସଂସାର ଚିନ୍ତାରେ ଆଉ ରାତିରେ ସୁନିଦ୍ରା ହୁଏ ନାହିଁ ।

ଏବେ ଅନେକ ସମୟରେ ରାତିରେ ତାଙ୍କୁ ନିଦ ବଟିକା ଖାଇବାକୁ ହୁଏ ।

ରସାନନ୍ଦ ବାବୁ ଚିନ୍ତା ଓ ଶୋଚନାରେ ମ୍ରିୟମାଣ ହୋଇ ପଡ଼ନ୍ତି । ଏତେବଡ଼ ସଂସାର । ବଡ଼ ଝିଅ ଓ ତାର ଝିଅର ଦାୟିତ୍ୱ ସାଙ୍ଗକୁ ବଡ଼ ପୁଅର ଋଣ । ଆଉ କେତେଦିନ ପରେ ଯେଉଁ ଘରଟାକୁ ସେ ମଡଗେଜ୍ ଦେଇ ଲୋନ୍ ଆଣିଥିଲେ, ଲୋନ୍ ସୁଝି ନ ପାରିଲେ ଘରଟା ନିଲାମ ହୋଇଯିବ । କ'ଣ କରିବେ ସେ ?

ଦିନେ ରସାନନ୍ଦ ବାବୁ ପତ୍ନୀ ରେଣୁବାଳା ଓ କନ୍ୟା ସଲୀଳାଙ୍କ ସାମ୍ନାରେ ବଡପୁଅ ସୌମ୍ୟକାନ୍ତକୁ ତାର ବ୍ୟବସାୟର ହାନିଲାଭ ସଂପର୍କରେ ପଚାରନ୍ତେ, ସେ ଉତ୍ତର ଦେଇଥିଲା – ବ୍ୟବସାରୁ କଣ ଏକାଥରକେ ଲାଭ ଉଠି ଆସିବ ? ପ୍ରଥମେ ହୁଏତ କ୍ଷତି ସହିବାକୁ ପଡ଼ିବ ତା'ପରେ ଲାଭ ହୋଇପାରେ ।

ସୌମ୍ୟକାନ୍ତର ଏ ପ୍ରକାର ଆସ୍ଫାଳନଭରା ଉତ୍ତର ଯେମିତି ରସାନନ୍ଦ ବାବୁଙ୍କ ଗାଲରେ ଦୁଇଚାପୁଡ଼ା ବସାଇଲା ପରି ପ୍ରତ୍ୟୟ ହେଉଥିଲା ।

କିଛି ସମୟର ନୀରବତା ପରେ ରସାନନ୍ଦ ବାବୁ କହିଥିଲେ – ତୁ କେବଳ ତୋ ବାପ ଟଙ୍କାରେ ବ୍ୟବସାୟ କରୁନୁ ଯେ କ୍ଷତି ହୋଇଗଲେ ପରେ ଲାଭ କରିବା ଆଶାରେ ପଡ଼ିରହିବୁ । ତୁ ଭୁଲି ଯାଆନା ଯେ ତୁ ଆମ ଘରକୁ ମଡ଼ଗେଜ୍ ଦେଇ ବ୍ୟାଙ୍କରୁ ଲୋନ୍ କରି ବ୍ୟବସାୟ ଆରମ୍ଭ କରିଛୁ । କ୍ଷତି ହୋଇଗଲେ ମୋ ପାଖରେ ଆଉ କିଛି ନାହିଁ । ମୁଁ ଭରଣା କରିବାକୁ ଅସମର୍ଥ । ମୋର କିଛି ନାହିଁ । ମୁଁ ଏବେ ନିଃସ୍ୱ ।

– କିଛି ନାହିଁ, ନିଃସ୍ୱ ବୋଲି କହିବାକୁ ତୁମକୁ ଟିକିଏ ଲାଜ ଲାଗୁନି ।

ତୁମରି ସାଙ୍ଗରେ ତୁମର ଅନ୍ୟ ସହକର୍ମୀମାନେ ଭୁବନେଶ୍ୱରରେ ଦୁଇ ଦୁଇଟା ତ୍ରିତଳ ପ୍ରାସାଦର ମାଲିକ । ବ୍ୟାଙ୍କ୍ ବାଲାନ୍ସ, କୋଠା, ଗାଡ଼ି କାହିଁରେ ଅଭାବ ନାହିଁ ଅଥଚ ତୁମର.....

– ତୁ ମୋତେ ଏକଥା କହି ପାରୁଛୁ? ତୋ ବାପାକୁ ତୁ ଚିହ୍ନି ପାରୁନୁ? ତୋ ବାପାର ସାଧୁତା, ଏକନିଷ୍ଠତା ପାଖରେ ସମସ୍ତେ ମୁଣ୍ଡ ନୁଆନ୍ତି, ତାହାହିଁ ତ ମୋର ସଫଳ ବ୍ୟକ୍ତିତ୍ୱ ।

– ସେ ବ୍ୟକ୍ତିତ୍ୱର ମୂଲ୍ୟ କିଛି ନାହିଁ । ସାଧୁତା ଓ ମୂଲ୍ୟବୋଧକୁ ସମ୍ମାନ ଦେଇ ଚିରକାଳ ଦରିଦ୍ର ହୋଇ ବଂଚିବାର କିଛି ଅର୍ଥ ହୁଏନା ।

– ଆରେ ତୁ କେଉଁଠୁ ବୁଝିବୁ ତାହାର ମହତ୍ତ୍ୱ ? ସେହି ଦାରିଦ୍ର୍ୟ ହିଁ ମୋର ଅହଂକାର ।

– ସେହି ଅହଂକାର ନିଜ ଅଣ୍ଟାରେ ବାନ୍ଧି ବୁଲୁଥା ।

ପତ୍ନୀ ରେଣୁବାଳା ସୌମ୍ୟକାନ୍ତର ଆକ୍ଷେପରେ ବାଧା ଦେଇ କହିଲେ – ଆରେ ତୋ ବାପାଙ୍କୁ ତୁ ଏପରି କଥା କହିପାରୁଛୁ ? ତୁମରି ପାଇଁ ସବୁ ସୁଖ ସୌହାର୍ଦ୍ଦ୍ୟକୁ ସେ ପଛ କରି ଦେଇଛନ୍ତି । ଏକଥା କ'ଣ ତୁ ଜାଣିନାହୁଁ ?

– ସେଇଟା ତାଙ୍କର ବୋକାମୀ ।

ରେଣୁବାଳା ସ୍ୱାମୀ ରସାନନ୍ଦ ବାବୁଙ୍କୁ ଚାହିଁ କହିଲେ – ଚାଲ ତୁମେ ଭିତରକୁ ଚାଲ । ଏଭଳି ବିବେକ ଶୂନ୍ୟ ପିଲାର ଆକ୍ଷେପ ତୁମର ଶୁଣିବା ପ୍ରୟୋଜନ ନାହିଁ ।

ରସାନନ୍ଦ ବାବୁଙ୍କ ହାତକୁ ଧରି ଭିତର ଘରକୁ ନେଇଗଲେ ପତ୍ନୀ ରେଣୁବାଳା ।

ଦିନ ପରେ ଦିନ ବିତି ଯାଉଥିଲା ।

ରସାନନ୍ଦ ବାବୁ ନିଜ ଅବସରର ଦିନ ଗଣୁଥିଲେ ।

ଅବସରକାଳ ଆଉ ମାସଟିଏ ବାକି ଅଛି । ରସାନନ୍ଦ ବାବୁ ଯାହା ଆଶଙ୍କା କରୁଥିଲେ ତାହାହିଁ ହେଲା ।

ସୌମ୍ୟକାନ୍ତ ଏ ପର୍ଯ୍ୟନ୍ତ ଋଣର କିଛି ବି କିସ୍ତି ଦେଇ ନ ଥିଲା । ନୋଟିସ୍ ଆସିଲା – ଯେତିକି କିସ୍ତି ସେ ଏ ଯାବତ୍ ଦେଇନାହାନ୍ତି ପଇଠ ନ କଲେ ଘର ନିଲାମ ହୋଇଯିବ ।

କ'ଣ କରିବେ ରସାନନ୍ଦ ବାବୁ ।

ପାଗଳପ୍ରାୟ ହୋଇଗଲେ ସେ

ମୋତେ ଫୋନ୍‌କରି ଡାକି ଘରର ସମସ୍ତ କାହାଣୀ ବର୍ଣ୍ଣନା କରିଗଲେ । କାନ୍ଦ କାନ୍ଦ ହୋଇ କହିଲେ – ଏ ଘର ଖଣ୍ଡକ ରକ୍ଷାକରନ୍ତୁ । ଘର ନିଲାମ ହୋଇଗଲେ ମୁଁ ଅବସର ପରେ ରହିବି କେଉଁଠି ?

ରସାନନ୍ଦବାବୁ ମୋର ଦୀର୍ଘକାଳର ବନ୍ଧୁ । ତାଙ୍କର ଏ ପ୍ରକାର ସଂକଟାବସ୍ଥାରେ ମୁଁ କ'ଣ କରିପାରିବି । କି ପରାମର୍ଶ ଦେବି ଜାଣି ପାରୁ ନଥିଲି । ଯାହା ତାଙ୍କର ନୀତି ବିରୁଦ୍ଧ ତାହାହିଁ ଏପରି ଅବସ୍ଥାରେ ଗ୍ରହଣ କରିବାଛଡ଼ା ଆଉ କିଛି ବି ଉପାୟ ନଥିଲା । ମୁଁ ନିଜେ ପ୍ରଥମେ ଲକ୍ଷେ ଟଙ୍କା ରସାନନ୍ଦ ବାବୁଙ୍କୁ ନେଇ ଋଣ ସୂତ୍ରରେ ଦେଲି । ସେ ଯେ ଭବିଷ୍ୟତରେ କେବେ ଫେରେଇବେ ସେ ହିସାବ ମୁଁ ମନଭିତରେ ରଖି ନଥିଲି । ସେ ଅତୀତରେ ଯେଉଁ ଯେଉଁ ମାନଙ୍କୁ ସାହାଯ୍ୟ କରିଛନ୍ତି ସମସ୍ତଙ୍କୁ ଡକାଇ କାହା ପାଖରୁ ପଚାଶ ହଜାର, କାହାପାଖରୁ ତିରିଶି ହଜାର ଏପରି ଋଣ ସୂତ୍ରରେ ଅଣାଗଲା । ରସାନନ୍ଦ ବାବୁଙ୍କ ପରି ନୀତିବାନ୍ ଲୋକଙ୍କର ଏପରି ସଂକଟରେ ସାହାଯ୍ୟ ସହଯୋଗର ହାତ ଲମ୍ବେଇ ଦେବାକୁ ସମସ୍ତେ ହାତ ବଢ଼ାଇଦେଲେ । କେହି ବି ପଛଘୁଞ୍ଚା ଦେଇ ନଥିଲେ ।

କୌଣସି ପ୍ରକାର ରସାନନ୍ଦ ବାବୁଙ୍କର ଘରଟି ନିଲାମରୁ ସେହି ସମୟ ପାଇଁ ରକ୍ଷା ପାଇଗଲା ସିନା, ହେଲେ ପରବର୍ତ୍ତୀ ସମୟରେ ରସାନନ୍ଦ ବାବୁ ଅବସର ଗ୍ରହଣ କରିବା ପରେ ପେନ୍‌ସନ୍ ଟଙ୍କାରେ ନିଜେ ଗଣ୍ଡେ ଭଲଭାବେ ଖାଇ ପିଇ ରହିବା ମଧ୍ୟ ସମ୍ଭବ ହୋଇପାରୁନଥିଲା । ସେ କ୍ଷେତ୍ରରେ ଏତେ ଲୋକଙ୍କର ଋଣ ପରିଶୋଧ କରିବେ ବା କେମିତି । କାହାର ଋଣ ପରିଶୋଧ କରିପାରିଲେ ନାହିଁ ସେ ।

ଚିନ୍ତା, ଗ୍ଲାନି ଓ ଅନୁଶୋଚନାରେ ଦିବାନିଶି ଜଳିଜଳି ଖୁବ୍ ଶୀଘ୍ର ନିଶ୍ଚିହ୍ନ ହୋଇଯିବା ଅପେକ୍ଷାରେ ଦିନ ଗଣୁଥିଲେ ରସାନନ୍ଦ ବାବୁ । ନିୟତିର ଇଙ୍ଗିତରେ ଜୀବନ ଯେ ଏପରି ରଙ୍ଗହୀନ ହୋଇଯିବ, ସେ କେବେ ବି କଳ୍ପନା କରି ନଥିଲେ ।

ଦିନେ ଏକାନ୍ତରେ ମୋତେ କହିଲେ –

– ଏତେ ସବୁ ସମସ୍ୟା ଭିତରେ ଆଉ ବଂଚିବା ମୋ ପକ୍ଷରେ ସମ୍ଭବ ନୁହେଁ । ଆତ୍ମହତ୍ୟା ହିଁ ମୋର ଶେଷ ମାର୍ଗ ।

ରସାନନ୍ଦ ବାବୁଙ୍କର ଏ ପ୍ରକାର ନୈରାଶ୍ୟବାଣୀ ଶୁଣି ମୁଁ ଦୁଃଖାଭିଭୂତ ହୋଇ ପଡ଼ିଲି । ତାଙ୍କୁ ପ୍ରବୋଧନା ଦେଇ କହିଲି – ଆତ୍ମହତ୍ୟା ସମସ୍ୟାର ସମାଧାନ ନୁହେଁ । ଆପଣ ଧୈର୍ଯ୍ୟଧରନ୍ତୁ । ସମୟ ସବୁ ଠିକ୍ କରିଦେବ ।

ମୋ କଥା ଶୁଣି ଭୋ ଭୋ ହୋଇ କାନ୍ଦି ଉଠିଲେ ରସାନନ୍ଦ ବାବୁ ।

*ଏଲ୍ -୧୦୨, ବରମୁଣ୍ଡା ହାଉସିଂବୋର୍ଡ଼ କଲୋନୀ,*
*ଭୁବନେଶ୍ୱର - ୩*
*ଦୂରଭାଷ: ୬୩୭୦୨୪୮୦୯*

# ଡାହାଣୀ

## କ୍ଷୀରୋଦ ଦାସ

ପୃଥିବୀକୁ ଗୋଟେ ମାମୁଲି ପେଣ୍ଡୁପ୍ରାୟ ହେୟଜ୍ଞାନ କରି ଯାବତ୍ୟ କୁକାର୍ଯ୍ୟରେ ଲିପ୍ତଥାଇ ଘରବାହାର ଲୋକଙ୍କ ମୁଣ୍ଡବିନ୍ଧାର କାରଣ ବନିଥିବା ନିତ୍ୟାନନ୍ଦର ପିଲାଦିନଟି ଯେଉଁ ଶକ୍ତି ଦ୍ୱାରା ସୀମିତ, ସଂକୁଚିତ ତଥା ମାର୍ଜିତ ହୋଇଥିଲା, ତାହା ଥିଲା ହେମଖୁଡ଼ୀର ସ୍ନେହ, ମଧୁର ଆକଟ। ଅର୍ଦ୍ଧଚେତନ ଶୈଶବ ଆଉ କୈଶୋରର ସେହି କଞ୍ଚାକାଦୁଅ ପରି ନଡପଡ ମୁହୂର୍ତ୍ତସବୁକୁ ସୁବିନ୍ୟାସ କରି ଜୀବନର କମନୀୟ ମୂର୍ତ୍ତିଟିଏ ଗଠନ କରିବାର ଗୁରୁଦାୟିତ୍ୱଟିକୁ ହେମଖୁଡ଼ୀ ନିଜ ମୁଣ୍ଡ ଉପରକୁ ନେଇଥିଲା। କାରଣ ନିତ୍ୟାନନ୍ଦର ବାପା କଲିକତାର ଗୋଟେ ଘରୋଇ କମ୍ପାନୀରେ ଚାକିରି କରିଥିଲେ। ବସନ୍ତ ଦାଦା ଜମିବାଡ଼ି, ଗାଈବଦଳ, ସାଙ୍ଗଦୋସ୍ତି ଏବଂ ତାସ୍ ଖେଳରେ ହରଦମ୍ ବ୍ୟସ୍ତ ରହୁଥିଲେ ଏବଂ ବୋଉକୁ ନିତ୍ୟାନନ୍ଦ ଜମା ମାନୁ ନଥିଲା। ସବୁଠୁ ଯୁକ୍ତିସଂଗତ ତଥା ଉଲ୍ଲେଖନୀୟ କାରଣଟି ଥିଲା, ହେମଖୁଡ଼ୀ ନବମ ଶ୍ରେଣୀଯାଏ ପାଠ ପଢ଼ିଥିଲା ଯାହାକି ତାଙ୍କ ଗାଁର କୌଣସି ଝିଅବୋହୂ ସେ ଯାଏ ଯାଇ ନଥିଲେ।

କେବଳ ତାଙ୍କ ଘର ନୁହେଁ, ସାରା ଗାଁର ବି ହେମଖୁଡ଼ୀକୁ ନେଇ ଗର୍ବ କରିବାର ଅନେକ କାରଣ ଥିଲା। ପ୍ରଥମତଃ ହେମଖୁଡ଼ୀ ପରି ଶଙ୍ଖୀ ବିଲେଇ ରଙ୍ଗର ବୋହୁଟିଏ ନଥିଲା ସେ ଗାଁରେ। ଦ୍ୱିତୀୟତଃ ଏତେ ସଂଯମତାପୂର୍ଣ୍ଣ, ମଧୁର, ସଂଭ୍ରାନ୍ତ ଶୈଳୀରେ କଥାବାର୍ତ୍ତା ବୋଧହୁଏ ସେ ଗାଁର ଲୋକମାନେ କେବେ ଶୁଣି ନଥିଲେ ଯାଁ ପୂର୍ବରୁ। ହେମଖୁଡ଼ୀର ସୁନ୍ଦର ରୂପ, ଅମାୟିକ ଗୁଣ ଏବଂ ପରିଚ୍ଛନ୍ନ ଆକାଶ ପରି ସଦା ହସହସ ମୁହଁଟି ତାକୁ ବେଶ୍ ଆପଣାର କରି ପକାଇଥିଲା ଅନ୍ୟମାନଙ୍କ ଗହଣରେ। ପରିପୂର୍ଣ୍ଣତା ଓ ଆନନ୍ଦର ପୂର୍ଣ୍ଣଚନ୍ଦ୍ରଟିଏ ପରି ଖୁଡ଼ୀ ମୁହଁରେ ସବୁବେଳେ ଧାରେ ସ୍ମିତହସ ଲାଖି ରହିଥାଏ ଅନ୍ୟମାନଙ୍କୁ ମୁଗ୍ଧ କରିବା ପାଇଁ।

ବସନ୍ତ ଦାଦାଙ୍କୁ ବାହାହୋଇ ହେମଖୁଡ଼ୀ ତାଙ୍କ ଘରକୁ ଆସିବା ବେଳକୁ ନିତ୍ୟାନନ୍ଦର ବୟସ ଜମା ଆଠବର୍ଷ। ଯାହାକୁ କୁହନ୍ତି ଧୂଳିଧୂସରିତ ଡିଆଁଡେଇଁର ବୟସ। ନିତ୍ୟାନନ୍ଦର ବାପା ଓ ଦାଦା ଦୁଇଭାଇ। ବାପା କଲିକତାରେ। ଘରେ ବୋଉ, ସେ, ବସନ୍ତ ଦାଦା ଓ ଖୁଡୀ। ଖୁଡ଼ୀର ଆଗମନ ବେଶ୍ ଚଳଚଞ୍ଚଳ କରି ପକାଇଥିଲା ସେ ଘରକୁ। ବୋଉ ମଧ ଅତି ଆନନ୍ଦରେ ଗ୍ରହଣ କରିନେଇଥିଲା ଖୁଡ଼ୀକୁ, ନିଜ ସାନ ଭଉଣୀ ପରି।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ହେମ ଖୁଡ଼ୀର ଗୁଣ ଚହଟି ଯାଉଥିଲା ସାରା ଗାଁରେ। ବିବାହଯୋଗ୍ୟା ଝିଅମାନଙ୍କୁ ଖୁଡ଼ୀ ଚମତ୍କାର ବାହା କାନ୍ଦଣା ଶିଖାଇ ପାରୁଥିଲା। କୁଆଁର ପୁନେଇ ରାତିରେ କାହାକୁ ବରବେଶ ତ କାହାକୁ କନିଆ ବେଶରେ ସଜେଇ ଦଉଥିଲା। ବୁଢ଼ାବୁଢ଼ୀ କେହି ଘରକୁ ଆସିଲେ ଭୂଇଁ ଛୁଆଁ ପ୍ରଣାମ କରି ହସି ହସି ଆସନ ଦେଉଥିଲା। କୁଟୁମ୍ବର ଶଶୁର ଦେଢ଼ଶୁରମାନଙ୍କୁ ହାତେ ଓଢ଼ଣା ଦେଇ ଯଥାସମ୍ଭବ ମାନ୍ୟ ଦେଖାଉଥିଲା ଏବଂ ଛୋଟ ଛୋଟ ପିଲାମାନଙ୍କୁ ପାଖରେ ବସାଇ ଅନେକ ଆହ୍ଲାଦପୂର୍ଣ୍ଣ ମଉଜିଆ ଗପ କହି କହି ସେମାନଙ୍କୁ ମନ୍ତ୍ରମୁଗ୍ଧ କରିପକାଉଥିଲା।

ଖୁଡ଼ୀକୁ ତା'ନିଜ ଖୁଡ଼ୀ କହି ନିତ୍ୟନନ୍ଦ ସ୍ୱର୍ଦ୍ଧିତଠାଣୀରେ ଯା' ଆସ କରୁଥିଲା। ଛୋଟ ପିଲାମାନଙ୍କ ପ୍ରତି ଖୁଡ଼ୀର ଥିଲା ଦୁର୍ନିର୍ବାର ଆକର୍ଷଣ। ସବୁବେଳେ ଗାଁର କୋଉ ପିଲାକୁ ସେ କାଖେଇଥିବ ତ ଆଉ କାହାକୁ ଗେଲ କରୁଥିବ। ପିଲାଟିଏ କାନ୍ଦିଲେ ଖୁଡ଼ୀ ଛାତିରେ ସତେ ବା କଣ୍ଟାଟିଏ ଫୁଟିଯାଏ। ସେ ବ୍ୟସ୍ତ ହୋଇପଡ଼ି ତତ୍ପର ହୋଇପଡ଼େ ତାକୁ ତୁନି କରିବାକୁ। ପିଲାମାନଙ୍କ ସହିତ ସେ ଏମିତି ମିଶିଯାଏ ଯେ ସତେ ବା ସେ ଖୁଡ଼ୀ ନୁହେଁ, ପିଲାମାନଙ୍କ ଗହଣରେ ପିଲାଟିଏ !

ବୋଉଟା ନିରକ୍ଷର ସିନା, ହେମଖୁଡ଼ୀକୁ ସେ ଭାରି ଶ୍ରଦ୍ଧା କରେ। ତା ହାତରୁ କାମ ଛଡ଼ାଇ ନେଇ କୁହେ, " ଘରର କାମ କଣ ମତେ ବଳେଇଯାଉଛି ? ଯା ବାପା ତ ବାହାରେ, ଘରେ ହେଇ ହେଇ ଆମେ ଚାରିପରାଣି କୁଟୁମ୍ବ। ସେତକ ମୁଁ କରିପାରିବିନି ଯେ ଅଣ୍ଟାରେ ଲୁଗା ଭିଡ଼ି ତୁ ଧାଇଁ ଆସୁଛୁ। ତୋ କାମ ହେଲା ନିତିଆର ପାଠପଢ଼ା ଦେଖିବା। ସେଇଟା ସୁ'ଦୁ ବିଛୁଆତି। ଖବିସାଟା କାହାକୁ ମାନୁନି।"

ବୋଉର ସ୍ନେହପୂର୍ଣ୍ଣ କଥାରେ ବିଗଳିତ ହୋଇଯାଏ ହେମଖୁଡ଼ୀ।

ନିତ୍ୟାନନ୍ଦର ବାପା ବାହାରେ ରହୁଥିବାରୁ ଘରର ସବୁ କାମ ନ୍ୟସ୍ତ ଥିଲା ବସନ୍ତ ଦାଦାଙ୍କ ଉପରେ। ଦାଦା ବୋଉକୁ ମା' ପରି ମାନନ୍ତି। କୋଉଦିନ କେଉଁକଥା ତାଙ୍କର ତଳେ ପକାଇ ନାହାନ୍ତି ସେ। ହେମଖୁଡ଼ୀ

ନିତ୍ୟାନନ୍ଦକୁ ନିଜ ପୁଅ ପରି ସ୍ନେହ କରୁଥିଲେ। ଶ୍ରଦ୍ଧା ଓ ଆନ୍ତରିକତାର ଫୁଲଗୁଡ଼ିଏ ପ୍ରସ୍ଫୁଟିତ ହେଉଥିଲା ସେ ଘରେ। ପ୍ରତ୍ୟେକ ସଦସ୍ୟ ଭାବୁଥିଲେ ଅନ୍ୟ ଜଣକ ପାଇଁ ତା'ର କିଛି କର୍ତ୍ତବ୍ୟ ଅଛି ବୋଲି।

ବାହାଘରର ପାଞ୍ଚବର୍ଷ ଯାଏ ହେମଖୁଡ଼ୀର କୋଳଶୂନ୍ୟ ଥିଲା। ଅନେକ ଓଷାବ୍ରତ ପରେ କୋଳକୁ ପୂର୍ଣ୍ଣ କରି ଯିଏ ଆସିଲା, ଜମା କୋଡ଼ିଏଟି ଦିନର ରହଣୀ ପରେ ସେ ପଳାଇଲା ଆରପୁରକୁ। ବର୍ଷକ ପରେ ପୁଣି ଝିଅଟିଏ। ବଞ୍ଚିବା ପାଇଁ ଏ ପୃଥିବୀଟା ଆଦୌ ଅନୁକୂଳ ସ୍ଥାନ ନୁହେଁ ଭାବି ସେ ବି ମୁହଁ ମୋଡ଼ି ଦେଇ ଚାଲିଗଲା। ଖୁଡ଼ୀର କୋଳରେ ଯେଉଁ ଶୂନ୍ୟତାକୁ ସେହି ଶୂନ୍ୟତା।

ସମୟ ବଢ଼ିବା ସହିତ ନିତ୍ୟାନନ୍ଦ ବଡ଼ ହୋଇଯାଇଥିଲା ଏବଂ କଲେଜ ପଢ଼ିବା ପାଇଁ କଟକ ପଳାଇ ଆସିଥିଲା।

ଘରେ ରହୁଥିଲେ ବୋଉ, ଦାଦା ଓ ଖୁଡ଼ୀ। ମାସେ ପନ୍ଦର ଦିନକେ ଥରେ ନିତ୍ୟାନନ୍ଦ ଆସେ। ଦିନେ ଦି'ଦିନ ରହି ପଳାଏ। ତା ଆସିବାରେ ବୋଉ ଯେତିକି ଖୁସି ନ ହୁଏ, ଖୁଡ଼ୀ ତହୁ ବଳି। ଆନନ୍ଦରେ ଆତ୍ମହରା ହୋଇଯାଏ ସେ। ତା ଖାଇବା ଶୋଇବାରେ ଯେପରି ସାମାନ୍ୟତମ ଅସୁବିଧା ନ ହୁଏ, ସେନେଇ ବ୍ୟସ୍ତ ରୁହେ। ଫେରିବାବେଳେ ନାକ ସୁଁ ସୁଁ କରି କୁହେ "ବାପରେ, ମନ ଦେଇ ପାଠ ପଢ଼ିଥିବୁ। କାହା ସହିତ ଗଣ୍ଡଗୋଳ କରିବୁନି। ତୁ ତ ଏ ଘରର ଏକମାତ୍ର ଆଲୋକ, ଯାହାର ସାହାରାରେ ଆମେ ଜୀବନର ବାଟ ଚାଲୁଛୁ, ଚାଲିବୁ। ମୋ ଧନଟା ପରା, ବିଦେଶ ଯାଗାରେ ଦେଖିଚାହିଁ ଚଳୁଥିବୁ ....।"

ଖୁଡ଼ୀର କଥାରେ ଛଳଛଳ ହୋଇଯାଏ ନିତ୍ୟାନନ୍ଦର ଆଖି। ବୋଉ ଲୁଗାକାନିରେ ଲୁହ ପୋଛେ। ବସନ୍ତ ଦାଦା ଚୂଡ଼ାଚାଉଳ ବ୍ୟାଗ ଧରି ବସ୍‌ଷ୍ଟାଣ୍ଡ ଯାଏ ତାକୁ ବଳେଇ ଦେବାକୁ ଯାଆନ୍ତି।

ଦିନ ପରେ ଦିନ ପାଣି ସୁଅପରି ବହିଯାଉଥିଲା।

ସମସ୍ତ ସାବଲୀଳତା ସତ୍ତ୍ୱେ ବେଳେବେଳେ ଜୀବନ ଉପରକୁ ଓହ୍ଲାଇ ଆସେ ମାରାତ୍ମକ ଦୁର୍ବିପାକ। ସମାନ୍ୟ ଜଣା ପଡୁଥିବା ଗୋଟାଏ ଗୋଟାଏ ଘଟଣା ଜୀବନର ପାଟିପାଟୀକୁ ଏପରି ବିଧ୍ୱସ୍ତ କରିପକାଏ ଯେ, ଯେତେଚେଷ୍ଟା କଲେ, ଯେତେ ବାଡ଼େଇଛାଟି ହେଲେ ବି ଜୀବନର ସେ ସ୍ୱଚ୍ଛନ୍ଦ ଧାରା ଆଉ ଠିକ୍ ତାଳ ଏବଂ ଲୟକୁ ଧରି ରଖିପାରେନା। ଜୀବନର ସ୍ୱାଦ ଲାଗେ ପୋଡ଼ି ଯାଇଥିବା ତରକାରୀ ପରି। ପୂର୍ବର ସମସ୍ତ ଆତ୍ମୀୟତା, ସବୁ ସ୍ନେହ ଶ୍ରଦ୍ଧା ଅସ୍ତ ହୋଇଯାଏ ଦିଗ୍‌ବଳୟ ଆରପାଖ ପାହାନ୍ତିଆ ଜହ୍ନଭଳି।

ସେଥର ଦଶହରାରେ ଗାଁକୁ ଯିବା ଅବସରରେ ଏକଥା ଲକ୍ଷ୍ୟ କଲା ନିତ୍ୟାନନ୍ଦ। ଘରେ ପହଞ୍ଚିବା କ୍ଷଣି ସବୁଥର ପରି ଖୁଡ଼ୀ ଧାଇଁ ଆସିଲା ନାଇଁ ପାଖକୁ। ବୋଉ ଆସି ତା ହାତରୁ ବ୍ୟାଗ ନେବାବେଳେ ସେ ପଚାରିଲା, "ଖୁଡ଼ୀ ନାହିଁକି ?"

ତା'କଥାକୁ ନ ଶୁଣିବା ପରି ବୋଉ କହିଲା – "ତୁ ଯା' ଧୋଇଧାଇ ହୋଇ ଆସେ। ମୁଁ ଖାଇବାକୁ ବାଢୁଛି।"

"ଖୁଡ଼ୀ କାହିଁ ?" – ନିତ୍ୟାନନ୍ଦ ଜୋର୍ ଦେଇ ପଚାରିଲା।

"କୁଆଡ଼େ ଆଉ ଯିବ ? ସେଇ ଘରେ ପଶିଛି। ତୋର ମନ ତ ତୋର ଗଣ୍ଡିରେ।" କହି କହି ବୋଉ ଆର ଘରକୁ ଗଲା।

ଆବାକ୍ ନିତ୍ୟାନନ୍ଦକୁ ବୋଉ ବୁଝାଇଦେଲା ଯେ ଯେଉଁ ଖୁଡ଼ୀ ଖୁଡ଼ୀ ବୋଲି ପାଣି ପିଉନି, ତା' ସୁନ୍ଦରିଆ ରୂପ ଓ ମିଠା ଗୁଣ ଭିତରେ ଛପି ରହିଛି ମହାକାଳ ଫଳ। ଏକଥା ସେ ଜାଣିଲା ଏଇ ପନ୍ଦର ଦିନ ତଳେ। ଖୁଡ଼ୀର ଦେହ ଖରାପ ସମୟରେ ତା' ପାଟିରେ ଔଷଧ ଦେଉଥିବା ବେଳେ ସେ ଆବିଷ୍କାର କଲା ସେହି ଭୟଙ୍କର ଚିହ୍ନ। ଠିକ୍ ଜିଭ ଅଗକୁ ଏତେ ବଡ଼ କଳା ଚିହ୍ନଟେ। ଲୋକମାନେ ଡାହାଣୀ ଡାହାଣୀ ବୋଲି ବାରକଥା କହୁଛନ୍ତି।

ନିତ୍ୟାନନ୍ଦ ବୁଝିପାରୁ ନଥିଲା ଏକଥାଗୁଡ଼ା। ଜିଭରେ କଳା ଦାଗଟିଏ ଥିଲେ ମଣିଷ କ'ଣ ଡାହାଣୀ ହୋଇଯାଏ ? ପୁଣି ଖୁଡ଼ୀ ପରି ଏତେ ସୁନ୍ଦର, ଏଡ଼େ ସ୍ନେହୀ ମଣିଷ ଜଣକ !! ସେ ଖୁଡ଼ୀ ଘରକୁ ଉଠି ଯାଉଥିବା ବେଳେ ବୋଉ ଆକଟ କଲା – 'ଗାଁ ଲୋକେ ତାକୁ ନିଆଁ ପାଣି ବାସନ୍ଦ କରିଛନ୍ତି। ତତେ ମୋ ରାଣ, ଯଦି ଥରେ ତା ସହିତ କଥା ହୋଇଛୁ କି ତା' ଘରକୁ ଯାଇଛୁ, ତେବେ...

'ତା' ଘର !!' – ନିତ୍ୟାନନ୍ଦ ଆଶ୍ଚର୍ଯ୍ୟ ହୋଇ ପଚାରିଲା।

"ହଁ। – ବୋଉ କହିଲା – "ସେଇ ଦିନଠୁ ତାଙ୍କର ଆମର ଅଲଗା। ତୋ ବାପା ଆସିଥିଲେ କଲିକତାରୁ। ଗାଁ ବାଲା ବସି ଭାଗ ଭାଗ କରି ଦେଇଛନ୍ତି ଜମିବାଡ଼ି, ଘରଦ୍ୱାର।"

ନିତ୍ୟାନନ୍ଦର ମୁଣ୍ଡ ଉପରେ ସତେକି ଘଡ଼ଘଡ଼ିଟାଏ ପଡ଼ିଲା।

ଦଶହରାର ସେହି ଲମ୍ବାଛୁଟିରେ ଯେଉଁ କେତେଦିନ ନିତ୍ୟାନନ୍ଦ ଗାଁରେ ରହିଲା, ଶୁଣିଲା ସେଇ ଗୋଟାଏ କଥା। ଗାଧୁଆ ତୁଠରେ, ସନ୍ଧ୍ୟାବେଳେ କେନାଲବନ୍ଧ କିମ୍ବା ପଢ଼ିଆରେ, ହାଟରେ ବାଟରେ ସବୁଆଡ଼େ, ଆଲୋଚିତ ହେଉଥିଲା – ହେମଟା ଡାହାଣୀଟା।'

ପଡ଼ିଶା ଘରର ଟିମା ବୋଉଟା ଭାରି ଡବଡବି। ପାଟିରେ ଲୁଣ ମିଳାଏନି। ପୋଖରୀ ତୁଠରେ ଦାନ୍ତରେ ଗୁଡ଼ାଖୁ ଢିଅ ମାରୁ ମାରୁ କହୁଥିଲା – "ଆଲୋ ଝୁମୁରୀ ବୋଉ, ପବନା ବୋଉ, ଜାଣିଲଣି ନା ! ସେ ବସନ୍ତିଆ ଭାରିଯାଟା ବା, କଞ୍ଚା ଡାହାଣୀଟା। ତମକୁ ମିଛି ମତେ ସତ, କାଲି ଡହଡହ ଖରାବେଳଟାରେ ପଢ଼ିଆ ଆଡ଼େ ଯାଉଥିଲା। ଝାଡ଼ା ଫେରବା ପାଇଁ ନା ଝାଡ଼ାଖାଇବା ପାଇଁ କେଜାଣି ?"

ସାହାଡ଼ା କାଠିରେ ଜିଭ ଛେଲି ପାଣି କୁଳୁକୁଞ୍ଚା କରୁ କରୁ ହାରା ଖୁଡ଼ୀ କହିଲା – "ଆଲୋ ତେମେମାନେ ଏବେକୁ ଜାଣିଲ ନା କ'ଣ ବା ! ମୋର ତ ପ୍ରର୍ଥମରୁ ଧାରଣା ସେୟା। ଆଲୋ ଦି'ଦିଟା ଛୁଆ ପରା ସେ ଖାଇଚି। ତା' ମନ କ'ଣ ବୋଧ ହେଲାଣି ! ରାତିରେ ନିଜ ଗେରସ୍ତ ଛାତିରୁ କୁଟା ଲଗାଇ ପରା ସେ ରକ୍ତ ଶୋଷେ। ବସନ୍ତିଆଟା କେମିତି ଶୁଖି ଶୁଖି ଡାଙ୍ଗ ହେଲାଣି ଦେଖୁନ !!"

ସେ ସାହି ବୁଲା ବଡ଼ବାପା ପୋଲ ମୁହଁ ପାଖରେ ଜାଲ ପକାଇ ସବୁଦିନ ଫେରନ୍ତି ରାତି ଅଧରେ। ସେଦିନ ଖରାବେଳେ ତାସ୍ ଖେଳୁଥିବା ବେଳେ ବିଡ଼ି ଖଣ୍ଡେ ଲଗାଇ ସେ କହୁଥିଲେ, – "ଆରେ ବାପ୍‌ରେ ! କାଲି ରାତି ବାରେଟା କି ଗୋଟାଏ ବେଳେ ସେଇ ଦଣ୍ଡାବାଟେ ମୁଁ ଫେରୁଚି, ସେ ଝଙ୍କାଳିଆ କିଆବୁଦା ପାଖରେ କ'ଣ ଗୋଟାଏ ଚପଚପ ଶବ୍ଦ ହେଲା। ମୁଁ ଚମକି ପଡ଼ି ଅନାଇ ଦେଲାବେଳକୁ କ'ଣ କହିବି

ବାପା,ଦେଖୁନା - ମୋର ରୁମମୂଳ କେମିତି ଟାଙ୍କୁରି ଉଠୁଛି। ମାଇକିନିଆଟା ଉଧୁ ଲଙ୍ଗଳା ହେଇ, ଗୋଡ଼ ଉପରକୁ ମୁଣ୍ଡ ଚଳକୁ କରି ମହା ଆନନ୍ଦରେ କ'ଣ ଗୁଡ଼ାଏ ଚରି ଯାଉଥାଏ। ବାପଧନ, ମୋର ତ ପିଳେହି ପାଣି! ଖାଲି ମୋ ହାତରେ ଲୁହାର ଜାଲଗୋଡ଼ି ଥିଲା ବୋଲି ସିନା ବର୍ତ୍ତିକି ଆସିଲି। ହେଲେ ମତେ ଗୋଟାଇ କେମିତି କେମିତି ନାଗିଲା। ଏକା ଡିଆଁକେ ଆସି ଘରେ। ସାରା ରାତି ତ ଜରରେ କମ୍ପୁଚି। ତମେ ସବୁ ଯାହା କୁହ, ଇୟେ ସେଇ ବସନ୍ତିଆ ଭାରିଜାର କାଣ୍ଡ।"

ଦିନକୁ ଦିନ ଗୋଟାଏ ପରେ ଗୋଟାଏ ଉତ୍ପୀଡ଼କ କଥା ଶୁଣାଯାଉଥିଲା ଖୁଡ଼ୀ ବିଷୟରେ। କେଉଁ ପିଲା ରାହାଧରି କାନ୍ଦୁଚି! ହେମ ଡାହାଣୀର ଦୃଷ୍ଟି ପଡ଼ିଥିବ। କାଟପାଣି ଟିକେ ଦେଇଦିଅ, ଝଡ଼ାଫୁଙ୍କା କରିଦିଅ, ବଳେ ତୁନି ହୋଇଯିବ।

କାହା ପିଲା ଝଡ଼ିଯାଉଛି। ଯେତେ ଖାଇଲେ ଦେହରେ ଲାଗୁନି। ସେଇ ହେମର ନଜର ଲାଖିଥିବ। ଦିବା ଗୁଣିଆଠାରୁ ମନ୍ତୁରା ଡେଉଁରିଆଟେ ଆଣି ତା' ଅଣ୍ଟାରେ ବାନ୍ଧି ଦିଅ, ପିଲା ଥାକୁଲୁ ଥାକୁଲୁ ଡେଇଁବ।

କାହା ଗାଈ କ୍ଷୀର ଦଉନି। ଲାତ ମାରୁଚି। ହେମ ଆଖି ଚୋରାଇ ନେଇଥିବ। ଗୁଣିଆଠାରୁ ଲୁଣ ଟିକେ ଫୁଙ୍କି ଆଣି ତା ଖାଇବାରେ ମିଶେଇ ଦିଅ, ବାଲତି ବାଲତି କ୍ଷୀର ଢାଳି ପକେଇବ।

କାହା ଶାଗ କିଆରୀରେ ଯେତେ ସାର ପାଣି ଦେଲେ ବି ଝାଉଁଳି ପଡୁଛି। ସେଇ ହେମର କାରସାଦି। ମହାଦେବଙ୍କ ପାଦୁକ ଟିକେ ଛିଞ୍ଚି ଦିଅ, ଛନଛନିଆ ଶାଗ ଲହଡ଼ି ଭାଙ୍ଗିବ।

ଏସବୁ କଥା ଶୁଣି ହୁଏନା। ସହି ହୁଏନା। ଏକଦା ଯେଉଁ ମଣିଷଟି ପାଇଁ ବାଃ ବାଃ ଧନ୍ୟ ଧନ୍ୟର ଅବିର ମେଞ୍ଚା ମେଞ୍ଚା ହୋଇ ବିଞ୍ଚି ହୋଇ ପଡୁଥିଲା, ତା' ପାଇଁ ଏବେ ରାଶି ରାଶି ଘୃଣା। ପୃଥିବୀ ସହିତ ଆତ୍ମୀୟତାର ନିବିଡ଼ତାରେ ବାନ୍ଧି ହୋଇ ଯାଇଥିବା ସମ୍ପର୍କଟା ରୁଗ୍ଣ ହୋଇ ଛିଡ଼ି ଛିଡ଼ି ଆସୁଥିଲା କୁଷ୍ଠରୋଗାକ୍ରାନ୍ତ ମଣିଷଟିର ଅବୟବ ଭଳି।

ନିତ୍ୟାନନ୍ଦ ଛଟପଟ ହୋଇଯାଏ ନାହିଁ ନ ଥିବା ଆତୁରତାରେ। ଅନୁଚ୍ଚାରିତ ବ୍ୟାକୁଳତାରେ ମନ୍ଥି ହୋଇଯାଏ ତା' ଛାତି। ଭାବେ ଗାଁ ଲୋକଙ୍କ ବାସନ୍ଦ, ନାଲିଆଖି, ବୋଉର ଆକଟ, ରାଣ ନିୟମକୁ ପାଦରେ ଦଳିଦେଇ ସେ ଧାଇଁ ଯିବ ଖୁଡ଼ୀ ପାଖକୁ। ବାର ଲୋକଙ୍କଠୁ ହଜାରେ ଆତ୍ମପୀଡ଼କ କଥା ଶୁଣି ଶୁଣି ଝାଉଁଳି ପଡ଼ିଥିବା ତା' ମନକୁ ଟିକେ ସାନ୍ତ୍ୱନା ଦେବ। ତାକୁ ଧରି ଘଡ଼ିଏ କାନ୍ଦିବ ଏବଂ ସେଇ ଲୁହରେ ଧୋଇଦେବ ତା' ମନର ସବୁ ଦୁଃଖ, ସବୁ ଅବସାଦ।

ହେଲେ ଏସବୁ କରି ହୁଏନା। ଛାତିରେ ଛାତିଏ କୋହ ନେଇ ନିତ୍ୟାନନ୍ଦ ପଳାଏ ସହରକୁ। ଯା ଭିତରେ ତା'ର ବାହାଘର ହୋଇଯାଇଥିଲା ସିଆଡ଼େ। ବୋହୂ ସହିତ ସେ ରହୁଥିଲା ଚାକିରି ସ୍ଥାନରେ। ଗାଁରୁ ବୋଉ ଯାଇ ବେଳେବେଳେ ମାସେ ପନ୍ଦର ଦିନ ରହି ଫେରିଆସେ।

ଏବେ ମଝିରେ ମଝିରେ ସେ ଗାଁକୁ ଆସିଲେ ପୂର୍ବଠାରୁ ଅଧିକ ଅଧିକ ଦୁଃଖଦ କଥା ଶୁଣେ ଖୁଡ଼ୀ ବିଷୟରେ। ଖୁଡ଼ୀ ସବୁ ଶୁଣେ। ସବୁ ଅପମାନ ଓ ଜ୍ୱାଳାକୁ ଢୋକି ନେଇ ଅଦରକାରୀ ମଣିଷଟିଏ ଭଳି ବଡ଼ ସନ୍ତର୍ପଣରେ, ଭୟରେ ଆତଜାତ ହୁଏ ଗାଁରେ। କାଳେ ତାକୁ କିଏ ଦେଖି ପକାଇବ। କାଳେ କେଉଁ କଅଁଳା ପିଲା ଉପରେ ତା' ନଜର ପଡ଼ିଯିବ!! କାଳେ କାହା ଦୁଧିଆଳି ଗାଈ ଉପରେ ତା' ଦୃଷ୍ଟି ଲାଖିଯିବ!!

ଆଇନାରେ ଖୁଡ଼ୀ ବେଳେବେଳେ ଦେଖେ ତା ଜିଭକୁ!! ସୋରିଷଟିଏ ପରି ସେଇ ସର୍ବନାସୀ କଳା ଦାଗଟି ଉପରେ ହାତ ମାରେ। ବେକ ମୂଳରେ ଏବଂ ଗାଲ ଉପରେ ଥିବା କଳାଜାଇ ଓ ଯା ଭିତରେ କେତେ ତଫାତ୍? ସହସା ଗୋଟେ କୋହର ସୁଅରେ ସେ ଭାସିଯାଏ। ଜୀବନର ସ୍ୱପ୍ନ ଓ ବଞ୍ଚି ରହିବାର ଇଚ୍ଛା କୋଉ ଦିନଠୁ ଗଦାଏ ଅଳିଆ ସ୍ତୁପରେ ପରିଣତ ହେଲାଣି। ସବୁ ଆଗ୍ରହ ଓ ଉତ୍କଣ୍ଠା ଉପରେ ଜମି ଗଲାଣି ପରସ୍ତ ପରସ୍ତ ଧୂଳି।

କୋଳାହଳ ଓ ମହାବ୍ୟସ୍ତତାର ଏ ପୃଥିବୀରେ ଏତେ ନିଃସଙ୍ଗ, ଏତେ ଅସହାୟ ଭାବେ କ'ଣ ବଞ୍ଚିହୁଏ? ଭୟ ଓ ଆଶଙ୍କା ଭିଜା ଭଙ୍ଗା ମନ ଏବଂ ପୋଡ଼ି ଯାଉଥିବା ହୃଦୟନେଇ ଘର ଭିତରେ ପଡ଼ିରହେ ଖୁଡ଼ୀ। ଦିନର ଆଲୁଅକୁ ତା'ର ଭାରି ଡର। ସତେ କି ସାରା ପୃଥିବୀ ତା' ପାଇଁ ବିପଦ ଶଙ୍କୁଳ ଏକ ଭୟଙ୍କର ଜଙ୍ଗଲ।

ଏକଦା ତାକୁ ନିଜ ମା'ଠାରୁ ଅଧିକ ସ୍ନେହ କରୁଥିବା ଖୁଡ଼ୀ ପାଇଁ କିଛି କରି ନପାରିବାର ଗ୍ଲାନି, ଅପରାଧବୋଧରେ ଜର୍ଜରିତ ହେବା ବ୍ୟତୀତ ନିତ୍ୟାନନ୍ଦ ପାଖରେ କିଛି ଚାରା ନଥିଲା। ଖାସ୍ ସେଇ କାରଣରୁ ଖୁଡ଼ୀକୁ ଦେଖା କରିବାର ସାମାନ୍ୟତମ ସାହସଟିକକ ମଧ୍ୟ ନଥିଲା ତା ପାଖରେ।

ବସନ୍ତ ଦାଦାଙ୍କର କ'ଣ ହେଉଥିଲା କେଜାଣି, ଦ୍ରୁତ ଗତିରେ ତାଙ୍କ ସ୍ୱାସ୍ଥ୍ୟର ଅବନତି ଘଟୁଥିଲା। ଦେହରେ ଦେହେ ତାତି ଭରି ରହୁଥିଲା ଦିନରାତି। ଡାକ୍ତର ଦେଖାଇ ଔଷଧ ଟିକେ ଆଣିବା ପାଇଁ ଯେତିକି ସମ୍ବଳ ଆବଶ୍ୟକ, ସେତକ ହୋଇପାରୁନଥିବାରୁ ସେ ଆଉ ଉଠି ପାରିଲେ ନାହିଁ ବିଛଣାରୁ ଏବଂ ଦିନେ ସକାଳୁ ସକାଳୁ ସେ ଆଖି ବୁଜିଦେଲେ।

ଅନେକ ଦିନ ପରେ ସେ ଗାଁ ଶୁଣିଲା ଖୁଡ଼ୀ ମୁହଁର ଭାଷାଟିଏ। ସେଇ ଭାଷା ଥିଲା ମରମଘେନା, ବୁକୁଥରା ଏକ କରୁଣ କାନ୍ଦଣା।

ଦାଦାଙ୍କ ମୃତ୍ୟୁ ଖବର ଟେଲିଫୋନ୍ ଯୋଗେ ପାଇବା ମାତ୍ରେ ସ୍ତ୍ରୀ ଏବଂ ବର୍ଷକର ପୁଅକୁ ଧରି ନିତ୍ୟାନନ୍ଦ ସଙ୍ଗେ ସଙ୍ଗେ ଚାଲି ଆସିଲା ଗାଁକୁ। ମଡ଼ା ବାସି ହୋଇ ଗଲାଣି। ଅଥଚ ସାଇ ଭାଇମାନେ ଅଡ଼ି ବସିଥିଲେ ସେମାନେ ମଡ଼ା ଉଠାଇବେ ନାହିଁ। ଅନେକ ଦିନ ପରେ ନା... ନା... ଅନେକ ଯୁଗ ପରେ ସେ ଦେଖୁଥିଲା ଖୁଡ଼ୀ ବୁଢ଼ୀ ହୋଇ ଯାଇଥିଲା। ମୁଣ୍ଡବାଳ ଅଧାରୁ ଅଧିକ ଧଳା। ଗାଲ, ଟାକରା। ଆଖିଦି'ଟା କୋଉ କୋରଡରେ ପଶିଥିଲା କେଜାଣି? ଦାଦାଙ୍କ ମର ଶରୀର ପାଖରେ ବସି ସେ ନିଷ୍ପଲକ ଆଖିରେ ଚାହିଁ ରହିଥିଲା ଶୂନ୍ୟତାର ଦିଗ୍‌ବଳୟ ଆଡ଼କୁ।

ସେହି ମୁହୂର୍ତ୍ତରେ ଶକ୍ତିଶାଳୀ କୋହଟେ ଘୁନ୍ଦାଳି ପକାଇଲା ତା' ଭିତରକୁ। ନିତ୍ୟାନନ୍ଦର ପୁଣି ଥରେ ଇଚ୍ଛା ହେଲା ଖୁଡ଼ୀକୁ କୁଣ୍ଢାଇ ପକାଇ ସେ କାନ୍ଦିବ। କାନ୍ଦିକାନ୍ଦି ଦୋହଲାଇ ଦବ ଅଟଳ ମହାମେରୁ ପରି ବସିଥିବା ଖୁଡ଼ୀକୁ। ହେଲେ ପାରିଲାନି।

ବୋଉ କହୁଥିଲା - "ତୁ ଆମର ବସ୍ ଚୁପ୍‌ଚାପ୍। ଗାଁ ବାଲା ଯାହା କରିବାର କରନ୍ତୁ। ମଡ଼ା ବାସି ହେଉ କି ପଚୁ, ଆମର ସେଥିରେ କ'ଣ ଯାଏ ଆସେ ? ମାଇକିନିଆ ଜୀବନ ସାରା ଯୋଉ କୁକର୍ମ କରିଚି, ତା' ଫଳ ନ ଭୋଗି ଯିବ କୁଆଡ଼େ ?

ଜୀବନରେ ପ୍ରଥମ ଥର ପାଇଁ ନିତ୍ୟାନନ୍ଦ ଅମାନ୍ୟ କଲା ବୋଉର ଆଦେଶ। କଠୋର ଚାହାଣୀରେ ବୋଉକୁ ଚାହିଁ ସେ ଦାଣ୍ଡ ଆଡ଼କୁ ଉଠିଗଲା ! ଗାଁ ମୁଖିଆମାନଙ୍କର ଗୋଡ଼ ହାତ ଧରି, ନେହୁରା ହୋଇ ବହୁତ କଷ୍ଟରେ ସେମାନଙ୍କୁ ରାଜି କରାଇଲା।

ମଶାଣୀ ଭୂଇଁରେ ଶବଦାହ କରି ଗାଁ ସେମୁଣ୍ଡ ପୋଖରୀରେ ଗାଧୁଆ ପାଧୁଆ ସାରି ଘରକୁ ଫେରିବା ବେଳକୁ କୁଆଁତାରା ଉଠିଲାଣି। ଅବଶିଷ୍ଟ ରାତିରେ ନିତ୍ୟାନନ୍ଦକୁ ଆଉ ନିଦ ହେଲାନି।

ଭୋର୍ ଭୋର୍‌ରୁ ପ୍ରଚଣ୍ଡ କ୍ଳାନ୍ତିରେ ତା' ଆଖିପତା ଲାଗି ଆସୁଥିଲା। ବୋଉର ପାଟିରେ ତା' ନିଦ ଭାଙ୍ଗିଗଲା। ଅଧାକାନ୍ଦ ଅଧା ରାଗରେ ବୋଉ ଚିତ୍କାର କରୁଥିଲା - "ଆରେ ନିତିଆ, ତତେ ହଜାର ଥର କହିଲିଣି, କଅଁଳା ଛୁଆଟିକୁ ଆଣି ଜମା ଅସେନା। ମୋ କଥା କ'ଣ ଶୁଣୁଛି ! ଛୁଆ ଚୋବେଇବାକୁ ଏଠି ତ କଞ୍ଚା ଡାହାଣୀଟାଏ ଗୋଡ଼ ହାତ ଲମ୍ବେଇ ବସିଛି। ଆଲୋ ମୁଁ କ'ଣ କରିବିଲୋ, ଆଲୋ ସବାଖାଇ, ପୁତୁଖାଇ, ତତେ ମରଣ ହେଉନି। ଆଲୋରାଣ୍ଡ, ଆଣ୍ଠୁକୁଡ଼ୀ, ନିଜ ଘଇତାକୁ ଖାଇ ତୋ ମନସାଦ ମେଣ୍ଟିଲାନି ଯେ ମୋ ଛୁଆ ଉପରେ ନଜର ପକେଇଲୁ ?"

ନିତ୍ୟାନନ୍ଦ ଜାଣିଥିଲା କାଲିଠାରୁ ପୁଅର ପେଟ ଖରାପ। ପତଳା ଝାଡ଼ା ହେଉଛି। ପେଟ ବୋଧହୁଏ କାଟୁଥିବ। ସେଇଥିପାଇଁ କାନ୍ଦୁଥିବ। ଅଥଚ ବୋଉ ଖୁଡ଼ୀକୁ ଏପରି ଶୋଧିବାର ମାନେ କ'ଣ ? ସେ ବାହାରିଲା ଡାକ୍ତର ପାଖକୁ।

ବୋଉର ଶୋଧା ବେଳକୁ ବେଳ ବଢୁଥାଏ ହୁତ୍‌ହୁତ୍। "ଆଲୋ ପାଣଘରର ଝିଅ, ତୋ ବଉଁଶ ବୁଡ଼ିଯିବ, ତୋ ଉପରେ ରାଧା ଚଡ଼କ ପଡ଼ିବ... ତୋ ପାଟିରେ ଖୋଡ଼ ପୁଟିଯିବ.. ତୋ ଡିମା ନୋଷଡ଼ି ପଡ଼ିବ...।"

ଶୋଧି ଶୋଧିକା ବୋଉ ପହଞ୍ଚିଲା ଦିବା ଗୁଣିଆ ପାଖରେ। କହିବା ବାହୁଲ୍ୟ, ସେ ଅଞ୍ଚଳର ପିଲାମାନଙ୍କୁ ଡାହାଣୀ, ଚିରିଗୁଣୀ, ପିତାଶୁଣି ଆଦି ଯାବତ୍ୟ ଦୃଷ୍ଟ ଗ୍ରହମାନଙ୍କ କବଳରୁ ରକ୍ଷା କରିବା ଥିଲା ଦିବା ଗୁଣିଆର ଏକ ସଂଭ୍ରାନ୍ତ ଦାୟିତ୍ୱ। କାଟ ପାଣି ଆଣି ପୁଅ ମୁଣ୍ଡରେ ସିଞ୍ଚି ଦେଉ ଦେଉ ବୋଉ ଶୋଧୁଥାଏ - ଇଲୋ ଘଇତା ଖାଇ... ତୋ ଡିହରେ ବିଲୁଆ ଡେଉଁ... ତୋ ଶବକୁ କୁକୁର ବିଲୁଆ ନ ଅନାନ୍ତୁ.. ତୋତେ ତମ୍ପ ଦଂଶୁଲୋ ଚଣ୍ଡାଳୁଣୀ...।

ଦିନ ସାରା କଳଗାଉଣା ପରି ବୋଉର ପାଟି ବନ୍ଦ ହୋଇ ନଥିଲା।

ସେପଟେ ଘରେ ଖୁଡ଼ୀ ବସିଥାଏ ପଥର ମୂର୍ତ୍ତିଟିଏ ଭଳି ନିର୍ବାକ୍ ହୋଇ। ସବୁ ଅପମାନ, ସବୁ ଯନ୍ତ୍ରଣାକୁ ଏମିତି ନିର୍ବିକାର ଭାବେ ଢୋକି ନେବାର ଏତେ ଶକ୍ତି ତାକୁ କେଉଁ ବିଧାତା ଦେଇଥିଲା କେଜାଣି ?

ସେଦିନ ରାତିରେ ନିତ୍ୟାନନ୍ଦର ନିଦ ହଠାତ୍ ଭାଙ୍ଗିଗଲା ଏକ ଅସ୍ୱାଭାବିକ ଶବ୍ଦରେ। ସେ ଶୋଇ ଶୋଇ କାନେଇଲା, ଶବ୍ଦଟି କେଉଁ ଦିଗରୁ ଆସୁଛି। ଭୟାନକ ଗାଁ ଗାଁ ହେବାପରି ସେ ଶବ୍ଦଟା ସାବାଡ଼ କରିଦେଲା ତାକୁ କିଛି ସମୟ। ସହସା ଟର୍ଚ୍ଚଟି ଧରି ସେ ଝଡ଼ ବେଗରେ ଉଠିଗଲା ଏବଂ ଖୁଡ଼ୀ କବାଟରେ ଧକ୍କା ପରେ ଧକ୍କା ଲଗାଇ ଡାକିଲା ଖୁଡ଼ୀ... ହେ ଖୁଡ଼ୀ... କବାଟ ଖୋଲ୍ ଖୁଡ଼ୀ...।

ନୀରବତାକୁ ଚହଲେଇ ସେ ଗାଁ ଗାଁ ଆବାଜଟା ନିଜର ସ୍ଥିତି ଜାହିର ରଖିଥିଲା। ଘରର ଅନ୍ୟମାନେ ଉଠି ଆସିଲେ ବାହାରକୁ। ବୋଉ କହୁଥିଲା - "ତୁ ଯାଣିନୁ ତା ଖୋଇ। ଅବଲ୍ୟ କାଢୁଚି। ରାତି ଅଧରେ ମଶାଣୀ ଦଣ୍ଡା କୁଆଡ଼େ ବୁଲି ବୁଲି ଆସି ଝଡ଼େଇ ହଉଥିବ। ଚାଲ୍... ଚାଲ୍... ତୁ ଆମର ଘରକୁ ଚାଲ...।"

ବୋଉକୁ ଠେଲି ଦେଇ ଗୋଟିଏ ଧକ୍କାରେ ଖୁଡ଼ୀ ଘରର କବାଟ ଭାଙ୍ଗିଦେଇ ଭିତରକୁ ପଶିଗଲା ନିତ୍ୟାନନ୍ଦ। ଘର ଚଟାଣରେ ରକ୍ତ ସାଲୁବାଲୁ ହେଇ ଖୁଡ଼ୀ ଗଡୁଥିଲା। ତା' ପାଟିରୁ ଧାର ଧାର ଲହୁ ବୋହି ଆସି ଭିଜେଇ ଦେଇଥିଲା ତା' ପିନ୍ଧିଲା ଲୁଗା, ବେଡ୍‌ସିଟ୍, ଘରର ଚଟାଣ।

ଚେତା ହରାଉ ହରାଉ ହାତ ଠାରି ଖୁଡ଼ୀ ଦେଖାଇ ଦେଉଥିଲା ଡାହାଣୀର ଚିହ୍ନ ବହନ କରିଥିବା ସେଇ ଜିଭଟିକୁ ସେ କାଟି ଦେଇଚି। ଏଣିକି ସେ ଆଉ ଡାହାଣୀ ନୁହେଁ, ଅନ୍ୟମାନଙ୍କ ପରି ସାଧାରଣ ମଣିଷଟିଏ।

*ଏ.ଜି. ଅଫିସ୍, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୧୬୩୦୦୨*

# ଠକ ଓ ସାଧୁ

ରଞ୍ଜନ ସାହୁ

'ସାଧୁ' ମନରେ ବିମର୍ଷ ଭାବ। ଅଭାବ, ଅସୁବିଧା ଆକ୍ରାନ୍ତ କରୁଥାଏ ଅହରହ। ସେ ଗାଲରେ ହାତ ଦେଇ ବସିଥାଏ। 'ଠକ' ପାଖକୁ ଆସି କହିଲା, ଚାଲ ସାଙ୍ଗ ହୋଇ ରୋଜଗାର କରିବା। ଅସୁବିଧା ଏତେ ପଡ଼ିବନି। ସାଧୁ ଖୁସି ହେଇଗଲା। ଉଚିତ ପ୍ରସ୍ତାବଟିଏ ଚିନ୍ତାକରି ରାଜିହୋଇଗଲା। ଦୁହେଁ ସାଥି ହୋଇ ଦୂରାନ୍ତକୁ ଯାତ୍ରା କଲେ। ଠକ ପ୍ରତିଶ୍ରୁତି ମାଗିଲା, ରୋଜଗାର କରିବା ଠିକ କଥା। ହେଲେ, କେହିଜଣେ ବିପଦରେ ପଡ଼ିଲେ ଅନ୍ୟଜଣେ ରକ୍ଷା କରିବ ? ଏଥିରେ ଏକମତ ତ ? ବିନା ଦ୍ୱିଧାରେ ସାଧୁ ହଁ ଭରିଲା। ତହୁଁ ସାଙ୍ଗ ହୋଇ ସେମାନେ ଅନେକ ବାଟ ଚାଲି ଆସିଲେ। ଗୋଟିଏ ଛୋଟ ବଜାର ପଡିଲା। ସାଧୁ କହିଲା, ଚାଲ ଏଠି ଚାହା, ବିସ୍କୁଟ ବିକିବା।

ଠକ ମୁହଁ ମୋଡ଼ି ହସିଲା, କହିଲା ଏ ବେପାରରେ କେତେ ଟଙ୍କା ହେବ ଯେ ଆମେ ସମୟ ବର୍ବାଦ କରିବା। ଚାଲ ଆଗକୁ ଯିବା। ଆଉ କିଛିବାଟ ଯିବାପରେ ସାଧୁ କହିଲା, ମିଠା ମକା ଏବେ ବହୁତ ଖାଉଛନ୍ତି ଲୋକେ। ରାସ୍ତା କଡ଼ରେ ମକା ସିଝେଇ ବିକିଲେ କେମିତି ହୁଅନ୍ତା ? ଠକ ନାପସନ୍ଦୀୟ ସ୍ୱରରେ କହିଲା, ମକା ବିକି କିଏ ଧନୀ ହେଲାଣି କହିଲୁ ? ଯୋଉ ଅଭାବକୁ ସେହି ଅଭାବ। ଦୁହିଁଙ୍କ ମତ ଅମେଳ ହେବାରୁ ପୁଣି କିଛିଦୂର ନୀରବରେ ଆଗେଇଗଲେ। ଦେଖିଲେ ଜଣେ କଳା ଲୋକ ଶାଳ ପତ୍ର ଛିଣ୍ଡେଇ ଖଲି-ପତ୍ର କରୁଛି। ସାଧୁ ମନକୁ କାମଟା ପାଇଗଲା। ସେ ଉତ୍ସାହରେ କହିଲା, ଏଇ ପେସା ଧଇଲେ ଠିକ୍ ହେବ। କ'ଣ କହୁଛୁ ? ଠକ ଚିଡି ଉଠି କହିଲା, ଏ ଛୋଟ ଛୋଟ ବେପାର କରିବାକୁ କାହିଁକି ତୁ ଡେଇଁପଡୁଛୁ ? ଭାରି ନିଚ ମନାଟା। ତୋ ଦେଇ ବଡ଼ ମଣିଷ ହେବାଟା ଅସମ୍ଭବ। ଆଗୁକୁ ଚାଲ। ମୁଁ ବତେଇବି ଟଙ୍କା କେମିତି ରୋଜଗାର କରାଯାଏ।

ସେମାନେ ପୁଣି ଚାଲିଲେ। ପୂର୍ବାହ୍ନ ସରି ସରି ଆସୁଥାଏ। ଗୋଟିଏ ନଈ କୂଳରେ ପହଁଚିଗଲେ ସେମାନେ । ପାଖରେ ବଡ଼ ବଜାରଟିଏ ଥାଏ। ଲୋକେ ହାଉଜାଉ ହେଉଥାଆନ୍ତି। ଠକ ଜୋରେ ଜୋରେ ପାହୁଣ୍ଡ ପକେଇ ଆଗକୁ ମାଡିଗଲା। ଦେଖିଲା ଚାରି ପାଞ୍ଚ ଜଣ ଗାଉଁଲି ଲୋକ ଆସିଥିଲେ ଅସ୍ଥି ବିସର୍ଜନ ପାଇଁ। ସେମାନେ ଇତଃସ୍ତତ ହେଉଥିଲେ । 'ଠକ' ପାଖକୁ ଯାଇ କୋମଳ ସ୍ୱରରେ ହୀତାକାଂକ୍ଷୀ ପରି କହିଲା, କ'ଣ କାହାର ଅସ୍ଥି ନେଇ ଆସିଛ କି ?

ତନ୍ମଧ୍ୟରୁ ବୟସ୍କ ଜଣେ ମୁଣ୍ଡ ଟୁଙ୍ଗାରି ସମ୍ମତି ଦେଲା। ଠକ କହିଲା, ମୁଁ ସବୁ ଯୋଗାଡ଼ କରିଦେବି। ଏଠିକା ବ୍ରାହ୍ମଣ ତମକୁ ହଇରାଣ କରିବେ। ଅଧିକା ଟଙ୍କା ଟାଣିନେଇଯିବେ। ମୋ ପ୍ୟାକେଜ ହିସାବରେ ଚାରି ହଜାର ଦିଅ। ଏଠି ନିଶ୍ଚିନ୍ତରେ ବସ। ଅ ଠୁ କ୍ଷ ଯାଏଁ ସବୁ ଆବଶ୍ୟକୀୟ ପୂଜା ଉପକରଣ କିଣି ଆଣିବି। କାମଟା ସୁରୁଖୁରୁରେ ଉଠେଇଦେବି। ଧୂଳିମଳି ଲାଗିବନି। ଆଗନ୍ତୁକ ଜଜମାନମାନେ ଅନାୟସରେ ରାଜି ହୋଇଗଲେ। ଠକ ଟଙ୍କା ଧରି ଜିନିଷ କିଣିବା ବାହାନାରେ ସ୍ଥାନାନ୍ତର ହୋଇଗଲା। ନିରୀହ ଲୋକମାନଙ୍କ ନଜର ବାହାରକୁ ଯାଇ କେଉଁଆଡେ ଉଭାନ ହୋଇଗଲା। ନଦୀର ସେପଟ ସୀମାକୁ ଯାଇ ପୂର୍ବପରି ଛଳକରି କେତେଜଣଙ୍କୁ କରାୟତ୍ତ କରିନେଲା। ସେମାନଙ୍କ ଠାରୁ ବି ପାଞ୍ଚ, ଛଅ ହଜାର ଲେଖାଏଁ ପକେଇ ଅନ୍ତର୍ଦ୍ଧାନ ହେଇଗଲା। କାର୍ତ୍ତିକ ମାସ ଚାଲିଥାଏ। ଧର୍ମମାସ ବୋଲି ହଜାର ହଜାର ଲୋକ ଏକତ୍ରିତ ହୋଇଥାଆନ୍ତି। ପିମ୍ପୁଡ଼ି ଗଳିବାକୁ ରାହା ନଥାଏ। ପ୍ରବଳ ଭିଡ଼ର ଆଶ୍ରା ନେଇ ଠକ ତିନି ଚାରି ଘଣ୍ଟାରେ ଗୁଡାଏ ଟଙ୍କା କରଗତ କରି ପକାଇଥାଏ।

ଅପରାହ୍ନ ହେଇଆସୁଥାଏ। ଠକ ଫେରି ଯିବାକୁ ବାହାରିଲା। ନଦୀ କୂଳ ଛାଡି ବଜାର ଭିତରକୁ ପଶୁଥାଏ, ଜଣେ କେହି ଚିତ୍କାର କଲା, ହେଇ ହେଇ ସେ ଲୋକଟା। ଧର ଧର ତାକୁ, ଆମ ଟଙ୍କା ନେଇ ଛୁ ମାରିଥିଲା। କେତେ ଖୋଜିଲେଣି ତାକୁ। ବଜାର ଭିତରେ ଲୋକମାନେ ତାକୁ ମାଡି ବସିଲେ। ଅନ୍ୟ କିଛି ଲୋକବି ରୁଣ୍ଡ ହେଇଗଲେ। କ୍ରୋଧରେ ଧୁମଧାମ କରି ଛେଚି ଦେଇଗଲେ। ଲୋକଙ୍କ ଭିଡ଼ ଜମିଗଲା। ଠକର ଶାର୍ଟ ଛିଡିଗଲା। ଗାଲ ଫୁଲି ଗେଣ୍ଡା ଦିଶିଲା। ନାକ ଚେପା ହେଇଗଲା। ସେତିକିବେଳେ ଜଣେ ପୋଲିସବାଲା ସେଠାରେ ପହଁଚିଗଲେ। କହିଲେ, ଆଇନିକୁ କେହି ହାତକୁ ନିଅନାହିଁ। ସେ ମରିଗଲେ ସମସ୍ତେ ଜେଲ ଯିବ। ମୋ ଜିମା କର ମୁଁ ତାକୁ ଥାନାକୁ ନେଇଯିବି। ସେଠି ଉତ୍ତମ ମଧ୍ୟମ ଦେଇ ସବୁ ଟଙ୍କା ଆଦାୟ କରିଦେବି। ଲୋକେ ଥାନା ବଲା ହାତରେ ତାକୁ ଛାଡି ସେଠାରେ ଟଙ୍କା ପାଇବାକୁ ଅପେକ୍ଷା କଲେ। ଜଣେ

କିନ୍ତୁ କହିଲା, ଆମେବି ଥାନାକୁ ଯିବୁ। ଥାନା ବଲା କହିଲେ, ଏଇଠି ଅପେକ୍ଷା କଲେ ଠିକ ହେବ। ଥାନାରେ ଭିଡ଼ ନକଲେ ଭଲ। ଏତକ କହି ତା' ପକେଟ ଅଣ୍ଡାଳି ପକେଇଲେ। ମାତ୍ର ଆଠ ନହ ଶହ ଛଡା ବେଶୀ ନଥିଲା। ସେତକ ଟଙ୍କାକୁ କିଛି ଲୋକଙ୍କୁ ଦେଇ ପୋଲିସି ବାବୁ ତାକୁ ଦୁଇ ପାହାର ପକେଇଲେ। ଆଉ ଟଙ୍କା କୁଆଡେ ଗଲା ବୋଲି ପଚାରିଲେ। ଠକ କିଛି ଉତ୍ତର ଦେଲାନାହିଁ। ଠକ କୁ ପୁଣି ଦୁଇ ପାହାର ପକେଇ ତାକୁ ଥାନା ଆଡ଼କୁ ଟାଣିଟାଣି ନେଇଗଲେ।

ଥାନା ଠାରୁ ସମ୍ୟକ ଦୂରରେ ଗୋଟିଏ ପତଳା ନିର୍ଜନିଆ ଗଳି ଥାଏ। ରାସ୍ତା ଭାଙ୍ଗି ସେଠାକୁ ସେମାନେ ଚାଲିଗଲେ। ଠକ ପଚାରିଲା, ଏଣେ କୁଆଡେ ନେଉଛ ?

- ତୋତେ ଉତ୍ୟକ୍ତ ଲୋକଙ୍କ କବଳରୁ ବଞ୍ଚେଇବି ବୋଲି । ପୋଲିସବାବୁ କହିଲେ। ଠକ ବିସ୍ମିତ ହେଲା।

ତତ୍ପରେ ପୋଲିସବାବୁ ଟୋପି ଖୋଲି ଦେଲେ। ଖାକୀ ଶାର୍ଟଟାକୁ କାଢୁ କାଢୁ ମୁର୍କି ହସା ମାରିଲେ। ଠକ ହଠାତ ଚିହ୍ନି ପକେଇ ଖୁସିରେ ଗଦ୍‌ଗଦ୍ ହେଇଗଲା। ପାଟିରୁ ଆତ୍ମସନ୍ତୋଷରେ ବାହାରି ପଡିଲା, ଆରେ ସାଧୁ ଭାଇ ! ତୁ....ଉ.. ? ? ଯା' ହେଉ ମୋତେ ବଞ୍ଚେଇଦେଲୁ। ତୋତେ ଅନେକ ଅନେକ ଧନ୍ୟବାଦ। ଆ- ଏଠୁ ଶୀଘ୍ର ପଳେଇଯିବା। ସେପଟ ମନ୍ଦିର ପାଖରେ ଗୋଟିଏ ଭଙ୍ଗା ଘର ଅଛି। ସେଠି ଗୋଟିଏ ପଥର ତଳେ ରୋଜଗାର ଟଙ୍କାକୁ ଲୁଚେଇ ରଖିଛି। ଚାଲ ନେଇ ପଳେଇବା। ଏଠୁ ଗଲା ପରେ ଭାଗ କରି ନେଇଯିବା।

ଦୁଇଜଣ ଯାକ ସେ ଦିଗରେ ଆଗେଇଲେ। ସେଠାରୁ ଟଙ୍କା ଧରି ଗହଳି ରାସ୍ତା ଆଡେଇ ଆଡେଇ ଚାଲିଲେ।

ଦୂରକୁ ଚାଲିଯିବା ପରେ ଠକ ଜୋରେ ଜୋରେ ପାଦ ପକେଇଲା। ସାଧୁ ସ୍ୱଳ୍ପ ଦୂରତାରେ ପଛରେ ଅନୁସରଣ କରୁଥାଏ। ଠକ ଟଙ୍କା ଥଳିକୁ ଚାହିଁଲା। ଏତେ ଗୁଡିଏ ଟଙ୍କା ଦେଖି ସେ ଲୋଭଗ୍ରସ୍ତ ହେଇଆସିଲା। ଭାବିଲା ଦଉଡ଼ି ପଳେଇବ। ଏତକ ପାଇବାକୁ ସେ ହକଦାର। ଏଥିପାଇଁ କେତେ ପରିଶ୍ରମ କରିଛି। କେତେ ବିଧା ଗୋଇଠା ଖାଇଛି। ନିଜ ବୁଦ୍ଧି ବଳରେ ଉପାର୍ଜିତ ଧନକୁ କାହିଁକି ଅନ୍ୟକୁ ଦେବ ? ? ? ଭାବିଭାବି ସେ ମୁହଁ ବୁଲାଇ କଣେଇ ଚାହିଁଲା ପଛକୁ । ଦେଖିଲା ସାଧୁ ଓ ତା' ଭିତରେ ଦୂରତା ବଢ଼ି ଯାଇଛି। ଏଇ ମଉକାରେ ସେ ଖସି ପଳେଇବା ଠିକ୍ ହେବ।

ଏଣେ ସାଧୁ ଆଗକୁ ଅନେଇ ଅନେଇ ଦଉଡିଲା ପରି ଚାଲୁଥାଏ। ଠକକୁ ମଝିରେ ମଝିରେ ଡାକ ବି ପକଉଥାଏ ଧୀରେ ଧୀରେ ଚାଲିବା ପାଇଁ। ଚାଲୁଚାଲୁ ଭାବୁଥାଏ ଟଙ୍କା କିଛି ଭାଗ ମିଳିଲେ କିଛିଦିନ ଆନନ୍ଦରେ ଚଳିଯିବ। ଠକଭାଇଟା ଭଲ ଲୋକଟା। ନିଜ ରୋଜଗାରରୁ ଭାଗ ଦେବ ବୋଲି ସ୍ୱେଚ୍ଛାରେ କହିଛି। ପ୍ରକୃତରେ ତା'ର ବି ଏଥିରେ ସହଯୋଗ ଅଛି। ପୋଲିସ ବେଶରେ ତାକୁ ଉଦ୍ଧାର କରିନଥିଲେ ଲୋକମାନେ ପିଟି ପିଟି ମାରିପକେଇଥାଆନ୍ତେ। ପ୍ରତିଶ୍ରୁତି ଦେଇ ରକ୍ଷା କରିଛି ସେ। ଏଥିରେ ଦ୍ୱିରୁକ୍ତି ନାହିଁ। ତେଣୁ ଭାଗ ଗ୍ରହଣ କଲେ ଅସୁବିଧା ନାହିଁ।

ଅକସ୍ମାତ ଆଗରେ ଗୋଟିଏ ଯୁବତୀ ଚାଲୁଥିବାର ନଜର ପଡିଲା। ଦେଖିବାକୁ ସୁନ୍ଦରୀ ଥିଲା। ମାତ୍ର ପୋଷାକ ଏତେଟା ପରିଷ୍କୃତ ଲାଗୁନଥିଲା। କାନରେ ସୁନା ରଙ୍ଗର ଦୁଇଟା ଝରା ଫୁଲ ପିନ୍ଧିଥିଲା। ବାଁ ହାତ କଚଟିରେ ଚୁଡ଼ି ପଟେ ସହିତ ଶସ୍ତା ଘଣ୍ଟାଟିଏ ଲଗେଇଥିଲା। ଫୁଲ ପକା କୁର୍ତ୍ତା ସାଙ୍ଗକୁ ଗୋଟିଏ ଢୋଲା ସାୟା ସଦୃଶ ତଳ ପୋଷାକ ତା'ର ପରିପାଟିକୁ ଅସଙ୍ଗତ କରି ତୋଳୁଥିଲା। କେତେବେଳରୁ ସେ ଆଗରେ ଚାଲୁଥିଲା; ସାଧୁ ମନେପକେଇ ପାରିଲା ନାହିଁ। ତେଣୁ ଅନ୍ୟମନସ୍କ ହୋଇଗଲା। ଅନ୍ୟମନସ୍କତାରୁ ଓହରି ସେ ଯେତେବେଳେ ଠକ ଆଡ଼କୁ ମୁହଁ ବୁଲାଉଥାଏ ଲକ୍ଷ କଲା ତିନି ଚାରିଟା ଦଶ ଟଙ୍କିଆ ନୋଟ୍ ତରୁଣୀ ହାତରୁ ଗଳି ପଡିଲା। ହେଲେ ସେ ଅଜ୍ଞାତରେ ଆଗକୁ ମାଡିଯାଉଥାଏ। ସାଧୁ ଦଉଡି ଯାଇ ଟଙ୍କାତକ ଉଠାଇ ଡାକିଲା, ଦିଦି, ଦିଦି ରୁହ ରୁହ। ତମ ଟଙ୍କା ଗଳି ପଡିଲା। ଯୁବତୀ ବୁଲି ପଡି ନିରୀକ୍ଷଣ କଲା ପଶ୍ଚାତଧାବିତ ବ୍ୟକ୍ତିକୁ। ସାଧୁ ଚାରୋଟି ଦଶ ଟଙ୍କାକୁ ତାକୁ ପ୍ରଦାନ ପୂର୍ବକ କହିଲା , ତମ ଟଙ୍କା ଗଳି ପଡିଲା, ନିଅ।

ଝିଅଟି ଟଙ୍କାକୁ ନେବାକୁ ଅମଙ୍ଗ ହେଲା। ସାଧୁ ପୁଣି ଥରେ ସାଧୁତା ଦେଖାଇ କହିଲା, ଏତକ ତମର ମୁଁ ଦେଖିଛି , ରଖ। ଯୁବତୀ କ୍ରୁର ହସି କହିଲା, କ'ଣ ଏତିକି ଟଙ୍କା ?

- ଆଉ କେତେ ?

- ଚାରି ହଜାରେ ଦିଅ। ଏତିକି କ'ଣ ଦେଉଛ ?

- କି କଥା ? ଏତେ ଟଙ୍କା କ'ଣ ପାଇଁ ମାଗୁଛ ? ? ତମର ଯେତିକି ପଡିଗଲା ସେତିକି ନେବ।

- ନା ନା । ଚାରି ହଜାରେ ନେବି।

- ଭଲ ଅଡୁଆରେ ପଡିଲା ମଣିଷ। ଚାରି ହଜାରେ କୋଉଠୁ ଆଣିବି ? ଥିଲେ ବି ତମକୁ କାହିଁକି ଦେବି ?

ଯୁକ୍ତି ତର୍କ ଆରମ୍ଭ ହେଇଗଲା ଦୁହିଁଙ୍କ ମଧ୍ୟରେ। କ୍ରମଶଃ ଦେଖଣାହାରି ଠୁଳ ହେଇଗଲେ। ଲୋକମାନଙ୍କର ଉତ୍ସୁକତା ବଢୁଥାଏ। ଗୋଳମାଳ ଶୁଣି ଠକ ବୁଲିଆସି ଅଦୂରରେ ଛିଡା ହୋଇ ନୀରବରେ ଚାହିଁ ଥାଏ। ଝିଅଟା ଉଚ୍ଚ ସ୍ୱରରେ ତହୁଁ ଲୋକଙ୍କୁ ଦେଖେଇ କହିଲା, ତମେମାନେ ଦେଖ। ଏ ଅଭଦ୍ର ଲୋକଟା ଦିନଟା ସାରା ମୋତେ ସହର ସାରା ବୁଲେଇଲା। ସଂଧ୍ୟା ବେଳକୁ କେବଳ ଚାଳିଶ ଟଙ୍କା ଦେଇ ବିଦା କରୁଛି। ଝିଅଙ୍କ ସାଙ୍ଗରେ ରଙ୍ଗରସ କରିବ, ହେଲେ ପଇସା ଦେଲା ବେଳକୁ କୁନ୍ଥେଇବ। ସକାଳେ ଛିଣ୍ଡେଇବ ଗୋଟେ ରେଟ୍; ଦେଲାବେଳକୁ ଦେବ ଆଉ ଗୋଟେ ? ଏଠି ମଜ୍ଜାଳାଗୁଥିଲା ପ୍ରେମ କରିବାକୁ ! !

ଝିଅଟା କଥା ଶୁଣି ଜଣେ ପାକୁଆ ପାଟିବଲା ଭଦ୍ର ଦିଶୁଥିବା ଲୋକ ସହମତି ଜଣେଇ କହିଲା, ହଇଏ ରସିକ ଚୂଡାମଣି ! କୋଉଠୁ ଆଇଚ ? ଟଙ୍କା ଦିଅ ତା'ପରେ ଯାଅ। ଦିନ ସାରା ବିଳାସ କଲେ କେତେ ଦେବାକୁ ହୁଏ ଜାଣତ ? ସେ ତ ଚାରି ହଜାରେ ମାଗୁଛି। ସେତକ ଦେଇ ନିଜ ବାଟରେ ଯାଅ ନାଗର ବର। ନହେଲେ...। ଅନ୍ୟ ଜଣେ ହଁ ରେ ହଁ ଭରି ସମ୍ମତି ଦେଲା। ଉପସ୍ଥିତ ଜନତା ଥଟ୍ଟାରେ ଘୋଡା ପରି ହସିବାକୁ ଲାଗିଲେ। ସାଧୁ ଅପ୍ରକୃତିସ୍ଥ ହେଇଗଲା। ଆଖିରୁ ଜୁଳଜୁଳିଆ ପୋକ ବାହାରି ଆସିଲା। ମୁହଁଟା କାନ୍ଦ କାନ୍ଦ ଦିଶିଲା। ଝାଳ ବୋହି ଦେହ ଅସ୍ୱସ୍ତି ବୋଧହେଲା। ସେ ଇତସ୍ତତଃ ଚାହିଁଲା। ଏ ମୁହୂର୍ତ୍ତରେ କିଏ ରକ୍ଷା

କରିବ ? ? ? ଆତୁର ଆଖି ଠକକୁ ଏଣେତେଣେ ଖୋଜିହେଲା । ପ୍ରତିଶ୍ରୁତି ମନେପଡିଲା: ବିପଦ ଆସିଲେ ଜଣେ ଅନ୍ୟକୁ ରକ୍ଷା କରିବ କଥାହେଇଥିଲା । ଆଶାନ୍ୱିତ ହୋଇ ସେ ପୁଣି ଖୋଜିଲା ଠକକୁ । ଦେଖିଲା ଭିଡ଼ ସେପଟେ ଠକ ଅନିଚ୍ଛାରେ ଛିଡାହେଇଛି । ଆଖିରେ ବିଶ୍ୱାସ ନାହିଁକି ସହଯୋଗ ପାଇଁ ଉତ୍ସାହ ନାହିଁ । କିନ୍ତୁ ଠକକୁ ଦେଖି ଦେଇ ସାଧୁ ଆଶ୍ୱସ୍ତ ହେଇଗଲା । ଭାବିଲା ଅନ୍ତତଃ ତା' ଭାଗରୁ ଚାରି ହଜାରେ ଦେଇ ଠକ ତାକୁ ଏ ବିପଦରୁ ମୁକୁଳେଇବ । ଅଗତ୍ୟା ସେ ବିଶ୍ୱସନୀୟ ଚକ୍ଷୁରେ ହୁରି ଛାଡିଲା, ଆସ ଭାଇ ପାଖକୁ ଆସ । ମୋ ଭାଗରୁ ଚାରି ହଜାରେ ଦିଅ ତାକୁ । ମୋତେ ସାହାଯ୍ୟ କର ।

ଠକ ସାମାନ୍ୟ ଆଗକୁ ଆସି କହିଲା, ଏ ପଇସାରୁ କାହିଁକି ଦେବି ? ଏ ସବୁ ମୋ ରୋଜଗାର ।

- ଦବନି ? ସାଧୁ ବିକଳରେ ପଚାରିଲା ।

- ନା । ମୁଁ ରୋଜଗାର କରୁଥିବା ବେଳେ ତମେ କୁଆଡେ ଯାଇଥିଲ ? ଏବେ ବୁଝିଲି ଏ ମାଇକିନାକୁ ଧରି ମଉଜ କରୁଥିଲ ! ! କଲା କର୍ମ ଭୋଗିବ । ମୁଁ କିଛି କରି ପାରିବିନି ।

ଠକ ସିଧା ସିଧା ଶୁଣେଇ ଦେଇ ସ୍ଥାନ ଛାଡିଲା ।

ସାଧୁର ଛାତି କମ୍ପି ଉଠିଲା । ଅଣଚାଶ ପବନ ଯେମିତି ବହିଯିବ ! ଅନ୍ତଃନାଳୀ ଯେମିତି ବିଦୀର୍ଣ୍ଣ ହୋଇଯିବ !

ପାଟି ତା'ର ଖଣୀ ମାରିଗଲା । ସେ ବେଦନାରେ କହିପକେଇଲା, କେଢେ ଠକ ଟାଏ ଯେଟା ! ! !

x x x x x x x

ଏ ଘଟଣା ପରଠାରୁ 'ସାଧୁ' ଆଗରେ ସବୁ ମଣିଷ ଧପ୍ପାବାଜ, ଚୋର, ଠକ ପରି ଦେଖାଗଲେ । ସେ ସମସ୍ତଙ୍କୁ ସନ୍ଦିହାନ ଚକ୍ଷୁରେ ଦେଖିଲା । ବିଶ୍ୱାସ କରିବା ସହଜ ମନେହେଲାନାହିଁ ।

ସେ ବନ୍ଧୁତା କରିବାକୁ ଡରିଲା । ଲୋକଙ୍କୁ ସାହାଯ୍ୟ କରିବାକୁ ଭୟକଲା । ପଡୋଶୀଙ୍କୁ ସହାନୁଭୂତୀ ଦେଖାଇବାକୁ କୁଣ୍ଠିତ ହେଲା । ଅର୍ଥ ଉପାର୍ଜ୍ଜନ ପାଇଁ ଚାତୁର୍ଯ୍ୟ ଦେଖାଇପାରିଲା ନାହିଁ । ଫଳରେ ନୀର୍ଦ୍ଧନ ହେଇଗଲା । ଅଭାବରେ କାଳ କାଟିଲା । ଅଭାବ ବଢ଼ିବାରୁ ଚିଡ଼ଚିଡା ସ୍ୱଭାବର ହେଇଗଲା ।

କିଛି ଦିନ ପରେ ଦେଖାଗଲା, ସେ ମନକୁ ମନ ଗପୁଛି । ସାମାଜିକ ବ୍ୟବସ୍ଥାକୁ ଉପହାସ କରୁଛି । ସରକାରଙ୍କ ଯୋଜନାଗୁଡିକୁ ସମାଲୋଚନା କରୁଛି । ନୈତିକ ହେବାକୁ ବାରଣ କରୁଛି ଓ ମଝିରେ ମଝିରେ ଉଦାସ ହେଇ ବସିରହିବାକୁ ପସନ୍ଦ କରୁଛି ।

ନୀରବ, ନିଷ୍କ୍ରିୟ, ନୀରବ ଥିବା ବେଳେ ଥରେ ଗୋଟିଏ ଅଜବ କଥା ତା' ମୁଣ୍ଡରେ ପଶିଗଲା ଏବଂ ବୁଲି ବୁଲି ଯାହାକୁ ଦେଖିଲା ପଚାରିଲା: ପୃଥିବୀର ସବୁ 'ସାଧୁ' ଯଦି 'ଠକ' ହେଇଯାଆନ୍ତେ, ସମାଜ କେମିତି ହୁଅନ୍ତା ! ! !

*ଏଲ.ପି-୮୬, ଲକ୍ଷ୍ମୀସାଗର କଲୋନୀ, ଭୁବନେଶ୍ୱର*
*ଦୂରଭାଷ: ୯୮୬୧୦୬୦୮୦୩*

ପଢ଼ନ୍ତୁ ! ପ୍ରକାଶ ପାଇଛି !

ପ୍ରଫେସର ଉପେନ୍ଦ୍ର ନାୟକ ଙ୍କର
ଏକ ଅନ୍ୟବଦ୍ୟ ଆଲୋଚନା ଗ୍ରନ୍ଥ

**ପ୍ରବନ୍ଧ ଲହରୀ**

ପ୍ରକାଶକ - ଓଡ଼ିଶା ବୁକ୍ ଷ୍ଟୋର, କଟକ
ମୂଲ୍ୟ - ୪୦୦/- ମାତ୍ର

# ନିଜ ପାଇଁ ନିଜେ

ସୁଜାତା ମହାପାତ୍ର

ସୁମି ଯେ ଅଚାନକ ଏମିତି ରାଗିଯାଇପାରେ ସେକଥାର ଧାରଣା ଜମା ନଥିଲା ସୁବ୍ରତର। ସବୁବେଳେ ନିରିହ ହସ ହସ ଶାନ୍ତ ଚେହେରାର ସୁମି। ତା ଛାତି ଭିତରେ ଯେ ଏମିତି ଏକ ଭୟାନକ ସୁପ୍ତ ଆଗ୍ନେୟଗିରି ରହିଛି ସେକଥାର କଳ୍ପନା ମଧ୍ୟ କରିନଥିଲେ ସୁବ୍ରତ। ନିଜକୁ ବହୁତ ଡିସିପ୍ଲିନ୍ ମାର୍ଜିତ ତଥା ସୁପୁରୁଷ ଭାବରେ ତାଙ୍କର ଯୋଉ ଇମେଜ୍‌ଟା ଥିଲା ଆଜି ସେଇଟା ଯେମିତି ଖଣ୍ଡଖଣ୍ଡ ହୋଇ ଭାଙ୍ଗି ପଡ଼ିଲା ତାଙ୍କ ନିଜ ଆଖି ସାମ୍ନାରେ। ଘରକୁ ଫେରି ଗାଡ଼ିରୁ ଓହ୍ଲଉ ଓହ୍ଲଉ ବନ୍ଦକରିବା ଆଳରେ କାର୍‌ର ଦରଜାଟାକୁ ଏତେ ଜୋର୍‌ରେ ସୁମି ପିଟିଦେଲାଯେ ସୁବ୍ରତକୁ ଲାଗିଲା ଯେମିତି ତାଙ୍କ ଗାଲରେ କିଏ ଶକ୍ତ ଚାପୁଡ଼ାଟାଏ ଲଗାଇଦେଲା। ଗାଡ଼ିରୁ ଓହ୍ଲାଇ ଟିକିଏ ବି ଅପେକ୍ଷା ନକରି ସୁମି ତଳୁ କୋଡ଼ିଏଟା ପାହାଚ ଚଢ଼ି ଫାଷ୍ଟଫ୍ଲୋର୍‌ରେ ଥିବା ତାଙ୍କ ଘରର ଡ୍ରଇଂରୁମ୍‌ରେ ଯାଇ ବସିପଡ଼ିଲା। ରାଗରେ ଆକ୍ରୋଶରେ ଫାଟି ପଡୁଥିଲା ସିଏ ଯେମିତି। ଗ୍ୟାରେଜ୍‌ରେ ଗାଡ଼ି ପୂରେଇ ସୁବ୍ରତ ଘର ଭିତରେ ପଶିଲା ବେଳକୁ ସୁମି ସେମିତି ସୋଫା ଉପରେ ଗୁମ୍‌ସୁମ୍ ହୋଇ ବସିଥିବାର ଦେଖି ସୁବ୍ରତ ସତରେ ମନେମନେ ଡରିଗଲେ। ଆସୁଥିବା ଝଡ଼ର ପୂର୍ବାନୁମାନ କରିପାରୁଥିଲେ ସିଏ। ଆଉ ହୁଁ କି ଚୁଁ କିଛି ନକହି ବେଡ୍‌ରୁମ୍‌ରେ ଯାଇ ଡ୍ରେସ୍ ବଦଳାଇଲେ। ଆଉ ବାଥରୁମ୍‌ରେ ଯାଇ ଧୁଆଧୋଇ ହୋଇ ଆସି ଦେଖିଲେ, ସେମିତି ସେଇ ସୋଫାଟା ଉପରେ ବସିଛି ସୁମି। ଡ୍ରଇଂରୁମ୍‌ର ଏସି ଚାଲିଥିଲେ ବି ମୁଣ୍ଡରୁ ତାର ଥପ୍ ଥପ୍ ହୋଇ ଝାଳ ନିଗିଡ଼ି ପଡୁଛି। ଡରିଗଲେ ସୁବ୍ରତ ସହଜେ ତ ତାର ହାଇ ବ୍ଲଡ୍‌ପ୍ରେସର ଆଉ ଡାଇବେଟିସ୍ ସେଥିପାଇଁ ଗୁଡ଼ାଏ ଔଷଧ ଖାଏ ସିଏ। ଡାଇବେଟିସ୍ ପାଇଁ ଇନ୍‌ସୁଲିନ୍ ବି ନିଏ ତାର ସ୍ୱାସ୍ଥ୍ୟପାଇଁ ସୁବ୍ରତଙ୍କର ସବୁବେଳେ ଚିନ୍ତା। ମାତ୍ର କାହିଁକି ହଠାତ୍ ଏମିତି ସୁମି ରାଗିଗଲା ସେକଥାକୁ ଠିକ୍ ଭାବରେ ଠଉରେଇ ପାରୁନଥିଲେ ସୁବ୍ରତ। ଅନ୍ଧାରରେ ବାଡ଼ି ବୁଲାଇଲା ପରି ଗୋଟେ ଗୋଟେ ଘଟଣା ସହିତ ସୁମିର ରାଗକୁ ଯୋଡ଼ି ଦେଖିବାକୁ ଚେଷ୍ଟା କରୁଥିଲେ ସିଏ। ଆଜି ଦିନସାରା ଘଟିଥିବା ସବୁ ଘଟଣା ଗୁଡ଼ାକୁ ସିଏ ତର୍ଜମା କରିବାରେ ଲାଗିଗଲା। ହେଲେ କିଛି କୂଳକିନାରା ପାଉନଥିଲେ ସିଏ। ସୁମି ଯେ ନିଜପାଇଁ କିଛି ଚାହେଁନାହିଁ, ଏମିତି ଏକ ଧାରଣା ତାଙ୍କ ମନରେ ମୂଳରୁ ରହି ଆସିଥିଲା। ମାତ୍ର ସୁମିକୁ ଦେଖି ଆଜି ଲାଗୁଥିଲା, ସୁମି ଅନେକ କିଛି ଚାହେଁ ମାତ୍ର ସିଏ ତାକୁ ସେଥିରୁ ବଞ୍ଚିତ କରିଛନ୍ତି।

ଚାଳିଶବର୍ଷର ସଫଳ ବୈବାହିକ ଜୀବନ ଭିତରକୁ ଯେମିତି ଗୋଟାଏ ଝଡ଼ ଆସି ଧ୍ୱସ୍ତବିଧ୍ୱସ୍ତ କରିଦେବ ସେମିତି ଲାଗୁଥିଲା ତାକୁ। ଡରିଡରି ସୁବ୍ରତ କହିଲେ ଯାଉନ ଲୁଗାପଟା ବଦଳିବ, ଏଇଠି ଏମିତି କାହିଁକି ବସିଛ ? ସତେ ଯେମିତି ତାର ଏ କଥାକୁ ସୁମି ଅପେକ୍ଷା କରି ରହିଥିଲା ସେମିତି ଚହିଙ୍କି ଉଠିଲା ସିଏ ଆଉ କହିଲା ଆଜି ଏ ଘଟଣାର ମୀମାଂସା ହେବ ନହେଲେ ଘରୁ ସିଏ କୁଆଡ଼େ ନାହିଁ କୁଆଡ଼େ ଚାଲିଯିବ। ମନେ ମନେ ଆତଙ୍କିତ ହୋଇଗଲେ ସୁବ୍ରତ। ଦୀର୍ଘ ଚାଳିଶବର୍ଷ ଧରି ଯୋଉ ସୁମିକୁ ସିଏ ଦେଖିଥିଲେ ଆଜି ସୁମିର ଚେହେରା ତାଠାରୁ ଥିଲା ଭିନ୍ନ। ସାରା ଘରକୁ ସମ୍ଭାଳୁଥିବା ସମସ୍ତଙ୍କ ସହିତ ସହଯୋଗରେ ଚଳୁଥିବା ଶାଶୁ ଶଶୁର ଦିଅର ନଣନ୍ଦଙ୍କ ସହିତ ନିଜ ପିଲାମାନଙ୍କର ସବୁ ଦାୟିତ୍ୱକୁ ସୁଚାରୁରୂପେ ବହନ କରି ଆସୁଥିବା ସୁମି ଜୀବନରେ କେବେ ପ୍ରତିବାଦ କରିବା ଶିଖି ନଥିଲା। ମାତ୍ର ଆଜି ସୁମି ସାମାନ୍ୟ କଥାରେ ଏତେ ପ୍ରତିକ୍ରିୟାଶୀଳ ହୋଇଯିବା କଥାକୁ ସୁବ୍ରତ ସହଜରେ ଗ୍ରହଣ କରିପାରୁନଥିଲେ। ଏସବୁ ସତ୍ତ୍ୱେ ସୁବ୍ରତ କେବେ ସୁମିକୁ ପ୍ରଶଂସାର କଥା ପଦିଏ ମଧ୍ୟ ନକହିବା, ଜୀବନଯାକ ଯେ ସୁମିପାଇଁ ଏକ ବ୍ୟଥା ଥିଲା ସେକଥା ସୁବ୍ରତ କେବେ ଭାବି ପାରିନଥିଲେ। ସୁବ୍ରତ ଭାବୁଥିଲେ ଏସବୁ ସୁମିର କର୍ତ୍ତବ୍ୟ। ତାର କର୍ତ୍ତବ୍ୟ ସିଏ ସୁଚାରୁରୂପେ କରିପାରୁଛି ତା ପାଇଁ ପୁଣି ପ୍ରଶଂସା କଣ। ସ୍ୱାମୀ ସ୍ତ୍ରୀ ହୋଇ ସେମାନେ କେବେହେଲେ ଦିନେ ପାଖାପାଖି ବସି ଖୁସିଗପ କରୁନଥିଲେ, କି ବୟସ ଥିଲାବେଳେ ମଧ୍ୟ କେବେ ଦୁହେଁ ଦୁହିଁଙ୍କ ପାଇଁ କିଛି ଆବେଗିକ ମୁହୂର୍ତ୍ତ ମଧ୍ୟ ବାଣ୍ଟୁନଥିଲେ। ସୁବ୍ରତ ଭାବୁଥିଲେ ମୁଁ ଅଫିସ୍ ଯାଇ ପଇସା ରୋଜଗାର କରୁଛି, ମୋ ପଇସାରେ ସମସ୍ତେ ଚଳୁଛନ୍ତି ସିଏ ନିଜ ବାପା, ମା ହୁଅନ୍ତୁ କି ସ୍ତ୍ରୀ ପିଲା ହୁଅନ୍ତୁ ସେତିକିରେ ମୋର ଦାୟିତ୍ୱ ଶେଷ। ମାତ୍ର ତାଙ୍କ ଘରର ଦାୟିତ୍ୱକୁ ଯେ ଅନ୍ୟଜଣେ କାର୍ଯ୍ୟରେ କରି ଦେଖାଉଛି ସେକଥା ସିଏ ଭୁଲି ଯାଇଥିଲେ। ଯେମିତି, ସୁମିପାଇଁ ମନରେ ଗ୍ଲାନିବୋଧ ହେଉଥିଲା।

ଘରେ ସୁମି ଯେ କେତେପ୍ରକାର କାମ କରେ ତାକୁ କେମିତି ଏତେ ସହଜ ଭାବରେ ତୁଲାଏ ଖାଲି ପିଲା, ପରିବାର କାହିଁକି ବନ୍ଧୁ ବାନ୍ଧବ ସାହିପଡ଼ିଶା ସମସ୍ତଙ୍କୁ ସାଙ୍ଗରେ ନେଇ ଚଳେ ଆଉ କେମିତି ଚଳେ, ସେକଥାର ପର୍ଯ୍ୟାଲୋଚନା ଦିନେହେଲେ ସୁବ୍ରତ କରିନାହାଁନ୍ତି ତାଙ୍କ ନିଜର ସବୁ ସୁବିଧା ହାସଲ ହୋଇସାରିଲା ପରେ, ଏଇ ଯେମିତି ସକାଳୁ ବେଡ୍ ଟି ପାଖରୁ ରାତି ଶୋଇବା ବେଳେ ଉଷୁମ କ୍ଷୀର ଗ୍ଲାସଟିଏ ପର୍ଯ୍ୟନ୍ତ। ଅଫିସ୍

ବାହାରିଲା ବେଳକୁ ଡାଇନିଂ ଟେବୁଲ୍‌ରେ ନତୁଣ ଛଭଜା ସହିତ ଟିଫିନ୍ ରେଡି, ପ୍ୟାଣ୍ଟସାର୍ଟ ଆଇରନ୍ ପାଖରୁ ନିଜର ଯୋତା ପଲିସ୍ ହୋଇ ରହିବା ପର୍ଯ୍ୟନ୍ତ, ସବୁ କେମିତି ଏତେ ବ୍ୟବସ୍ଥିତ ଢଙ୍ଗରେ ହୁଏ ସେକଥା ଆଜି ପର୍ଯ୍ୟନ୍ତ ସୁବ୍ରତ କେବେ ଭାବିନାହାଁନ୍ତି। ତାଙ୍କର ଦୁଇପିଲା ସ୍କୁଲ ସ୍ତରରୁ କଲେଜ ପର୍ଯ୍ୟନ୍ତ କଣ ପଢ଼ନ୍ତି କଣ ନାହିଁ ସେସବୁ ମଧ୍ୟ ସୁବ୍ରତ ଦିନେ ହେଲେ ଦେଖିନାହାଁନ୍ତି। ଆଜି ତାଙ୍କର ବଡ଼ ପୁଅ ଡାକ୍ତର ତ ସାନପୁଅ ଇଂଜିନିୟର। ଦୁଇଜଣଙ୍କର ପାଠପଢ଼ା, ଚାକିରୀ ବିବାହ, ଏ ବିଷୟରେ ଦିନେ ହେଲେ ଭାବି ନାହାଁନ୍ତି ସୁବ୍ରତ। ସବୁ କେମିତି ଆପେ ଆପେ ସିଏ ଚାହିଁବା ମୁତାବକ ହୋଇଯାଇଛି। ସେକଥା ମଧ୍ୟ ସିଏ ଦିନେହେଲେ ଭାବିନାହାଁନ୍ତି। ପ୍ରକୃତରେ ଦୀର୍ଘ ଚାଳିଶ ବର୍ଷର ଯାତ୍ରା କେମିତି ଏତେ ସୁଗମ ହୋଇପାରିଛି ସେକଥାକୁ ଦିନେହେଲେ ସିଏ ତର୍ଜମା କରିନାହାଁନ୍ତି, ସବୁର ପଛରେ ତ ସୁମି। ସତରେ କାହିଁ କେବେହେଲେ ଦିନେ ସୁମିକୁ ଏସବୁ କଥା ପାଇଁ ସିଏ ସାମାନ୍ୟ ଧନ୍ୟବାଦଟିଏ ମଧ୍ୟ ଜଣାଇନାହାଁନ୍ତି, କେବେ ଦିନେ ତାକୁ ପଚାରିନାହାଁନ୍ତି କୁହତ ! ତୁମର କଣ ଦରକାର, ଟିକିଏ ବିଶ୍ରାମ ନିଅ। ନହେଲେ ଚାଲ ତ କୁଆଡ଼େ ଟିକେ ବାହାରକୁ ଯାଇ ବୁଲିଆସିବା ? ନା ! ଏମିତି ଥରେ ହେଲେ ସୁବ୍ରତ ସୁମିକୁ କହିନାହାଁନ୍ତି ଖାଲି ତାଙ୍କ ଠାରୁ ନେଇଚାଲିଛନ୍ତି ନେଇଚାଲିଛନ୍ତି ଖୁବ୍ ସ୍ୱାର୍ଥପର ଭାବରେ ସିଏ।

ଏବେ ପିଲାମାନେ ସବୁ ନିଜ ନିଜ କର୍ମସ୍ଥାନରେ। କିଏ ବର୍ଷକୁ ଚାରିଥର ଆସେ ତ କିଏ ବର୍ଷକୁ ଦୁଇଥର। ପିଲାମାନେ ଆସିଲେ ଆଜିବି ସୁମିର ଆଉ ଦେଖା ମିଳେନା। କୋଉ ପୁଅ କ'ଣ ଭଲପାଏ ଖାଇବାକୁ, କୋଉ ବୋହୂ କଣ ଖାଏ କୋଉ ନାତି ନାତୁଣୀଙ୍କର ପସନ୍ଦ କଣ ସେସବୁ ରନ୍ଧାବଢ଼ା କରି ସେମାନଙ୍କୁ ଖୁଆଉ ଖୁଆଉ ନିଜର ଖାଇବା କଥା ମଧ୍ୟ ଭୁଲିଯାଏ ସୁମି। କେତେଥର ସୁବ୍ରତ କହିଲେଣି ରୋଷେଇ କରିବା ପାଇଁ ଲୋକଟିଏ ରଖିଦିଅ, କେତେଦିନ ଆଉ ରୋଷେଇଘରେ ଧନ୍ଦି ହେଉଥିବ। ମାତ୍ର ନା ! ତାଙ୍କର ସେଇ ଏକାଜିଦ୍ ବାହାର ଲୋକ ଆସି ରୋଷେଇ କରିବ ପୁଣି ତାଙ୍କ ହାଣ୍ଡିଶାଳରେ। ରୋଷେଇ ଘର, ମା ଲକ୍ଷ୍ମୀଙ୍କ ବାସସ୍ଥାନ। ସେଠାରେ ପବିତ୍ରତା ନରହିଲେ ଘରେ ଲକ୍ଷ୍ମୀ ରହିବେଟି ତେଣୁ ଯେତେଦିନ ପର୍ଯ୍ୟନ୍ତ ଅତି ଅସୁବିଧା ନହୋଇଛି ସେତେଦିନ ପର୍ଯ୍ୟନ୍ତ ରୋଷେଇଘରେ କେବଳ ମୋର ହିଁ ରାଜୁତି। ସୁମି କଥା ଶୁଣିଲେ ସୁବ୍ରତ ଆଉ କିଛି କହିପାରନ୍ତି ନାହିଁ। ସୁମିର ପ୍ରଶ୍ନ ପାଖରେ ଉତ୍ତର ଖୋଜି ପାଇବା ତାଙ୍କ ପକ୍ଷେ ଅସମ୍ଭବ। ସୁବ୍ରତ ଜାଣନ୍ତି ତାଙ୍କ ବାପା ମା'ଙ୍କର ଏକାନ୍ତ ଇଚ୍ଛାଥିଲା ରୋଷେଇ ଘରେ ବାହାର ଲୋକ ନପଶନ୍ତୁ, ରୋଷେଇ ଘରର ପବିତ୍ରତା ନଷ୍ଟ ନହେ। ଯାହାକୁ ଆଜି ପର୍ଯ୍ୟନ୍ତ ସୁମି ପାଳି ଆସିଛନ୍ତି, ତାଙ୍କୁ ଯେତେ କଷ୍ଟ ହେଉ ପଛକେ।

ବାପା ତାଙ୍କର କରିଥିବା ଷାଠିଏ ବର୍ଷ ତଳର ଏ ଘରକୁ ଆଜିବି ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୁଅନ୍ତି ଘର ସାମ୍ନା ଲନ୍ ପାଖରୁ ଘରର ପଛପଟ ବଗିଚା ପର୍ଯ୍ୟନ୍ତ ପୁରା ଚାରିପାଖ ଘରଟାର ସୌନ୍ଦର୍ଯ୍ୟ ଦେଖି ଯେ କେହି ଆଚମ୍ବିତ ହୁଅନ୍ତି। ଏତେ ପୁରୁଣା ଘରଟିକୁ ଏତେ ମେଣ୍ଟେନ୍ କରି ରଖିଯାଇପାରେ ସେକଥା ସମସ୍ତଙ୍କ ସାଧର ବାହାରେ ବୋଲି ଅନେକ ମତ ଦିଅନ୍ତି। ମାତ୍ର ସୁମି ଏକଥାକୁ ପ୍ରତ୍ୟକ୍ଷରେ ସମସ୍ତଙ୍କୁ ଦେଖାଇ ଦେଇଛି ଯେ ଡଂକ୍ଷୟ ସମ୍ବ ଏକ୍ସକ୍ଷୟ। ତାଙ୍କର ସେ ପୁରୁଣାଘର ଖଣ୍ଡକ ଆଜି ଇଭସସମ ଚବକ୍ଷବମର ହୋଇଛି ସହରର ଯେତେ ଆଧୁନିକ ଘର ସାମ୍ନାରେ ମଧ୍ୟ ନିଜର ସୌନ୍ଦର୍ଯ୍ୟ ଗାରିମା ବଜାୟ ରଖିଛି। ଖୁବ୍ ସନ୍ତୋଷଜନକ ସେମାନଙ୍କର ପାରିବାରିକ ତଥା ସାମାଜିକ ଜୀବନ। ତଥାପି କୋଉଠି ଟିକେ କିନ୍ତୁ ରହିଗଲା ପରି ସୁବ୍ରତଙ୍କୁ ବେଳେବେଳେ ଲାଗେ। ସୁମି ତା କାର୍ଯ୍ୟରେ ଏତେ ବ୍ୟସ୍ତ ଯେ ତାକୁ ଏସବୁ ଭାବିବା ପାଇଁ ମଧ୍ୟ ସମୟ ମିଳେନି ବୋଲି ସୁବ୍ରତ ଭାବନ୍ତି। ମାତ୍ର ନା ସିଏ ଯାହା ଭାବନ୍ତି ଠିକ୍ ତାର ବିପରୀତ ତାଙ୍କ ଜୀବନରେ ଘଟି ଚାଲିଥାଏ। ସୁମି ଭାବେ ଜୀବନରେ ଏତେ ତ୍ୟାଗ କରିବା ପରେ ମଧ୍ୟ ଏ ଲୋକଟି ନା ଟିକେ ଭଲରେ ପଦେ କଥା କୁହେ ନା ତା ତ୍ୟାଗର ମୂଲ୍ୟ ବୁଝେ। ବେଳେ ବେଳେ ପ୍ରଶଂସା ନିରସ ଜୀବନରେ ମଧ୍ୟ ଔଷଧ ସଦୃଶ କାମ କରେ। ସେ କଥା ଆଉ କଣ ଏ ବୟସରେ ବୁଝେଇବାକୁ ପଡ଼ିବ। ତେଣୁ ନିଜେ ଧୁନ୍‌ରେ ନିଜେ ମଜ୍ଜିକରେ ଥାଏ ସୁମି। ସବୁକଥାକୁ ସିଏ ନିଜ କର୍ତ୍ତବ୍ୟ ବୋଲି ଭାବିଦେଲା ପରେ ଆଉ ମନରେ ଅନୁଶୋଚନା ହୁଏ ନାହିଁ। ତା ନିଜ ଜୀବନକୁ ନେଇ ସନ୍ତୁଷ୍ଟ ହେବାକୁ ଚେଷ୍ଟାକରେ ସିଏ ସବୁବେଳେ। ତଥାପି ବେଳେବେଳେ ଧୈର୍ଯ୍ୟଚ୍ୟୁତି ଘଟେ ତାର। ଯେଉଁ ଲୋକଟି ପାଖରୁ ସିଏ ଜଣେ ପରମ ବନ୍ଧୁପରି ସାହଚର୍ଯ୍ୟ ଲୋଡ଼େ ସିଏ ସେତେ ଦୂରେଇ ଦୂରେଇ ଯାଆନ୍ତି ତା ପାଖରୁ। ଘରଟା ଭିତରେ ସବୁବେଳେ ଗୋଟେ ଗୁମ୍‌ସୁମ୍ ବାତାବରଣ। ଯେମିତି କେହି କାହାକୁ ଚିହ୍ନିନାହାନ୍ତି। ଦୁହେଁ ଦୁହିଁଙ୍କ ଅପରିଚିତ ପରି ଘରେ କାରବାର ହୁଅନ୍ତି। ବେଳେବେଳେ ନିଶ୍ୱାସ ବନ୍ଦ ହୋଇଗଲା ପରି ଲାଗେ ତାକୁ। କେତେ ନିଜଆଡୁ ଉପରେ ପଡ଼ି ସବୁକଥା କହିହେବ ସିଏ। ଏବେ ତ ଆଉ ଘରେ କେହି ବୋଲି କେହି ନାହାନ୍ତି ତାଙ୍କ ଦୁଇଜଣଙ୍କ ଛଡ଼ା। ଶାଶୁ ଶ୍ୱଶୁର ପିଲାମାନେ ସମସ୍ତେ ଘରଛାଡ଼ି ଗଲେଣି। ପିଲାମାନେ ଯାହା ମଝିରେ ମଝିରେ ଆସନ୍ତି ସେତିକି।

ଅବଶ୍ୟ ସୁବ୍ରତଙ୍କ ଚରିତ୍ର ସେହଭଳି। ମୂଳରୁ ସିଏ ଟିକେ ଅନ୍ତର୍ମୁଖୀ ଖୋଲାମେଲା ସ୍ୱଭାବର ନୁହଁନ୍ତି। ମାପି ଚୁପି କଥା କହିବା ବ୍ୟବହାର କରିବା ତାଙ୍କର ରକ୍ତଗତ। ଅବଶ୍ୟ ସେଥିପାଇଁ ଦାୟୀ ତାଙ୍କର ପାଳନପୋଷଣ, ପିତାମାତା, ଭାଇ ଭଉଣୀ ପରିବାର ସମସ୍ତେ, ସେ ସବୁ କଥା ଲେଖି ବସିଲେ ଏଠି ପୋଥିଟାଏ ହେବ। ସୁମିର ବାପାଘର ପରିବାର ଆଉ ତା ଶାଶୁଘରର ପରିବାର ଭିତରେ କେମିତି ଏକ ଆଖିଦୃଶିଆ ତାରତମ୍ୟ। ସୁମିର ଛଅ ଭାଇଭଉଣୀ ବାପା ମା। ମାତ୍ର ଆଜି ଚାଳିଶ ବର୍ଷ ପରେ ସେମାନଙ୍କ ଭିତରେ ଏକ ଅତୁଟ ବନ୍ଧନ ରହିଛି। ଯିଏ ଯେଉଁଠି ଯେତେଦୂରରେ ଥାଆନ୍ତୁ ନା କାହିଁକି। ଆଜିକାଲି ଫୋନ୍ ଇଣ୍ଟରନେଟ୍ ଯୁଗରେ ସମସ୍ତେ ଯେମିତି ଗୋଟିଏ ସୂତାରେ ବାନ୍ଧିହୋଇ ରହିଛନ୍ତି ଆଜି ପର୍ଯ୍ୟନ୍ତ। ମାତ୍ର ତା ନଣନ୍ଦ ଦିଅର ଦେଢ଼ଶୁର ଏମାନେ ସବୁ ମିଶିକରି ଛଅ ଭାଇଭଉଣୀ। ଏଇ ଗୋଟିଏ ସହରରେ ରହି ମଧ୍ୟ କାହାର କାହା ସହିତ ସମ୍ପର୍କ ନାହିଁ। ଭଲ ମନ୍ଦରେ ମଧ୍ୟ କେହି କାହା ଘରକୁ ଆସନ୍ତି ନାହିଁ ଫୋନ୍ ତ ଦୂରର କଥା। ସୁମି କିନ୍ତୁ ନିଜ ଆଡୁ ସମସ୍ତଙ୍କ ସହ ସମ୍ପର୍କରେ ଥାଏ ମାତ୍ର ଏକପାଖିଆ ସମ୍ପର୍କର ବା ଭବିଷ୍ୟତ କ'ଣ ? ଏଇ ଯେଉଁ ତାରତମ୍ୟ ସେଥିରୁ ସୁବ୍ରତ ବା ବାଦ୍‌ଯିବେ କିପରି ? ତେଣୁ ସୁମି ମନେ ମନେ କ୍ଷମା କରିଦିଏ ତାଙ୍କୁ। ସଂକୋଚ ବଶତଃ କିଛି ଖୋଲି କହି ନପାରି ମନ ଭିତରେ ଖାଲି ସବୁକଥାକୁ ପୂରେଇଥାଏ ସିଏ। ଛାତିର ଓଜନ ଯେତେବେଳେ ବୁକେଇପଡ଼େ ସେତେବେଳେ ଏମିତି ବିସ୍ଫୋରଣ ହୁଏ। ଯାହା ଆଜି କିଛି ସମୟ ପୂର୍ବରୁ ତା ସହିତ ହେଲା। ଆଉ ଯେଉଁ ଦୃଶ୍ୟକୁ ସେ କେବେ ପରିକଳ୍ପନା କରିନଥିଲା ଆଜି ସେସବୁ ଘଟିଗଲା ତାରି ଆଖି ସାମ୍ନାରେ। ବ୍ୟବସାୟରେ ଅତ୍ୟନ୍ତ ସଫଳ ଉଦ୍ୟୋଗୀ ସୁବ୍ରତ ରାୟ ଏବେ ସହରର ଜଣେ ଆଗଧାଡ଼ିର ସମାଜସେବୀ। ଅନେକ ଅନୁଷ୍ଠାନ ସହିତ ସେ ଜଡ଼ିତ। ବିଭିନ୍ନ ଅନୁଷ୍ଠାନକୁ ପୃଷ୍ଠପୋଷକ କରିବା ସହିତ ସେମାନଙ୍କୁ ଆର୍ଥିକ ସାହାଯ୍ୟ

ସହଯୋଗ ମଧ୍ୟ କରନ୍ତି । ତାଙ୍କ କାମ ପଛରେ ଆନ୍ତରିକ ଭାବରେ ସୁମିର ପ୍ରଚ୍ଛନ୍ନ ହାତ ରହିଥାଏ । ସୁବ୍ରତଙ୍କ ସବୁ ଭଲ କାମକୁ ପଛରୁ ସହଯୋଗ କରନ୍ତି ସୁମିତ୍ରା । ଦୁଇଜଣଙ୍କର ଏତେବର୍ଷର ସାଧନାର ଫଳ ସ୍ୱରୂପ ଆଜି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅଫିସ୍ ତରଫରୁ ସୁବ୍ରତ ଆଉ ସୁମିତ୍ରାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ଏକ ବିରାଟ ସଭାର ଆୟୋଜନ କରାଯାଇଥିଲା । ଶହଶହ ଅନୁଷ୍ଠାନ ଓ ସେମାନଙ୍କର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନାର ପର୍ବ ସରିଲାପରେ ଏବେ ସମ୍ବର୍ଦ୍ଧନାର ଉତ୍ତର ଦେବାର ପାଳି । ସୁବ୍ରତ ସମ୍ବର୍ଦ୍ଧନାର ଉତ୍ତରରେ ନିଜର କୃତଜ୍ଞତା ଜ୍ଞାପନ କରିଲାବେଳେ ସୁମିର ନା ଥରେହେଲେ ଉଚ୍ଚାରଣ ନକରିବା ତାଙ୍କୁ ଖୁବ୍ ଦୁଃଖ ଦେଇଥିଲା । ପ୍ରଚ୍ଛଦପଟ୍ଟରେ ସବୁବେଳେ ରହି ପ୍ରେରଣା ଯୋଗାଉଥିବା ସ୍ତ୍ରୀଟିକୁ କେତେ ସହଜରେ ସେ ଆଡ଼େଇଦେଇ ଚାଲିଗଲେ ସେକଥା ଭାବି ସୁମିତ୍ରା ବିସ୍ମିତ ହେଉଥିଲା । ଆଉ ଯେତେବେଳେ ସାମ୍ବାଦିକମାନେ ପ୍ରଶ୍ନ କଲେ ଆପଣଙ୍କର ଏତେବଡ଼ ସଫଳତା ପଛରେ କାହାର ପ୍ରେରଣା ରହିଛି ? ସେ ପ୍ରଶ୍ନର ଉତ୍ତରରେ ସୁବ୍ରତ ପୁରାପୁରି ଚୁପ୍ ରହିଲେ । ଆଉ ଯେତେବେଳେ ଅନ୍ୟଜଣେ ସାମ୍ବାଦିକ ପ୍ରଶ୍ନକଲେ ଯେ ମାଡାମ୍ କ'ଣ କରନ୍ତି ? ସାଙ୍ଗେ ସାଙ୍ଗେ ସୁବ୍ରତ ଉତ୍ତର ଦେଲେ ସେ ସେମିତି କିଛି କରନ୍ତି ନାହିଁ ସେ ଜଣେ ସାଧାରଣ ଗୃହିଣୀ । ଏ ସାଧାରଣ ଗୃହିଣୀର ଅବଦାନ ଯେ ତୁମ ଜୀବନରେ କ'ଣ ପ୍ରୟୋଜନ ରଖେ ? ସେ କଥାର ଉତ୍ତରକୁ ଅପେକ୍ଷା ନକରି ସୁମି ବାହାରି ଆସିଥିଲେ ସେ ସମ୍ବର୍ଦ୍ଧନା ସମାରୋହରୁ । ଆସି ଗାଡ଼ିରେ ଚୁପ୍‌ଚାପ୍ ବସିଥିଲା । ପ୍ରାୟ ଏକଘଣ୍ଟା ବିତି ଯାଇଥିଲା ଇତି ମଧ୍ୟରେ । ସୁବ୍ରତ କୁଆଡ଼େଗଲେ ବୋଲି ସେ ଯେତେବେଳେ ପୁନର୍ବାର ସଭାସ୍ଥଳକୁ ଫେରିଲେ ଦେଖିଲେ ସୁବ୍ରତଙ୍କ ଚାରିପାଖେ ବେଶ୍ କିଛି ଭିଡ଼ । ସେ ଭିଡ଼ ଭିତରୁ ଜଣେ କେହି ପୁରୁଷ ଦିଶୁନଥିଲେ । ସମସ୍ତେ ଥିଲେ ନାରୀ । ସୁବ୍ରତ ମଝିରେ ଠିଆହୋଇ ହସଖୁସିରେ ଫାଟି ପଡୁଥିଲେ ଯେମିତି । ଘରେ ସବୁବେଳେ ଚୁପ୍‌ଚାପ୍ ରହୁଥିବା ସୁବ୍ରତଙ୍କର ଏ ପ୍ରଗଲ୍ଭତା ଦେଖି ସୁମିଙ୍କର ଆଶ୍ଚର୍ଯ୍ୟର ସୀମା ନଥିଲା । ସୁମିଙ୍କ ଉପରେ ଆଖି ପଡ଼ିଯିବା ପରେ ସୁବ୍ରତ ଟିକେ ଇତସ୍ତତ ହୋଇଗଲେ ଯେମିତି । ସମସ୍ତଙ୍କ ଠାରୁ ବିଦାୟ ନେଇ ସିଧା ଗାଡ଼ିପାଖକୁ ଆସିବା ଭିତରେ ସୁମିତ୍ରା ଯାଇ ଗାଡ଼ି ଭିତରେ ବସି ସାରିଥିଲେ ।

ସୁବ୍ରତ ଗାଡ଼ି ଷ୍ଟାର୍ଟ କଲାମାତ୍ରେ ସୁମିତ୍ରା ଫାଟି ପଡ଼ିଲେ ଯେମିତି । ଯେଉଁଲୋକ ନିଜ ଘରଲୋକଙ୍କ ସହିତ ପଦେ କେବେ ଭଲରେ କଥା କହେନାହିଁ । ଅଥଚ ବାହାର ଲୋକଙ୍କ ଆଗରେ ଆଜି ତାଙ୍କର ଯୋଉ ଆଚରଣ ଯାକୁହିଁ ହିପୋକ୍ରାସି କୁହାଯାଏ । ସେକଥା କ'ଣ ତୁମକୁ ଜଣେଇବାକୁ ପଡ଼ିବ । ଏମିତି ହିପୋକ୍ରାଟ୍ ମାନଙ୍କୁ ମୁଁ ଘୃଣା କରେ । ଆଉ ଯେଉଁଠି ଥରେ ଘୃଣାର ଉଦ୍ଭବ ହୁଏ ସେଠାରେ ସହଭାଗିତା ବୋଧେ ଆଉ ସମ୍ଭବ ନୁହେଁ । ମନେ ମନେ ଦୃଢ଼ ହେଉଥିଲେ ସୁମିତ୍ରା । ଆଜି ସେ ବୁଝିଯାଇଥିଲେ ଯେ ଯିଏ ନିଜେ ନିଜକୁ ସମ୍ମାନ ଦିଏନାହିଁ ତାକୁ ମଧ୍ୟ କେହି ସମ୍ମାନ କରନ୍ତି ନାହିଁ । ଜୀବନର ଏ ଅପ୍ରିୟ ସତ୍ୟକୁ ବୁଝୁ ବୁଝୁ ଯେ ତାଙ୍କୁ ଚାଳିଶ ବର୍ଷ ଲାଗିଯିବ ସେକଥାର କଳ୍ପନା ମଧ୍ୟ ସିଏ କରିନଥିଲେ । ଯୁଗ ଯେ ଏତେ ବଦଳିଗଲାଣି ଆଉ ତା ଭିତରେ ସିଏ ଯାହା ବଦଳି ପାରିଲେନି ସେଇକଥାର ଗ୍ଲାନି ତାଙ୍କୁ ଜାବୁଡ଼ି ଧରିଥିଲା ଯେମିତି । ନିଜକୁ ସମୟ ଦେବା ସହିତ ନିଜକଥା ଚିନ୍ତା କରିବା, ନିଜ ରୁଚିକୁ ପ୍ରାଧାନ୍ୟ ଦେବା, ନିଜକୁ ମେଣ୍ଟେନ୍ କରିବା ଏସବୁ ଆଜିର ପ୍ରୟୋଜନ ହୋଇଗଲାଣି । ନିଜ ପରିବାର ବାହାରେ ଯେ ଅନ୍ୟ ଏକ ଦୁନିଆଟିଏ ରହିଛି ସେକଥାକୁ ଭୁଲି ଯାଇଥିଲେ ସୁମି । ନିଜ ସ୍ୱାମୀ, ନିଜ ପରିବାର ଭିତରେ ଏଇ ଚାଳିଶ ବର୍ଷ କାଳ ଘୂରି ଘୂରି ସତରେ ସିଏ ଯେମିତି ପେଣ୍ଡୁଟିଏ ପାଲଟି ଯାଇଛନ୍ତି । ଯିଏ ତାଙ୍କୁ ଗୋଡ଼ରେ ଯୁଆଡ଼େ ପେଲିଦେବ ସିଏ ସିଆଡ଼େ ଗଡ଼ିଯିବେ । ଏଭଳି ହୋଇଛି ତାଙ୍କର ଅବସ୍ଥା । ନାଁ ! ଏଥିରୁ ତାଙ୍କର ମୁକ୍ତି ଦରକାର....

ଆଜି ଖୁବ୍ ମନେପଡୁଥିଲା ତାଙ୍କ ସାନଭଉଣୀ ସଙ୍ଗୀତା କଥା । ଯିଏ ବମ୍ବେରେ ରହେ, ବ୍ୟାଙ୍କର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଭାବେ କାମ କରେ । ନିଜ ଭିତରେ ସିଏ ନିଜେ ଏତେ ମଗ୍ନ ଯେ ବିବାହ କରିବାକୁ ସିଏ ଏତେ ଗୁରୁତ୍ୱ ଦେଲାନି । ଝିଅଟିଏ ପାଇଁ ଯେ ବିବାହ ନିହାତି ଅପରିହାର୍ଯ୍ୟ ସେକଥାକୁ ସିଏ ମାନେନି । ଅବିବାହିତା ସଙ୍ଗୀତା ବମ୍ବେରେ ନିଜର ଘର କିଣିଛି, ଚାକିରି କରିଛି ନିଜେ ସ୍ୱାଧୀନ ଭାବରେ ବଞ୍ଚୁଛି । ତାଙ୍କଠାରୁ ବୟସରେ ସିଏ ଦୁଇବର୍ଷ ସାନ ହେଲେ ମଧ୍ୟ ସୁମିତ୍ରାଙ୍କର ଝିଅଭଳି ଦିଶେ ସିଏ । ବେଳେବେଳେ ଭୁବନେଶ୍ୱର ଆସିଲେ ସୁମିଙ୍କ ଉପରେ ଭୀଷଣ ବିରକ୍ତ ହୁଏ । ଆଉ କହେ -କ'ଣ ଅପା ଏଭଳି କାହିଁକି ଦିଶୁଛୁ ? ନିଜପାଇଁ ଟିକିଏ ବି ତୁ ସମୟ ଦେଉନୁ । ଖାଲି ଘର ଘର ପିଲାଛୁଆ ହୋଇ ହୋଇ ତୋର ଜୀବନ ଶେଷ ହୋଇଯିବ ପଛେ ତୁ ଏ ଘରଛାଡ଼ି ଦିନଟାଏ ମଧ୍ୟ କୁଆଡ଼େ ଯାଇପାରିବୁ ନାହିଁ । ଏଥର ମୁଁ ଆସିଛି ତ ! ଚାଲ୍ ମୋ ସହିତ ଯାଇ ବମ୍ବେରେ ପନ୍ଦରଦିନ ରହିକରି ଆସିବୁ ତତେ ଟିକେ ଭଲ ଲାଗିବ । କେମିତି ଏତେ ରୁଟିନ୍ ବନ୍ଧା ଜୀବନ ତୁ ବଞ୍ଚୁଛୁ କେଜାଣି ? ମାତ୍ର ତାର ପ୍ରସ୍ତାବକୁ ସୁମିତ୍ରା ଇଆଡୁ ସିଆଡୁ କଥାକହି ଟାଳି ଦିଅନ୍ତି ସିନା କେବେହେଲେ ଏ ଘରଛାଡ଼ି ଦିନଟିଏ ମଧ୍ୟ କୁଆଡ଼େ ବାହାରନ୍ତି ନାହିଁ । ମାତ୍ର ଆଜି ଆଉ ସେ କାହାକଥା ଭାବିବେ ନାହିଁ । ଏବେ ସେ ବଞ୍ଚିବେ ନିଜ ମନ ମୁତାବକ । ବହୁତ କିଛି କରି ସାରିଛନ୍ତି ଏ ଘର ପାଇଁ, ଏ ପରିବାର ପାଇଁ । ଏବେ ସେ ନିଜପାଇଁ କିଛି ସମୟ ବଞ୍ଚିବାର ପ୍ରୟାସ କରିବେ । ସଙ୍ଗୀତାକୁ ଫୋନ୍ ଲଗେଇଲେ ସୁମିତ୍ରା ଆଉ କହିଲେ କିଛିଦିନ ପାଇଁ ମୁଁ ତୋ ପାଖକୁ ଆସୁଛି ସଙ୍ଗୀତା ।

*ଅମୃତାୟନ, ମଧୁସୂଦନ ନଗର*
*ତୁଳସୀପୁର, କଟକ-୭୫୧୦୦୮*
*ଦୂରଭାଷ: ୯୯୩୭୯୯୩୯୯୭*

# ସଇତାନଙ୍କୁ ପଦେ

ବିଷ୍ଣୁ ଚରଣ ଚୌଧୁରୀ

ଛଟ୍‌କିନା ନିଦ ଭାଙ୍ଗିଗଲା ସୁରିଆ ମାଆର ବାଡ଼ି ଆମ୍ବଗଛରୁ ଭାସି ଆସୁଥିବା କୁମ୍ଭାଟୁଆର ହୁଳହୁଳି ଶବ୍ଦରେ। ରାତି ପାହି ସକାଳ ହେଲାଣି ଭାବି ବିଚଳିତ ହୋଇ ପଡ଼ିଥିଲା। ବଡ଼ିଭୋରରୁ ପୁଅକୁ ସହର ଯିବାକୁ ପଡ଼ିବ। ସକାଳ ଛଅଟାରେ ଫାଷ୍ଟ ବସ୍ ଧରିଲେ ତିନି ଘଣ୍ଟାର ବାଟ ରାଜଧାନୀକୁ। ସେଠାରୁ ପୁଣି କଲେଜ ଯିବ। ଖରାଦିନ ଛୁଟି ପରେ ଆଜି କଲେଜ ଖୋଲୁଛି। ଦଶଟାରେ କ୍ଲାସ ଅଛି ବୋଲି କହୁଥିଲା ସୁର। କଲେଜ ହଷ୍ଟେଲରେ ଘରୁ ନେଉଥିବା ଜିନିଷ ପତ୍ର ରଖି କ୍ଲାସକୁ ଯିବାକୁ ହେବ। ଠିକ୍ ସମୟରେ ପହଞ୍ଚି ନ ପାରିଲେ କ୍ଲାସ କରି ପାରିବନି। ଦିନକ ଆଗରୁ ଯାଇଥିଲେ ସବୁଆଡ଼କୁ ପାଇଥାନ୍ତା। ହେଲେ କେଜାଣି କାହିଁକି ବାପ, ପୁଅ ଦି'ଜଣ ଯାକ ଗୋଟିଏ ଦିନ ଆଗରୁ ଯାଇ ଲାଭ କ'ଣ ବୋଲି କହିଥିଲେ। ଟୋକାଟାର ତ ଆଦୌ ଇଚ୍ଛା ନୁହଁ ଘରୁ ଗୋଡ଼ କାଢ଼ି ବାହାରକୁ ଯିବା ପାଇଁ। ଯେବେବି ଛୁଟିରେ ଘରକୁ ଆସିଥାଏ ଛୁଟି ସରିଗଲେ ହଜିଯାଏ ମନରୁ ସରାଗ। ବାଧ ବାଧକତାରେ ଗୋଡ଼ କାଢ଼ି କଲେଜ ଯାଇଥାଏ ।

ସବୁଦିନ କାହିଁ କେତେ ରାତିରୁ ଉଠି ପଡ଼େ ହେଲେ ଆଜି ସଅଳ ଉଠିବ କ'ଣ ନିଆଁ ଲଗା ନିଦଟା ଭାଙ୍ଗିଲାନି ଏଯାଏଁ। ନିଜକୁ ସ୍ୱଗତୋକ୍ତି କରି ବିଛଣାରୁ ଉଠି ଠାକୁରଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ଘର କବାଟ ଖୋଲି ଅଗଣାକୁ ଆସିଲା ଚମ୍ପା। ଅଗଣାରେ ଠିଆ ହୋଇ ଚାହିଁଥିଲା ଆକଶକୁ। ଜହ୍ନଟା ଓହଳି ପଡିଥିଲା ଚାକୁଣ୍ଡା ଗଛ ଉପରେ। ବାଡି ସାରା ବିଛେଇ ହୋଇ ପଡ଼ିଥିଲା ଜହ୍ନ ଆଲୁଅ। ତାରା ଫୁଲରେ ସଜେଇ ହୋଇଥିଲା ସାରା ଆକାଶଟା। ହେଲେ ସବୁଦିନ ଭଳି ଗାଁ ସେ ମୁଣ୍ଡ ପୋଖରୀରେ ନିଜ ମୁହଁ ଦେଖିବାକୁ ନଥିଲା ପାହାନ୍ତି ତାରା ପୂରୁବ ଆକାଶରେ। ଜହ୍ନଆଲୁଅ ଫର୍ଚ୍ଚାର ବି ଭ୍ରମ ସୃଷ୍ଟି କରୁଥିବାରୁ କୁମ୍ଭାଟୁଆ ହୁଳହୁଳି ପକାଇ ପରମୁହୂର୍ତ୍ତରେ ନିଜ ଅଜ୍ଞତା ପାଇଁ ବୋଧହୁଏ ନିରବି ଯାଇଛି ଲାଜରେ। ଉଠିବାରେ ଉଛୁର ହୋଇନି ଭାବି ଅଶାନ୍ତ ମନଟା ଶାନ୍ତ ପଡ଼ି ଯାଇଥିଲା ଚମ୍ପାର।

ଦାଣ୍ଡ, ଦୁଆର ଏବଂ ଅଗଣାରେ ଗୋବର ପାଣି ପକାଇ,ଝାଡୁ ମାରିବା ଏବଂ ବାସନ କୁସନ ମାଜି ସାରିବା ପରେ ସୁରିଆ ଏବଂ ତା'ବାପାଙ୍କୁ ଡାକିଥିଲା ଚମ୍ପା। ବାପ, ପୁଅ ଅଳସ ଭାଙ୍ଗୁଥିଲେ ଉଠିବା ପାଇଁ। ଆଉ ଗୋଟିଏ ଦୁଇଟି ଡାକ ମାରି ବାକି ପଡ଼ିଥିବା ନିଜର କାମତକ ସାରିବାକୁ ଚାଲିଗଲା ଚମ୍ପା। ସଂଜବେଳେ ଭାଜିଥିବା ମୁଢ଼ି, ଚୁଡ଼ା ଏବଂ ଚିନି ଆଦିକୁ ପଲିଥିନ୍‌ରେ ଭର୍ତ୍ତି କରି ଯତ୍ନରେ ବାନ୍ଧି ଭରିଥିଲା ବ୍ୟାଗ୍‌ରେ। ପୁଅ ପିନ୍ଧି ଯିବା ପାଇଁ ପ୍ୟାଣ୍ଟ, ସାର୍ଟ ଛାଡ଼ି ଅନ୍ୟ ଲୁଗାପଟା, ଗାଈଘିଅ ଏବଂବାଡ଼ି ପିଜୁଳିରୁ କିଛି ପୁଡ଼ିଆ କରି ଭର୍ତ୍ତି କରିଥିଲା ଅନ୍ୟ ଏକ ବ୍ୟାଗ୍‌ରେ । ଏତେ ସବୁ କାମ ସାରିବା ପରେ ବାପ,ପୁଅ ଉଠି ନଥିବାରୁ ପୁଣି ଘର ଭିତରକୁ ଯାଇ ଡାକ ଛାଡ଼ିବା ସଂଗେ ସଂଗେ ସୁରିଆ ବାପାଙ୍କୁ ହଲେଇ ଦେଇଥିଲା। ବିଛଣାରେ ପଡ଼ିରହି ନିଦ ମଳ ମଳ ଆଖିରେ ଝରକା ଖୋଲି ବାହାରକୁ ଚାହିଁଥିଲା ସାଧୁଆ ।

"ଆଲୋ ରାତି ଅଧରୁ ଉଠି ଖଡ଼ ଖାଡ଼୍ କରୁଛୁ ଯେ ,ଭଲ ନିଦରେ ଶୋଇ ପାରିଲାନି ମଣିଷ। ଏ ଯାଏ ତ ପାହାନ୍ତି ତାରା ଉଇଁନି ଆକାଶରେ। ଏତେ ସଅଳ ଉଠି କ'ଣ କରିବୁ ଯେ...।"

"ନିତ୍ୟକର୍ମ ସାରି ଖାଇପିଇ ବାହାରିଲା ବେଳକୁ ଭୋର ହୋଇ ଯାଇଥିବ। ତା'ଛଡ଼ା ଚାରି ପାଞ୍ଚ କି.ମି ବାଟ ଚାଲିଚାଲି ଯିବାକୁ ପଡ଼ିବ ବସଷ୍ଟାଣ୍ଡକୁ। ଛଅଟାରେ ପହଞ୍ଚିଲେ ଫାଷ୍ଟ ବସ୍ ଧରିବାକୁ ପଡ଼ିବ। ପିଲାଟା ଧିରେ ସୁସ୍ଥେ ଖାଇ ପିଇ ଯିବ ନାଁ ନାକରେ କାନରେ କ'ଣ ଦିଟା ପୂରାଇ ତରବର ହୋଇଯିବ। ସବୁଜିନିଷ ପତ୍ର ଦେଖିଚାହିଁ ନେବାକୁ ପଡ଼ିବ। ଛାଡ଼ିଗଲେ ଏଇଠି କେଉଁଠି ପାଖବାଟ ହୋଇଛି ଯେ, ସଂଗେ ସଂଗେ ଚାଲି ଆସି ନେଇ ଯିବ ଘରୁ।"

ଦିନଟା ଯାକର ଖଟଣି, ସୁର କଲେଜ ଯିବ ବୋଲି ଚମ୍ପା ରାତି ଅଧରୁ ଉଠି ଜିନିଷପତ୍ର ସଜାଡ଼ିଥିବାରୁ ଖଡ଼୍‌ଖାଡ଼୍ ଶବ୍ଦରେ ଭଲ ନିଦ ହୋଇନଥିବାରୁ ଆଖି ପତା ଫିଟୁ ନଥିଲା କି ମଙ୍କୁରା ଛାଡ଼ି ନଥିଲା ଦେହରୁ। ଶେଯରେ ପଡ଼ି ରହି ଭିଡ଼ି ମୋଡ଼ି ହେଉଥିଲା। ହେଲେ ଚମ୍ପାର ବାରମ୍ବାର ଡାକରେ ଆଖି ମଳିମଳି ଉଠି ପଡ଼ିଥିଲେ ବାପ,ପୁଅ ଦୁହେଁ। ଜହ୍ନ ଆଲୁଅରେ ରାତିର ଅନ୍ଧାର ଲୁଚି ଯାଇଥିଲା ଏବଂ ରାସ୍ତାଘାଟ, ଗାଁ ଭୂଇଁ ସବୁ ପରିଷ୍କାର ଦିଶୁଥିଲା ଦିନ ଭଳି।

ସକାଳର ନିତ୍ୟକର୍ମ ସାରି ନଈରୁ ଗାଧୋଇ ଆସିବାରେ କିଛି ଅସୁବିଧା ନଥିଲା। ଗାଧୋଇ ସାରି ରାତିରେ ଭାତ ହାଣ୍ଡିରେ ପଡ଼ିଥିବା

ସିଝା ଆଳୁ ଚକଟା, ଲୁଣ, ଲଙ୍କା ଏବଂ ଖଟା ସାଥିରେ ପଖାଳ ଭାତ ପେଟ ଭରି ଖାଇ ବାପ,ପୁଅ ବାହାରି ପଡ଼ିଥିଲେ ସକାଳ ହେବା ପୂର୍ବରୁ। ଜିନିଷ ଭର୍ତ୍ତି ଦୁଇଟା ବ୍ୟାଗ୍ ଚମ୍ପା ବଢ଼ାଇ ଦେଇଥିଲା ସୁରିଆ ବାପାଙ୍କ ହାତକୁ। ଘରୁ ବାହାରିବା ବେଳେ ସବୁଥର ଭଳି ସେଦିନ ବି କେତେ କ'ଣ କହି ପୁଅକୁ ବୁଝାଉଥିଲା ଚମ୍ପା। ଠିକ୍ ସମୟରେ ଖିଆ ପିଆ କରିବା, ସହର ବଜାର ଜାଗାରେ ଦେଖି ଚାହିଁ ଚଳିବା ଏବଂ ଖରାପ ପିଲାଙ୍କ ସାଥିରେ ସାଙ୍ଗ ନହେବାକୁ ବୁଝାଉଥିଲା।

"ଆରେ ସୁରିଆ କ'ଣ ନୂଆ ହୋଇ କଲେଜ ଯାଉଛି ଯେ ତାକୁ ଏ ସବୁ ବୁଝାଇ ଚାଲିଛି। ପାଞ୍ଚବର୍ଷ ହେବ କଲେଜରେ ପଢ଼ିଲାଣି ପରା। ଠାକୁର ଚାହିଁଲେ ଏବର୍ଷ ବି.ଏ ପାସ୍ କରିବ। ତାକୁ କ'ଣ ଏସବୁ ଜଣା ନାହିଁ ଯେ , ନୂଆ ହୋଇ ବାହାରକୁ ଗଲା ଭଳି ବୁଝେଇ ଚାଲିଛି।"

"ତମେ ଯେଉଁ କଥା କୁହନା ପାଞ୍ଚବର୍ଷ ବାହାରେ ରହିବା କ'ଣ ବେଶି ହୋଇଗଲା। ସହର, ବଜାର ଜାଗାରେ ଦେଖିଚାହିଁ ନ ଚଳିଲେ ପାଦେ ପାଦେକେ ବିପଦ। କୋଉ ଗାଁ,ଗଣ୍ଡା ହୋଇଛି ଯେ ପାଞ୍ଚଜଣ ବାହାରି ପଡ଼ିବେ ଭଲରେ, ମନ୍ଦରେ, ବିପଦ ଆପଦରେ। ପିଲା ମନ, ବାଟରୁ ଅବାଟକୁ ଗୋଡ଼ ଖସିଲେ କଚଡ଼ା ଖାଇବା ଥୟ। ଦେହ ପ୍ରତି ନିଘା ଦେବୁ, ଦେଖି ଚାହିଁ ଚଳିବୁ।"

ସୁରିଆ ଦେହରେ ମୁଣ୍ଡରେ ହାତ ବୁଲାଇ ବିଦାୟ ଦେଇଥିଲା ଚମ୍ପା। ଆଗ ପଛ ହୋଇ ଗାଁ ଦାଣ୍ଡରୁ ରାସ୍ତା ଉପରକୁ ଚାଲି ଯାଇଥିଲେ ବାପ, ପୁଅ ଦୁହେଁ। ପୁଅର କୁଶଳ କାମନା କରି ଠାକୁରଙ୍କ ଉଦ୍ଦେଶ୍ୟରେ ମୁଣ୍ଡିଆ ମାରି ଘରକୁ ଫେରିଥିଲା ଚମ୍ପା।

ସୂର୍ଯ୍ୟ ଉଦୟ ପୂର୍ବରୁ ବସ୍‌ଷ୍ଟାଣ୍ଡରେ ପହଞ୍ଚି ଯାଇଥିଲେ ବାପ, ପୁଅ ଦୁହେଁ। ରାସ୍ତା କଡ଼ରେ ଠିଆ ହୋଇ ରହିଛି କାହିଁ କେଉଁ କାଳର ବୁଢ଼ା ବରଗଛ। ଶାଖା ପ୍ରଶାଖା ଲମ୍ବି ଯାଇଛି ଚାରିଆଡ଼କୁ। ଗଛ ତଳେ ଠିଆ ହୋଇପଡ଼ି ଦୁଇ କାନ୍ଧରୁ ଦୁଇଟା ବ୍ୟାଗ୍ ଆଣି ତଳେ ରଖି ମାଟି କାମୁଡ଼ି ଧରିଥିବା ବରଗଛର ଗୋଟିଏ ମୋଟା ଶିଅ ଉପରେ ବସିପଡ଼ି ହାଲିଆ ମାରିଲା ସାଧୁଆ। ସୁରିଆ ରାସ୍ତା ଉପରେ ଠିଆ ହୋଇ ବସ୍‌ର ଆଗମନକୁ ଚାହିଁ ରହିଥିଲା। ଆଉ କିଛି ଲୋକ ଅପେକ୍ଷା କରିଥିଲେ ବସ୍‌କୁ। କିଛି କ୍ଷଣ ପରେ ବସ୍ ଆସି ଠିଆ ହେଲା ନିର୍ଦ୍ଦିଷ୍ଟ ସ୍ଥାନରେ। କିଛି ଯାତ୍ରୀ ଓହ୍ଲାଇବା ପରେ ବସ୍ ଭିତରକୁ ଉଠିଲେ ଜଣେ ଦୁଇଜଣ କଲେଜ ପଢୁଆ ପିଲା। ସୁରିଆ ଗୋଟିଏ ବ୍ୟାଗ୍ ଏବଂ ଅନ୍ୟ ବ୍ୟାଗଟିକୁ ତା'ର ବାପା ବସ୍‌ରେ ରଖିଲେ। ବାପାଙ୍କୁ ମୁଣ୍ଡିଆ ମାରି ବସ୍‌କୁ ଉଠିଲା ସୁରିଆ। ପୁଅର ମଙ୍ଗଳ କାମନା କରିବା ସଙ୍ଗେ ସଙ୍ଗେ ମନଦେଇ ପାଠ ପାଢ଼ିବା ଏବଂ ସହର ଜାଗାରେ ଦେଖି ଚାହିଁ ଚଳିବାକୁ କହି ବିଦାୟ ଦେଇଥିଲା ସାଧୁଆ।

ବସ୍ ଚାଲିଥିଲା ଆଗକୁ ଆଗକୁ। ପଛକୁ ଧାଉଁଥିଲେ ରାସ୍ତା କଡ଼ର ଗଛ ବୃଛ, ଘର ଦ୍ୱାର, ବିଲ ବାଡ଼ି, ଗଡ଼ିଆ ପୋଖରୀ ଏବଂ ମାଟିରେ ମାଟି ହୋଇ ଖଟୁଥିବା ଖଟିଖିଆ କିଛି ମଣିଷ। ପଛରେ ରହିଗଲେ ତା'ର ବାପା ବୋଉ, ନିଜ ଗାଁ ଭୂଇଁ ଏବଂ ସାଥି ସହୋଦରମାନେ। ତାକୁ ପାଠ ପଢ଼େଇ ମଣିଷ କରିବା ପାଇଁ କେତେ ଆଶା ଆଉ ସ୍ୱପ୍ନ ତା' ବାପା, ବୋଉଙ୍କ ମନରେ। ଦିନ ରାତି ଖଟି ଚାଲିଛନ୍ତି ମାଟିରେ ମାଟି ହୋଇ ପାଖ ଜମିରେ ଖଟୁଥିବା ଏଇ ମଣିଷଙ୍କ ଭଳି । ଗାଡ଼ି ଆଗେଇ ଚାଲିଛି। ବସ୍ ଝର୍କା ପଟେ ଚାହିଁ ରହିଥିଲା ସୁର ପଛକୁ। ଆଖି ଆଢୁଆଳରେ ରହିଗଲେ ତା'ର ବାପା। ରାସ୍ତା ଉପରେ ଠିଆ ହୋଇ ସେମିତି ଚାହିଁ ରହିଥିଲେ ସେ ବସିଥିବା ଧାବମାନ ବସ୍ ଆଡ଼କୁ।

ନିଜ ଦୃଷ୍ଟି ବଳୟ ପାରହୋଇ ବସ୍‌ଟି ଚାଲିଗଲାଣି । ଘରକୁ ଫେରିବାକୁ ହେବ। କେଜାଣି କାହିଁକି ଖୁବ୍ ନିଃସଙ୍ଗ, ଦୁର୍ବଳ ଅନୁଭବ କରୁଥିଲା ସାଧୁଆ। ବୟସ ଭାରରେ ବୋଧେ ଥକି ପଡ଼ିଲାଣି। ଦିନ ରାତି ଏକାକାର କରି, ମୁଣ୍ଡ ଝାଳ ତୁଣ୍ଡରେ ମାରି ଯେତେ ଖଟିଲେ ମଧ୍ୟ ପିଲାଟିକୁ ପଢ଼ାଇବା ପାଇଁ ଧାର, କରଜରେ ବୁଡ଼ି ଗଲାଣି । ପରିବାର କହିଲେ ଦୁଇ ପ୍ରାଣୀଙ୍କ ପେଟକୁ ଦୁଇ ଓଳି ଦୁଇ ମୁଠା ଭାତ, ଦେହକୁ ଖଣ୍ଡେ କନା ଛଡ଼ା ଆଉ ବା କ'ଣ ଖର୍ଚ୍ଚ ତାଙ୍କର? ତଥାପି ଅଭାବ ତାଙ୍କର ପିଛା ଛାଡୁନି। ଭଗବାନ ଚାହିଁଲେ ଆଉ ଗୋଟିଏ ବର୍ଷ ପରେ ତାଙ୍କର ଦୁଃଖ ଦୂର ହୋଇଯିବ। ବି.ଏ. ପାସ୍ କଲା ପରେ ପୁଅକୁ ଛୋଟ ମୋଟ ଖଣ୍ଡେ ଚାକିରି ମିଳିଗଲେ ଘୁଞ୍ଚିଯିବ ତାଙ୍କର ଦୁଃଖ ଦୁର୍ଦ୍ଦଶା।

ଏମିତି ଭାଙ୍ଗି ପଡିଲେ କେମିତି ପାରି ହେବ ସଂସାର ତରଣୀ? ଏଇ ଯେମିତି କାହିଁ କେଉଁ କାଳର ବରଗଛ ଥକି ପଡିନି ଏଯାଏ। କେତେ କେତେ ପଥିକଙ୍କୁ ଛାଇ ଦେଉଛି, କେତେ କୀଟ ପତଙ୍ଗ ଏବଂ ବିହଙ୍ଗମାନଙ୍କୁ ଆଶ୍ରୟ ଦେଉଛି ନିଜ କୋଳରେ। କେବେ ବି ମନ ଊଣା କରନି କି ନିଜକୁ ଦୁର୍ବଳ ମନେ କରନି ବୟସ ବଢ଼ି ଯାଇଥିଲେ ବି। ମନରେ ସାହସ ବାନ୍ଧି ନିଜ ଗୃହ ଅଭିମୁଖେ ଯାତ୍ରା କରିଥିଲା ସାଧୁଆ।

କଲେଜ ଫେରି ପାଠ ପଢ଼ାରେ ମନ ଦେଇଥିଲା ସୁର। ହଷ୍ଟେଲରେ ଅଧିକାଂଶ ପିଲା ଦୂର ମଫସଲର ଏବଂ ପ୍ରାୟ ପିଲା ପାଠପଢା ପ୍ରତିଧ୍ୟାନ ଦେଉଥିବା ବେଳେ କିଛି ପିଲା ସ୍ଥାନୀୟ ରାଜନେତାଙ୍କ ବୋଲକରା ସାଜି ରାଜନୈତିକ କାର୍ଯ୍ୟ କଳାପରେ ସାମିଲ ହୁଅନ୍ତି। ଅସାମାଜିକ ଅଣଛାତ୍ରଙ୍କୁ ନିଜ ପାଖରେ ରଖି ବିଶୃଙ୍ଖଳା ସୃଷ୍ଟି କରିଥାନ୍ତି। ରାଜନେତାଙ୍କ ହାତବାରିସୀ ହୋଇ ଛାତ୍ର ସଂସଦ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି କଳେ ବଳେ କୌଶଳେ ଜିତାପଟ ହୁଅନ୍ତି। ରାଜନେତାଙ୍କ ଇଙ୍ଗିତରେ ଚାଲେ କଲେଜର ବିଭିନ୍ନ କାର୍ଯ୍ୟକ୍ରମ। କଲେଜ ତଥା ସହରରେ ନିଜର ପ୍ରାଧାନ୍ୟ ବୃଦ୍ଧି, ଆବଶ୍ୟକ ସ୍ଥଳେ ଏଇ ଛାତ୍ର ନେତାଙ୍କ ଜରିଆରେ ଶହ ଶହ ଛାତ୍ରଛାତ୍ରୀଙ୍କୁ ନିଜ କାର୍ଯ୍ୟକ୍ରମ ତଥା ଆନ୍ଦୋଳନରେ ସାମିଲ କରାଇବାକୁ ସହଜ ହୋଇଥାଏ ସେମାନଙ୍କ ପାଇଁ। ଯେଉଁଥି ପାଇଁ ପ୍ରଚୁର ଟଙ୍କା ଖର୍ଚ୍ଚ କରି ନିଜ ସମର୍ଥିତ ପିଲାଙ୍କୁ ଛାତ୍ର ନେତା କରିବା ପାଇଁ ଆପ୍ରାଣ ଉଦ୍ୟମ କରିଥାନ୍ତି ରାଜନୈତିକ ନେତୃବୃନ୍ଦ।

ନିଜ ସମର୍ଥିତ ଛାତ୍ର ପ୍ରତିନିଧିଙ୍କ ଜରିଆରେ କଲେଜର ବାର୍ଷିକୋତ୍ସବ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିଜେ ତଥା ନିଜ ଦଳର ମୁଖ୍ୟ ନିମନ୍ତ୍ରିତ ହୋଇ ମୁଖ୍ୟ ଅତିଥି ଏବଂ ମୁଖ୍ୟ ବକ୍ତା ଭାବରେ ଯୋଗ ଦେବାର ସୁଯୋଗ ପାଇଥାନ୍ତି। ଆବଶ୍ୟକ ସ୍ଥଳେ ନିଜ ପ୍ରତି ସମର୍ଥନ କିମ୍ବା ବିରୋଧୀଙ୍କୁ ବିରୋଧ ପାଇଁ ହଜାର ହଜାର ସଂଖ୍ୟାର ଛାତ୍ର ଏକଜୁଟ କରିବା ସହଜ ହୋଇଥାଏ ଏହି ଛାତ୍ରନେତାମାନଙ୍କ ଜରିଆରେ। ପରୋକ୍ଷରେ ନିଜର ଫାଇଦା ହାସଲ ହେବା ସଙ୍ଗେ ସଙ୍ଗେ ପତିଆରା ବୃଦ୍ଧି ପାଇଥାଏ। ଛାତ୍ରଛାତ୍ରୀ ମାନଙ୍କର ତଥା କଲେଜର ସର୍ବାଙ୍ଗୀନ ଉନ୍ନତି ବଦଳରେ ନିଜ ଦଳର ସାଙ୍ଗଠନିକ

ଶକ୍ତି ବୃଦ୍ଧି ହିଁ ମୁଖ୍ୟ ଉଦ୍ଦେଶ୍ୟ ହୋଇଥାଏ ସଂପୃକ୍ତ ରାଜନେତାଙ୍କର। ଯେଉଁଥିପାଇଁ ରାଜନୈତିକ ପୃଷ୍ଠପୋଷକତା ନଥିବା ଜଣେ ଦକ୍ଷ ତଥା ଯୋଗ୍ୟ ଛାତ୍ର ନେତା ନିର୍ବାଚିତ ହେବା ସମ୍ଭବ ହୋଇନଥାଏ।

ଚଳିତ ବର୍ଷ କଲେଜ ଖୋଲିବା ପରେ ଭିନ୍ନ ଏକ ଦୃଶ୍ୟ ପଟ ପରିଲକ୍ଷିତ ହୋଇଥିଲା। ଦୁଇ ପ୍ରମୁଖ ରାଜନୈତିକ ଦଳର ସମର୍ଥିତ ଭାବି ପ୍ରାର୍ଥୀମାନେ ନିଜ ନିଜର ପରିଚୟ ସୃଷ୍ଟି ପାଇଁ ନୂତନ ଆଗନ୍ତୁକ ଛାତ୍ରଛାତ୍ରୀ ତଥା ପୁରାତନ ଛାତ୍ରଛାତ୍ରୀଙ୍କୁ ଅଭ୍ୟର୍ଥନା, ସଂବର୍ଦ୍ଧନା ଜଣାଇବା ପାଇଁ ପୋଷ୍ଟର ବ୍ୟାନରର ସହାୟତା ନେଉଥିବାବେଳେ ମେଧାବୀ, ଆଦର୍ଶବାନ୍, ପରୋପକାରୀ , ସୁବକ୍ତା ତଥା ବଳିଷ୍ଠ ନେତୃତରେ ଦୀପ୍ତିମନ୍ତ ଏମ୍.ଏ ଶେଷ ବର୍ଷର ଛାତ୍ର ସତ୍ୟଜିତ୍ ରାୟ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲେ ଛାତ୍ରଛାତ୍ରୀ ତଥା କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ ଉଦ୍ୟମ କରିବା ଏବଂ ନିର୍ବାଚନରେ ଆଦର୍ଶଗତ ଲଢେଇର ଆହ୍ୱାନ ଦେଇ।

ସତ୍ୟଜିତ୍ ଛାତ୍ର ସଂସଦ ସଭାପତି ପଦ ପାଇଁ ବ୍ୟକ୍ତିଗତ ଭାବେ ପ୍ରଚାର ଅଭିଯାନ ଆରମ୍ଭ କରିବାରେ ଅନ୍ୟାନ୍ୟ ପଦ, ପଦବୀ ପାଇଁ ବ୍ୟକ୍ତିଗତ ଭାବେ କିଛି ମେଧାବୀ ଛାତ୍ରଛାତ୍ରୀ ଆଗଭର ହୋଇଥିଲେ। ରାଜନୈତିକ ପୃଷ୍ଠପୋଷକତାକୁ ଏଡ଼େଇ ଦେଇ ସତ୍ୟଜିତ୍‌ଙ୍କ ସହାୟତା ଲୋଡ଼ିଥିଲେ । ଦଳୀୟ ସମର୍ଥନ ନଥିବା ମେଧାବୀ ତଥା ଆଦର୍ଶବାନ୍ ଛାତ୍ର ନେତାଙ୍କୁ ସମର୍ଥନ କରିଥିଲେ ସତ୍ୟଜିତ୍। ପୋଷ୍ଟର, ବ୍ୟାନର, ଦଳୀୟ ଅର୍ଥବଳରେ ଭୋଜି ଭାତ ଏବଂ ପୁସିଂକାର୍ଡ ଜରିଆରେ ଟଙ୍କା ବାଣ୍ଟିବା ଭଳି କାର୍ଯ୍ୟ କଳାପରୁ ଦୂରେଇ ରହି ନିଜ ନେତୃତର ପରାକାଷ୍ଠା ପ୍ରତିପାଦନ କରିପାରୁଥିବା ଛାତ୍ର ନେତାମାନଙ୍କ ଆଡ଼କୁ ଢଳିଥିଲେ କଲେଜର ଅଧିକାଂଶ ଛାତ୍ର ଛାତ୍ରୀ। ସତ୍ୟଜିତ୍‌ଙ୍କ ଓଜସ୍ୱିନୀ ଭାଷଣ, ଚରିତ୍ର ଏବଂ ଅମାୟିକ ବ୍ୟବହାରରେ ମୁଗ୍ଧ ଚକିତ ହୋଇଥିଲେ ସାଧାରଣ ଛାତ୍ରଛାତ୍ରୀ। ସୁର ବି ବାଦ୍ ପଡିନଥିଲା ସେଥିରୁ। ସତ୍ୟଜିତ୍‌କୁ ଭୋଟ ଦେବା ପାଇଁ ମନସ୍ଥ କରିଥିଲା। କଲେଜ ଛୁଟି ପରେ ଖୋଲା ପ୍ରାଙ୍ଗଣରେ ସତ୍ୟଜିତ୍‌ଙ୍କ ବଳିଷ୍ଠ ଭାଷଣରେ ମୁଗ୍ଧ ହେଉଥିଲା।

ସମୟ ଗଡ଼ି ଚାଲିବା ସଂଗେସଂଗେ ନିର୍ବାଚନ ତାରିଖ ଏବଂ ପ୍ରାର୍ଥିପତ୍ର ଦାଖଲର ସମୟ ସ୍ଥିର ହୋଇଥିଲା। ପ୍ରାର୍ଥିପତ୍ର ଦାଖଲ ପରେପରେ ପ୍ରତିଦ୍ୱନ୍ଦିତା ଅବତୀର୍ଣ୍ଣ ଛାତ୍ରନେତାମାନେ ବ୍ୟକ୍ତିଗତ ଭାବେ ଛାତ୍ରଛାତ୍ରୀଙ୍କୁ ଭେଟି ଭୋଟ ଭୀକ୍ଷା କରିଥିଲେ। ଶାସକ ତଥା ବିରୋଧୀ ରାଜନୈତିକ ଦଳ ସମର୍ଥିତ ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କୁ ସାଥିରେ ଧରି ହଷ୍ଟେଲ ଏବଂ ମେସ୍‌ରେ ବୁଲି ପିଲାମାନଙ୍କୁ ପୁସିଂକାର୍ଡ ଜରିଆରେ ଟଙ୍କା ବାଣ୍ଟିବା, ନେହୁରା ହେବା ଏବଂ କେଉଁଠି ଧମକ ଚମକ ଦେଇ ଭୋଟ ହାସଲର କୌଶଳ ଆପଣାଉ ଥିଲେ । ସୁର ରହୁଥିବା ହଷ୍ଟେଲର ପିଲାମାନଙ୍କୁ ପ୍ରଚାର ଅଭିଯାନରେ ସାମିଲ ହେବା ପାଇଁ ବାଧ କରୁଥିଲେ କ୍ଷମତାସୀନ ଦଳର ସଭାପତି ପ୍ରାର୍ଥୀଙ୍କ ଅନୁଗାମୀ ତଥା ଉକ୍ତ ହଷ୍ଟେଲରେ ଅନୈତିକ ଭାବେ ଅବସ୍ଥାନ କରୁଥିବା ବାହାରର କିଛି ଗୁଣ୍ଡା ଶ୍ରେଣୀୟ ପିଲା। ଗୁଣ୍ଡାମାନଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇଁ କିଛି ଅନ୍ତେବାସୀ ସାମିଲ ହୋଇଥିଲେ ପ୍ରଚାରରେ । ସୁର କିନ୍ତୁ ପ୍ରଚାର ଅଭିଯାନରୁ ଦୁରେଇ ରହିଥିଲା ପାଠ ପଢାର ଆଳ ଦେଖାଇ। ଦଳୀୟ ପୃଷ୍ଟପୋଷକତାରେ ନିର୍ବାଚନ ଲଢୁଥିବା ଛାତ୍ରମାନଙ୍କୁ ପରୋକ୍ଷରେ ବିରୋଧ କରୁଥିଲା ସେ।

ପାଖେଇ ଆସୁଥିଲା ନିର୍ବାଚନର ଧାର୍ଯ୍ୟ ତାରିଖ। ସରଗରମ୍ ହୋଇ ଉଠୁଥିଲା କଲେଜ ତଥା ହଷ୍ଟେଲ କ୍ୟାମ୍ପସ୍। ଛାତ୍ରଛାତ୍ରୀଙ୍କ ସମର୍ଥନ ସତ୍ୟଜିତ ଏବଂ ତା' ସମର୍ଥିତ ପ୍ରାର୍ଥୀମାନଙ୍କ ପ୍ରତି ବୃଦ୍ଧି ପାଉଥିବାରୁ ଅସହିଷ୍ଣୁ ହୋଇ ଉଠିଥିଲେ ପ୍ରତିଦ୍ୱନ୍ଦୀ ଦଳୀୟ ପ୍ରର୍ଥୀମାନେ। କଲେଜ ତଥା ହଷ୍ଟେଲରେ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ ରହି ନିର୍ବାଚନ ଭଣ୍ଡୁର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ବିରୋଧି କ୍ୟାମ୍ପର ଛାତ୍ର ଛାତ୍ରୀଙ୍କ ଉପରେ ଆତଙ୍କିତ ଆକ୍ରମଣ, କଲେଜ ତଥା ହଷ୍ଟେଲ ଉପରେ ଲୁଚି ଛପି ବୋମା ଫିଙ୍ଗି ଆତଙ୍କ ସୃଷ୍ଟି କରିଥିଲେ କୌଣସି ମତେ ନିର୍ବାଚନ ବନ୍ଦ କରିବା ଲକ୍ଷ୍ୟରେ।

ନିର୍ବାଚନର ଠିକ୍ ଦୁଇଦିନ ପୁର୍ବରୁ ସତ୍ୟଜିତ୍ ଏବଂ ତା' ସମର୍ଥିତ କିଛି ଛାତ୍ର ସଂଧ୍ୟାରେ ହଷ୍ଟେଲ ଅନ୍ତେବାସୀ ମାନଙ୍କୁ ବ୍ୟକ୍ତିଗତ ଭାବେ ଭେଟି ଫେରି ଯାଉଥିଲେ। ହଷ୍ଟେଲ ବାହାରେ ଭେଟ ହୋଇଥିଲା ସୁର ସହିତ। ବହି ଦୋକାନରୁ ଖଣ୍ଡେ ଦୁଇଖଣ୍ଡ ବହି ଖର୍ଦ୍ଦ କରି ଫେରୁଥିଲା ହଷ୍ଟେଲକୁ। ସୁର ସହିତ କର ମର୍ଦ୍ଦନ ଏବଂ କିଛି ସମୟ ବାକ୍ୟାଳାପ ପରେ ଫେରି ଯାଇଥିଲା ସତ୍ୟଜିତ୍। ହଷ୍ଟେଲକୁ ପ୍ରବେଶ କରିଥିଲା ସୁର। ଚାରିଜଣ ଅଚିହ୍ନା ବ୍ୟକ୍ତି ଚାଲିଥଲେ ସୁର ପଛେ ପଛେ। ଦ୍ୱିତୀୟ ମହାଲାର ଏକ ରୁମ୍‌ରେ ରହିଥିଲା ସୁର।ସିଡି ଚଢି ଦ୍ୱିତୀୟ ମହାଲାରେ ପହଞ୍ଚି ନିଜ ରୁମ୍‌କୁ ଯିବା ପର୍ବରୁ ତାକୁ ପଛରୁ ଡାକିଥିଲା ସେଇ ଅଚିହ୍ନା ବ୍ୟକ୍ତିଙ୍କ ମଧ୍ୟରୁ ଜଣେ। ସୁର ଠିଆ ହୋଇ ପଛକୁ ଚାହିଁବା କ୍ଷଣି ସେମାନେ ଶୁନ୍ୟେ ଶୁନ୍ୟେ ତାକୁ ଟେକି ନେଇଥିଲେ ଛାତ ଉପରକୁ ମୁହଁ ବନ୍ଦ କରି।

କିଛି ଜାଣିବା ପୁର୍ବରୁ ଆରମ୍ଭ ହୋଇଥିଲା ନିସ୍ତୁକ ମାଡ। ତଳେ ପଡି ରହି ହାତ ଯୋଡି ଖୁବ୍ ନେହୁରା ହୋଇଥିଲା ତାକୁ ଛାଡି ଦେବା ପାଇଁ। ଚିତ୍କାର କରିବାକୁ ଚାହୁଁଥିଲା। ହେଲେ ହାତ ଗୋଡ ମୁହଁ ବନ୍ଧା ହୋଇଥିଲା ଖୁବ୍ ଯୋରରେ। ନିର୍ମମ ଭାବରେ ବିଧା, ଗୋଇଠା ମାରି ଚାଲିଥିଲେ ଦେହରେ, ମୁଣ୍ଡରେ ଏବଂ ଅଥାନ ଥାନରେ। ଛାତିରେ ଆଘାତ ଯୋଗୁଁ ନିଶ୍ୱାସ ପ୍ରଶ୍ୱାସ ନେବା କଷ୍ଟ କର ହେଉଥିଲା। ଯନ୍ତ୍ରଣାରେ ଛାଟି ପିଟି ହୋଇଥିଲା କିଛି ସମୟ। ପରେ ପରେ ନିରବ, ନିସ୍ତେଜ ଅବସ୍ଥାରେ ପଡି ରହିବା ଦେଖି ତୁରନ୍ତ ସ୍ଥାନ ଛାଡି ଚାଲିଯାଇଥିଲେ ଦୁର୍ବୃତ୍ତମାନେ।

ବନ୍ଦ ହୋଇ ଆସୁଥିଲା ନିଶ୍ୱାସ ପ୍ରଶ୍ୱାସ। ତାକୁ ବଞ୍ଚାଇବା ପାଇଁ ଡାକିଥିଲା ଠାକୁରଙ୍କୁ। ଡାକିଥିଲା ତାର ବାପାଙ୍କୁ ଏବଂ ବୋଉଙ୍କୁ। ବଞ୍ଚାଅ ମତେ ବାପା...ବଞ୍ଚାଇ ଦେ ବଉ...। ମନେ ପଡୁଥିଲା କଲେଜକୁ ଆସିବାର ଦିନ ତା ବାପା, ବୋଉ ତାକୁ କହିବାର କଥା। ବାହାର ଜାଗାରେ ଦେଖି ଚାହିଁ ଚଳିବୁରେ ପୁଅ। ଘରଭଳି ନିରାପଦ ନୁହେଁ ବାହାର ସ୍ଥାନ। ନିଜ ପ୍ରତି ନିଘା ଦେବାକୁ କହିଥିଲେ। ହେଲେ କେଉଁଠି କେଜାଣି ତ୍ରୁଟି ରହିଗଲା ତାର ଦେଖି ଚାହିଁ ଚଳିବାରେ ? କେତେ ଆଶା ଆଉ ଭରସା କରିଥିଲେ ତା' ଉପରେ ବାପା, ବୋଉ । ହେଲେ କିଛି ଦେଇ ପାରିଲିନି ମୁଁ ଅକିଞ୍ଚନ। ଦେଇ ଯାଉଛି କେବଳ ଦୁଃଖ ଆଉ ଦୁଃଖ। ଯଦିଆର ଜନ୍ମରେ ମଣିଷ ହୋଇ ଜନ୍ମ ନେବି ତେବେ ପୁଣି ତୁମ କୋଳକୁ ଆସିବାକୁ ଠାକୁରଙ୍କୁ ନିବେଦନ କରିବି । ସମୟ ସରି ଆସିଲାଣି । ଯାଉଛି ବାପା...ବିଦାୟ ନେଉଛି ବୋଉ...।

କେହି ଶୁଣି ପାରିଲେନି ତାର ଡାକ। ସବୁ ଶବ୍ଦ ନିଶବ୍ଦ...ସବୁ ଶବ୍ଦ ଅନୁଚାରିତ... ଅନୁତରିତ। ଏକ ନିର୍ଦ୍ଦିଷ୍ଟ ସମୟ ବିନ୍ଦୁ ଉପରେ ସ୍ଥିର

ହୋଇଗଲା ଜୀବନର ଶେଷ ଶବ୍ଦ । ପରେ ପରେ ସବୁ ହେମାଳ... ସବୁ ସ୍ଥିର...ଏକ ନିଷ୍ଠୁର ନିରବତା ... ।

ରାତି ବଢ଼ି ଚାଲିଥିଲା । ରାତି ପାହି ପୁଣି ସକାଳ ହେଲା । ହେଲେ ଆଉ ଫେରିଲାନି ସୁର । ସକାଳ ଆଣିଥିଲା ଦୁଃସଂବାଦ ସମସ୍ତଙ୍କ ପାଇଁ । ସ୍ତବଧ ହୋଇ ଯାଇଥିଲା ହଷ୍ଟେଲ ,କଲେଜ,ସହର ଏବଂ ସମଗ୍ର ରାଜ୍ୟ । ବେକ୍ରିଙ୍ଗ୍ ନ୍ୟୁଜ୍ୟ ହୋଇଥିଲା କଲେଜ ନିର୍ବାଚନୀ ହିସାଂରେ ଛାତ୍ରର ମୃତ୍ୟୁ ।

ନିରବ ନିଶ୍ଚଳ ପ୍ରାଣହୀନ ଶରୀରଟା ପଡ଼ି ରହିଥିଲା ହଷ୍ଟେଲ୍ ଛାତ ଉପରେ । ହଷ୍ଟେଲ୍ ଏବଂ କଲେଜର ଶହଶହ ପିଲା ସ୍ୱତଃ ପ୍ରବୃତ ଭାବେ ଆସିଥିଲେ ଶେଷ ଦର୍ଶନ ପାଇଁ । ଖବର ପାଇ ସୁରର ମାଆ ଘଡ଼ିକୁ ଘଡ଼ି ମୂର୍ଚ୍ଛା ଯାଉଥିଲା ।ତାର ବାପା ପଡ଼ି ଉଠି ,ମଝିରେ ମଝିରେ ଚେତା ହରାଇ କୌଣସି ମତେ ପହଞ୍ଚି ଥିଲା ପୁଅର ମଡ଼ ଶରୀର ନିକଟରେ । ଦେଖଣାହାରି ଛାତ୍ରଛାତ୍ରୀ ଏବଂ ପହରା ଦେଉଥିବା ପୋଲିସ୍ ଗହଳି ଆଡ଼େଇ ହାମୁଡ଼େଇ ପୁଅ ଉପରେ । ଭୋ ଭୋ ହୋଇ କାନ୍ଦି ଉଠିଥିଲା ପୁଅକୁ ଜାବୁଡ଼ି ଧରି । ଦେଖଣାହାରି ସାନ୍ତ୍ୱନା କେବଳ ସାନ୍ତ୍ୱନା ହିଁ ରହିଥିଲା । ବଢ଼ିଲା ପୁଅର ଏମିତି ବିଭତ୍ସ ହତ୍ୟାକାଣ୍ଡର ଦୃଶ୍ୟ ଦେଖି କେଉଁ ବାପ ମଧ୍ୟ ଧୈର୍ଯ୍ୟ ଧରି ରହି ପାରିବେ ଅବା ।

ଚେତା ଶୁନ୍ୟ ହୋଇ ପଡିଥିଲା ସାଧୁଆ । ଦେଖଣାହାରି ପିଲାମାନଙ୍କ ପ୍ରାଥମିକ ଚିକିତ୍ସାରେ ଚେତା ଫେରି ପାଇଥିଲା ଏବଂ ଅପଲକ ନୟନରେ ଚାହିଁ ରହିଥିଲା ପୁଅର ନିରବ, ନିଶ୍ଚଳ, ମଳିନ ମୁଖମଣ୍ଡଳକୁ । ଶ୍ୱେତ ପଡିଥିବା ଦୁଇ ଅଧର ସନ୍ଧିରୁ ସେ ଯେମିତି ଶୁଣୁଥିଲା କାହିଁ କେତେ ଅକୁହା ଭାଷା । ନିଷ୍ପ୍ରଭ ଆଖି ଦୁଇଟିରୁ ସେ ପଢି ପାରୁଥିଲା ତା ମନର ଅବ୍ୟକ୍ତ ଯନ୍ତ୍ରଣା ଆଉ ହୃଦୟ ତଳର ଅନେକ ଆଶା, ଆକାଂକ୍ଷାର ଅନାହତ ନାଦ ବ୍ରହ୍ମକୁ । ସେଇ ଆଖି ଯୋଡିକ ସତେ ଯେମିତି ତାକୁ କହୁଛି ମୁଁ କୁଆଡେ ଯାଇନି ବାପା । ତୁମ ପାଖରେ ରହିଛି ଆଉ ଆର ଜନମରେ ପୁଣି ଫେରି ଆସିବି ତୁମ କୋଳକୁ ।

ଛାତି ଭିତରଟା ରୁନ୍ଧି ହୋଇ ଆସୁଥିଲା ସାଧୁଆର । ଏକ ଗହିରିଆ ଦିର୍ଘଶ୍ୱାସ ବାହାରି ଆସିଥିଲା ଛାତି ତଳୁ ଆଉ ଚିତ୍କାର କରି ଉଠିଥିଲା– କାହିଁକି ମାରିଦେଲରେ ପୁଅକୁ ମୋର...କି ଦୋଷ କରିଥିଲା କାହାର... ? ତା' ସବୁ ଦୋଷର ପ୍ରାୟଶ୍ଚିତ କରିବାକୁ ରାଜି ଅଛି ମୁଁ । ବଦଳରେ ଫେରାଇ ଦିଅ ପୁଅକୁ ମୋର । ତୁମକୁ ନେହୁରା ହେଉଛି ଫେରାଇ ଦିଅ ପୁଅକୁ ଆମ ବୁଢା, ବୁଢୀଙ୍କର ଶୂନ୍ୟ କୋଳକୁ ।

ନରହନ୍ତା ସଇତାନ ମାନଙ୍କ ଉଦ୍ଦେଶ୍ୟରେ ଆଣ୍ଠୁ ମାଡି ଦୁଇ ହାତ ଉପରକୁ ଟେକି ପୁଅର ଜିବନ ଭିକ୍ଷା କରୁଥିବା ସାଧୁଆ କଚାଡି ହୋଇ ପଡିଥିଲା ପୁଅର ପ୍ରାଣହୀନ ଶରୀର ଉପରେ ।

*"ଶାନ୍ତି ନିବାସ''*
*ପ୍ଲଟ ନଂ -୧୨୫୨/୧୪୫୯, ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର*
*ଦୂରଭାଷ: ୯୦୪୦୨୦୫୦୪୯*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଙ୍କାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

9437163002

# ବଡ଼ି

## ମୂଳ ରଚନା: ସଂଜୀବ ଚଟ୍ଟୋପାଧ୍ୟାୟ
## ଅନୁବାଦ: ଗିରିଜା ମଂଜରୀ ପାଢ଼ୀ

'ଶୀତ ଦିନରେ ଏଇ ମିଠା ଖରା। ଟିକେ ବଡ଼ି ଫଡ଼ି କରନ୍ତ ନାହିଁ?' ଭାତରେ ଡାଲି ଗୋଳାଇ ସ୍ତ୍ରୀକୁ କଅଁଳେଇ କହିଲା ଅସୀମ। କିଛି ଆଦେଶ ଦେଲା ପରି କଥା ନୁହେଁ। ସାମାନ୍ୟ ଅଭିଳାଷ। ଏତିକି କହି ଚୁପ୍ ରହି ଯାଇଥିଲେ ହୋଇଥାନ୍ତା। ମାତ୍ର ଆଉ ପଦେ ଅଧିକ କହିଦେଇ ସେ ବିପଦକୁ ଡାକି ଆଣିଲା। ସେ କହିଲା, "ମାଆ ଚାଲିଗଲା ପରଠାରୁ ଖାଇବାରେ ଆଉ ଗୋଟେ କିଛି ନାହିଁ।"

ମନୋରମା ମୁଣ୍ଡ ତଳକୁ କରି ସୋରିଷ ତେଲ ଦେଇ ଆଳୁ ଚକଟୁ ଥିଲା। ମୁହଁ ନ ଉଠାଇ କହିଲା, "ରଖ ସେ କଥା। ମାଆ ତୁମକୁ ନିତି 'ନ ତିଅଣ, ଛଅ ଭଜା' କରି ଖୁଆଉ ଥିଲେ। ମୁଁ ଆଉ ଦେଖିନି ଯେମିତି। ଗଲା ମଣିଷଙ୍କ କଥା ପକାଇ ଆଉ ଟଣା ଓଟରା କରନି।"

"ହଁ ମାଆଙ୍କ କଥା କହିଲେ ତ ତୁମେ ଦେହରେ ନିଆଁ ଲାଗିଯିବ। ସେଇ ନାଇନ୍‌ଟିନ୍ ସେଭେନ୍‌ଟି ସେଭେନ୍‌ରେ ଥରେ ନଡ଼ିଆ, ସୋଲା ପକା କଦଳୀ ଭଣ୍ଡା ତରକାରୀ ହୋଇଥିଲା। ସେଭେନ୍‌ଟି ଫାଇଭ୍‌ରେ ମଞ୍ଜା ତରକାରୀ। ତା' ପରଠାରୁ ତ ଖାଲି ଲଗାତର ଚାଲିଛି ଭାତ, ଡାଲି, ଆଳୁ ଭରତା, ମାଛ ତରକାରୀ, ପୁଣି ସେଇ ଆଳୁ ଭରତା, ଡାଲି, ଭାତ, ଖାଇ ଖାଇ ଚିଟା ଲାଗିଲାଣି।"

"ମତେ ବି ଚିଟା ଲାଗିଲାଣି।"

"ହଁ, ମୋର ଯାହା ହେବ। ସାଙ୍ଗେ ସାଙ୍ଗେ ତୁମର ସେୟା ହେବ। ପୁଣି ଡବଲ ମାତ୍ରାରେ। ଭଲ ଚାଲାଖି ଶିଖିଛ। ଆଚ୍ଛା, ତୁମକୁ ଚିଟା ଲାଗିବାର କାରଣଟା କ'ଣ କହିବ। ଓଃ, ଜିଆ ଖୋଳୁ ଖୋଳୁ ସାପ ବାହାରିବ। ଖାଉଛ ତ ଖାଇଯାଅ।" କଦଳୀ, ଭଣ୍ଡା, ନଡିଆ, ମଞ୍ଜା ଘରକୁ ନ ଆଣିଲେ ମୁଁ କ'ଣ ଜନ୍ମ କରିଦେବି? ଝପ୍ କରି ଗୋଟାଏ ଆଳୁ ଚକଟା ଟେଳା ଟେନିସ୍ ବଲ୍ ପରି ଭାତ ଥାଳି ଉପରେ ପକାଇ ଦେଇ ମନୋରମା ଉଠିଗଲା। ରୋଷେଇ ଧୀର ଆଞ୍ଚରେ ମାଛ ଭଜା ବସିଛି। ଚିମୁଟାରେ କଡ଼ାଇଟା ସେ ଚୂଲୀ ଉପରକୁ ଉଠାଇ ଆଣିଲା। ଗରମ ତେଲରେ ମାଛଟା ଜୁକୁ ଜୁକୁ କରୁଛି ଠିକ୍ ମନୋରମାର ମିଜାଜ ପରି। ଚିମୁଟାମୁହଁଟା ଟିକେ ଏପାଖ ସେପାଖ ହୋଇଗଲେ, କଡ଼ାଟା ହାତରୁ ଖସି ପଡ଼ି ନିଶ୍ଚୟ ସେ ଆହତ ହେବ। ଏଇ ମୁହୂର୍ତ୍ତଟାରେ ବଡ଼ ଡର ଲାଗେ। ମନୋରମା ଥାଳି ଆଗରେ ଠୁଙ୍କା ହୋଇ ବସି ଭୟାତୁର ଅସୀମର ଥାଳି ଉପରେ ଖଣ୍ଡେ ଭାକୁର ମାଛ ଭଜା ପକାଇ ଦେଲା। ଲାଞ୍ଜ ପାଖଟା ଲୁଣ ଉପରେ ପଡ଼ିଗଲା। ଆଉ ଭୟ ନାହିଁ। ଅସୀମ ଏତେବେଳ ଯାଏଁ ଭାବୁଥିବା ଉତ୍ତରଟା କହିଦେଲା –

"ପେଟରେ ଭଣ୍ଡା ଧରିବାକୁ ହେଲେ କଦଳୀ ଗଛର ବୀଜ ଦରକାର, ସେ କଥା ମୁଁ ଜାଣେ। କିନ୍ତୁ ଏଇ ତିନିଟା ବଜାର ଜିନିଷ ବଜାର କରା ବ୍ୟାଗରୁ ବାହାରିଲେ, ତୁମେ ତ ଧାନ ଉଁସୁଆ ହାଣ୍ଡି ପରି ମୁହଁଟାକୁ କରିବ। ତୁମେ ସେସବୁ ଡ୍ରେସିଂ କରି ପାରିବନି। ଇଏତ ଆଉ ବେକରେ ପାଉଡର, ଭୁରୁରେ ପେନ୍‌ସିଲ୍ ଆଉ କପାଳରେ କୁଙ୍କୁମ ଲଗା କାମ ନୁହେଁ। ବୁଝିବ, କଦଳୀ ଭଣ୍ଡା ଡ୍ରେସିଂ କରିବାର ଅଲଗା ଆର୍ଟ ଅଛି। ସେଇଟା ମୋ ମାଆ ଜାଣିଥିଲେ।"

କଡ଼ାଟା ତଳକୁ ଓହ୍ଲାଇ ରଖି ମନୋରମା କହିଲା, "ହଁ, ତୁମ ମାଆ ସବୁ ଜାଣିଥିଲେ। କବିରାଜଙ୍କ ଝିଅ ତ। ଚେର ମୂଳ, ଲତା ପତ୍ର ସାରୁ, ମାରୁ ...,

"ଥାଉ ଥାଉ ସେକଥା। ତୁମେ ହେଲ ଏଲୋପ୍ୟାଥିକ୍ ଝିଅ। ମାଛ, ମାଂସ, ଅଣ୍ଡା, ଲିଭର୍।"

"ମୁଁ କାହା ଝିଅ ସେ କଥା ତୁମେ ଭଲ ଭାବରେ ଜାଣିଛ। ଏତେ ଛିଗୁଲେଇ କରି କଥା କହିବାରେ କ'ଣ ଅଛି? ଡାକ୍ତର ଝିଅ ହୋଇଥିଲେ, ତୁମ ପରି କଦଳୀ ଭଣ୍ଡା ଖିଆଙ୍କ ଗଳାରେ ମାଳା ପିନ୍ଧାଇ ଥାଆନ୍ତି ନା? ଟଙ୍କା ବଳରେ ମାଜିଷ୍ଟ୍ରେଟ୍‌ଟାଏ ମିଳିଥାଆନ୍ତ।"

ଅସୀମ ହସିଦେଲା। ଦି' ଜଣଙ୍କ ଝଗଡ଼ା ଏମିତି ଆରମ୍ଭ ହୋଇ ହସରେ ଶେଷ ହୁଏ।

ମନୋରମା ଭାରି ଭଲ ଝିଅଟିଏ। ଘର ସଂସାରକୁ ଏକା ଏକା ମୁଣ୍ଡରେ ମୁଣ୍ଡେଇଛି। ସହଜ ସରଳ ଝିଅ। ବେଶୀ ଖଟି ପାରେନି ବୋଲି ଅସୀମ ଆଗକାଳିଆ ଯାଡୁ ସାଡୁ କିଛି ଘରେ ପୁରେଇବାକୁ ଚାହେଁନି। ହେଲେ ସୁଯୋଗ ପାଇଲେ କହିବାକୁ ଛାଡ଼େନି।

ଅସୀମ ଅଫିସ୍ ଚାଲିଗଲା। ମନୋରମା କିଛି ସମୟ ଏପାଖ ସେପାଖ ହୋଇ ଠିକ୍ କଲା ଯାହା ହେଉ ପଛେ, ଆଜି ଦି' ପହରେ ବସି

ନିଶ୍ଚୟ ବଡ଼ି ପକାଇବ । କ'ଣ ଏମିତି ହାତୀ ଘୋଡା କାମଟେ ଯେ ? ବିରି ବତୁରାଇ, ବାଟି ଲୁଣ ଦେଇ ଫେଣି ଗୋଟାଏ ଧଳା ଲୁଗା ବିଛାଇ ଟିକିଟିକି ବଡ଼ି ପକାଇବା କଥା । ଖାଲି ବଡ଼ିର ନାକ ସାଇଜ୍ ଠିକ୍ ଥିଲେ ହେଲା । ବଡ଼ିର ନାକ ଉଚ୍ଚ ନ ହେଲେ ଉଚ୍ଚ ନାକୁଆ ମଣିଷଙ୍କ ମନବୋଧ ହୁଏନି । ଚେପ୍‌ଟା ନାକୀ ଝିଅ ଯେମିତି ବାହା ବଜାରରେ ଅଚଳ, ସେମିତି ଚେପ୍ଟା ନାକ ସମଝଦାରଙ୍କ ସମାଲୋଚନାର ବସ୍ତୁ ।

ଶଙ୍କରୀ ମାଆ ଘରେ କାମ କରେ । ସେ ହେଉଛି ମନୋରମାର ଉପଦେଷ୍ଟା । ଉପଦେଷ୍ଟା କହିଲେ - "ଆଜି ତ ଆଉ ହେବନି ମାଆ । ଆଜି ରାତିରେ ବିରି ବତୁରାଇ ରଖ, କାଲି ସକାଳୁ ମୁଁ ବାଟିଦେବି ।" କାଲି ମାନେ ରବିବାର । ଦିନ ଗୋଟାଏ ସୁଦ୍ଧା ବିରିବଟା ରେଡି ହେଲା । କଳା ଜୀରା ଭଜା ହେଲା । ଖିଆପିଆ ସରିଲା । ଏଥର ଶୀତ ଖରାକୁ ପିଠି କରି ଛାତ ଉପରେ ମନୋରମା ବଡ଼ି ପକାଇବ ।

"ତୁମର ଏଇ ଧୋତିଟା ନେଉଛି - "

ଅସୀମ ରାଗିଯାଇ କହିଲା, "କାହିଁକି ? ମୋର ଏଇ ସଉକିନିଆ ନୂଆ ଧୋତିଟା ତୁମର କି କାମରେ ଲାଗିବ ?"

"ବଡ଼ି ପକେଇବି ?"

"ମୋ ଧୋତିରେ ବଡ଼ି ପକାଇବ ? ଯାଅ ନିଜ ଶାଢ଼ିରେ ପକାଅ ?"

"ମୋର ନିତି ପିନ୍ଧା ନୂଆ ଶାଢ଼ୀ ନାହିଁ । ବାହାର ପିନ୍ଧା ଛ ହଜାର ଟଙ୍କିଆ ଶାଢ଼ୀ ଅଛି । ସୁନାର ବଡ଼ି ହେଲେ ସେଥିରେ ପକାଇ ଦିଅନ୍ତି ।"

"ନହେଲେ ବିଛଣା ଚାଦରରେ ବଡ଼ି ପକାଉ ନାହିଁ"

"ଚାଦରରେ ? ଅପବିତ୍ର ଜିନିଷ । ତୁମର କିଛି ଭୟ କରିବାର ନାହିଁ ବଡ଼ି ସେଥିରୁ ଉଠାଇ ସାରି ମୁଁ କାଚି ଧୋଇ ସଫା କରିଦେବି । ଇସ୍ତ୍ରୀ ଦେଇଦେଲେ ସେମିତି ନୂଆ । ଧୋତିଟା ତ ଏମିତି ପଡ଼ିକରି ରହିଛି । ତୁମେ ତ ପ୍ୟାଣ୍ଟ୍ ପାଇଜାମା ପିନ୍ଧି କାଳ କଟାଇଲ ।"

ରାଜି ନ ହେବାକୁ ଆଉ ଉପାୟ ଥିଲା ? ବଡ଼ି କଥା ତ ଆଗ ସେ ଉଠାଇଥିଲା । ଦିନ ଦୁଇଟା ବେଳକୁ ଅସୀମର ଧୋବ ଫରଫର ଧୋତି ଉପରେ ଧାଡ଼ି ଧାଡ଼ି ବଡ଼ି ଚେପ୍ଟା ଚେପ୍ଟା ହୋଇ ବସିଗଲା । ସବୁ ଗୁଡାକ ନାକ ଗୋଜିଆ ହେଲା ନାହିଁ । ଶଙ୍କରା ମା' ବୁଦ୍ଧି ଦେଲା- "ଭଗବାନଙ୍କ ସୃଷ୍ଟିରେ ତକେତେ ଖୁଣ ମାଆ, ମଣିଷ ହାତରେ ସବୁ ଗୁଡ଼ା କ'ଣ ଏକାପରି ହୁଏ ? ପକା ହୋଇଥିବା ବଡ଼ିର ନାକକୁ ଧରି ଆଉ ଏତେ ଟଣାଟଣି କରନାହିଁ । ଜନ୍ମ ହୋଇ ସାରିବା ପରେ ମଣିଷକୁ ଆଉ କିଛି କରାଯାଇ ପାରେ ନାହିଁ । ଇଏତ ବିରିର ବଡ଼ି ।"

ବଡ଼ିର ପୁଲିଙ୍ଗ୍ ବଡ଼ା । ଏଣୁ କିଛି ହେଲା ବଡ଼ା, କିଛି ବଡ଼ି । ଯାହା ହେଉଛି ଭଲ ହେଉଛି । ମନୋରମା ଆସି ଅସୀମକୁ କହିଲା, "ବାବୁ ଟିକେ ତୁମ କାଗଜ ପତ୍ର ଧରି ଛାତକୁ ଚାଲ । ଆର୍ମ ଚେୟାର ପକାଇ ବସି ପଢ଼ାପଢ଼ି କର, ଆଉ ବଡ଼ିକୁ ଜଗିଥାଅ ।" 'ଯଥା ଆଜ୍ଞା !' ଆର୍ମ ଚେୟାରରେ ଆଉଜି ଅସୀମ କାଗଜ ପଢୁଛି । କିଛି ଦୂରରେ ସତ୍ୟାଗ୍ରହୀମାନଙ୍କ ପରି ବଡ଼ି ସବୁ ଧାଡ଼ି ଧାଡ଼ି ହୋଇ ବସିଛନ୍ତି । ମିଠା ମିଠା ଖରା, ମିଠା ମିଠା ପବନ । ପକ୍ଷୀଙ୍କ ରାବ । କେମିତି ଦିନ ଘୋଟି ଆସୁଛି, ଆଖି ବୁଜି ହୋଇଯାଉଛି । ଦୁଇ ଚାରିଟା କୂଆ ବଡ଼ିକୁ ଖୁମ୍ପିବା ପାଇଁ ଚାଲି ଆସୁଛନ୍ତି । ଅସୀମ ହୁସ୍ କରିବାରୁ ପଳାଇ ଯାଉଛନ୍ତି । ଇଏ ଗୋଟାଏ ହଇରାଣ । ଯାକୁ ଯେ କହନ୍ତି, ଯମ ମଣିଷ ଟଣାଟଣି । କେତେବେଳେ ଯାଏଁ ଆଉ ଚାହିଁ ରହିହେବ ? ଅସୀମଙ୍କ ଆଖି ବୁଜିବୁଜି ବୁଜି ହୋଇଗଲା । ମନୋରମାର ଚିତ୍କାରରେ ଅସୀମର ନିଦ ଭାଙ୍ଗିଗଲା । "ଇଏ କ'ଣ ? ଆମ ବଡ଼ି କୁଆଡ଼େ ଗଲା ?" ମନୋରମାର ହାତରେ ଦି'କପ୍ ଚା' । ଅସୀମ ଆଖି ଖୋଲି ଦେଖିଲା ଫାଙ୍କା ଛାତ । ବଡ଼ିର ନାଁ ଗନ୍ଧ ନାହିଁ । "ତୁମେ ଉଠାଇ ନେଇଛ ?"

"ଉଠେଇ ନେବି କାହିଁକି ? ଭଲ କରି ଶୁଖି ନଥିଲା ତ; ଭୌତିକ କାଣ୍ଡ ନା କ'ଣ ?"

"କି କଥା, ଆଉ କିଏ ଆସିଥିଲା କି ?"

"କିଏ ଆଉ ଆସିବ ? ତୁମକୁ ଜଗିବାକୁ ତେବେ କାହିଁକି ଛାଡ଼ିଗଲି ? କୁଆର ଏତେ କ୍ଷମତା ହେବନାହିଁ । ଦଶହାତର ଧୋତି ଥଣ୍ଟରେ ନେଇ କ'ଣ ସେ ପଳାଇ ଯିବ ?" ମନୋରମାର କଥା ବନ୍ଦ ହୋଇଗଲା ।

"ଏଇ ଦେଖ, ଆମ୍ବଗଛ ଡାଳରେ ଏଇଟା କ'ଣ ଝୁଲୁଛି ? ହଁ ଇଏତ ତୁମର ସେଇ ବଡ଼ି । ଏତ ସେଇ ନୂଆ ଲୁଗା । ସେଠାକୁ କେମିତି ଗଲା ?" ହଠାତ୍ ରହସ୍ୟ ପରିଷ୍କାର ହୋଇଗଲା । ପତ୍ରରେ ଆଢୁଆଳରେ ସେ ବସିଥିଲେ ଲାଞ୍ଜ ଝୁଲାଇ । ଲୁଗା ସହିତ ଏ ଡାଳରୁ ସେ ଡାଳକୁ ଡିଆଁ ମାରିଲେ, ଝପ୍ କରି ।

"ଆରେ ଇଏତ ସେଇ ବୀର ହନୁମାନଟା । ମୋ ଲୁଗା ? ସର୍ବନାଶ ହୋଇଗଲା ମନୋରମା, ଫଡାଫଡା ଚିରିଦେଲା ।"

"ମୋ ବଡ଼ି ? ମୋର ଏତେ ପରିଶ୍ରମ । ପୋଡ଼ାମୁହାଁ ହନୁମାନଟା ଖାଇଦେଲା । କାହାଲାଗି ବଡ଼ି ପକାଇଲି ? ଆଉ କିଏ ଭୋଗକଲା ? ଗୋଟାଏ ଫେଣା କଦଳୀ ଆଣ ଆଗ । ଲୁଗାଟା ଅନ୍ତତଃ ଉଦ୍ଧାର କରେ ।"

"କଦଳୀ କେଉଁଠୁ ଆଣିବି ?"

ତା' ପରେ ଦୁଇଜଣ ଛାତ ଉପରେ ଠିଆ ହୋଇ ବହୁତ ସାଧ୍ୟ ସାଧନା କଲେ - ହେ ପବନସୁତ, ହେ ବାବା ରାମଙ୍କ ବାହନ, ହେ ବାବା ଗାନ୍ଧିଜୀଙ୍କ ଚେଲା, ହେ ଭଗବାନ ହନୁମାନ !

ହନୁମାନଙ୍କର କୌଣସି ସୁମତି ଦେଖାଗଲା ନାହିଁ । ଅସୀମ ରାଗିଯାଇ କହିଲା - "ଠିକ୍, ମୋ ଶଶୁରଙ୍କ ପରି ଏକଜିଦିଆ ।"

"ଆଁ କ'ଣ କହିଲ ?"

"ସେତେବେଳଠାରୁ କହୁଛି ଲୁଗାରେ ବଡ଼ି ପକାଅନି ବୋଲି, ଶୁଣିଲ !"

"କିଏ ବଡ଼ି ବଡ଼ି କହି ଡେଉଁଥିଲା ?"

"ଏଇ ଦେଖ ମୋ ଶଶୁର କାଞ୍ଚ ଧୋତି ପିନ୍ଧି ଖାଉଛନ୍ତି ।"

ପୁଣିଥରେ ଦୁହିଁଙ୍କ ଭିତରେ ଝଟାପଟା ଲାଗିଗଲା । ଆଉ ସେଇ ଚିରାଧୋତିଟା ଆମ୍ବଗଛର ଡାଳରେ ଝୁଲି ରହିଲା ଗୋଟାଏ ଋତୁ ଧରି, ଧର୍ମ ଦେବତାଙ୍କ ସ୍ମାରକୀ ହୋଇ ।

*ଏଲ-୩/୩, ଖାରବେଳ ନଗର, ଭୁବନେଶ୍ୱର*
*ଦୂରଭାଷ: ୭୯୭୮୬୫୭୨୪*

# ପ୍ରତୀକ୍ଷା

**ସରୋଜ ସାହୁ**

ପ୍ରତୀକ୍ଷା ! ରାତ୍ରୀର ଅନ୍ଧକାରକୁ ପ୍ରତିହତ କରିପାରୁଥିବା ଜ୍ୟୋସ୍ନା, ଏକ ଶୀତଳ ଆଲୋକ । ସେହି ଆଲୋକରେ ଭିଜିବାକୁ ବହୁତ ଭଲ ଲାଗେ । କୋମଳ ସ୍ପର୍ଶରେ ତନୁମନରେ ଭରିଯାଏ ଶୀତ୍କାର । ଅନୁପମ ଯୌବନର ବାସ୍ନାରେ ମନ ମତୁଆଲା ।

ମୁଁ ଅଟକିଯାଏ, ତାକୁ ଚାହେଁ, ଅପଲକ ନୟନରେ ।

"ଏମିତି କ'ଣ ଚାହିଁଛ ? ପଚାରେ ପ୍ରତୀକ୍ଷା ।

ହାତ ବଢାଏ ଜୋର୍ କରି ଟାଣି ଆଣିବାକୁ । ପ୍ରତୀକ୍ଷା ଲାଜରେ ଘୁଞ୍ଚିଯାଏ ଦୂରକୁ । ନିସ୍ତବ୍ଧ ହୋଇ ଉଠିଲି, ତା' ଲାଜର ଅପର ପାର୍ଶ୍ୱକୁ ପଢିନପାରି । ଏକ ବିନ୍ଦୁରେ ଛିଡ଼ାହୋଇ ହାତ ବଢାଇଲେ ଘୁଞ୍ଚିଯାଇଥିବା ମଣିଷକୁ କ'ଣ ଧରିହେବ ? ତାକୁ ଧରିବାକୁ ହେଲେ ଆଗେଇବାକୁ ପଡ଼ିବ, ସେଇ ଦିଗକୁ ଯେଉଁ ଦିଗକୁ ସିଏ ଘୁଞ୍ଚିଯାଇଛି । ବିଜ୍ଞାନର ଏଇ ସାଧାରଣ ନିୟମକୁ ସେଦିନ କାହିଁକି ପ୍ରୟୋଗ କରିନଥିଲି ? କଥା ତ ସେଇଠି ।

ସେ କଥାକୁ ଆଜି ଭାବିଲେ ବା ଲାଭ କ'ଣ ? ସେଦିନ କାହିଁକି ପାଦ ଅଟକିଗଲା ? ତା' ଲାଜର କିଛି ଜୀବାଣୁ ମୋ ଭିତରେ ପ୍ରବେଶ କରିଗଲେ କି ? ଯେଉଁ ଲାଜ ତାକୁ ଦୂରକୁ ନେଇଗଲା, ସେ ଲାଜ ମୋତେ ମୋ ବିନ୍ଦୁରୁ ହଲିବାକୁ ଦେଲାନି କି ?

ବର୍ଷେ ପରେ ଆଜି ମଧ୍ୟ ମୋ ଧମନୀରେ ରକ୍ତର ବେଗ ବଢିଯାଏ । ବେଳେବେଳେ ମୁଁ ଭାବିବସେ ପ୍ରତୀକ୍ଷା ମୋର । ନିଶ୍ଚୟ ସିଏ ଦିନେ ନା ଦିନେ ମୋ ପାଖକୁ ଫେରିଆସିବ । ମୋ ହୃଦୟ ଲମ୍ଫ ପ୍ରଦାନ କରେ ପୃଥିବୀର ସେଇ ବିନ୍ଦୁକୁ ଯେଉଁଠି ପ୍ରତୀକ୍ଷା ଛିଡ଼ା ହୋଇଛି । ମୋର ଅପେକ୍ଷା ପ୍ରତୀକ୍ଷାର ପ୍ରତ୍ୟାଗମନକୁ । ମୁଁ ମୋ ବିନ୍ଦୁରୁ ହଲିପାରୁନି ।

ଅଚାନକ୍ ସିଏ ଆସିଲା । ମୁଁ ପଚାରିଲି – "ତମେ !"

– "ହଁ, ମୁଁ, ପ୍ରତୀକ୍ଷା"

– "ଏକା ଏକା ?"

– "କାହିଁକି, ସୈନ୍ୟ ସାମନ୍ତ ଧରି ଆସିଥା'ନ୍ତି କି ?"

– "ନା.. ନା.. ସେକଥା ନୁହେଁ ଯେ!"

– "ଆଉ କେଉଁ କଥା ?"

– "ତୁମକୁ ଧରିବାକୁ ସେଦିନ ହାତ ବଢେଇଲି ବୋଲି ଖରାପ ଭାବିଲ କି ?"

– "ନିଶ୍ଚୟ ।"

କିଛି ସମୟର ନିରବତା ଭିତରେ ଚୁପ୍‌ଚାପ୍ ଛିଡ଼ାହେଲା ଏବଂ ଟିକିଏ ହସିଦେଇ ପଛେଇ ପଛେଇ ଚାଲିଯାଉଥିଲା । ତା' ହସ ଧୀରେ ଧୀରେ ସଂକୁଚିତ ହୋଇଆସିଲା । ସମ୍ଭବତଃ କିଛି କହିବା ପାଇଁ ଚାହୁଁଥିଲା, କହିପାରିଲାନି ବରଂ ନିରବ, ନିଶ୍ଚୁପ୍ ହୋଇଗଲା । ସତେ ଯେପରି ସିଏ ହଠାତ୍ ଜୀବନର ଏକ ମୂଲ୍ୟବାନ ଖୁସିକୁ ହରେଇ ଦେବାର ଖବର ତା' ମୁଣ୍ଡରେ ଗୁଞ୍ଜି ହୋଇଗଲା । ମୁଁ କିଛି ବୁଝିପାରିଲିନି । ଆଜି ଆଉ ତାକୁ ଟାଣିଆଣିବାପାଇଁ ହାତ ବଢେଇ ପାରିଲିନି । ମୁଁ ମୋ ବିନ୍ଦୁରେ ମୂର୍ତ୍ତିଟିଏ ପରି ଛିଡ଼ାହୋଇ ରହିଲି । ବିଜ୍ଞାନର ସେଇ ସାଧାରଣ ନିୟମ ମୋ ଭିତରେ ବିଲୀନ ହୋଇଯାଇଥିଲା ।

ଯା' ଭିତରେ ବେଶ୍ କିଛି ଦିନ ବିତିଗଲାଣି । ମୋ ଭିତରେ ଅବସୋସ । ମୁଁ ଠିକ୍ ବୁଝିପାରିଛି ସେଦିନ ପ୍ରତୀକ୍ଷା ହସର ସଂକୋଚନ ଭିତରେ ଲୁଚିଥିବା ମୂଲ୍ୟବାନ ପଦାର୍ଥଟିକୁ । ମୋ ଭିତରେ କିଛି ଗୋଟେ ହେଉଛି । ଯେଉଁ ଶୂନ୍ୟତାକୁ ବୁଝିହେଉନାହିଁ ଅବା କାହାକୁ ବୁଝେଇ ପାରୁନି । ଏ ପ୍ରକାର ସ୍ଥିତିରେ ଆତ୍ମହତ୍ୟା କରନ୍ତି, ନିଜ ସତ୍ତାକୁ ନିଜ ହାତରେ ବିଲୀନ କରିଦିଅନ୍ତି । ତଦ୍ୱାରା ପାର୍ଥିବ ଶରୀରରୁ ମୁକ୍ତ ହୋଇଯିବି ସିନା ମୃତ୍ୟୁ ପରେ ଦୁଃଖ ବଢିଯିବ । ସେ ପୁରରେ ଆହୁରି ଦୟନୀୟ ଅବସ୍ଥା ଭୋଗିବାକୁ ପଡ଼ିବ । ଆତ୍ମହନନ ପରେ ପ୍ରାପ୍ତି ହେଉଥିବା ଅକଥନୀୟ ଦୁଃଖର ବୋଝ ଅତ୍ୟନ୍ତ ପୀଡ଼ା ଦାୟକ । ଏ ଜ୍ଞାନ ବିଷୟରେ ସେଦିନ ଜଣେ ବଡ଼ ମଣିଷ ଯେଉଁ ସମ୍ୟକ ଧାରଣା ଦେଇଥିଲେ ଯଦି ତାହା ସତ ତେବେ ମହରଗରୁ ଯାଇ କାନ୍ତାରେ ପଡ଼ିବା ସାର ହେବ । ମୋ ମସ୍ତିଷ୍କରୁ ଏଇ ଆତ୍ମହନନର ଭାବନାକୁ ସଂପୂର୍ଣ୍ଣ ପୋଛି ଦେଲି । ଅତଏବ କିଛି ଗୋଟେ କରିବାକୁ ହେବ । ଏବେ ଖୋଜୁଛି ତାକୁ । ଏଠି ସେଠି, ସବୁଠି । ଖୋଜି ଖୋଜି ପାଇପାରୁନି । ହୁଏତ ତା' ଗାଁକୁ ପଳେଇଛି । ମୋତେ ଯିବାକୁ ହେବ ତାଙ୍କ ଗାଁକୁ । ଆବିଷ୍କାର କରିବାକୁ ହେବ ପ୍ରତୀକ୍ଷାକୁ । ନଚେତ୍ ଏକ ବିରାଟ ହାତୁଡ଼ାର ଆଘାତ ସହ୍ୟ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ହୁଏତ ମୋର ହୃଦ୍‌ଘାତରେ ମୃତ୍ୟୁ ହୋଇଯାଇପାରେ ।

ଏବେ ମୁଁ ପହଞ୍ଚିଗଲିଣି ବସଷ୍ଟାଣ୍ଡ ଛକରେ ଯେଉଁଠାରୁ ପ୍ରତୀକ୍ଷାର ଗାଁ ଅଳ୍ପଦୂର । ଦକ୍ଷିଣ ଦିଗକୁ ଲମ୍ୱିଯାଇଛି ଅଣଓସାରିଆ ଧୂଳିଆ ରାସ୍ତା । ସେହି ରାସ୍ତାରେ ଗଲେ ପ୍ରତୀକ୍ଷାର ଗାଁ । ନାଃ ! ବର୍ତ୍ତମାନ ତା' ଗାଁକୁ ଯିବା ସମ୍ଭବ ନୁହେଁ । ଆକାଶରେ କଳାବାଦଲମାନେ ପରାକ୍ରମୀ ଯୋଦ୍ଧାମାନଙ୍କ

ପରି ଆଗେଇ ଚାଲିଛନ୍ତି । ଅବିଳମ୍ବେ ସେମାନଙ୍କ ବନ୍ଧୁକରୁ ଛୁଟି ଆସିଲା ତୁହାକୁ ତୁହା ବର୍ଷା । ମଟର ସାଇକେଲ୍‌କୁ ରଖିଦେଇ ଉଠିଆସିଲି କେଉଁ ଏକ ଦୋକାନର ବାରଣ୍ଡାକୁ । ମୋ ପୂର୍ବରୁ ଆହୁରି ଅନେକ ଲୋକ ସେହି ବାରଣ୍ଡାକୁ ଆବୋରି ସାରିଥିଲେ । ଚାଳରୁ ନିଗିଡ଼ି ଆସୁଥିବା ପାଣିର ଛିଟିକା ଉପସ୍ଥିତ ଲୋକମାନଙ୍କୁ କୁଟିଳୀକୃତ ହେବାକୁ ବାଧ କରୁଥିଲା ।

ଅଜଣା ଏକ ହାତ ଲମ୍ବି ଆସିଲା ମୋ କାନ୍ଧ ଉପରକୁ । ମୋତେ ହଲେଇଦେଲା । ଡାକିଲା । ମୁଁ ସେଇ ମଣିଷଟିକୁ ନଜରକୁ ଆଣିଲି । ଆପାଦ ମସ୍ତକ ରେନ୍‌କୋର୍ଟରେ ଘୋଡ଼େଇ ହୋଇଥିଲେ ମଧ୍ୟ ମୁଁ ଠିକ୍ ଚିହ୍ନିପାରିଥିଲି ଅଥଚ ବିଶ୍ୱାସ କରିପାରିଲିନି । ଯାହାକୁ ଏତେ ଖୋଜିଛି ଯାହା ପାଇଁ ଏତେ ଦୂର ଆସିଛି ସିଏ ହାତ ପାଆନ୍ତାରେ । ମୋ ପାଟିରୁ ବାହାରି ଆସିଲା - "ପ୍ରତୀକ୍ଷା !"

ସିଏ ହସିଲା । ଆଜି ଆଉ ଜୋର୍ କରି ଟାଣିଆଣିବାକୁ ପଡ଼ିଲାନି । ବରଂ ପ୍ରତୀକ୍ଷା ନିଜ ଆଡୁ ଟାଣି ହୋଇ ମୋ ନିକଟକୁ ଆସିଲା । ମୋତେ କହିଲା - "ମୋତେ, ତୋ ସାଙ୍ଗରେ ନେଇଯାଇପାରିବୁ, ଭୁବନେଶ୍ୱର !"


ମୁଁ ଆବା କାବା ହୋଇ ତାକୁ ଚାହିଁ କହିଲି - "ନିଶ୍ଚୟ ।" ଏବେ ମୁଁ ନିରୁତ୍ତର । ଯେମିତି କି ମୁଁ ହାରିଯାଇଛି !

ପ୍ରତୀକ୍ଷାକୁ ପାଇବାର ଅଙ୍କ କଷୁଥିଲି । ଭାବୁଥିଲି ଅଙ୍କଟା ଅନ୍ତତଃ ଜଟିଳ ନୁହେଁ ।

ଏବେ ବର୍ଷା ଛାଡ଼ିଗଲାଣି । ଆକାଶ ନିର୍ମଳ ଦେଖାଗଲା । ମୁଁ ଗାଡ଼ି ବୁଲେଇଲି ଭୁବନେଶ୍ୱର ମୁହାଁ । ମୋ ମନ ବିସ୍ମୟରେ ଭରା । ମୁଁ ହିଁ ପ୍ରତୀକ୍ଷାର ପ୍ରତୀକ୍ଷା ପାଇଁ ଦାୟୀ । ସିଏ କେବଳ ମୋର ମୋର ମୋର... । ପ୍ରତୀକ୍ଷା ରେନ୍‌କୋର୍ଟକୁ ଆଡ଼େଇ ବ୍ୟାଗରେ ରଖିଲା । ମୋ ପଛପଟେ ବାଇକ୍‌ରେ ବସିଲା । ମୁଁ ମୁହଁ ବୁଲେଇ ତାକୁ ଚାହିଁଲି, ତା ମୁଣ୍ଡ ସିନ୍ଥିରେ ସକାଳ ଆକାଶର ଲାଲ ସୂର୍ଯ୍ୟଙ୍କର ଧାରେ ନାଲି । ଏବେ ବିନା ଦ୍ୱିଧାରେ ବିଜ୍ଞାନର ସେଇ ସାଧାରଣ ସୂତ୍ରକୁ ପ୍ରୟୋଗକରି ମୋ ବିନ୍ଦୁରୁ ବାହାରି ଆସିଲି ପ୍ରତୀକ୍ଷାକୁ ତା' ଘରେ ଛାଡ଼ିବା ପାଇଁ । ମୋ ଭାବନା ଭୁଲ୍ । ପ୍ରତୀକ୍ଷାକୁ ପାଇବାର ଗଣିତ ଆଦୌ ସହଜ ନୁହେଁ ।

ସମୟର କୁଣ୍ଡଳାକାର ରାସ୍ତାରେ ନିଜର ସ୍ଥିତି ପରଖୁଥିଲି । ସମୟ ପ୍ରବାହମାନ । ଭବିଷ୍ୟତ ବହି ଚାଲିଛି ମୋ ପଛଆଡ଼କୁ । ମୁଁ ଅସ୍ଥିର । ମୁଁ ଭୁଲ୍ କରିଛି । ମୁଁ ପସ୍ତଉଛି । ଯେଉଁ ଭୁଲ୍ ପାଇଁ ହରେଇ ଦେଇଛି ବଞ୍ଚିବାର ଏକ ଉତ୍ତମ ଉପାଦାନ । ମୋ ଅସ୍ଥିରତାରେ ପୃଥିବୀ ଦୋହଲି ଗଲାନି । ଖୋଜୁଥିଲି ମୋ ହୃତ୍‌ପିଣ୍ଡ । ପୁରା ଖିନ୍‌ଭିନ୍ ହୋଇଯାଇଛି । ପଚିଯାଇ ବଦଳିଯାଇଛି ସେହି ଖିନ୍‌ଭିନ୍ କଳିଜାର ରଂଗ ।

*ପ୍ଲଟ ନଂ.- ୬୧୭, ଲେନ୍ ନଂ.- ୧୦, ଏରୋଡ୍ରମ ଏରିଆ,*
*ଭୁବନେଶ୍ୱର-୭୫୧୦୨୦*



# ସୁନା ପଞ୍ଜୁରୀ

## ବିଭୁତି ଭୂଷଣ ତ୍ରିପାଠୀ

ଶୁଆ ଗୀତ ଗାଇଲେ ତାକୁ ଜ୍ଞାନୀ କୁହାଯାଏନି କି ମାଙ୍କଡ଼ ପୋଷାକ ପିନ୍ଧିଲେ ତାକୁ ସଭ୍ୟ କୁହାଯାଏନି। ଅପ୍ରାକୃତିକ ଜୀବନ ଶୈଳୀ ଆବୁରି ନେଇଥିବା ମଣିଷଟିଏ ଶେଷରେ ନିଜେ ବୁଝିପାରେ ଯେ ସେ ବିକଳାଙ୍ଗ ହୋଇଯାଇଛି। ପୂର୍ଣ୍ଣ ମାନବ ହେବାକୁ ଆଉ ତାର ସମୟ ନଥାଏ। ସମୟର ସ୍ରୋତରେ ସେ ଧରାରୁ ଅପସରି ଯାଏ। ଖୁବ କମ ଲୋକ ନିଜର ଆବଶ୍ୟକତାକୁ ବିଚାର କରି ଜୀବିକା ଆଦରିନିଅନ୍ତି। ହେଲେ ଅନେକ ଅନ୍ୟମାନଙ୍କ ଜୀବନ ଶୈଳୀକୁ ଗୁରୁତ୍ୱ ଦେଇ ସେଇ ଅନୁସାରେ ନିଜର ଜୀବିକା ଆଦରିନିଅନ୍ତି। ପରିଶେଷରେ ଜୀବନଟା ଶ୍ୱାସରୁଦ୍ଧ ହୋଇଯାଏ ଏହି ନିଜେ ସୃଷ୍ଟି କରିଥିବା ସୁନା ପଞ୍ଜୁରୀ ଭିତରେ।

ଏଇ ସହିଦନଗରରେ ମୋର ବନ୍ଧୁ ଡାକ୍ତର ବିରେନ ହୋତାଙ୍କ ଘରକୁ ଯାଇଥିଲି। ହାଇସ୍କୁଲରେ ସେ ମୋର ଉପର କ୍ଲାସରେ ପଢୁଥିଲେ। ମେଧାବୀ ଛାତ୍ର ଥିଲେ। ୧୯୭୩ ମସିହାର ମେଟ୍ରିକ ପରୀକ୍ଷାରେ ସେ ଓଡିଶାରେ ପ୍ରଥମ ଦଶଜଣଙ୍କ ଭିତରେ ଥିଲେ। ସ୍କଲରେ ଅନ୍ୟ ଛାତ୍ରଙ୍କ ପାଇଁ ଜଣେ ଉଦାହରଣ ସେ ଥିଲେ। ଓଡ଼ିଶାରେ ପାଠପଢ଼ି ଡାକ୍ତର ହେବାପରେ ସେ ଇଂଲଣ୍ଡରେ ଚାକିରୀ କରୁଥିଲେ। ତାଙ୍କର ଜଣେ ସହପାଠିନୀ ଡାକ୍ତର ପ୍ରତିମା ରାୟଙ୍କୁ ସେ ବିବାହ କରିଥିଲେ।

ବିରେନଙ୍କ ସହ ଏହି ଦୀର୍ଘ ପଚାଶ ବର୍ଷ ଭିତରେ ତିନି ବା ଚାରି ଥର ଦେଖା ହୋଇଥିଲା। ଥରେ ପୁସ୍ତକ ମେଳାରେ ଆମେ ମିଶିଥିଲୁ। ମୋତେ ବିରେନ ତା ପତ୍ନୀ ଡାକ୍ତର ପ୍ରତିମା ରାୟଙ୍କ ସହ ପରିଚିତ କରାଇ ଦେଇ କହିଥିଲେ, 'ମୋର ମିସେସ ସହିଦନଗର ଆମ ଘରେ ରୋଗୀ ଦେଖନ୍ତି। ସେ ଇଂଲଣ୍ଡରେ ରହିବାକୁ ପସନ୍ଦ କଲେନି ଓ ଚାକିରୀ ଛାଡ଼ି ଭୁବନେଶ୍ୱର ଚାଲି ଆସିଲେ। ତାଙ୍କ ହାତ ଭଲ। ପିଲାମାନଙ୍କ ଦେହ ଖରାପ ହେଲେ ତାଙ୍କୁ ଭେଟିବ। ଏବେ ତାଙ୍କ ଫୋନ ନମ୍ବରଟା ରଖ। ମୁଁ ଯେବେ ଆସିବି ଘରକୁ ଡାକିବି କଥା ହେବା ।'।

ଡାକ୍ତର ଶ୍ରୀମତୀ ରାୟ ବହୁତ ମିଶାଣିଆ ଭଦ୍ର ମହିଳା। ଦୁଇଥର ପିଲାଙ୍କ ଦେହ ଖରାପ ଯୋଗୁଁ ତାଙ୍କ ଘରକୁ ଯାଇଛି। ବହୁତ ଗହଳି ତାଙ୍କ କ୍ଲିନିକ। ହେଲେ ବି ମୋର ଆସିବା ଶୁଣିଲେ ପ୍ରତିମା ଦେବୀ ରୋଗୀଦେଖା ଛାଡ଼ି ଆସନ୍ତି। ଘରେ ଚାହା ଦେଇ ଖୁସିରେ କଥା ହୁଅନ୍ତି ଓ ମିଳିଥିବା ଔଷଧ ବି ଦିଅନ୍ତି। ଥରେ ଝିଅର ଚିକିତ୍ସା ପାଇଁ ଯାଇଥିଲି। ଡାକ୍ତର ଶ୍ରୀମତୀ ରାୟ ରୋଗୀ ଦେଖା କାମ ସାରିଥିଲେ। ବେଶ କିଛି ସମୟ ବସି ଗପିଲେ। କଥା ଛଳରେ ତାଙ୍କୁ ବିରେନ ବାବୁଙ୍କ କଥା ପଚାରିଥିଲି, 'ଆପଣଙ୍କ କ୍ଲିନିକରେ ରୋଗୀ ସଂଖ୍ୟା ବହୁତ। ଏଇ ସମୟରେ ବିରେନ ବାବୁ ଭୁବନେଶ୍ୱର ଫେରିଆସି ଏଠି ରୋଗୀ ଦେଖାରେ ଆପଣଙ୍କୁ ସାହାଯ୍ୟ କଲେ ବହୁତ ଭଲ ହୁଅନ୍ତା। ବିଶେଷ କରି ସେ ଆଉ ବିଦେଶରେ ରହିବା ଉଚିତ ନୁହେଁ, 'ମୁଁ ଏପରି କହିଥିଲି କାରଣ ମୋର ଉଦ୍ଦେଶ୍ୟ ନଥିଲା ବିରେନ ବାବୁଙ୍କ ରୋଜଗାର କରିବା ଉପରେ। ଜଣେ ସ୍ତ୍ରୀ ଭୁବନେଶ୍ୱରରେ ଆଉ ସ୍ୱାମୀ ଇଂଲଣ୍ଡରେ। ଇଏ କି ଦାମ୍ପତ୍ୟ ଜୀବନ ଓ ଏତେ ପଇସା ରୋଜଗାରର ଅର୍ଥ କଣ ହୋଇପାରେ ଏ ବୟସରେ ଦୁଇଜଣଙ୍କ ପାଇଁ। ସ୍ତ୍ରୀ ସମସ୍ତଙ୍କୁ ଆପଣାର ଭାବିପାରେ ହେଲେ ନିଜର ଜଣକୁ କରେ। ଏ ଯେ ତାର ପ୍ରକୃତିର ଗୁଣ। ଦାମ୍ପତ୍ୟ ଜୀବନରେ ନିଃସଙ୍ଗତା ବିରହ ଉପରେ ଆଧାର। ଏମାନଙ୍କ କଣ ଏତିକି ଅନୁଭବ ବା ଆବଶ୍ୟକ ନାହିଁ ? ଡାକ୍ତର ଶ୍ରୀମତୀ ରାୟ କିଛି ସମୟ ଚୁପ ହୋଇ ବସି ରହିଲେ। ଝରକା ବାହାରେ ଗଛରେ ବସିଥିବା ପକ୍ଷୀମାନଙ୍କୁ ଅନେଇ ବଡ଼ ଉଦାସ କଣ୍ଠରେ କହିଲେ, 'ଆପଣଙ୍କ ବନ୍ଧୁ ବିରେନ ବାବୁ ମଣିଷର ରୋଗ ଜାଣିପାରନ୍ତି କିନ୍ତୁ ସ୍ତ୍ରୀର ମନ ବୁଝିପାରନ୍ତିନି। ସମାଜରେ ଡାକ୍ତର ହୋଇ ପ୍ରତିଷ୍ଠିତ ହେବାର ପ୍ରଚେଷ୍ଟାରେ ସେ ଜୀବନର ସାଧାରଣ ଖୁସିକୁ ଭୁଲିଯାଇଛନ୍ତି।' କଥାଟା ହାଲୁକା କରିବାକୁ ଚାହିଁ ମୁଁ କହିଲି, 'ଆପଣ ତାହାଲେ ସେଠାକୁ ଚାଲିଯାନ୍ତୁ। ଉଭୟ ଇଂଲଣ୍ଡରେ ରହିବେ'।

ସେଇ ଶୁଖିଲା ମୁହଁରେ ସେ ଉତ୍ତର ଦେଲେ, 'ସେଠିତ ଥିଲି । ହେଲେ ଲାଭ କଣ ହେଲା ? ସେ ପାଖରେ ଥାଇବି ଅନେକ ଦୂରରେ। ରୋଗୀ ଓ ପଢ଼ାରେ ସର୍ବଦା ବ୍ୟସ୍ତ। ଚିକିତ୍ସା ଜଗତରେ ପ୍ରତିଷ୍ଠା ଲାଗି ସବୁବେଳେ ବ୍ୟଗ୍ର। ସେଠୁ ଫେରିଆସି ମୁଁ ଭୁବନେଶ୍ୱରରେ ଖୁସି ଅଛି। ରୋଗୀ ଓ ବନ୍ଧୁମେଳରେ ମୋର ନିଃସଙ୍ଗତାର କିଛିଟା ଉପଶମ ହୋଇପାରିଛି'। ଆଉ ବେଶି ଆଲୋଚନା କଲେ ତାଙ୍କର ଦୁଃଖ ହେବ ଭାବି ଫେରିଆସିଥିଲି।

କିଛି ବର୍ଷ ତଳେ ଥରେ ବିରେନଙ୍କ ଫୋନ୍ ପାଇ ତାଙ୍କ ଘରକୁ ଯାଇଥିଲି। ଦିଲ୍ଲୀରେ ଗୋଟେ କନଫରରେନସରେ ଯୋଗ ଦେବାକୁ

ସେ ଆସିଥିଲେ। ତେଣୁ ଭୁବନେଶ୍ୱର ଆସିଲେ। ବେଶ ହସ ଖୁସିରେ ଥିଲେ। ଆମେ ବସି ଖାଉଥିଲୁ। କଥାବାର୍ତ୍ତାରେ ମୁଁ ତାଙ୍କର ସବୁଦିନ ଭୁବନେଶ୍ୱର ଫେରିବା କଥା ପଚାରିଲି। ବହୁତ ହାଲୁକାରେ ସେ କହିଲେ, 'ତୁମେ ବି ସେଇ ଟିପିକାଲ ଓଡ଼ିଆଙ୍କ ପରି କଥା କହୁଛ। ମନଟା ବଡ଼ କର। ଘରକୁ ଆସିବା କଥା ଯେବେ ହେଲେ ଆସିବି। ସେଠି ଅନେକ କିଛି ଶିଖିବାକୁ ଅଛି। ରୋଜଗାର ବି ସେଠାରେ ଭଲ।' ଟିପିକାଲ ଓଡ଼ିଆଟେ ମୁଁ ଯେ ଏହା ବୋଲି ଶୁଣି ମୋର ମନଟା ଦବିଗଲା। କଥାରେ ଅଛି ଯେ ପକ୍ଷୀ ଉଡ଼େ ଯେତେ ଦୂର ସେ ଜାଣେ ତାର ବ୍ୟବହାର। ମୁଁ ମୋର ଅନୁଭବରେ ଭାବୁଛି। ବିରେନ ସବୁଥିରେ ଅଧିକ। ପଢ଼ାରେ, ଚାକିରୀରେ ଓ ରୋଜଗାରରେ ସେ ଆମପରି ସାଧାରଣ ନୁହେଁ। ହୋଇପାରେ ସେ ଠିକ ହୋଇପାରନ୍ତି। ମୋର ମୁହଁ ଦେଖି ପ୍ରତିମା ଦେବୀ ମୁଁ ବିରେନଙ୍କ କଥାରେ ଆହତ ହୋଇଥିବା ଜାଣିପାରିଲେ।

ଗତ ବର୍ଷ ଗୋଟେ ଶୀତଦିନ ସକାଳେ ଘରେ ବସି ଚାହା ପିଉଛି ଡାକ୍ତର ପ୍ରତିମା ରାୟଙ୍କ ଫୋନ ଆସିଲା। 'ଆପଣଙ୍କ ବନ୍ଧୁ ଭୁବନେଶ୍ୱର ଫେରିଆସିଛନ୍ତି। ଦେହ ଭଲନାହିଁ। ଆପଣଙ୍କୁ ବହୁତ ଖୋଜୁଛନ୍ତି। ଆପଣ ନିଶ୍ଚୟ ଆସିବେ। ମୋର ଅନୁରୋଧ'।

ବିରେନ ବାବୁଙ୍କ ଘର ସହିଦନଗରରେ ବେଶ ଜଣାଶୁଣା। ବାହାରେ ଗୁଡ଼େ ଗାଡି ଥୁଆହୋଇଥିବ। ରୋଗୀଙ୍କ ଭିଡ଼। ଘର ଓ କ୍ଲିନିକ ଗୋଟିଏ ହତାରେ। ମୁଁ ସନ୍ଧ୍ୟାରେ ବିରେନଙ୍କ ଘରେ ପହଂଚିଲି। କିପରି ଶୁନଶାନ ଲାଗିଲା। ଗୋଟିଏ ବି ରୋଗୀ ଆଉ ଦେଖାନାହିଁ। ଗହଳି ନାହିଁ। କଣ ଏପରି ଶୂନ୍ୟତାର କାରଣ ହୋଇପାରେ। କଲିଂ ବେଲ ମାରିବାରୁ ଜଣେ ନର୍ସ ଆସି କବାଟ ଖୋଲିଲେ। ନର୍ସ କଣ କରୁଛନ୍ତି। ମୁଁ କେଭେ ଏଠି ନର୍ସ ଦେଖିନି। ମନରେ ଅନେକ ଆଶଙ୍କା ଆସିଲା। ପରଦା ଆଡ଼େଇ ଘର ଭିତରକୁ ଗଲି। ଡ୍ରଇଂରୁମରେ ପ୍ରତିମା ଦେବୀ କଣ ଗୋଟେ ପତ୍ରିକା ପଢୁଥିଲେ। ମୋତେ ଦେଖି ଖୁସି ହୋଇଗଲେ ଓ ବସିବାକୁ କହିଲେ। ସବୁଦିନ ପରି ମୋ ଲାଗି ଚାହା ବରାଦ କରି ମୋର ପରିବାର କଥା ପଚାରିଲେ। କିଛି ସମୟପରେ ମୁଁ ବିରେନ ବାବୁଙ୍କୁ ଦେଖିବାକୁ କହିଲି। ଟିକିଏ ରହି ପ୍ରତିମା ଦେବୀ ଆରମ୍ଭ କଲେ, 'ବିରେନ ବାବୁ ଆଜିକି ଦଶଦିନ ହେଲା ଭୁବନେଶ୍ୱର ଆସିଛନ୍ତି। ଉଚ୍ଚ ରକ୍ତଚାପ ଯୋଗୁଁ ପାରାଲିସିସ ହୋଇଛି। ଗୋଟେ ସାଇଡ୍ ଦେହର କାମ କରୁନି। ଚିକିତ୍ସା ଚାଲିଛି। ଏବେ ଔଷଧ ଖାଇ ଶୋଇଛନ୍ତି। ଜଣେ ଅସୁସ୍ଥ ଡାକ୍ତରଙ୍କ ସ୍ତ୍ରୀ ଡାକ୍ତର ଓ ତାଙ୍କ ସାଙ୍ଗ ସାଥି ଡାକ୍ତର ତେଣୁ ମୋର ଚିକିତ୍ସା ଉପରେ କିଛି ପଚାରିବାରେ ନଥିଲା। ହେଲେ ପଚାରିଲି, 'ବିଦେଶରେ ବିଶେଷ କରି ଇଂଲଣ୍ଡରେ ଚିକିତ୍ସା ଭଲ। ସେଠା ଛାଡ଼ି ଭୁବନେଶ୍ୱରରେ ଚିକିତ୍ସା ନେବା ଠିକ ହେଲାନି'। ପ୍ରତିମା ଦେବୀ ଟିକିଏ ଉପହାସ କଲା ପରି କହିଲେ, 'ତାଙ୍କର ଏ ବୟସରେ ଦେହ ଅପେକ୍ଷା ସେ ମନରେ ବେଶି ଅସୁସ୍ଥ। ଏବେ ସମସ୍ତେ ଦରକାର ତାଙ୍କର ହେଉଛନ୍ତି। ବୟସର ଚାପରେ ମନ ସମସ୍ତଙ୍କୁ ଖୋଜିବା ସ୍ୱାଭାବିକ ହେଲେ ଆଗରୁ ସଂପର୍କ ନଥିବାରୁ ସବୁ କିଛି ମିଳିବା ସମ୍ଭବ ନୁହେଁ'।

'ଆପଣ ତ ତାଙ୍କ ପାଇଁ ଯଥେଷ୍ଟ। ଅନ୍ୟମାନେ କଣ ଦରକାର ? 'ମୁଁ ହସି କି କହିଲି। କିପରି ଗୋଟେ ତାତ୍ସଲ୍ୟ କଲା ପରି କହିଲେ 'କାଗଜପତ୍ରରେ ବା ସମାଜ ଆଖିରେ ମୁଁ ତାଙ୍କ ସହ ଚାଳିଶି ବର୍ଷ ହେଲା ବିବାହ କଲିଣି, ହେଲେ ମୋଟ ଚାଳିଶି ଘଣ୍ଟା ବି ଆମେ ସାଧାରଣ ଭାବରେ ସ୍ୱାମୀ ସ୍ତ୍ରୀ ପରି ଚଳିନୁ। ଆଜି ସୁଧା ଦିନେ ବି ଆମର ରାଗ, ରୁଷା, ହସ, ଦୁଃଖ, ସୁଖ, ସନ୍ତାନ ଇଚ୍ଛା କିଛି ବି ସମ୍ଭବ ହେଲାନି। ସମୟ ସବୁ କିଛି ତାର ଋତୁ ଅନୁସାରେ ଆସିଲା ଓ ଇସାରା ଦେଲା କିନ୍ତୁ ପ୍ରତୀକ୍ଷା କଲାନି। ସବୁ କିଛି ଚାଲିଗଲା।'

ହଠାତ ନର୍ସ ଆସି କହିଲା, 'ମାଡାମ, ସାର ଉଠିଲେଣି'।

ପ୍ରତିମା ଦେବୀ ଉଠିବା ଆଗରୁ ମୁଁ ବିରେନ ରୁମକୁ ପଶିଗଲି। ଦୃବଳ ଦେହ, ଆଖି ତଳ ଶୁଖିଯାଇଛି ଓ ମୁହଁରେ ଦାଢ଼ି। ବିରେନ ବୋଲି ଡାକିଲି। ସେ ମୁହଁ ବୁଲେଇଲନି। ତେଣୁ ଖଟର ଆରପଟକୁ ଗଲି। ପାଖରେ ପଡ଼ିଥିବା ଟୁଲ୍‌ରେ ବସି ତାର ହାତକୁ ଆଉଁସିଲି। କଣେଇ ଅନେକ ସମୟ ମୋତେ ଦେଖିଲା। ଆଖିରେ ତାର ଲୁହ ପୁରି ଗଲା। ଆଖିରୁ ଝରୁଥିବା ଲୁହ ବେଳେ ଖନେଇ ଖନେଇ ସେ ଅନେକ କହି ଚାଲିଥାଏ। କଣ କହୁଛି ବୁଝି ହେଲାନି। ଭାଷା ବୁଝି ହେଲାନି ସିନା ହେଲେ ତାର ଭାବ ବୁଝିହେଲା। ଏ ଲୁହ ଅନୁତାପର ଲୁହ। ଶାମୁକା ପରି ମାନିଥିବା ଜୀବନ ତାର ଏବେ ଶିପ ହୋଇଯାଇଛି। ନିଜ ପ୍ରତି ତଥା ପତ୍ନୀ ପ୍ରତିମା ପ୍ରତି କରିଥିବା ଅବିଚାର ତାର ଏହି ଲୁହରେ ବହିଚାଲିଛି। ନିଜର ନିଃସନ୍ତାନ ଜୀବନ ପାଇଁ ନିଜେ ହୋଇଥିବା ଦୋଷୀ ପାଇଁ ବି ଏ ଲୁହରେ ତାର ବର୍ତ୍ତମାନ କାନ୍ଦୁଛି। ଏ ଲୁହରେ ଭରିଅଛି ଅନେକ ଗ୍ଲାନି। ଜୀବନରେ ସବୁକିଛିରେ ଶ୍ରେଷ୍ଠ ହେବା ପ୍ରୟାସରେ ଏବେ ନିକୃଷ୍ଟ ହେବାର ଅନୁଭବ ରେ ସେ ଅତିଷ୍ଠ। ଏକ ନିଶ୍ଚିତ ସୁନ୍ଦର ସମୃଦ୍ଧ ଜୀବନକୁ ସେ ନିଜ ଭୁଲ ବିଚାର ଯୋଗୁଁ ଶୁଷ୍କ କରିଦେଲେ। ପ୍ରତିଷ୍ଠା ଓ ଅର୍ଥ ପ୍ରବଳ ପାଇଲେ ହେଲେ ଏବେ ମନ ଚାହେଁ ନିଜ ମଣିଷର ସାନିଧ୍ୟ। ଏ ବୟସରେ ପୁଣି ସବୁ ଡାକି ଆଣିବା ନିଜ ଜୀବନ ପରିବେଶକୁ ସମ୍ଭବ ନୁହେଁ। ପରେ ଆସିବି କହି ଫେରିଆସିଲି।

ଫେରିବା ବାଟରେ ମନେପଡ଼ିଲା ବିରେନ ମୋତେ ଟିପିକାଲ ଓଡ଼ିଆଟେ କହିଥିବା କଥା। ଏଇ ଟିପିକାଲ ଚିନ୍ତାରେ ସବୁକିଛିର ସମପରିମାଣରେ ଅନୁଭବ ହୁଏ। ଏହି ଜଡ ପରିବାରରେ ଚେତନା ଜୀବନ୍ତ ଥାଏ। ସ୍ତ୍ରୀର ସନ୍ତୋଷ, ସନ୍ତାନର ସାନିଧ୍ୟ, କୁଟୁମ୍ବଙ୍କ ହସଖୁସି ଓ ନିଜର ଦୁଃଖ ସୁଖ ହାତ ପାହାନ୍ତାରେ ଥାଏ। ଏହା ମୋର ଟିପିକାଲ ଜୀବନ ଦର୍ଶନରେ ପୂର୍ଣ୍ଣତାର ଅନୁଭବ ହୋଇପାରେ। ଏକ ମୁହାଁ ହୋଇ ଧନ ଓ ବୃତ୍ତିରେ ପ୍ରତିଷ୍ଠା ପାଇଁ ସବୁକିଛି ଭୁଲି ଧାଉଁଥିବା ଲୋକଟି ନିଜ ଜୀବନକୁ ବିକଳାଙ୍ଗ କରିନିଏ ଓ ନିଜେ ଆଦରି ନେଇଥିବା ଜୀବନ ଧାରା ତାର ପାଇଁ ଏକ ସୁନା ପଞ୍ଜୁରୀ ହୋଇଯାଏ। ବିରେନ ମୋର ବନ୍ଧୁ। ସେ ଏବେ ଅନୁତପ୍ତ। ଇଶ୍ୱର ତାର ଅବଶିଷ୍ଟ ଦିନରେ ସୁଖ ସନ୍ତୋଷ ଆଣିଦିଅନ୍ତୁ ଏତିକି ମୋର ତାର ପ୍ରତି ଶୁଭେଚ୍ଛା।

*ପ୍ଲଟସଂଖ୍ୟା - ୭୭୫, ପୁରୁଣା ପୋଷ୍ଟ ଅଫିସି ଗଳି*
*ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୭୬୪୩୭୦*

# ଯେ ପକ୍ଷୀ ଉଡ଼େ ଯେତେ ଦୂର

**ଇନ୍ଦୁମତୀ ପାତ୍ର**

ଚେନ୍ନାଇ ସହରର ଉପାନ୍ତ ଅଞ୍ଚଳରେ ଛୋଟ ଏକ ବସ୍ତି । ସେଇଠି ରହନ୍ତି ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଦାଦନ ଶ୍ରେଣୀ । ଓଡିଶାରୁ ଯାଇଥିବା ଦାଦନ ପରିବାର ସେଇ ବସ୍ତିରେ ମୁଣ୍ଡ ଗୁଞ୍ଜିଛନ୍ତି । କେନ୍ଦୁଝର ଜିଲ୍ଲାରୁ ଯାଇଥିବା ଆଠ ଦଶ ପରିବାର ସେଇଠି ପାଖାପାଖି ରହନ୍ତି ।ଏକାଠି ସୁଖ ଦୁଃଖ ବାଣ୍ଟନ୍ତି ।

ବସ୍ତି ମଝା ମଝି ଧୀର ପ୍ରଧାନ ପରିବାର ସହ ଗୋଟିଏ ବଖରାରେ ରହେ । ପରିବାର କହିଲେ ସେ ଆଉ ତା ଝିଅ । ବର୍ଷେ ହେଲାଣି ତା ସ୍ତ୍ରୀ ବାହୁଡି ଗଲାଣି ଆରପୁରକୁ । ପନ୍ଦର ବର୍ଷର ଝିଅ ସୁକାନ୍ତିକୁ ନେଇ ଧୀର ସେଇଠି ମୁଣ୍ଡ ଗୁଞ୍ଜିଛି ।

ତିନିଦିନ ହେଲା ଧୀର ଜରରେ କମ୍ପୁଛି । ପାଟିକୁ ଆହାର ନେଇନି । ମୁହଁ ଶୁଖାଇ ଦୁଆର ମୁହଁକୁ ଆଉଜି ବସିଛି ସୁକାନ୍ତି । କେତେ କଣ ଭାବନା ମନ ଭିତରେ । ମା' କଥା ଭାବିଲା ବେଳକୁ ଆଖିରେ ଲୁହ ଆସିଯାଉଛି । କିଏ ଅଛିଯେ ଆହାପଦ ବାଢିବ । ଏଠି ବିଦେଶରେ କିଏ କାହାର ? ସଭିଏଁ ଖଟିଖିଆ । ରାତି ପାହିଲେ ବାହାରି ଯାଆନ୍ତି ନିଜ ନିଜ କାମ ଧନ୍ଦାକୁ । ବସ୍ତି ପଡେ ଖାଲି ।

ଏବେ କିନ୍ତୁ, ବସ୍ତିରେ ଗହଳ ଚହଳ । କାମଧନ୍ଦା ବନ୍ଦ । ମୁହଁମାଡି ଭାଗ୍ୟକୁ ଆଦରି ପଡିଛନ୍ତି ସମସ୍ତେ ।

କୋଉଠି ଥିଲା ଏ ନିଆଁ ଲଗା 'କରୋନା' ବେମାରୀଟା କେଜାଣି । ସମସ୍ତଙ୍କ ଦାନା ମାରିଦେଲା । ଘରୁ ପଦାକୁ ବାହାରିଲେ ବିପଦ । ସମସ୍ତେ ଏଣିକି ନିଜଘରେ । 'କରୋନା' କଥା ମନେ ପଡିଯିବାରୁ ସୁକାନ୍ତିର ମନେ ପଡିଗଲା କରିନା କଥା । ତା ଦୁଃଖ ବତୁରା ମୁହରେ ପୁଲକ ଖେଳିଗଲା । କରିନା କାପୁର କେତେ ବଡ ହିରୋଇନ୍, କେତେ ସୁନ୍ଦରୀ । ବାବୁଙ୍କ ଘରେ ପାଇଟି କଲାବେଳେ ସେ ଦେଖିଛି ଟି.ଭି ରେ, କରିନା କାପୁର, ସୁସ୍ମିତା ସେନ୍, ତବୁ, ମାଧୁରୀ ଦୀକ୍ଷିତ୍ । ହେଲେ, ତାକୁ ତ ସେଇ କରିନା କାପୁର କୁ ହିଁ ଭଲ ଲାଗେ । ବାବୁଙ୍କ ଝିଅ ଜାନକୀ ଦିଦି ତାକୁ ବୁଝାଇ ଦିଅନ୍ତି ଏସବୁ ।

ଏଣିକି ତା ଭାବନାର ମୋଡ୍ ବଦଳି ଗଲା । ସେ ଚାହିଁଲା ନିଜକୁ । ନିଜ ଦିହ ହାତ ତାକୁ କେମିତି ନୁଖୁରା ନୁଖୁରା ଲାଗିଲା । ପିନ୍ଧିଥିବା ସଲଓ୍ୱାର କାମିଜ୍ ଚାହିଁ ଈଷତ୍ ନାକଟେକିଲା ସେ । ସେ ଯଦି କରିନା କାପୁର ଭଳିଆ ହେଇଥାନ୍ତା, ଏମିତି ପୋଷାକ କଣ ପିନ୍ଧିଥାନ୍ତା ନା ଏମିତି ଚାଳଘରେ ରହିଥାନ୍ତା ।

ହେଲେ ମୋ ଚେହେରା କଣ କମ୍ କି ? ନାକ, ଓଠ ପୁରା କରିନା ଭଳିଆ, ସେଇଥିପାଇଁ ଜାନକୀ ଦିଦି ମୋତେ ବେଳେବେଳେ ସୁକାନ୍ତି ନ ଡାକି କରିନା ବୋଲି ଡାକି ଦିଅନ୍ତି । ଆଉ ସେତେବେଳେ ମୋ ଦେହରେ ଡେଣାଉଡ୍ଡୁରି ଆସେ । ମନେ ମନେ ଏତିକି କହି ହସିପକେଇଲା ସୁକାନ୍ତି ।

ଏଥର ତା ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣିଲା ସର୍‌ର୍ କିନା ଗୋଟିଏ ସାଇକେଲ ଅଟକିବାର ଶବ୍ଦରେ । ସାଇକେଲ୍ ଥୋଇ ଗଗନ ଦାଦି ପଶିଆସିଲେ ଘରଭିତରକୁ ।

– ଆରେ ! ତୋ ବାପାର ଜ୍ୱର ଛାଡିଲା ? ସୁକାନ୍ତିକୁ ଚାହିଁ ପ୍ରଶ୍ନ କଲେ ଗଗନ ଦାଦି ।

– ନାଇମ୍ପଁ ଦାଦି ! ବାପା କୋଉ ଉଠୁଛି ବିଛଣାରୁ । କିଛିବି ପାଟିକି ନଉନି ତିନିଦିନ ହେଲା ।

– ହେଲେ,ଆମକୁ ତ କାଲି ବାହାରିବାକୁ ପଡ଼ିବ । ବଡ଼ି ଭୋର୍‌ରୁ ଆଉ ଏଠି ପଡ଼ି ଲାଭ କ'ଣ ? ମାଲିକ ତ ପଇସାପତ୍ର ଦେଉନି । ଭୋକ ଉପାସରେ ମରିବା ଛଡା ଉପାୟ ନାହିଁ । ନ ହେଲା ଗାଁ କୁ ଯାଇ ମରିବା । ସେଇଠି ଗାଁ ସାହି ଭାଇ ଅଛନ୍ତି । କେହିହେଲେ ତ ଆହା କରିବେ । ଏତକ କହି ଦୀର୍ଘଶ୍ୱାସଟିଏ ଛାଡ଼ିଲେ ଗଗନଦାଦି ।

– ସୁକାନ୍ତି ବିକଳ ହୋଇ ଚାହିଁ ରହିଲା ଗଗନଙ୍କ ମୁହଁକୁ ।

– ହଉ , ତୁ ଜିନିଷପତ୍ର ସଜାଡ଼ିଥା, କାଲି ବାହାରିବା ବଡ଼ି ଅନ୍ଧାରରୁ । ଏତକ କହି ଗଗନଦାଦି ଚାଲିଗଲେ ବଜାରଆଡ଼େ ।

ସୁକାନ୍ତି ମୁଣ୍ଡରେ ଚିନ୍ତାର ବୋଝ । କ'ଣ କରିବ । ବାପା ତ ଉଠୁନି ବିଛଣାରୁ । ସମସ୍ତେ ଚାଲିଗଲେ ବାପଟାକୁ ନେଇ କେମିତି ରହିବ ଏଇଠି । ମନଭିତରେ ଅଡୁଆ ତଡୁଆ ହେଇଗଲା ସବୁ ପ୍ରଶ୍ନ । ବାପା ବିଛଣା ପାଖରେ ଆଣ୍ଠେଇ ବସିପଡ଼ିଲା । ଧୀରେ ସାଉଁଳିଲା ବାପାର ମଥା ।ଏ ବାପା ! ଉଠନା କାଲି ସଭିଏଁ ଚାଲିଯିବେ ଗାଁକୁ । ତୁ ନ ଉଠିଲେ ମୁଁ

କ'ଣ କରିବି ଯେ ହଉ ତୁ ଶୋଇଥା। ମୁଁ ଯାଉଛି ସେ ଔଷଧ ଦୋକାନୀକୁ କହି ଫେରେ ନୂଆ ଔଷଧ ଆଣୁଛି। ତୁ ଖାଇଦେଲେ ବିଛଣାରୁ ନିଶ୍ଚେ ଉଠିବୁ । ଏତକ କହି ସୁକାନ୍ତି ଗାଁ ଠାକୁରାଣୀ ମା ପଟ୍ଟ ଭୈରବୀଙ୍କୁ ମୁଣ୍ଡିଆଟେ ମାରିଲା। ମାଆଲୋ ! ମୋ ବାପାକୁ ଭଲ କରିଦେ। ମୋତେ ସାହସ ଦେ। ମୁଁ ବାପାକୁ ନେଇ ଭଲରେ ଭଲରେ ଗାଁରେ ପହଞ୍ଚିଯାଏ ।

ରାତିକ ଭିତରେ ସବୁଜିନିଷପତ୍ର ସଜାଡ଼ିନେଲା ସୁକାନ୍ତି । ଜିନିଷ କହିଲେ ଆଉ କ'ଣ କି ? ଲୁଗାପଟା ଦି'ଖଣ୍ଡ,ଭାତରନ୍ଧା ଡ଼େକଚି, କରେଇ, ଚଟୁ, ପାଣିବୋତଲ, ଚୁଡ଼ାଭଜା ଡ଼ବାଏ ।ବାସ୍, ଗରିବଘରର ସାମାନ୍ ଆଉ କଣ ଥାଏକି ? ଯାଯାବର ଜୀବନ ଆଜି ଏଠି ତ କାଲି ସେଠି।

ସେଦିନ ରାତିରେ ସୁକାନ୍ତିକୁ ଆଉ ନିଦ ହେଲାନି । ବାପା, ସତରେ କ'ଣ ବିଛଣାରୁ ଉଠିବ । ଯଦି ନ ଉଠେ, କେମିତି ନବତାକୁ ବାରଶ କିଲୋମିଟର – ରବି ଭାଇ କହୁଥିଲା । ତା ଘରଠୁ ତ ତା ବାବୁଙ୍କ ଘର ପାଞ୍ଚ କିଲୋମିଟର , ସିଏ ତ କେତେ ନାଇଁ କେତେ ରାସ୍ତା । ହେଲେ ବାରଶ କିଲୋମିଟର – କହିଲା ବେଳକୁ ଆଖି ପାଉନି । ସେ ତ ହିସାବ ଜାଣିଛି ନା । ଗାଁରେ ପଞ୍ଚମ ଯାଏ ପଢ଼ିଥିଲା। ତା ପରେ ସିନା ମା'ଝିଅ ଦୁହେଁ ଆଇଥିଲେ ଏଇ ଚେନ୍ନାଇ ସହରକୁ। ବାପା ବର୍ଷେ, ଦି' ବର୍ଷ ଗାଁକୁ ଗଲାନି । ଖାଲି ଯାହା ପଇସା ପଠେଇଥିଲେ ଗାଁ ପିଲାଙ୍କ ହାତରେ, ହେଲେ ପଇସା କ'ଣ ସବୁ ? ମା' ମନକୁ ପାପଛୁଇଁଲା। କେତେ କ'ଣ ଭାବିହେଲା , ଝୁରିହେଲା ମୋ ବାପାକୁ ? ଶେଷରେ ରବିଭାଇ ସାଙ୍ଗରେ ମା'ଝିଅ ଦୁହେଁ ଚାଲିଆସିଲେ ଚେନ୍ନାଇ।

କେତେବଡ଼ ସହର ଇଏ। ଭଳିକି ଭଳି କେତେ ରଂଗର କୋଠା । କଳକାରଖାନା, ଦୋକାନ ବଜାର। ସୁକାନ୍ତିର ଆଖି ଖୋସି ହେଇଗଲା। ପହିଲେ ପହିଲେ ତାକୁ ନାଗିଲା, ଏଇଟା ତା' ସପନ ରାଇଜର ସରଗପୁର। ହେଲେ ଯେତେବେଳେ ପଦାକୁ ଗୋଡ଼ କାଢ଼ିଲା ସେ ଲୋକଙ୍କ ଚେହେରା , ଢଙ୍ଗ-ଢାଙ୍ଗ ,କଥାବାର୍ତ୍ତା ଦେଖି ଭୋଳା ବନିଗଲା। ଏଇଟା କୋଉରାଇଜ ଲୋ ମା'ଏଠି ମୋ ବାପା କେମିତି ଚଳୁଛି କେଜାଣି ବଡ଼ ଅଜବ ସହର ଇଏ।

ଛ'ମାସ ଯାଏ ତାକୁ ଜମାରୁ ଭଲ ଲାଗିଲାନି। ତାପରେ ରବିଭାଇର ଭାଉଜ, ଗଗନ ଦାଦିର ଖୁଡୀ, ଦୀନାମଉସାରଝିଅ ଅଳି ସାଙ୍ଗରେ ମିଶି ଟିକେ ଟିକେ ବୁଝିଲା ତାଙ୍କ ଠାର। ଏବେ କିନ୍ତୁ ସୁକାନ୍ତିକୁ ଆଉକିଏ ପାରିବକି ? ତାକୁ ତେଲୁଗୁ, ତାମିଲ, କେରଳୀ ସବୁଭାଷା ଜଣା। ବାବୁଘରୁ ଇଡ଼ଲି,ଦୋସା, ସମ୍ବର ସବୁ ଶିଖିଯାଇଛି ତାରବି ଇଚ୍ଛାହୁଏ, ତାଘରେବି ସବୁଦିନ ଏଇ ଜଳଖିଆ ହୁଅନ୍ତା। ଗୋଡ ଉପରେ ଗୋଡ ପକେଇ ଟେବୁଲ ଉପରେ ଜଳଖିଆ ଖାଆନ୍ତା, ଆଉ ଟି.ଭି ଦେଖୁଥାନ୍ତା। ଜାନକୀ ଦିଦିଙ୍କ ଭଳି। ହେଲେ ଏତେ ସପନକୁ ରାତି କାହିଁ ? ଗରିବର ଫେର୍ ସପନ ଗୁଟେ କ'ଣ ? ସେ ଖଟିବ, ଆଉ ଖାଇବ।

ଏମିତି ଗୋଟେ ପରେ ଗୋଟେ ସପନ ଖୁସିର ଲହର ତୋଳୁଥିବା ବେଳେ ଝରଝର ରାତି ପାହିଆସିଲା। ଦୁଆର ମୁକୁଳା କରି ବାହାରକୁ ଉହୁଙ୍କି ଦେଖିଲା ସୁକାନ୍ତି। ସମସ୍ତଙ୍କ ଦୁଆର ମୁକୁଳା କରି କଥାବାର୍ତ୍ତା ଶୁଭୁଛି। ସମସ୍ତେ ଯିବାକୁ ସଜ ହେଲେଣି ନା କ'ଣ ?

ଏଥର ସଅଳ ସଅଳ ନିତ୍ୟକର୍ମ ସାରିଦେଲା ସୁକାନ୍ତି। ସାଇକେଲ ଟା କାଢ଼ିଲା ପଦାକୁ। ପୋଛି ପାଛି ଦେଲା। ବଡ଼ ପିଢ଼ାଟା ଆଣି ଶକ୍ତ କରି ବାନ୍ଧିଲା କ୍ୟାରିଅରରେ। ଜିନିଷ ଭର୍ତ୍ତି ବ୍ୟାଗ୍ ଦୁଇଟା ଝୁଲେଇଦେଲା ହ୍ୟାଣ୍ଡଲର ଦୁଇକଡେ। ବାସ୍, ଏଥର ବାପାକୁ ଯାଇ ଉଠେଇଲା ବିଛଣାରୁ। ମୁହଁ ଧୋଇ ଦାନ୍ତ ଘସେଇ ଦେଲା। ଗୁଲକୋଚ ପାଣି ଗିଲାସେ ଦେଲା। ମଇଳା କୋଚିଟିଆ ଧୋତିଖଣ୍ଡକ ଆଉ କାନ୍ଥ କଣ୍ଟାରେ ଟଙ୍ଗା ହେଇଥିବା ସାର୍ଟ ଖଣ୍ଡକ ଆଣି ଧରେଇଦେଲା। ବାପକୁ, କହିଲା – ବାପା, ଶୀଘ୍ର ପିନ୍ଧି ପକା। ସଭିଏଁ ବାହାରିଗଲେଣି।

ବାପଝିଅ ବାହାରି ଆସିଲେ ଘରୁ। ଗଲାବେଳେ ଘର ମାଲିକଙ୍କୁ ଅନ୍ତତଃ ମୁଣ୍ଡିଆଟେ ମାରି ତାଲା, ଚାବି ଜିମା ଦେଇ ଯିବାକୁ ବାହାରିଲା ଧୀର। ବସାଘରକୁ ମୁଣ୍ଡିଆଟେ ମାରିଲା। ଦୀର୍ଘ କୋଡିଏ ବର୍ଷ ହେଲା ଏଇଠି ମୁଣ୍ଡ ଗୁଞ୍ଜିଥିଲା। ସୁଖଦୁଃଖର ସାଥୀ ଥିଲା ଏ ବସାଘର।

ସୁକାନ୍ତି ଡ଼ାକ ପକେଇଲା- ବାପା ! ଜଲ୍‌ଦି ଆସେ, ଆମେ ପଛରେ ରହିଯିବା। ଧୀର ପାହୁଣ୍ଡ ପକାଇ ସାଇକଲ ପାଖରେ ପହଞ୍ଚିଲା ତା ବାପା।

ସୁକାନ୍ତି ମୁହଁ ଫୁଲେଇ ଅଭିଯୋଗ କଲା, ତୁ କେତେ ଡେରି କରି ଦେଲୁ। ସମସ୍ତେ କେତେ ଆଗୁଆ ହେଇଯିବେଣି। ହଉବସ୍,। ପାରିବୁ ନା ଡାକିବି କାହାକୁ।

ହଁ ହଁ ବସୁଛି ରହ। ଅବଶ ଦେହକୁ ଏଥର ସାଇକେଲରେ ବନ୍ଧା ପିଢ଼ା ଉପରେ ଥୋଇଲା ଧୀର। ଏଥର ଆରମ୍ଭ ହେଲା ଯାତ୍ରା ନିଜର ଗନ୍ତବ୍ୟ ସ୍ଥଳକୁ।

ବାପା, ଦେଖ୍ ସମସ୍ତେ କେତେ ବାଟ ପଳେଇଲେଣି। ହଉ ଚିନ୍ତା କରନି, ବୁଢ଼ାବାପାକୁ ପଛପଟେ ବସାଇ ସାଇକେଲ୍ ପେଡାଲ୍ ଉପରେ ନିଜର ସବୁ ଶକ୍ତି ଲଗେଇଦେଇଥିଲା ଝିଅ ସୁକାନ୍ତି। ହେଲେ ସରୁ ନ ଥିଲା ବାଟ।

ଆଗପଛ ହୋଇ ଚାଲିଛନ୍ତି ସଭିଏଁ। ଏଯାତ୍ରାରେ ପିଲାଠୁ, ମଧ୍ୟବୟସ୍କ, କୁନି ପିଲା ସମସ୍ତେ ସାମିଲ୍ ହେଇଛନ୍ତି। କିର୍ତ୍ତନ ଭାଇ କାନ୍ଧେଇଛି ତା' ପୁଅକୁ। ଗଗନ ଦାଦିର ଛଅ ବର୍ଷର ଝିଅ ଝୁମୁରି ଚାଲି ଚାଲି ଥକିପଡିଲାଣି। ରାହା ଧରି କାନ୍ଦୁଛି। ଗୋଟିଏ ହାତରେ ଧରିଛି ମାଆର କାନି। ଆର ହାତରେ ଟେକି ଦେଉଛି ମୁହଁ ଉପରକୁ ଝୁକି ଆସୁଥିବା ନୁଖୁରା ବାଳକୁ। ତା' ମା' ବି ନିରୁପାୟ। ମୁଣ୍ଡ ଉପରେ ଗଣ୍ଠିଲି, କାଖରେ ଜିନିଷ ଭର୍ତ୍ତି ବ୍ୟାଗ୍। ମଣି ଖୁଡୀ ତା ଚାରିବର୍ଷର ପୁଅକୁ ଟ୍ରଲି ବ୍ୟାଗ୍ ଉପରେ ଝୁକାଇ ଶୁଆଇ ଦେଇଛି ଆଉ ଦଉଡିଟେ ବାନ୍ଧି ଟାଣି ଟାଣି ଚାଲିଛି ଆଗକୁ।

ଏମିତି ଚାଲିଛନ୍ତି ସଭିଏଁ ଧାଡିବାନ୍ଧି। ରାସ୍ତାରେ ଭିଡ ନାହିଁ। କୋରୋନା ଯୋଗୁଁ ସଭିଏଁ ଘର ଭିତରେ ବନ୍ଦୀ। ଜାତୀୟ ରାଜପଥ, ଯୋଉଟା ଓଡିଶା ଆଡକୁ ଯାଇଛି, ଜାଣିଛନ୍ତି ଗଗନଦାଦି, ରବିଭାଇ ହେରିକା। ସମସ୍ତେ ବ୍ୟାକୁଳ, କେବେ ପହଞ୍ଚିବେ ଗାଁରେ। ନିଜମାଟିରେ ମରିଗଲେ ବରଂ ଭଲ।

ବାଟରେ କୋଉଠି କୋଉଠି ସରକାରଙ୍କ ତରଫରୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବଦାନ୍ୟବ୍ୟକ୍ତିଙ୍କ ତରଫରୁ ପ୍ରବାସୀଙ୍କ ପାଇଁ ଖାଇବା

ଦେଉଛନ୍ତି । କୋଉଠି ଶୁଖିଲା ଖାଦ୍ୟପୁଡିଆ ତ’ ଆଉ କୋଉଠି ରନ୍ଧାଭାତ । ଦୁଇଦିନ ବେଳକୁ ସେମାନେ ଆଣିଥିବା ଚୁଡା କି ଛତୁଆଟିକକ ସରିଗଲାଣି । ଏବେ କେବଳ ପର ହାତଟେକାକୁ ଭରସା । ଚାଲି ଚାଲି ଯୋଉଠି ରାତି ହେଇଯାଏ, ସେଇଠି ବିଶ୍ରାମ ନିୟନ୍ତି ସମସ୍ତେ ଏକାଠି ହୋଇ । ପୁଣି ରାତି ପାହିଲେ ଆରମ୍ଭ ହୁଏ ଯାତ୍ରା ।

ଆସିବା ବାଟ ରେ ଟି.ଭି ବାଲା, ଖବର କାଗଜ ବାଲା, କେତେ ଫଟୋ ଉଠଉ ଥାନ୍ତି ତାଙ୍କର । କେତେ କ’ଣ ପଚାରୁଥାନ୍ତି ବି । ସେଥିକି ଧ୍ୟାନ ନାହିଁ କାହାର । ସମସ୍ତଙ୍କର ଏକଲକ୍ଷ୍ୟ, କେମିତି ଘରେ ପହଞ୍ଚିବା ।

ଛଅଦିନ ବେଳକୁ ସେମାନେ ପହଞ୍ଚି ଗଲେ କେନ୍ଦୁଝର ସହରରେ । କଚେରୀ ଛକରେ ସମସ୍ତେ ଏକାଠି ହେଲେ । ସେଠିବି ତାଙ୍କୁ ଖାଇବା ପାଇଁ ଶୁଖିଲା ଖାଦ୍ୟ, ପାଣି ବୋତଲ ମିଳିଗଲା । ସମସ୍ତେ ଶାନ୍ତିରେ ନିଶ୍ୱାସ ମାରିଲେ । ଯାହା ହେଲେବି ନିଜ ଯାଗାନା । ଏଠି ଆଉ ଭୟ ନାହିଁ ।

କୋଉଠି ଥିଲେ ପଙ୍ଗପାଳ ପରି ଧାଇଁ ଆସିଲେ ମିଡିଆ ବାଲା । ପୂର୍ବରାତିରେ ସେମାନେ ଟି.ଭିରେ ଦେଖିସାରିଥିଲେ ଚେନ୍ନାଇ ଫେରନ୍ତା ଏଇ ପ୍ରବାସୀ ମାନଙ୍କୁ । ସୁକାନ୍ତି ର ବୁଢାବାପାକୁ ସାଇକେଲରେ ବୋହିଆଣିବାର ଦୃଶ୍ୟ ବାରମ୍ବାର ଦେଖାଇଥିଲା ବିଭିନ୍ନ ଚ୍ୟାନେଲରେ । ଢେର୍ ପ୍ରଶଂସା ବାଢ଼ିଥିଲେ ସଭିଏଁ । ସୁକାନ୍ତିକୁ ଢେ଼ର୍ ସମୟ ଘେରି ରହିଲେ ମିଡିଆ ବାଲା ।

ସମସ୍ତେ ଆଶ୍ଚର୍ଯ୍ୟ । ସୁକାନ୍ତି ଉତ୍ତର ଦେଇ ଦେଇ ଝାଳେଇଗଲାଣି ପ୍ରାୟ । ଭାବିବାକୁ ତର ନାହିଁ । ଧୀରେ ଧୀରେ ତା ମୁହଁର ରଙ୍ଗ ବଦଳିଗଲା । ତାର ସାହସ ଆହୁରି ଦୁଇଗୁଣ ହେଲା । ମନେ ମନେ ସେ ଭାବି ନେଲା – ସତରେ ସେ ଆଉ କରିନା କାପୁର ବନିଯାଇନି ତ । ସେ ଟି.ଭି ରେ ଦେଖିଛି କରିନା କାପୁର କୋଉ ଛଟକରେ କଥା କହେ । ସତକୁ ସତ ତା କଥା କହିବାର ଢ଼ଙ୍ଗବି ବଦଳିଗଲା ଏଥର ।

ଅଯଥାରେ ସେ ସିନା ଏ ‘କୋରୋନା’ ବେମାରିଟାକୁ ଗାଳି ଦେଉଥିଲା । ତାରି ଯୋଗୁଁ ସିନା ଏତେ କଥା । ସେ ଆଉ ସୁକାନ୍ତି ନୁହେଁ, କରିନା କାପୁର ଭଳିଆ ଗୋଟେ ହିରୋଇନ୍ । ତା ଶୁଖିଲା ଝାଉଁଳା ମୁହଁରେ ଏଥର ମଧୁରିଆ ହସଟିକେ ଲହଡ଼ି ମାରିଲା । ଝାଉଁଳା ଗଛଟାରେ କିଏ ପାଣି ମୁନ୍ଦେ ଢ଼ାଳି ଦେଲାକି ଆଉ ।

ମନେ ମନେ ଧନ୍ୟବାଦ ଦେଲା ତା ଭଙ୍ଗା ସାଇକେଲଟାକୁ । ଏଇଟାକୁ ନେଇ ସେ ନିଇତି ପାଇଟିକୁ ଯାଏ । ପବନ ବେଗରେ ଉଡ଼େଇ ଦିଏ ସାଇକେଲ୍ । କିଏ ପାରିବନା ତାକୁ ସାଇକେଲ୍ ରେସ୍ ରେ ।

ମିଡ଼ିଆ ବାଲା ଚାଲିଗଲା ପରେ ପୁଣିଥରେ ତାଙ୍କର ଆରମ୍ଭ ହେଲା ଯାତ୍ରା । କିଏ ଚାଳିଶ ତ କିଏ ବାଇଶି, ପଚିଶ କିଲୋମିଟର ଯିବେ । ଦିନ ଚାରିଟା ବେଳକୁ ସମସ୍ତେ ପହଞ୍ଚିସାରି ଥିବେ ନିଜ ଗାଁରେ ।

ସୁକାନ୍ତି ବାପାକୁ ନେଇ ପହଞ୍ଚଗଲା ନିଜ ଗାଁ ସୁନାପେଣ୍ଠରେ । ହରିଚନ୍ଦନପୁର ବ୍ଲକ୍ ଗୋଟିଏ ଛୋଟିଆ ଗାଁ । ସେଇଠି ତାକୁ ଅପେକ୍ଷା କରିଥିଲେ ଗାଁର ସରପଞ୍ଚ ଓ ଗାଁର ଅନ୍ୟକେତେଜଣ ଭଦ୍ରଲୋକ । ସେଇଠୁ ସେମାନଙ୍କୁ ନେଇଗଲେ କ୍ୱାରେଣ୍ଟାଇନ୍ ସେଣ୍ଟର୍ । ସେଇଠୁ ଅବଧି ଶେଷ ହେଲେ ଘରକୁ ଯିବେ ।

ସୁକାନ୍ତି ଦେଖିଲା ଏପଟୁ ଗାଁ ଭିତରୁ ଝିଅ ବୋହୁ ପୁଞ୍ଜାଏ ଧାଇଁ ଆସୁଥାନ୍ତି ସେମାନଙ୍କ ଆଡ଼କୁ । ସେପଟକୁ ଚାହିଁଲା ବେଳକୁ ଦୁଇତିନିଟା ଗାଡ଼ିରେ ଓହ୍ଲେଇଲେ ମେଞ୍ଚାଏ ଲୋକ । ସମସ୍ତେ ପ୍ରଶଂସାରେ ପୋତି ପକେଇଲେ ସୁକାନ୍ତିକୁ । କିଏ ବଢେଇଲା ସହାୟତାର ହାତ, ଆଉକିଏ ପ୍ରଶଂସାର ପତ୍ର ।

ଦଶ ବାରଦିନ ଭିତରେ ବିଦେଶରୁ ବି ଆସିଗଲା ବାର୍ତ୍ତା । ସୁକାନ୍ତି ଏଥର ଉଦୀୟମାନ କ୍ରୀଡ଼ାତାରକା ଭାବେ ଉଭା ହେବ କଉ କ୍ରୀଡ଼ା ମଇଦାନରେ ।

ଗାଁ’ରୁ ସହର, ଦେଶ ବିଦେଶ ଚାରିଆଡ଼େ କେବଳ ସୁକାନ୍ତିର ପ୍ରଶଂସା ମଳିମୁଣ୍ଡିଆ ଖଟିଖିଆ ଧୀର ବୁଝିପାରୁନଥିଲା । ଏତେ ଶୀଘ୍ର ତା ଝିଅର ଭାଗ୍ୟ ପରିବର୍ତ୍ତନ ହେଇଯିବ । ପରଘରେ ପାଇଟି କରି ଚଳୁଥିବା ଅଭାଗି ଝିଅ ଟା ଏଡ଼େ କିର୍ତ୍ତିଟାଏ କରିବ । ଆଖିରେ ଆଖିଏ ଲୁହ, ଆଉ କୋହକୁ ଚାପି ଦେଉ ଦେଉ ଧୀର ଝିଅର ମୁଣ୍ଡ ଆଉଁସି ଦେଲା । ବିଚାରି ମା’ ଟା ତାର ବଞ୍ଚିଥିଲେ ଦେଖିଥାନ୍ତା ଏତକ ।

ସୁକାନ୍ତି ଭଙ୍ଗା ଚାଳ ଅଗଣାରେ ବସି ଦେଖୁଥିଲା ଆକାଶକୁ । କେତେ ବଡ଼ ଏ ଆକାଶ । ଏଇଠି ତାକୁ ଉଡ଼ିବାକୁ ହେବ । ସରିଯାଇଛି ତା ସ୍ୱପ୍ନର ଉଡ଼୍ଡାଣ । ଏଥର ସତ ସତିକା ଉଡ଼ିବାର ସମୟ । ତାକୁ ଏଥର ପ୍ରସ୍ତୁତ ହେବାକୁ ପଡିବ । କରିନା କାପୁର ଠୁଁ ସିଏ କୋଉ କମ୍ କି । ସବୁ ଏଇ କୋରୋନା ପାଇଁ ନା ।

*ମାର୍ଫତ୍ – ଯୋଗେନ୍ଦ୍ର ସାହୁ*
*ଗୋର ତୋଟା ସାହି, କେନ୍ଦୁଝର ଗଡ,*
*ଦୂରଭାଷ: ୯୮୬୧୬୪୯୦୨୯*



# ଅଗ୍ନି ପରୀକ୍ଷା

**ଗୀତା ଦାସ**

ସୁଚେତା କମଳୀର ଅତୀତ ଇତିହାସ ଶୁଣିଥିଲେ ସମୀକ୍ଷା ବି ମନେ ମନେ କରୁଥିଲେ। ନାରୀର ଜୀବନ ପଥର ତଳେ। କେତେ ଉଠାଣି ଗଡାଣି ରାସ୍ତାରେ ଚାଲୁଥାଏ। କେତେ ଧକ୍କା ସହେ। ତାକୁ ଧରି ବସିଲେ ଆଗକୁ କ'ଣ ଚାଲି ହେବ। ସମୟ ଖରାପ ଥିଲେ ଏସବୁ ଘଟେ। ଯାହାକୁ ବି ସମାଧାନ କରିବା କଷ୍ଟ ହେଇଥାଏ।

କି ଦୁର୍ବୁଦ୍ଧି ଆସିଲା କେଜାଣି କମଳୀ ମନରେ। କମଳୀ ଦିନେ ଗାଁରୁ ଫେରାର ହେଇଗଲା ଏସବୁ ପରିବାର ପାଇଁ କଳଙ୍କ। ସାହି ପଡ଼ିଶା ବନ୍ଧୁବାନ୍ଧବରେ ବାପାମାଆଙ୍କୁ ଅନେକ କିଛି ଶୁଣିବାକୁ ପଡୁଥିଲା। ପୁଅକୁ ଅନାଇ ଅନାଇ ପାଞ୍ଚ ଝିଅ। ବଡ଼ ଝିଅର ଏଭଳି କୀର୍ତ୍ତିରେ ବାପାର ଜୀବନ ଅଧା ହେଇଯାଇଥିଲା। ସେଥିପାଇଁ ସେ ଝିଅମାନଙ୍କର ମରଣ ଚାହୁଁଥିଲା। କମଳୀ ମରଣ ଭୟରୁ ଖସି ଆସିଥିଲା ସତ। କିନ୍ତୁ ଏଇଠି ମରୁଥିଲା ପ୍ରତ୍ୟେକ ଦିନ। ବୟସ ବା କେତେ ? ଅଠର କି ଉଣେଇଶି। ଖତୁଆ, ସହ ଭେଟ ହେଲା। ସମ୍ପର୍କ ହେଲା ଖତୁଆ ହେଉଛି ସମବାୟ ଅଫିସରଙ୍କ ସରକାରୀ ଡ୍ରାଇଭର। ସେ ସରକାରୀ କାମରେ ଅଫିସରଙ୍କ ସହ ଗାଁ ଗାଁ ବୁଲେ।

କମଳୀର ଭେଟର ସମୟ ସରକାରୀ କାମ ନଥାଇ ମଧ୍ୟ ବଢ଼ିଲା। ବନ୍ଧୁତା ବଢ଼ିଲା। ପ୍ରେମ ବି। ଶ୍ରଦ୍ଧାରେ ଗୋଟିଏ ମୋବାଇଲ ଉପହାର ଦେଇଥିଲା ଖତୁ। ହ୍ୱାଟସ ଅପ ଫେସବୁକ୍‌ର କାମ ମଧ୍ୟ ଶିଖାଇଥିଲା। ତା'ପରେ ଦିନେ ସଭିଙ୍କ ଆଖିରେ ଧୂଳି ଦେଇ କମଳୀକୁ ସରକାରୀ ଗାଡିରେ ଭୁବନେଶ୍ୱର ନେଇ ଆସିଲା। ଏତେ ଦୂର ବୋଲି କମଳୀ ନିଜେ ଜାଣିନଥିଲା। ଅନ୍ୟମାନେ ଜାଣିବେ କେମିତି ? କେବଳ କମଳୀର ମକର ଏ ସମସ୍ତ କଥା ଜାଣିଥିଲା ଏବଂ ଗୋପନ ରଖିବାକୁ ରାଣ ପକାଇଥିଲା କମଳୀ।

ପ୍ରତ୍ୟେକ ସରକାରୀ କ୍ୱାର୍ଟର ପଛପଟେ ଗୋଟେ ଆଉଟ୍ ହାଉସ ଥାଏ। ଖତୁଆ ସେଇଠି କମଳୀକୁ ରଖିଲା ବର୍ଷେ ଦୁଇ ବର୍ଷ ବେଶ୍ ଭଲରେ ଚଳିଲେ ଉଭୟେ। ପୁଅ ହେଲା। ଖୁସିରେ ପର୍ବ ବି ପାଳନ କଲା ସାଙ୍ଗସାଥି ଚିହ୍ନା ପରିଚୟ ଲୋକଙ୍କୁ ଡାକି ଭୋଜି ମଧ୍ୟ କଲା। ପରେ ପରେ କ'ଣ ହେଲା କେଜାଣି ! କମଳୀକୁ ସନ୍ଦେହ ଦୃଷ୍ଟିରେ

ଟିଭିରେ, ମହାଭାରତର ସିରିୟାଲ ଦେଖୁଥିଲେ, ସୁଚେତା। ଦୁର୍ଯୋଧନର ସଂଳାପରେ ପରିବେଶ କମ୍ପି ଉଠୁଥିଲା। ପିତା ମହାରାଜା ଧୃତରାଷ୍ଟ୍ର ପୁଅର ଔଦ୍ଧତ୍ୟ ସମ୍ପର୍କରେ ଜ୍ଞାତ ଥିଲେ ମଧ୍ୟ ପୁତ୍ର ସ୍ନେହରେ ଅନ୍ଧ ଥିଲେ। କେବଳ ନିଜର ନ୍ୟାଯ୍ୟ ଅଧିକାର ନ ପାଇବାର ଗ୍ଳାନିରେ ନିଜ ମନରେ ଘୃଣା ଅପମାନ ଅଯୋଗ୍ୟତାକୁ ନେଇ ଧିକ୍କାର କରୁଥିଲେ। ସବୁରି ପଛରେ ଥିଲା ତାଙ୍କର ଅନ୍ଧତ୍ୱ। ଖୁବ୍ ମନ ତନ ଦେଇ ଦେଖୁଥିଲେ ସୁଚେତା। ସ୍ନେହ ଭାବନା ସହିତ ନିଜକୁ ଜଡ଼ିତ କରି ରଖିଥିଲେ। କଲିଂବେଲର ଶବ୍ଦରେ ଧ୍ୟାନମଗ୍ନ ସୁଚେତା ପ୍ରକୃତିସ୍ଥ ହେଲେ।

– ଆଲୋ କମଳୀ ତୁ କ'ଣ ଏତେ ଶୀଘ୍ର ଆସିଛୁ ? ଏବେ ତ ମାତ୍ର ଦିନ ଦୁଇଟା। ମୋର ତ ଆଜି ଅଫିସ ଛୁଟି। ତୁ କ'ଣ ମନେ ରଖିନୁ କି ?

– ମାଆ ବୁଝିଲ ଆଜି ନୂଆ ଘରଟିଏ ପାଇଛି। ମାଆ ଡାକ୍ତରାଣୀ। ବାବୁ ବି। ଛୁଆ ତାଙ୍କର ଛଅମାସର। ସପ୍ତାହରେ ଚାରିଦିନ ରାତି ଡ୍ୟୁଟି। ତାଙ୍କ ଛୁଆକୁ ଜଗିବାକୁ କହିଛନ୍ତି। ମୁଁ ପୁଅକୁ ନେଇ ତାଙ୍କ ଘରେ ରହିବି। ଡାକ୍ତର ବାବୁ ଦିଲ୍ଲୀରେ ଚାକିରି କରନ୍ତି। ତାଙ୍କ ଚାକରାଣୀ ଗାଁକୁ ଯାଇଛି। ଜରୁରୀ କାମ ଅଛି ଗୋଟିଏ ମାସ ପାଇଁ।

କମଳୀକୁ ସୁଚେତା ଦୀର୍ଘ ଚାରିବର୍ଷ ହେଲାଣି ଦେଖୁଛନ୍ତି। କାମରେ ନିୟମିତ। ସମୟଜ୍ଞାନ ଅଛି। ଯେତିକି ଦାୟିତ୍ୱ ଦିଆଯାଇଛି ତାକୁ ସୁଚାରୁ ରୂପେ ତୁଲାଇ ପାରିବା ଅବସ୍ଥା ଚକ୍ରରେ ମଣିଷକୁ କେମିତି ଭୋଗିବାକୁ ପଡ଼େ କମଳୀକୁ ଦେଖିଲେ ସବୁ ବୁଝି ହେବ।

କମଳୀ ନିପଟ ମଫସଲ ଅଞ୍ଚଳର ଝିଅ। ଅଷ୍ଟମ ଶ୍ରେଣୀ ପାସ୍ ପରେ ଆଉ ପାଠପଢ଼ାରେ ମନ ଲାଗିଲାନି। ତା' ତଳେ ଚାରି ଭଉଣୀ। ବାପାର ସେମିତି କିଛି ରୋଜଗାର ନାହିଁ। ଜମିବାଡ଼ି ଗାଈ ଗୋରୁ ସାହୁକାରର ବୋଲହାକ ଏସବୁରେ କାମ କରି ପରିବାର ଚଳାଏ। ମାଆ କଉ ବସିଥିଲା କି ? ଧାନ ଉଷୁଁଇବା ଢିଙ୍କି କୁଟା। ପରଘରେ ପାଇଟି କରେ। କମଳୀ ବଡ଼ ଝିଅ। ପରିବାରକୁ ବୁଝିଲା ବାଲା ଝିଅ। ଖୁବ୍ କମ୍ ବୟସରୁ ସେ ରୋଜଗାର କରିବା ଶିଖିଥିଲା। ଗାଁରେ ମହିଳା ସଂଗଠନ ଥିଲା। ସେଇଠି ସେ କାମ କରୁଥିଲା। ଭଲ ବି ରୋଜଗାର ଥିଲା।

ଦେଖିଲା ମାରପିଟ ବି ଆରମ୍ଭ କଲା । ଖଡୁଆର ଅନୁପସ୍ଥିତିରେ ସବୁ କିଛି ଘଟୁଛି । ଛୁଆର ଯାବତୀୟ ଜଞ୍ଜାଳ ଘର କାମ ସାରିଲା ପରେ ଆଉ ବା ସମୟ କାହିଁ ? ?

ବାବୁଆଣୀ ଖୁବ୍ ଭଲ ମଣିଷ । ବେଶ୍ ଆପଣାର ଲାଗନ୍ତି, ଖଡୁଆ ସହ କମଳୀର ସମ୍ପର୍କ ଭଲ ରହୁନି ଏକଥା ମଧ୍ୟ ଦୃଷ୍ଟି ଆଢୁଆଳରେ ନଥିଲା । ସମାଧାନ ହେଇପାରୁନଥିଲା । ଦିନେ କମଳୀକୁ ଡାକି ବାବୁଆଣୀ କହିଲେ

– ଆଲୋ କମଳୀ ମୁଁ ତଜାଣେ । ତା ଗାଁରେ ଖୁଡର ସ୍ତ୍ରୀ ପିଲାଛୁଆ ଅଛନ୍ତି । ତୁ ଯେଉଁଦିନ ଏକଲା ଆସିଲୁ ମୋର ସନ୍ଦେହ ହେଇଥିଲା । ତା'ପରେ ଭାବୁ ଥିଲି ଗାଁର ସ୍ତ୍ରୀ ବୋଧେ ଏକଲା ଆସିଥିବ । ଭୁବନେଶ୍ୱରରେ କ'ଣ କାମ ଥିବ । ପରେ ଯେତେବେଳେ ସବୁ କଥା ଜାଣିଲି ଖଡୁଆକୁ ପଚାରିଲି । ସେ କେବଳ ହସିଦିଏ କଥାକୁ ବୋଧେ ଜରୁରୀ ମନେ କଲାନି ।

– ମାଆ ସବୁ ମୋର ଭାଗ୍ୟ । ଆଖିରୁ ଲୁହ ଖସି ପଡ଼ିଲା ।

କମଳୀ ଛୁଆକୁ ଧରି ପର ଘରେ କାମ କରିଲା ପ୍ରଥମେ ବାବୁଆଣୀଙ୍କ ଘରେ ପରେ ଦୁଇ ଚାରି ଘର ଧରିଲା । ଖଡୁଆ ଯେହେତୁ ପଇସା ପତ୍ର ଦିଏନି କମଳୀ ଚଳିବ କେମିତି ? ବେଳେବେଳେ ଘରୁ ବାହାର କରିଦିଏ । କମଳୀ ସେଇଠୁ ଆସି ଗ୍ୟାରେଜ ଘରେ ରହିଲା । ବାବୁ ବି ଭୀଷଣ ବିରକ୍ତ ହେଲେ ଖଡୁଆ ଉପରେ । ଖଡୁଆ କମଳୀର ଜିନିଷ ପତ୍ର ପଦାକୁ ବାହାର କରି ଦେଇ ପଳାଇଲା ଆଠ ଦଶଦିନ ଘରକୁ ଫେରିଲାନି । କମଳୀ କରିବ କ'ଣ ?

କମଳୀ ଏତେ ବଡ଼ ସହରରେ ନିଜକୁ ଅସହାୟ ମଣିଲା । ନା । ତାକୁ ବଞ୍ଚିବାକୁ ହେବ । ନିଜ ପାଇଁ ପୁଅ ପାଇଁ, ଭଡାଘର ବୁଝିଲା । ସେଇଠି ପୁଅକୁ ନେଇ ରହିଲା । ପଛକଥା ନ ଭାବିବା ଭଲ । ସେ ରାସ୍ତାତ କେବେଠୁ ସେ ଭୁଲିଗଲାଣି । କଉ ମୁହଁ ନେଇ ସେ ସେଠିକି ଯିବ । ସେଇଠି ତ ତା' ପାଇଁ ନିଆଁ ପାଣି ବାସନ୍ଦ ହେବେ ସେମାନେ ଚଳିବେ କେମିତି ? ବିପଦରେ ପଡ଼ିଥିବା ଲୋକକୁ ଭଗବାନ ହିଁ ସହାୟ ହୁଅନ୍ତି । ଅନେକ ଅସୁବିଧା କୁ ସୁବିଧା ଭାବି ଚଳିବାକୁ ଚେଷ୍ଟା କଲା । କେବଳ ଆତ୍ମବଳ ଗୋଟେଇବା କଥା । ସେତିକିରେ ତ ତା ଅଣ୍ଟା ନଇଁ ଯାଇଥିଲା । କିନ୍ତୁ କାଉଁରିଆ କାଠି ପରି ସେ ପୁଣି ସିଧା ହେଇଥିଲା । ନିଜେ ଦମ୍ଭ ନହେଲେ ପିଲାକୁ କିଏ ଦେଖିବ । ତେଣୁ ଭାଙ୍ଗି ନ ଯାଇ ଦୃଢ଼ ହେବାକୁ ଚେଷ୍ଟା କରୁଥିଲା ।

ସୁଚେତା ଭାବୁଛନ୍ତି କମଳୀ କେତେ ସ୍ୱଚ୍ଛ ଭାବରେ ତା' ଜୀବନ ଗାଥା କହିଚାଲିଛି । ସେ ଶିକ୍ଷିତା ପୁଣି କର୍ମଜିବୀ । ପିଲା ଦୁଇଜଣଙ୍କ ମାଆ । ସ୍ୱାମୀର ସ୍ତ୍ରୀ । ଶାଶୁ, ଶ୍ୱଶୁରଙ୍କ ଆଦରଣୀୟା ବୋହୂ । ବାପ ଘରେ ସେ ଥିଲେ ସଭିଙ୍କ ପ୍ରିୟ । ଏତେ ସବୁ ସୁବିଧା ଥାଇ ମଧ୍ୟ ତାକୁ ସଂଘର୍ଷ କରିବାକୁ ପଡିଥିଲା । କଉ କମିଲାକି ? ଆଜି ପର୍ଯ୍ୟନ୍ତ କରୁଛି ବି । ଏତେ ସଂଘର୍ଷ ଭିତରେ ସେ ବଞ୍ଚିଛି ଓ ବଞ୍ଚିବ ମଧ୍ୟ । ମାଆ ସ୍ୱପ୍ନ ଦେଖେ ପିଲା ତା'ର ମଣିଷ ହେବ । ଘର ସଜାଡ଼େ । ଭବିଷ୍ୟତ ପାଇଁ ସାଇତିରଖେ ଚାକିରି ସମ୍ଭାଳେ । ପିଲାଙ୍କ ଯତ୍ନ ନିଏ । ରୋଗିଣା ଶାଶୁ ଶ୍ୱଶୁରଙ୍କ ସେବା କରେ । ଏତେ ଭିତରେ ତା'ର ଅସୁବିଧା କଉଠି ରହିଲା ସେ ଅଟକିଗଲା । ଏବେ ଶାଶୁଘର ସହ ସମ୍ପର୍କ ନାହିଁ । ସ୍ୱାମୀ ଥାଇ ମଧ୍ୟ ଶଙ୍ଖା ସିନ୍ଦୂର ଛାଡ଼ିବାକୁ ବାଧ ହେଇଛି । କଉ କଥା ଭୁଲି ହଉଛି ଯେ ସବୁକଥା ମନରୁ ପୋଛି ପାରିବ ଏବଂ କିଛି ନୂଆ କଥା ଆଲୋଚନା କରିବ । ସେଇ ଭିତରେ ବାନ୍ଧି ହେଇ ଛଟପଟ ହେବା ସାର । ଚାକିରି ପଇସାରେ ସବୁ କିଛି ।

ଅନେକ ଦିନ ହେବ ସୁଚେତା ତାଙ୍କ ସ୍ୱାମୀଙ୍କର କୌଣସି ଖବର ପାଇଲେନି । ତାଙ୍କ ଭାଇ ସ୍ୱାମୀଙ୍କର ଅଫିସକୁ ଯୋଗାଯୋଗ କଲେ ମାତ୍ର କୌଣସି ଖବର ପାଇଲେନି । କେବଳ ଏତିକି ଖବର ଜଣାପଡ଼ିଲା ତାଙ୍କୁ ଦିଲ୍ଲୀ ବଦଳି କରାଯାଇଛି । ସେଠୁ ଠିକଣା ନେଇ ଦିଲ୍ଲୀ ଗଲେ । ମାତ୍ର ସୁକୁମାର ନ ଚିହ୍ନିବାର ଅଭିନୟ କଲେ । ନିରାଶ ହେଇ ଫେରିଲେ ପୁଲିସ ଷ୍ଟେସନରେ ଏଫ୍ଆଇଆର ଦେଲେ । ଅଫିସ୍‌ର ପର୍ସନାଲ ଫାଇଲକୁ ଆଣିଲେ । ତାଙ୍କର ପ୍ରଥମ ସ୍ତ୍ରୀ ଅଛି ନାଁ ସୁଜାତା ଦୁଇଟି ସନ୍ତାନ ମଧ୍ୟ । ପାଦତଳୁ ସୁଚେତାଙ୍କର ମାଟି ଖସିବାକୁ ଲାଗିଲା । କ'ଣ କରିବେ ସିଏ । ନିଜ ବେକରେ ନିଜେ କୁରାଢ଼ୀ ପକାଇଛନ୍ତି । ଏତେ କଥା ଜାଣିନଥିଲେ କଉଥି ପାଇଁ ? ସେ କ'ଣ କମଳୀ ପରି ମୂର୍ଖ ଅଶିକ୍ଷିତ । ଆଇନ କାନୁନ ବିଷୟରେ କ'ଣ ଅଜ୍ଞ । ଗାଉଁଲି ସ୍ତ୍ରୀଲୋକଟା ସହରକୁ ଆସି ତା' ସଂସାରକୁ ସଜାଡ଼ି ପାରିଲା । ଅଥଚ ସେ ଆଜି ପର୍ଯ୍ୟନ୍ତ କୌଣସି ସୁବିଧା କରିପାରିଲେନି । ଅଥଚ ଓକିଲଙ୍କ ପଛରେ ଗୋଡାଇ ଗୋଡାଇ ପଇସା ଗଣି ନିରାଶ ହେଇଛନ୍ତି ।

କ'ଣ ପାଇଁ ଏତେ ଅସୁବିଧା ଥିଲା ସୁଚେତାଙ୍କର ବିଶ୍ୱାସରେ ଓ ନିଃଶ୍ୱାସ ଚାଲିଛି ଏକଥା ସେ ଅତି ପିଲା ବେଳୁ ଜାଣିଛି । ଦୁନିଆରେ କିଛି ସତ୍ୟ ଅଛି ବୋଲି ସୂର୍ଯ୍ୟ ଆତଯାତ ହେଉଛନ୍ତି । କିନ୍ତୁ ଏବେ ଦେଖୁଛି ଏସବୁ ମିଥ୍ୟା ପ୍ରବଞ୍ଚନା । ଧୋକାବାଜ । ମଣିଷର ଭାଷା ବଦଳି ଯାଉଛି କଥା ସବୁ ଓଲଟି ଯାଉଛି । ଚାକିରି କରିଥିଲେ ବୋଲି ସ୍ୱାଭିମାନ ଅଛି । ପିଲାଙ୍କର ଦାୟିତ୍ୱ କେହି ହାତ ବଢ଼ାଇନାହାନ୍ତି । ଶାଶୁଶ୍ୱଶୁର ପାଖରେ ତାଙ୍କ ଦାୟିତ୍ୱ ବି ସୁଚେତାଙ୍କର ତାଙ୍କର ଏକମାତ୍ର ସନ୍ତାନ ସୁକୁମାର । ସବୁ ଜାଣି ଶୁଣି ପୁଅକୁ ଦ୍ୱିତୀୟ ବିବାହ ଦେଇଥିଲେ କାହିଁକି ? ଏ ପ୍ରଶ୍ନ ଉତ୍ତର ଦେବ କିଏ ?

ଅସହାୟ କୋମଳ ହୃଦୟା ସୁଚେତାଙ୍କର ଭୁଲ ରହିଲା କେଉଁଠି ? ବାହାଘର ପରେ ସେହି ବାହାଘରକୁ ଆଉ ଥରେ ପଂଜିକୃତ କରିପାରିଥା'ନ୍ତେ । ମ୍ୟାରେଜ ଡିକ୍ଲାରେସନରେ ତାଙ୍କ ନାଁ ଅଛି କି ନାହିଁ ଦେଖିଥା'ନ୍ତେ । ସବୁ ବିଷୟ ବୁଝିପାରିଥା'ନ୍ତେ । ସେତକ ନକରି ସବୁକଥାକୁ ହାଲ୍କା ଭାବେ ଗ୍ରହଣ କରିପାରିଥା'ନ୍ତେ । ତା'ପରେ ଏ ବାହାଘର ସେ ନିଜ ଇଚ୍ଛା ତ କରିନାହାନ୍ତି । ଏଥିରେ ତ ବାପା ମା'ଙ୍କ ସ୍ୱୀକୃତି ଥିଲା । ପ୍ରେମ ବିବାହ ଥିଲେ ନିଜ ଆଡୁ କିଛି ଭୁଲ ଥାଆନ୍ତା । ସନ୍ଦେହ ସେ କିମ୍ବା ତାଙ୍କ ପରିବାର କେହି କରି ନାହାନ୍ତି ସର୍ବଜନ ସମ୍ମୁଖରେ ନିର୍ବନ୍ଧ ଓ ଆନୁସଂଗୀକ ପର୍ବ ମଧ୍ୟ ପାଳନ କରାଯାଇଥିଲା ।

ସୁଚେତାଙ୍କ ବାପଘର ପଟୁ କେସ୍ କରାଯାଇଥିଲା କିନ୍ତୁ ଉପଯୁକ୍ତ ପ୍ରମାଣ ଅଭାବରୁ ଖାରଜ ହେଇଥିଲା । କୋର୍ଟ ରାୟ ଦେଲା ସରକାରୀ

କର୍ମଚାରୀଙ୍କ ପ୍ରଥମ ସ୍ତ୍ରୀ ବିବାହିତ। ଅନ୍ୟ ସ୍ତ୍ରୀ ବିବାହ କରିଥିଲେ ମଧ୍ୟ ତା' ସ୍ୱୀକୃତିପ୍ରାପ୍ତ ନୁହେଁ। ସରକାରୀ ସ୍ତରରେ ତାଙ୍କୁ କୌଣସି ସ୍ତ୍ରୀର ମାନ୍ୟତା ମିଳିବନି। ଲୋକଙ୍କ ଦୃଷ୍ଟିରେ ସେ କେବଳ ରକ୍ଷିତା ହେଇ ରହିପାରିବେ। ତା' ମାନେ ସୁଚେତାଙ୍କର ଏଥିରେ କୌଣସି ହକ୍ ନାହିଁ ସେ ସ୍ତ୍ରୀର ମର୍ଯ୍ୟାଦା ପାଇବେନି। ଏଥିରେ ଶାଶୁ ଶ୍ୱଶୁର ଚୁପ୍ ରହିଥିଲେ କାହିଁକି ? ଏ କାହିଁକିର ଉତ୍ତର ଦେବ କିଏ ?

ଭୁଲ୍‌କୁ କିପରି ସଜାଡୁଛନ୍ତି ସୁଚେତା। ଭୁଲ ସୁଚେତାଙ୍କର ନା ସୁକୁମାରଙ୍କ।

ତୁଳନା କରୁଥିଲେ ନିଜକୁ ସୁଚେତା କମଳୀ ସହିତ। ସୁଚ୍ୟଗ୍ର ମେଦିନୀ କାହାକୁ ଦେବି ନାହିଁ ଏଥିଲା ମାନୀ ଦୁର୍ଯ୍ୟୋଧନର ବାକ୍ୟ। ଏହା ଏକ ପୁରୁଷର ବାକ୍ୟ ହେଇପାରେ। କିନ୍ତୁ ନାରୀ ପାଇଁ ରାମାୟଣ ନାରୀ ପାଇଁତ ମହାଭାରତ। ଏହି ଦୁଇ ମହାକାବ୍ୟ ଆମକୁ କି ଦିଗଦର୍ଶନ ଦେଲା। ହାରିଯିବାଟା ସହଜ। କିନ୍ତୁ ଲଢ଼େଇ ଜାରି ରଖିବା ବୁଦ୍ଧିମତୀର କାମ। କମଳୀ କେତେ ଶୀଘ୍ର ତା'ର ଭୁଲ୍‌କୁ ସଜାଡ଼ି ଦୁନିଆ ଦାଣ୍ଡରେ ଚାଲିଛି। ନିର୍ଭୟ ମଧ୍ୟ। ଅଥଚ ସେ କମଳୀ ପରି ହେଇପାରୁ ନାହାନ୍ତି କାହିଁକି ?

ଯାଜ୍ଞସେନୀ ଅଗ୍ନିକନ୍ୟା। ଅଗ୍ନିରେ ସ୍ନାନକରି ନିଜକୁ ପବିତ୍ର କରାନ୍ତି। ସୀତା ନିଜ ସୀତତ୍ୱ ପରୀକ୍ଷା ପାଇଁ ଅଗ୍ନିରେ ଝାସ ଦିଅନ୍ତି। ଅଗ୍ନି ତାଙ୍କ ପବିତ୍ରତା ଓ ସୀତତ୍ୱ ପାଇଁ ସାର୍ଟିଫିକେଟ ପ୍ରଦାନ କରନ୍ତି। ଅଥଚ ସୁଚେତା ଏବେ କଉ କୂଳକୁ।

'ନ ଅରି ନାରୀ' ନାରୀର କେହି ଶତ୍ରୁ ନାହାନ୍ତି। ମାତ୍ର ନାରୀ କାହିଁକି ମନକୁ ମନ ଶତ୍ରୁ ସୃଷ୍ଟି କରୁଛି। କ'ଣ କେବଳ ପୁରୁଷ ବାହୁଛାୟା ତଳେ ଆତ୍ମଗୋପନ କରିବା ପାଇଁ। ଅନେକ କଥା ଶିଖିଲେଣି କମଳୀଠୁ। ନିଜେ ହୁଗୁଳା ହେଲେ ଜୀବନରେ କିଛି କରିପାରିବେନି। ତେଣୁ ତାଙ୍କୁ ଅନେକ କିଛି କରିବାକୁ ହେବ ପିଲାଙ୍କ ପାଇଁ ବି। ପରିବାରରୁ ନିଜ ଦାୟିତ୍ୱ, କ୍ଷମତା, କର୍ତ୍ତବ୍ୟ ବିଷୟରେ ସଚେତନ ହେବାକୁ ପଡ଼ିବ।

ଏବେବି ସମୟ ଅଛି। ନିଜେ ଦମ୍ଭ ରହି କିଛି କରିବାକୁ ହେବ। ସେ ଅସହାୟା ନୁହେଁ ଦୁର୍ବଳା ମଧ୍ୟ ନୁହେଁ ଏକଥା ମଧ୍ୟ ପ୍ରମାଣ କରିବାକୁ ପଡ଼ିବ। ଆଉ ବାରମ୍ବାର ଅଗ୍ନି ପରୀକ୍ଷା ଦେଇ ସତୀତ୍ୱର ପ୍ରମାଣ ଦେବା ପାଇଁ ପଡ଼ିବନି। କିନ୍ତୁ ପୁରୁଷକୁ ଅଗ୍ନି ପରୀକ୍ଷା ଦେବାକୁ ପଡ଼ିବ ଅହତ୍ୱ ପାଇଁ। ଦୁନିଆଁରେ ବଞ୍ଚିବାକୁ ହେଲେ ପୁରୁଷକୁ ସିଂହ ଭଳି ବଞ୍ଚିବାକୁ ହେବ ବିଲୁଆ ପରି ପଳାୟନପନ୍ଥୀ ନୁହଁ। ସମାଜ ସବୁବେଳେ ନାରୀକୁ ଆଙ୍ଗୁଠି ଦେଖାଏ ପୁରୁଷକୁ ନୁହଁ। କାରଣ ସମାଜର ମୁଖ୍ୟ ଆଧାର ପୁରୁଷ, ନାରୀ ନୁହଁ। କିନ୍ତୁ ଏ ସମାଜ ଉଭୟ ନାରୀ ଓ ପୁରୁଷଙ୍କୁ ନେଇ ଗଢ଼ା। ଏକଚାଟିଆ ପୁରୁଷର ନୁହଁ ନିଜ ଆଧିପତ୍ୟ ବିସ୍ତାର କରିବ। ଶାସନ କରିବ। ନିଜର କର୍ତ୍ତୃତ୍ୱ ଜାରି କରିବ। ଏଥିପାଇଁ କ'ଣ ଭୁଲ ନୁହଁ। ସମାଜକୁ ସୁଧାରିବାରେ ତା'ର କ'ଣ ଭୂମିକା ନାହିଁ। ସମାଜର ହିତ ସାଧନ ତା'ର ଲକ୍ଷ୍ୟସାଧନ ହେବା ଉଚିତ। ନାରୀ ଆଗେଇ ଆସିଲେ ସମାଜର ସାମାଜିକ ପ୍ରଥାର ଉଚ୍ଛେଦ ହେଇପାରିବ। ସମାଜ ସୁଧୁରିଲେ ତା' ସୁରକ୍ଷିତ ରହିବ। ନଚେତ ସନ୍ତୁଳିତ ହେଉଥିବେ ଏ ନାରୀ ସମାଜ। ନାରୀର ମନ ସ୍ୱେଚ୍ଛାଚାରୀ ଦିଗରେ ଗତି ନକରି ସ୍ନେହ, ପ୍ରେମ, ଦୟା, କ୍ଷମା, କରୁଣା ଭିତରେ ବାନ୍ଧି ହେବ। ସେଇ ତ ଚାହେଁ ସମାଜ। ସମାଜ ଏକ ଶୃଙ୍ଖଳିତ ଅନୁବନ୍ଧିତ ସମାଜ ଭିତରେ ମଣିଷ ରହିଲେ ସାମାଜିକ ମୂଲ୍ୟବୋଧକୁ ବୁଝିପାରିବ। ଅଯଥା ଅସନ୍ତୋଷର ମଞ୍ଜିବୁଣି ଆଉ କେତେ ଦିନ ଏ ସମାଜ ତିଷ୍ଠିବ। ସମାଜର ମୂଳଦୁଆକୁ ମଜବୁତ୍ କରିବ ଆମ ସଭିଙ୍କ କର୍ତ୍ତବ୍ୟ ହେବା ଉଚିତ।

ସୁଚେତା ସେତିକି ବେଳୁ ବସିଛନ୍ତି। କମଳୀ କେତେବେଳୁ କାମ ସାରିଲାଣି। ବିନା ସାହାରାରେ ବଞ୍ଚିଛି, କମଳୀ। ନିଜେ ବଞ୍ଚିବ ଆଉ ପୁଅ, ସୁଚେତା ବି। ତରିକା ଭିନ୍ନ ଭିନ୍ନ। ସଂଘର୍ଷ ବି ଭିନ୍ନ ଭିନ୍ନ କିନ୍ତୁ ଭୋଗାଭୋଗ ପ୍ରାୟ ଏକ। ସୁଚେତଙ୍କ ସ୍ୱାମୀ ନଥିଲେ ମଧ୍ୟ ପରିବାର ତାଙ୍କ ପଛରେ। ମାତ୍ର କମଳୀ ପଛରେ କିଏ ? ଏକା ଏକା ମାଡି ଆସିଛି ସମୟକୁ ଚାହିଁ କର୍ତ୍ତବ୍ୟ କରୁଛି। ଦୁନିଆକୁ ନୀତି ଶିକ୍ଷା ଦେଉଛି ପରିଣାମ କ'ଣ ହେଇପାରେ। କଞ୍ଚାବୟସ ସୁଖ ଅନ୍ୱେଷଣରେ ବାହାରିଥିବା କେତେ କେତେ ଦୁଃଖକୁ ସାମ୍ନା କରୁଛି। ଏତେ ଦୁଃଖ ଭିତରେ କିଛି ଶୋଚନା ନରଖି କାଉଁରିଆ କାଠି ପରି ଠିଆ ହେଉଛି। ସାମ୍ନାରେ ଉଦାହରଣ ଥାଇ ସୁଚେତା ତରଳି ଯାଉଛନ୍ତି କିପରି ? ସେ ବି ତ ଚାଲି ପାରିବେ ତେବେ ଭରସା ଜୁଟାଇବ କିଏ ସେ ନିଜେ ଅନ୍ୟ କେହି ନୁହଁ।

ସୁଚେତାଙ୍କ ଅନ୍ଧାର ପରଦା ହଟିବା ପାଇଁ ଆଉ ସମୟ ରଖିବେନି। ନିଶ୍ଚୟ ଆଗେଇବେ। ଏତ ତାଙ୍କ ପାଇଁ ଅଗ୍ନିପରୀକ୍ଷା। ସମାଜକୁ ଦେଖାଇବା ପାଇଁ ଗୋଟିଏ ଉଦାହରଣ ହେବ। ଏହି ପ୍ରଚେଷ୍ଟା ଜାରି ପାଇଁ ସୁଚେତା ଅଣ୍ଟା ଭିଡୁଥିଲେ, ନିର୍ଭୟରେ।

*ଫିରିଙ୍ଗି ବଜାର, କଟକ-୯*
*ଦୂରଭାଷ: ୯୪୩୭୩୧୯୧୫୩*

# ଠକ

## ଡଃ ବିଜୟଲକ୍ଷ୍ମୀ ତାରେଣିଆ

ହାଲୋ ? କିଏ ରତ୍ନ ମାଡାମ୍ କହୁଛନ୍ତି ? ହଁ, କହୁଛି । ଏପଟୁ କହିଲା ରତ୍ନ ଫୋନ୍ ଧରି । ନମସ୍କାର । ମୁଁ ତନ୍ମୟ ବେହେରା । କଳାହାଣ୍ଡିରୁ କହୁଛି । ଆପଣଙ୍କର ଲେଖା "ଯୋଜନାଗନ୍ଧା" ପତ୍ରିକାରୁ ଏବେ ପଢ଼ିଲି । ବହୁତ ଭଲ ଲାଗିଲା । ଛୋଟ ଘଟଣାଟି ଉପରେ ଗୁରୁତ୍ୱ ଦେଇ ଆପଣ ଏତେ ସୁନ୍ଦର ଭାବେ ଗପଟି ଲେଖିଛନ୍ତି ଯେ ପ୍ରକୃତରେ ହୃଦୟସ୍ପର୍ଶୀ ହୋଇଛି ।

ଧନ୍ୟବାଦ । କହିଲା ରତ୍ନ ।

ପୁଣି ସେପଟରୁ ଶୁଭିଲା, "ମୁଁ କେତେ ବର୍ଷ ତଳେ ଆପଣଙ୍କୁ ଫୋନ୍ କରିଥିଲି । ମନେ ଅଛି ଆପଣଙ୍କର ?

ନା, ମୋର ମନେ ପଡୁନି ତ ! କାହିଁକି ଫୋନ୍ କରି ଥିଲେ ? କୁହନ୍ତୁ କ'ଣ କହିବାର ଅଛି ଯଦି । ରତ୍ନ ମନେ ମନେ ଭାବିଲା ଲୋକଟି ସତେ କ'ଣ କହିବ ? କିଛି ଟଙ୍କା ସାହାଯ୍ୟ ମାଗିବ କି ? ତା'ର କିଛି ମନେ ପଡୁ ନଥିଲା ।

ତନ୍ମୟର ସ୍ୱର ସେପଟରୁ ଶୁଭିଲା । ମୁଁ ଆଜ୍ଞା, ସାତ ଆଠ ବର୍ଷ ତଳେ କରିଥିଲି ଫୋନ୍ । ଆପଣଙ୍କର ଗପଟିଏ ପଢ଼ି ବଧାଇ ଜଣାଇବାକୁ । ବର୍ତ୍ତମାନର ସମାଜିକ ପରିପ୍ରେକ୍ଷୀରେ ନାୟିକାର ମନୋବେଦନାକୁ ଆପଣ ଚମତ୍କାର ଭାବରେ ଚିତ୍ରଣ କରିଥିଲେ ଗପଟିରେ । ଭଲ ଲାଗିଥିଲା ଭାରି ।

ଧନ୍ୟବାଦ । ଗପଟି ମନଦେଇ ପଢ଼ିଥିବାରୁ କହିଲା ରତ୍ନ ।

ଆପଣ ମାଡାମ୍ ! ଅବସର ଗ୍ରହଣ କଲେଣି ନା ?

ହଁ । ଆପଣଙ୍କର କ'ଣ କହିବା କଥା କୁହନ୍ତୁ ଏଥର । ସ୍ୱରରେ ସମାନ୍ୟ ଉଷ୍ଣତା ତଥା ବିରକ୍ତି ଭରି ରହିଥିଲା ରତ୍ନର ।

ସେପଟରୁ ତନ୍ମୟ କହି ଚାଲିଲା, "କଥା କ'ଣ କି ମାଡାମ୍ ! ମୁଁ ଭାରି ଆର୍ଥିକ ଦୁର୍ଗତି ଭିତର ଦେଇ ଗତି କରୁଛି । ପୁଅ ଝିଅ ପାଠ ପଢୁଛନ୍ତି କଳାହାଣ୍ଡି ସରକାରୀ କଲେଜରେ । ପୁଅ ପଢୁଛି ପ୍ଲସ ଥ୍ରୀ ବିଜ୍ଞାନ । ରହୁଛି ହଷ୍ଟେଲରେ । ଆମ ଘର କଳାହାଣ୍ଡି ଜିଲ୍ଲାର ଏକ ମଫସଲ ଗାଁରେ । ଗୁଡାଏ ବାଟ କଲେଜ । ତେଣୁ ଛାଡ଼ିଛି ହଷ୍ଟେଲରେ । ହଷ୍ଟେଲ ଫି, କଲେଜ ଫି ତଥା ବହିପତ୍ର ଟ୍ୟୁସନ୍ ଇତ୍ୟାଦି ପାଇଁ ଅର୍ଥାଭାବ, ପୁଅ ଜେଇଇ ପରୀକ୍ଷାରେ ରଖିଛି ଭଲ ର୍ୟାଙ୍କ୍ । ଇଞ୍ଜିନିୟରିଂ ପଢ଼ିବାକୁ ତା'ର ବହୁତ ମନ । ପାଠ ବି ଭଲ ପଢୁଛି । କିନ୍ତୁ ମୁଁ କୋଉଠୁ ଏତେ ପଇସା ଆଣିବି ତାକୁ ଇଞ୍ଜିନିୟରିଂ ପଢ଼ାଇବା ପାଇଁ ? ସେଥିପାଇଁ କିଛି ସାହାଯ୍ୟ ଚାହୁଁଛି ଆପଣଙ୍କ ପାଖରୁ ।

ସତେ ଯେମିତି ରତ୍ନ ଜାଣିଛି ତନ୍ମୟର ରୋଜଗାରର ପନ୍ଥା ବିଷୟରେ । ଭାବିଲା ସେ । ହଠାତ୍ ମନେ ପଡ଼ିଗଲା ରତ୍ନର । କିଛି ବର୍ଷ ତଳର କଥା । ସେ କଟକ ଆସିଥାଏ ତାଙ୍କ ଘରକୁ । ବାପା ତା'ର ଅସୁସ୍ଥ ଥିଲେ । ତାଙ୍କୁ ଦେଖିବା ପାଇଁ । ଏକ ଅଜଣା ନମ୍ବରରୁ ଲଗାତାର ଫୋନ୍ ଆସିବାକୁ ଲାଗିଲା ତା'ପାଖକୁ । ପ୍ରାୟତଃ ସେ ଧରେନି ଅଜଣା ନମ୍ବରରୁ ଆସିଥିବା କଲ୍ ଗୁଡାକ । କିନ୍ତୁ ବାରବାର ଫୋନ୍ ଆସିବା ପରେ ସେ ଧରିଥିଲା । ଏଇ ତନ୍ମୟ ବେହେରା କଳାହାଣ୍ଡିରୁ କହୁଛି ବୋଲି କହିଥିଲା । ସେଦିନ ବି ଆଜିପରି ସେହି ଏକା କଥା । ଅମକ ପତ୍ରିକାରୁ ଆପଣଙ୍କ ଗପଟା ପଢ଼ି ବହୁତ ଭଲ ଲାଗିଲା ଇତ୍ୟାଦି । ତା'ପରେ ପୁଅ ଝିଅଙ୍କ ପାଠ ପଢ଼ା, ହଷ୍ଟେଲ ଖର୍ଚ୍ଚ, ପଢ଼ା ଖର୍ଚ୍ଚ, ଟ୍ୟୁସନ୍ ଇତ୍ୟାଦି ଉଠାଇବାରେ ଅକ୍ଷମ ସେ । ଆର୍ଥିକ ସମସ୍ୟା ଭିତର ଦେଇ ଗତି କରୁଛି । କିଛି ସାହାଯ୍ୟ କରନ୍ତୁ । ଆପଣଙ୍କ ବଦାନ୍ୟତା ବିଷୟରେ ଖୁବ୍ ଶୁଣୁଛି ମୁଁ । ଦୟାକରି କିଛି ସାହାଯ୍ୟ କରନ୍ତୁ । ସତେ ଯେପରି ସମାନାରେ ଥିଲେ ଗୋଡ ଧରି ପକେଇଥାନ୍ତା । ରତ୍ନ ଆଉ ପଚାରି ପାରିଲାନି କାହାଠାରୁ ସେ ଦାନକରେ ଅଜଣା ଲୋକଙ୍କୁ ବୋଲି ଶୁଣିଛି ? କେବଳ ଏତିକି କହିଥିଲା, "ହଉ ଠିକ୍ ଅଛି । କିନ୍ତୁ ସାହାଯ୍ୟ କରିବି କେମିତି ?" ତନ୍ମୟ ତା'ର ଆକାଉଣ୍ଟ ନମ୍ବରରେ ଟଙ୍କା ଟ୍ରାନସଫର କରିଦେବା ପାଇଁ କରିଥିଲା ଅନୁରୋଧ । ଆଚ୍ଛା ! କହି ରଖିଥିଲା ଫୋନ୍ ରତ୍ନ । ପର ମୁହୂର୍ତ୍ତରେ ତନ୍ମୟର ଆକାଉଣ୍ଟ ନମ୍ବରଟା ପହଞ୍ଚିଯାଇଥିଲା ମେସେଜ୍ ବକ୍ସରେ ।

ରତ୍ନ ତ ସେତେବେଳେ କଟକରେ ଥିଲା, ତା'ର ଆକାଉଣ୍ଟ ଅଛି ଅନୁଗୁଳ ଇଉକୋ ବ୍ୟାଙ୍କରେ । ସେ ଟଙ୍କା ଟ୍ରାନସଫର କରିବ ବା କେମିତି ? ତା' ଛଡ଼ା ବ୍ୟାଙ୍କ ଯାଇ ଏ ସବୁ କରିବା ପାଇଁ ତା'ର ଇଚ୍ଛା ହିଁ ନାହିଁ । ସେ ବିଷୟରେ ତା'ର ନିଜର ତଥା ବିଶ୍ୱାସୀ କେତେ ଜଣଙ୍କ ସହ ପରାମର୍ଶ କରିଥିଲା । ସମସ୍ତେ ମନା କରିଥିଲେ ଅଜଣା, ଅଚିହ୍ନା ଲୋକଟିକୁ ନିଜ ବ୍ୟାଙ୍କ ଅକାଉଣ୍ଟରୁ ଟଙ୍କା ଟ୍ରାନସଫର କରିବାକୁ । ଏତଦ୍ ଦ୍ୱାରା କେତେକ ସମସ୍ୟା ଉପୁଜିପାରେ । ପ୍ରଥମତଃ ବ୍ୟାଙ୍କ ଆକାଉଣ୍ଟ ନମ୍ବରଟା ଜଣାଇବା ବୁଦ୍ଧିମାନର କାମ ନୁହେଁ । ଠକାମୀର ଶିକାର ହେବାର ସମ୍ଭାବନା ଥାଏ । ଦ୍ୱିତୀୟତଃ ଲୋକଟା ଯାହା କହୁଛି ସେ କଥାର ସତ୍ୟତା କେତେ ? ସେ କଥା ଜାଣିବାର ଉପାୟ ମଧ୍ୟ ନାହିଁ । ତୃତୀୟତଃ ସେ ରତ୍ନକୁ ବାରବାର ଫୋନ୍ କରି ଟଙ୍କା ମାଗୁଛି କାହିଁକି ? ଏତେ ସବୁ ଅସୁବିଧା ହୋଇପାରେ ବୋଲି ବନ୍ଧୁମାନେ ଦର୍ଶାଇ ଥିଲେ । ତେଣୁ ଆପାତତଃ ରତ୍ନ ସ୍ଥିର କରିଥିଲା ଏ ସବୁ ସମସ୍ୟା ଭିତରେ

ତା'ର ନପଶିବା ଉଚିତ୍। ପଶିବ ବା କାହିଁକି ? ଏକ ଅଜଣା ସମ୍ପୂର୍ଣ୍ଣ ରୂପେ ଅପରିଚିତ ଲୋକଟା ପାଇଁ ? ଯଦି ମୁହାଁ ମୁହିଁ ଦେଖାକରି ମାଗିଥାଆନ୍ତା ହୁଏତ ରତୁ ଦେବା କଥା ଚିନ୍ତା କରିଥାଆନ୍ତା। କିନ୍ତୁ ମୁଖ୍ୟ ସମସ୍ୟା ହେଲା ତନ୍ମୟ ଦିନେ ଦୁଇଦିନ ଅନ୍ତରରେ ଫୋନ୍ କରି ଚାଲିଛି।

ବୁଦ୍ଧିଟାଏ ହାଠାତ୍ ପଶିଲା ରତୁର ମୁଣ୍ଡରେ। କଳାହାଣ୍ଡି କଲେଜରେ ତା'ର ଜଣେ ବନ୍ଧୁ ଅଧ୍ୟାପକ ଅଛି। ତା' ଘର ବି କଳାହାଣ୍ଡିରେ। ତେଣୁ ପରିବାର ସହ ସେ ସେଇଠି ଅଛି। ସରକାରୀ କ୍ୱାଟରସ୍ ମିଳିଛି ତାକୁ। ମଝିରେ ମଝିରେ ଫୋନ୍‌ରେ ସେମାନଙ୍କ ବାର୍ତ୍ତାଳାପ ହୁଏ। ହଷ୍ଟେଲ୍ ଦାୟିତ୍ୱରେ ସେ ଅଛି ବୋଲି ଥରେ କହୁଥିବାର ରତୁର ମନେ ପଡୁଛି। ତନ୍ମୟ ପୁନର୍ବାର ଫୋନ କଲା। ରତୁ ତାକୁ ପରାମର୍ଶ ଦେଲା ତା'ର ଅଧ୍ୟାପକ ବନ୍ଧୁଙ୍କୁ ସାକ୍ଷାତ୍ କରିବା ପାଇଁ। ତାଙ୍କୁ ଆର୍ଥିକ ସାହାଯ୍ୟ ମାଗିବା ସହ ପୁଅର ପାଠପଢ଼ା ସମ୍ବନ୍ଧୀୟ ଆଲୋଚନା ମଧ୍ୟ ସେ କରିପାରିବ। ରତୁ କହିବା ଅନୁସାରେ କାମ କରିଛି ବୋଲି ମଧ୍ୟ କହିବ। ରତୁ ନିଜେ ତା ବନ୍ଧୁଙ୍କୁ ସବୁ ଜଣାଇଦେବ ତନ୍ମୟ ସମ୍ବନ୍ଧରେ। ଦରକାର ପଡ଼ିଲେ ସରକାରୀ କ୍ୱାଟରସ୍‌କୁ ଯାଇ ଦେଖା କରିପାରେ ତନ୍ମୟ ତା' ପୁଅ ସହିତ। ଏହିପରି ତନ୍ମୟକୁ ଉପଦେଶ ଦେଇଥିଲା ରତୁ। ସେହିଦିନ ପରଠାରୁ ଆଉ ପୁନର୍ବାର ଆସି ନ ଥିଲା ଫୋନ୍ ତନ୍ମୟଠାରୁ। ସେଇ ଅଧ୍ୟାପକ ବନ୍ଧୁଙ୍କୁ ରତୁ ଜଣାଇ ଦେଇଥିଲା ତନ୍ମୟ କଥା ତା'ପୁଅ ବିଷୟରେ। ତା'ସହ ଅନୁରୋଧ କରିଥିଲା ଯଥାସାଧ୍ୟ ସାହାଯ୍ୟ କରିବାକୁ। କିନ୍ତୁ କେତେଦିନ ପରେ ବନ୍ଧୁ ଜଣକ ଜଣାଇଥିଲେ ରତୁର ସେହି ତଥାକଥିତ ତନ୍ମୟ କିମ୍ବା ତା ପୁଅ ତାଙ୍କୁ ଦେଖା କରି ନାହାନ୍ତି। ତେଣୁ ସାହାଯ୍ୟ କରିବାର ପ୍ରଶ୍ନ ଉଠୁଛି କୋଉଠି। ତା' ଛଡ଼ା ତନ୍ମୟ କହିବା ଅନୁସାରେ ତା ପୁଅର ନାମ ଥିବା କେହି ରହୁନାହାନ୍ତି ହଷ୍ଟେଲରେ। ସେ ନିଜେ ଏ ସବୁ ଅନୁସନ୍ଧାନ କରିଛନ୍ତି। ଏ ଖବର ସବୁ ଜଣାଇବା ସହ ବନ୍ଧୁଟି କହିଥିଲା, "ଏପରି ଠକ ଲୋକଙ୍କୁ ତମେ ବିଶ୍ୱାସ କେବେ କରିବନି କି ସଙ୍ଗେ ସଙ୍ଗେ ସାହାଯ୍ୟ କରିବାକୁ ଡେଇଁ ପଡ଼ିବନି। କଲେଜରେ ପଢ଼ିଲା ବେଳେ ତମେ ଯେପରି ସରଳ ବିଶ୍ୱାସୀ, ବୋକା ଆଉ ନିରୀହ ପ୍ରକୃତିର ଥିଲ ଏ ବୟସରେ ବି ସେମିତି ଅଛ ?" ଏମିତି କହି ଲଘୁ ପରିହାସ କରିଥିଲା ଅଧ୍ୟାପକ ବନ୍ଧୁଟି। ତନ୍ମୟ ପ୍ରସଙ୍ଗର ଇତି ହୋଇଥିଲା ଏଇଠାରେ। ପୁଣି ଆଠ ବର୍ଷପରେ ଆଉ ଥରେ ଫାନ୍ଦ ଫାନ୍ଦିଛି ତନ୍ମୟ।

ମାଡାମ୍! ଆପଣ ଲାଇନ୍‌ରେ ଅଛନ୍ତି ତ ? ତନ୍ମୟର ସ୍ୱରରେ ଚମକି ପଡ଼ି ରତୁ ଫେରି ଆସିଲା ବର୍ତ୍ତମାନକୁ। ପଚାରି ଦେଲା ଆପଣଙ୍କ ପୁଅର ପାଠପଢ଼ା କ'ଣ ଏ ପର୍ଯ୍ୟନ୍ତ ସରିନି ? ଏତେବର୍ଷ ପରା ଏ ଭିତରେ ଚାଲିଗଲାଣି।

ସେତେବେଳେ ପଢୁଥିଲା ଝିଅ। ତା'ର ପଢ଼ା ସରିଗଲାଣି। ଚାକିରୀ ଓ ସାକ୍ଷାତ୍‌କାର ପାଇଁ ନିଜକୁ ପ୍ରସ୍ତୁତ କରୁଛି। ପୁଅ ଛୋଟ ଥିଲା, ସ୍କୁଲରେ ପଢୁଥିଲା। ଏବେ ତା'ର ପ୍ଲସ ଥ୍ରୀ। ତାକୁ ପଢ଼ା ଖର୍ଚ୍ଚ, ଟ୍ୟୁସନ୍ ଖର୍ଚ୍ଚ, ହଷ୍ଟେଲ ଫି ଦେବାକୁ ମୋର ବଳ ନାହିଁ। ବହୁତ କଷ୍ଟରେ ଅଛି। ଆର୍ଥିକ ଅନାଟନ ଭିତରେ ତା'ର ପାଠପଢ଼ା ବନ୍ଦ ହୋଇଯିବାର ସମ୍ଭାବନା ମଧ୍ୟ ଦେଖା ଗଲାଣି। ଇଞ୍ଜିନିୟରିଂ ପଢ଼ାଇବା ମୋ ପାଇଁ ଅତ୍ୟନ୍ତ ଦୁରୁହ ବ୍ୟାପାର। ଆପଣଙ୍କ ପରି ବଦାନ୍ୟ ବ୍ୟକ୍ତିଙ୍କଠାରୁ କିଛି ସାହାଯ୍ୟ ଆଶା କରୁଛି। ଦୟାକରି କିଛି ସାହାଯ୍ୟ କରନ୍ତୁ। ସ୍ୱରରୁ ତା'ର ବିଞ୍ଚି ହୋଇ ପଡୁଥିଲା ଆର୍ତ୍ତ ଆକୁଳ ଅନୁରୋଧ।

ରତୁ ପାଟିରୁ ବାହାରି ପଡ଼ିଲା " କ'ଣ ପତ୍ରିକା ଓଲଟାଉ ଓଲଟାଉ ଯାହା ଫୋନ୍ ନମ୍ବର ଆଖିରେ ପଡୁଛି ତାକୁ ଟଙ୍କା ସାହାଯ୍ୟ ମାଗୁଛ ନା' କ'ଣ ଫୋନ୍ କରି ?

ନାଇଁ ମାଡ଼ାମ୍! ସମସ୍ତଙ୍କୁ କ'ଣ ମାଗିହୁଏ ? ନା ସମସ୍ତେ ମାଗିଦେଲେ ଦେଇଦେବେ ?

କିଛି ସମୟ ପାଇଁ ଚୁପ୍ ହୋଇଗଲା ରତୁ। କ'ଣ କହିବ ଭାବି ପାରିଲାନି। ରତୁ ନିଶ୍ଚିତ ରୂପେ ଟଙ୍କା ଦେବ ତନ୍ମୟ ଜାଣିଲା କେମିତି ? ଇଚ୍ଛାହେଲା ପଚାରି ଦେବାକୁ। କିନ୍ତୁ ସେ ଇଚ୍ଛାକୁ ମନ ମଧ୍ୟରେ ଚପାଇ ଦେଲା। ଆଉ ପଚାରିଲାନି, କାରଣ ଏ ପ୍ରକାର କଥା କହିବାଟା ଏକ ପ୍ରକାର କୌଶଳ ହୋଇ ଥାଇପାରେ। କଥାର ଚାତୁରୀ ମାଧ୍ୟମରେ ଅନ୍ୟକୁ ପଟାଇ ଲକ୍ଷ୍ୟ ହାସଲ କରାଯାଇପାରେ।

ଆରପଟରୁ ପୁଣି ଭାସି ଆସିଲା ତନ୍ମୟର ସ୍ୱର। ଅତି ବିନୀତ ଭାବରେ କାକୁସ୍ଥ ହୋଇ ସାହାଯ୍ୟ ଭିକ୍ଷା।

ହଉ। ଆପଣଙ୍କ ଆକାଉଣ୍ଟ ନମ୍ବର ପଠାନ୍ତୁ। କହି ଫୋନ୍ କାଟିନେଲା ରତୁ।

ବଡ଼ ବିରକ୍ତିବୋଧ କରୁଥିଲା ରତୁ। ତନ୍ମୟର ପୁଅ କି ଝିଅ ପଢୁଛି ତା'ର ସଠିକ୍ ବିବରଣୀ ନେବାକୁ ବି ଇଚ୍ଛା କଲାନି। ସେ ଠିକ୍ ଜାଣି ପାରୁଥିଲା ତନ୍ମୟ ମିଛ ହିଁ କହୁଛି। ଆଠ ବର୍ଷ ତଳେ ପୁଅ ପଢୁଛି ବୋଲି କହୁଥିଲା। କାରଣ ତା'ର ଅଧ୍ୟାପକ ବନ୍ଧୁ ଜଣକ ଥିଲେ ପୁଅମାନଙ୍କ ହଷ୍ଟେଲର ତତ୍ତ୍ୱାବଧାରକ। ଏବେ କହୁଛି ସେତେବେଳେ ଝିଅ କଥା କହୁଥିଲି। ପତ୍ରିକା ଗୁଡ଼ାକରେ ନିଜ ଲେଖା ତଳେ ସିଏ ଫୋନ୍ ନମ୍ବରଟା ଦେଇଥାଏ। ତାକୁ ଦେଖି ଜଣେ ବାରମ୍ବାର ଫୋନ୍ କରି ଟଙ୍କା ମାଗିବାଟା ବଡ଼ ନିନ୍ଦନୀୟ ବ୍ୟାପାର। ଯଦି ଟଙ୍କାର ଆବଶ୍ୟକତା ଅଛି ଏତେ ତା'ହେଲେ ପାଖକୁ ଆସୁ। ଫୋନ୍ ମାଧ୍ୟମରେ ସହଜରେ ଟଙ୍କା ରୋଜଗାରର ଶୈଳୀ। ବଡ଼ ଚିଡ଼ି ମାଡ଼ିଲା ରତୁକୁ। ଏପଟେ ଦିନେ ଦୁଇ ଦିନ ଛାଡ଼ି, ବେଳେବେଳେ ଦିନକୁ ଦୁଇଥର ଫୋନ୍ ଆସିବାକୁ ଲାଗିଲା ତନ୍ମୟର। ରତୁର ହ୍ୱାଟସଅପ୍‌କୁ ତା ଆକାଉଣ୍ଟ ନମ୍ବର ପଠାଇ ସାରିଥାଏ। ଫୋନ୍ ନମ୍ବର ବାଧ୍ୟ ହୋଇ ବ୍ଲକ୍ କରିଦେଲା ରତୁ। କିନ୍ତୁ କୋଉ ମୁକ୍ତି ମିଳିଲା ? ହ୍ୱାଟସଅପ୍‌ରେ ଆସିଗଲା ମେସେଜ ଥରକୁଥର। ତା' ଛଡ଼ା ଭିଡ଼ିଓ କଲ୍। ଅବଶ୍ୟ ରତୁ ରିସିଭ୍ କରିନି। କେତେ ଲଜ୍ଜାହୀନ ସତରେ ଲୋକଟା ? ରତୁ ଚିନ୍ତାକଲା ଲୋକଟି ଯେପରି ନଛୋଡ଼ ବନ୍ଧା ତାକୁ ହଜାରେ ଟଙ୍କା ଦେଇଦେଲେ କଥା ସରିବ। ଏଇ ଫୋନ୍ ମେସେଜ ଭିଡ଼ିଓ କଲ ଇତ୍ୟାଦିର ରକ୍ଷା ମିଳିଯିବ ତ। ତା ନିଜର ମାନସିକ ଶାନ୍ତି ମଧ୍ୟ ବ୍ୟାହତ ହେଉଛି। ତେଣୁ ତନ୍ମୟକୁ ଟଙ୍କାଟା ଦେବ। କିନ୍ତୁ ଦେବ ବା କେମିତି ? ସେ ନିଜେ ତ ଆଉ ତା' ବ୍ୟାଙ୍କ ଦୌଡ଼ି ପାରିବନି। ତା ନିଜର ଫୋନ୍ ପେ ସୁବିଧା ନାହିଁ। ପ୍ରକୃତ ପକ୍ଷରେ ସେ ଫୋନ୍ ପେ ମାଧ୍ୟମରେ ଟଙ୍କା କାରବାର କରିବାକୁ ଇଚ୍ଛା କରିନି। ତେଣୁ ପୁଅ ଝିଅଙ୍କୁ ଏ ବିଷୟରେ ଜଣାଇ ତନ୍ମୟ ପାଇଁ କିଛିଟା ସାହାଯ୍ୟର ବନ୍ଦୋବସ୍ତ କରିବାକୁ ପଡ଼ିବ। ତା'ର ଏ ଭାବନା ମଧ୍ୟରେ ଲଗାତାର ପାଗଳଙ୍କ ପରି ଫୋନ୍ କରି ଚାଲିଛି ତନ୍ମୟ।

ରତୁ ମନେ ମନେ ହିସାବ କଲା ଏଇ ଦି ଚାରିବର୍ଷ ଭିତରେ ଚାରିଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସେ ଦେଇସାରିଲାଣି ବିଭିନ୍ନ ଅନୁଷ୍ଠାନକୁ। ଦୁଇ ଲକ୍ଷରୁ ବେଶି ତ ଉଧାର ସୂତ୍ରରେ। ସେ ନିଜେ କୋଟିପତି ନୁହେଁ କି କଳାଧନର

ଅଧିକାରିଣୀ ନୁହେଁ। କିନ୍ତୁ ତା'ର ଦେବାର ମନୋବୃତ୍ତି ଥିବାରୁ ସେ ଦେଇ ପାରିଛି ଏତେ ଗୁଡ଼ାଏ ଟଙ୍କା। କେଉଁଠି ଅନାଥାଶ୍ରମର ଛୋଟ ଛୋଟ ପୁଅଝିଅଙ୍କୁ ଦେଖି ମନ ତା'ର ଦୟାରେ ବିଗଳିତ ହୋଇଯାଇଛି। ସେହି ଛୁଆମାନଙ୍କ ଆଖିର କାରୁଣ୍ୟ ତା ନିଜ ମନକୁ ସଞ୍ଚରି ଆସିଛି। ସେହି ଆଶ୍ରମରେ ସେ ସେମାନଙ୍କ ଖାଇବା ପିନ୍ଧିବା ପାଇଁ ମାସେ ଦୁଇମାସକୁ ଥରେ ଲେଖାଁଏ ବନ୍ଦୋବସ୍ତ କରିଛି। କେଉଁଠି ବୃଦ୍ଧାଶ୍ରମ ବୁଲିବାକୁ ଯାଇ ବୟସ ଭାରରେ ନଇଁ ପଡ଼ିଥିବା ବ୍ୟକ୍ତିମାନଙ୍କର ଅସହାୟତା ଦେଖି ବିଳପି ଉଠିଛି ତା'ର ଅନ୍ତର। ସନ୍ତାନମାନଙ୍କ ଦ୍ୱାରା ପରିତ୍ୟକ୍ତ କେତେ ଜଣ ତ ଆଉ କାହାର କେହି ବି ନାହିଁ ଏ ଦୁନିଆଁରେ ନିଜର। ସମ୍ପୂର୍ଣ୍ଣ ରୂପେ ଅବହେଳିତ ଅନାଥ। ସେଇମାନଙ୍କର ଥଇଥାନ ପାଇ କିଞ୍ଚିତ ସାହାଯ୍ୟ କରିଛି ରତ୍ନ। ସେମାନଙ୍କ ପାଇଁ ପୋଷାକର ବ୍ୟବସ୍ଥା ଓ ମାସକୁ ଥରେ ଅଧେ ମାଛ ମାଂସର ବ୍ୟବସ୍ଥା ମଧ୍ୟ କରିଛି। ବୟସର ଶେଷ ସୋପାନରେ କିଛିଟା ରୁଚିକର ମନ ପସନ୍ଦ ଖାଦ୍ୟ ଖାଇବାର ଇଚ୍ଛାକୁ ଚରିତାର୍ଥ କରିବା ପାଇଁ କରିଛି ଯତ୍‌ପରୋନାସ୍ତି ଚେଷ୍ଟା। ଅସହାୟ, ବିଧବା, ସମାଜରୁ ବିତାଡ଼ିତା ବା ସ୍ୱାମୀ ପରିତ୍ୟକ୍ତା କିମ୍ବା ସନ୍ତାନମାନଙ୍କ ଦ୍ୱାରା ଉପେକ୍ଷିତା ମହିଳାମାନଙ୍କ ଥଇଥାନ ନିମନ୍ତେ କିଛି ଅନୁଷ୍ଠାନ ନିଃସ୍ୱାର୍ଥପର ଭାବରେ କାର୍ଯ୍ୟ କରି ଆସୁଛନ୍ତି। କେତେକ ବ୍ୟକ୍ତି ବିଶେଷ ଏହାକୁ ଜୀବନର ବ୍ରତ ଭାବେ ଧରିନେଇଛନ୍ତି। ରତ୍ନ ସେଇସବୁ ଯାଗାରେ ଆର୍ଥିକ ସହାୟତା କରିଛି କାରଣ ସେ ନିଜେ ବ୍ୟକ୍ତିଗତ ଭାବେ ଏ ସବୁ ସ୍ଥାନକୁ ଯାଇ କିଛି କରିପାରିବା ସ୍ଥିତିରେ ନାହିଁ। ଏହା ବ୍ୟତୀତ ଓଡ଼ିଆ ଭାଷା ସାହିତ୍ୟର ଉତ୍‌ଥାନ ପାଇଁ, ତାକୁ ଋଦ୍ଧିମନ୍ତ କରିବା ପାଇଁ କିଛି ସଂସ୍ଥା ତଥା ବ୍ୟକ୍ତି ବିଶେଷ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏଠି ରତ୍ନ ସ୍ୱତଃ ସାହାଯ୍ୟ କରିଛି। ଭିନ୍ନକ୍ଷମ ଓ ଦିବ୍ୟାଙ୍ଗମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ସହ ନିଜେ ରତ୍ନ ଜଡ଼ିତ। ଏହିସବୁ ସଂସ୍ଥା କିମ୍ବା ଅନୁଷ୍ଠାନମାନଙ୍କୁ ସେ ଦେଇଥିବା ଆର୍ଥିକ ସାହାଯ୍ୟ ସମୁଦ୍ରକୁ ଶଙ୍ଖେ ପରି। ତଥାପି ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଅବଦାନ ବି ମହତ୍ୱପୂର୍ଣ୍ଣ। ଏଥିରେ ରତ୍ନକୁ ମିଳେ ପ୍ରଚୁର ମାନସିକ ଶାନ୍ତି। ସେ ଦେଉଥିବା ଅନୁଦାନ ରାଶି ପ୍ରକୃତରେ କିଛି କାମରେ ଆସୁଛି କି ନାହିଁ ଜାଣିବାର ଉପାୟ ନାହିଁ ରତ୍ନର। କିନ୍ତୁ ସେ ଦିଏ ପରମ ବିଶ୍ୱାସରେ ନିଚ୍ଛକ ସରଳତାରେ। ତେବେ ତନ୍ମୟକୁ ହଜାରେ ଟଙ୍କା ଦେଲେ କ୍ଷତି କ'ଣ ? ଭାବିଲା ରତ୍ନ, କଥାରେ କହନ୍ତି ମାଗିବା ଠାରୁ ହୀନ କାମ କିଛି ନାହିଁ। ଦବାଠାରୁ ପୁଣ୍ୟ କିଛି ନାହିଁ। ତା' ନିଜର ପୁଣ୍ୟ ହେବା କଥାପଛକୁ ଥାଉ। ତନ୍ମୟକୁ କେମିତି ହଜାରେ ଟଙ୍କା ଦେବ ସେଇଟା ହିଁ ମୁଖ୍ୟ ସମସ୍ୟା। ତେଣୁ ପିଲାମାନଙ୍କ ଘରକୁ ଆସିବାଟାକୁ ରତ୍ନ ଅପେକ୍ଷା କଲା। ଆସନ୍ତା ରବିବାର ଦିନ ସେମାନଙ୍କର ଆସିବାର ଥାଏ। ରବିବାରକୁ ଲଗାଇ କ'ଣ ଦୁଇ ଚାରିଦିନ ଛୁଟୀ ଅଛି। ଆସିଲେ ସେମାନେ। ଖିଆପିଆ ଗପସପ ପରେ ତନ୍ମୟ ପ୍ରସଙ୍ଗ ଉଠାଇଲା ରତ୍ନ। ଚାଲିଲା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ଯଥା – ଲୋକଟି ବାରମ୍ବାର ମାଗୁଛି କାହିଁକି ? ତା କଥାରେ କେତେ ସତ୍ୟତା ଅଛି ? ତୁମକୁ ତ ଚିହ୍ନିନି ଜାଣିନି ଫୋନ୍ ମାଧ୍ୟମରେ ମାଗୁଛି କେମିତି ? ଏହା କେବଳ ଠକିବାର ଏକ କୌଶଳ। ଲଜ୍ଜା ସଙ୍କୋଚ ଛାଡ଼ି ବାରମ୍ବାର ମାଗି ଚାଲିଛି ଲୋକଟା ପୁଣି ସାତ/ ଆଠ ବର୍ଷ ପୂର୍ବରୁ ମଧ୍ୟ କରିଥିଲା ଚେଷ୍ଟା। ଏଥିରୁ ବୁଝା ପଡୁଛି କୌଣସି ଉତ୍କଟ ନିଶା ବା ଡ୍ରଗସ୍ ରାକ୍ଷସ କବଳରେ ପଡ଼ିଯାଇଛି ଲୋକଟା। ନିଜକୁ କୌଣସି ପ୍ରକାରେ ରୋକି ପାରୁନି। ଏତେ ବର୍ଷ ପରେ ସେଇ ଗୋଟିଏ ସମସ୍ୟା ତା'ର। ପିଲାଙ୍କ ଶିକ୍ଷା, ତୁମର ଶିକ୍ଷା ପ୍ରତି ଦୁର୍ବଳତା ସେ ଜାଣି ଦେଇଛି। ସରକାରୀ କଲେଜରେ ତ ବିଶେଷ ଖର୍ଚ୍ଚ ନାହିଁ। ଭଲ ପାଠ ପଢୁଥିଲେ ତ ଟ୍ୟୁସନର ଆବଶ୍ୟକତା ନାହିଁ। ଇତ୍ୟାଦି ନାନା ପ୍ରଶ୍ନ କରିକରି ଥକିଗଲେ ପିଲାମାନେ। ଶେଷରେ କହିଲେ, ଠକ ଯିଏ ସେ କଥା କହିବାର କଳା ଜାଣେ। ରତ୍ନ ମନରେ ଯେ ଏ ସବୁ ପ୍ରଶ୍ନର ଅଙ୍କୁରୋଦ୍‌ଗମ ହେଉ ନ ଥିଲା ତା ନୁହେଁ କିନ୍ତୁ ସେ ଚିନ୍ତା କରୁଥିଲା ଲୋକଟା କାକୁସ୍ଥ ହୋଇ ଭିକ୍ଷା ମାଗୁଛି ଯେତେବେଳେ ତାକୁ ଦିଆଯାଉ କିଛି ଟଙ୍କା। ଠକିବା ପାଇଁ ମାଗୁଥିଲେ ସେ ପାପ ତା'ର। ଉପରେ ଜଣେ ସବୁ ପାପ ପୁଣ୍ୟର ହିସାବ କରୁଛନ୍ତି। ତେଣୁ ଆଉ ଚିନ୍ତା କାହିଁକି ? ତାଙ୍କ ଉପରେ ସବୁ ଛାଡ଼ିଦେଇ ହଜାରେ ଟଙ୍କା ତନ୍ମୟକୁ ଦେଇଦେବା ପାଇଁ ସିଦ୍ଧାନ୍ତ ନେଲା ସେ ମନେମନେ। କିନ୍ତୁ ସତ କହିବାକୁ ଗଲେ ତନ୍ମୟକୁ ସାହାଯ୍ୟ କରିବା ପାଇଁ ରତ୍ନ ମନରେ କିଛି ଆନ୍ତରିକତା ନ ଥିଲା। ପତ୍ରିକାରୁ ଫୋନ୍ ନମ୍ବର ସଂଗ୍ରହ କରି ସମ୍ପୂର୍ଣ୍ଣ ଅଜଣା ଜଣେ ମହିଳାଙ୍କ ଉପରେ ଚାପ ପ୍ରୟୋଗ କରି ସାହାଯ୍ୟ ଭିକ୍ଷା କରିବା ରତ୍ନର ଚିନ୍ତା ଶକ୍ତିର ବାହାରେ ଥିଲା। କଳାହାଣ୍ଡି ଜିଲ୍ଲାର ଚିହ୍ନାଜଣା କାହାକୁ ପାଇଲାନି ଯେ ଥୋପ ପକାଇଲା ରତ୍ନ ଉପରେ। ତା'ର ସାହସକୁ ମାନିବାକୁ ପଡ଼ିବ। ଏମିତି ଠକ ଲୋକକୁ ସାହାଯ୍ୟ ଆଦୌ କରିବା ଉଚିତ୍ ନୁହେଁ। ଏହିପରି ରତ୍ନ ମନରେ ସକାରାତ୍ମକ ଆଉ ନକାରାତ୍ମକ ଚିନ୍ତାଧାରର ସଂଘର୍ଷ ହେଲା, ବିଚରା ରତ୍ନର ସବୁ ମାନସିକ ଶାନ୍ତି ଉଭେଇ ଗଲା ଯେପରି। ପୁଣି ହ୍ୱାଟସ୍‌ଆପ୍‌ରେ ତନ୍ମୟର କିଛି ଦେବାକୁ ଅନୁରୋଧ।

ଶେଷରେ ରତ୍ନ ତନ୍ମୟକୁ ହଜାରେ ଟଙ୍କା ପଠାଇବାର ସିଦ୍ଧାନ୍ତ ନେଇ ଶାୟିତ ଝିଅର ବିଛଣାରେ ବସିଲା। ତା' ମଥାକୁ ସାଉଁଳାଇ ଦେଲାବେଳେ ଝିଅ ଉଠି ମା'ମୁହଁକୁ ଚାହିଁଲା। ଆଉ ଜାଣିଗଲା ମା' ମନର କଥାକୁ ଫୋନ୍ ପେ ମାଧ୍ୟମରେ ତନ୍ମୟର ଆକାଉଣ୍ଟ ନମ୍ବରରେ ହଜାରେ ଟଙ୍କା ପଠାଇଦେଲା ଝିଅ। ରତ୍ନ ଝିଅର ଚିବୁକ୍ ସ୍ପର୍ଶ କରି ଗେହ୍ଲା କଲା ଟିକେ। ଏଣିକି ରତ୍ନ ଚିନ୍ତାମୁକ୍ତ। ଫେରିଆସିଲା ତା'ର ମାସିକ ଶାନ୍ତି। ତନ୍ମୟ ବେହେରା ସେ ଟଙ୍କାଟାରେ ମଦ, ନିଶା କି ଡ୍ରଗ୍‌ସ ଖାଉ ସେ କଥା ଆଉ ସେ ଭାବିବନି। କି ନିଜ ମୁଣ୍ଡକୁ ଭାରାକ୍ରାନ୍ତ କରିବନି। ହୁଏତ ତା' ପୁଅର ପାଠ ପଢ଼ାରେ ବିନିଯୋଗ କରିପାରେ ଟଙ୍କାଟା। କିନ୍ତୁ ଇଞ୍ଜିନିୟରିଂ ପାଠ ପାଇଁ ଯେତେ ଟଙ୍କାର ଆବଶ୍ୟକତା ସେ ଟଙ୍କା ତ ଭିକ୍ଷା ବୃତ୍ତିରେ ମିଳିବା ସମ୍ଭବ ନୁହେଁ ଛାଡ଼। ଭାବିଲା ରତ୍ନ, ଟଙ୍କା ପାଇଁ ଭଦ୍ରଲୋକ ଧନ୍ୟବାଦ ଜଣାଇ ମେସେଜ କରିଥିଲେ। ସେଇଦିନ ସେ ଦେଖିଥିଲା ଭଦ୍ରଲୋକ ଓ ତାଙ୍କ ସ୍ତ୍ରୀଙ୍କର ସୁନ୍ଦର ଯୁଗଳ ଫଟୋଟି ତାଙ୍କ ହ୍ୱାଟସଅପ୍ ପ୍ରୋଫାଇଲରେ। ସ୍ମାର୍ଟ ଫୋନର ଅପଲୋଡ଼ ସେଇ ଫଟୋରେ କୌଣସି ପ୍ରକାରରେ ଜଣା ପଡୁ ନଥିଲା ଇଏ ଏତେ ଅସୁବିଧା ବା ଦୁଃଖରେ ପଡ଼ି ପୁଅର ଶିକ୍ଷା ପାଇଁ ଭିକ୍ଷା ମାଗୁଥିବେ ବୋଲି କିମ୍ବା ଏକ ପଲ୍ଲୀ ଅଞ୍ଚଳର ସରଳ ନୀରିହ ବାସିନ୍ଦା ହୋଇଥିବେ ବୋଲି।

*ପୋଷ୍ଟ: ବଳରାମପ୍ରସାଦ, ଜିଲ୍ଲା:ଅନୁଗୁଳ,*
*ପିନ୍-୭୫୯୧୨୮*
*ଦୂରଭାଷ: ୯୪୩୭୪୨୭୨୩୫*

ଧାରାବାହିକ
ଉପନ୍ୟାସ



# ଶ୍ରୀ ଖାରବେଳ
## (ଖାରବେଳଙ୍କ କଳିଙ୍ଗ କାହାଣୀ)

ଡାକ୍ତର ଇନ୍ଦ୍ରମଣି ଜେନା, ଏମ୍.ଡି.

### ସିଂହାସନ ଅବରୋହଣ

**ଅବଶିଷ୍ଟାଂଶ...**

ଜଣେ ଅଭିଜ୍ଞ ସୌଦାଗର ଜାଣିବାକୁ ପାଇଲେ କି ସିଏ କଳିଙ୍ଗର ରାଜପୁତ୍ରଙ୍କ ସମ୍ମୁଖରେ ଦଣ୍ଡାୟମାନ। କୌଣସି ଆପତ୍ତି କରି ପାରିଲେ, ତାହା ରାଜାଙ୍କ କାନରେ ପଡିବା ନିଶ୍ଚିତ। ସେଇ ସୌଦାଗର କହିବାକୁ ଲାଗିଲେ, "କଳିଙ୍ଗସାଗର ଆଉ ଆଗ ପରି ନିରାପଦ ନାହିଁ ରାଜକୁମାର। କେତେ କେତେ ନୌଦସ୍ୟୁ ଆଖି ମଟମଟ କରି କଳିଙ୍ଗମୁହାଁ ବୋଇତକୁ ଅନାଇଁ ରହୁଛନ୍ତି। ଯେବେଠାରୁ ସେମାନେ ବିଦେଶ ମାଟିରେ କଳିଙ୍ଗର ଆଦର ଦେଖୁଛନ୍ତି, ସେମାନଙ୍କର କୋପଦୃଷ୍ଟି ପ୍ରତୀୟମାନ ହେଉଛି। କେବଳ ବହୁ ସଂଖ୍ୟାର ପୋତ କଳିଙ୍ଗର ହୋଇଥିବାରୁ ସେମାନେ ନିରବଦ୍ରଷ୍ଟା ହୋଇ ରହୁଛନ୍ତି, ନୋହିଲେ କେତେ ଆକ୍ରମଣ କରି ଲୁଟପାଟ କରିପକାନ୍ତେ। ଦେଖିବାକୁ ପାଣ୍ଡ୍ୟ କି କେରଳପୁତ୍ର ସୀମାର ଲୋକମାନଙ୍କପରି ଚେହେରା, ସେମିତି ଟୁପୁରୁ ଟାପୁରୁ ଅବୁଝା କଥା, ବିରୋଧାଭାଷ ଯେପରିକି ସେମାନେ ଆସନ୍ତାକାଲିକୁ ଦସ୍ୟୁଗିରି କରି ଆମକୁ ସାଗର ଗର୍ଭରେ ବୁଡାଇ ଦେବେ।"

ଯୁବରାଜଙ୍କ ମନରେ କେତେ କଳ୍ପନା ଭାସି ଚାଲିଛି। କଳିଙ୍ଗ ସମ୍ରାଟ ଅଣଦେଖା କରୁଛନ୍ତି ବୋଲି ବୋଧ ହେଉଛି। ଘରକୁ ଫେରିଲେ ପ୍ରଶାସନକୁ ଅବଗତ କରାଇବି ବୋଲି ଜଣାଇଦେଲେ। ସତରେ କଳିଙ୍ଗୋଦ୍ଭବ ଦେଖିପାରୁଥିଲେ କଳିଙ୍ଗ ଚନ୍ଦ୍ରମା ଯୁବରାଜଙ୍କ ମୁଖମଣ୍ଡଳରେ ଘମାଘୋଟ ଭାବନାର ରଣତରୀ। ଧାଇଁ ଯାଉଥିଲା ଏଇ କଳିଙ୍ଗ ପୋତ ଗୁଡିକର ସୁରକ୍ଷା ପାଇଁ।

ବହୁ ସମୟ ପରେ ବିଚରା ଖାରବେଳ ନିଜର ମନକୁ ମୁକ୍ତ କରିପାରିଲେ ଏପରି ଜଟିଳ ଚିନ୍ତାଧାରାରୁ। କହିଲେ, ଗୁରୁଦେବ, ଆମର କଅଣ ସାଗର ପ୍ରହରୀ ନାହାନ୍ତି ? ଦେଶର ବଣିକ ମାନେ ବିପନ୍ନ ହେଲେ, ଆମ ତରଫରୁ କିଛି ନାହିଁ ସୁଧାରିବାକୁ ?

ଯାହା ଜାଣିଥିଲେ ଗୁରୁଦେବ, ଉତ୍ତର ଦେଲେ, ସନ୍ତୁଷ୍ଟ ହେଲାନି ଖାରବେଳଙ୍କ ଅବୁଝା ମନ। ସିଏ ମନେ ପକାଇଲେ, "ଦେଶର ପଶ୍ଚିମ ଉପକୂଳରେ ରତ୍ନାକରରେ ମୌର୍ଯ୍ୟ ପୋତଗୁଡିକୁ ଲୁଣ୍ଠନ କରିବାକୁ ସୌରାଷ୍ଟ୍ର ସାଗରରେ ବହୁ ଜଳଦସ୍ୟୁ ଥାଆନ୍ତି, କିନ୍ତୁ କଳିଙ୍ଗୋଦ୍ର ତ ନିରାପଦ ବୋଲି ସମସ୍ତେ ମଣନ୍ତି। କେବଳ ଦ୍ରାବିଳମେଳର ପାଣ୍ଡ୍ୟ ନିଜର ଅପାରଗତାରୁ ବିଦେଶରେ ଅକୃତକାର୍ଯ୍ୟ ହେବାରୁ ଦାଉ ସାଧୁଛି କଳିଙ୍ଗ ଫେରନ୍ତା ପୋତଗୁଡିକ ଉପରେ।"

ରାଜ୍ୟଭାର ଗ୍ରହଣ କରିବାର ବାର ବର୍ଷ ମଧ୍ୟରେ ଦାକ୍ଷିଣାତ୍ୟର ମୁକାବିଲା କରି କଳିଙ୍ଗର ଅସାଧ ସାଧନା କରି ରାଜ୍ୟପାଇଁ ଚମକପ୍ରଦ ବିଜୟ ଆଣିଥିଲେ ସାଗର ଯାତ୍ରାରେ। ଖାଲି ନିରାପତ୍ତା ପାଇଁ ନୌପ୍ରହରୀ ନିଯୁକ୍ତ କରି ନ ଥିଲେ, ଗୋଟିଏ ବଡ଼ ସାମରିକ ବାହିନୀ ଗଢ଼ି ପାଣ୍ଡ୍ୟକୁ ଉଚିତ ଶିକ୍ଷା ଦେଇଥିଲେ। ଏମିତି ଶିକ୍ଷା, ଯାହା ଦକ୍ଷିଣ ଭାରତର ଦ୍ରାବିଳମେଳକୁ ବିଚ୍ଛିନ୍ନ କରିଦେଇଥିଲା। ପରିଶେଷରେ ସେଇ ମହାଶତ୍ରୁ ପାଣ୍ଡ୍ୟରାଜ କଳିଙ୍ଗର ମହାବନ୍ଧୁ ଭାବରେ ଆଜି ବି ଏଠାରେ ଅଛନ୍ତି। ହଠାତ୍ ଏହିଠାରେ ଗୁରୁଦେବଙ୍କ ଭାବନା ଅଟକିଗଲା।

କିନ୍ତୁ କାହିଁକି ଏହି ବୀର ଛାତ୍ର ମୋର ଶାସନର ସର୍ବୋଚ୍ଚ ସ୍ଥାନରେ ଥାଇ ସିଂହାସନ ତ୍ୟାଗର ଆକାଂକ୍ଷା କରିଛି ? ମୋ ମୁହଁକୁ ଦେଖି ଅତୀତ ସ୍ମୃତିରେ କିଛି ମତ ବଦଳାଇବ କି ? ନା, ତା ଜଣାଯାଉନି।

ବାମପାର୍ଶ୍ୱରେ ଦଣ୍ଡାୟମାନ ସମ୍ରାଟ ଖାରବେଳଙ୍କର ଗନ୍ଧର୍ବଗୁରୁ ପ୍ରିୟମ୍ବଦ ଦୃଷ୍ଟିକୁ ଆସିଗଲେ। ସେ ନିଜର ଅତୀତକୁ ରୋମନ୍ଥନ କରି ଖାରବେଳଙ୍କର ବାଲ୍ୟକାଳରୁ କଳାପ୍ରେମ ଆଜିର ପରିବେଶରେ କିପରି ରୂପବନ୍ତ ହୋଇପାରିଛି, ତାହା ଆକଳନ କରୁଥିଲେ। ଦିନେ ତାଙ୍କର ମନରେ ଭୀଷଣ ଭୟ ସଞ୍ଚାରିତ ହୋଇଥିଲା, କାଳେ ଏହି ଗନ୍ଧର୍ବବିଦ୍ୟା କଳିଙ୍ଗରୁ ଲୋପ ପାଇଯିବ ! ଏହାର ମୂଳ ଉତ୍ସ ଯଦି ଶୁଷ୍କ ହୋଇଯାଏ, ତେବେ କଳିଙ୍ଗ ସାଜିବ ନୃତ୍ୟ ସଂଗୀତକଳାର ମରୁଭୂମି। ମରୁଭୂମିକୁ ସବୁଜ ଶ୍ୟାମଳ କରି ଗୋଟିଏ ଯୁଗରେ ସିଏ ପୂରା ରାଜ୍ୟଟିକୁ ଲକ୍ଷ୍ମୀବନ୍ତ କରିଥିଲେ। ଏମିତିକି ପ୍ରଜାମାନେ କାମ କଲାବେଳେ ଗୋଟିଏ ନାଟକୀୟ ଢଙ୍ଗରେ ଚାଲିବା ସହିତ ସଙ୍ଗୀତ ତାଳରେ ଅଙ୍ଗ ସଂଚାଳନ କରୁଥିଲେ। ପ୍ରକୃତିର ନିୟମ ଅନୁସାରେ ଯେମିତି ଗନ୍ଧର୍ବବିଦ୍ୟା କଳିଙ୍ଗ ଜୀବନରେ ସ୍ଫୂର୍ତ୍ତି ଭରିଦେଇଥିଲା ! କେବଳ ତାଳରେ ନୁହେଁ ରୂପରେ ବିଭୂଷିତା ହୋଇ କଳିଙ୍ଗ କନ୍ୟା ତ୍ରିଭଙ୍ଗୀ ଠାଣିରେ ନୃତ୍ୟରତା ହୋଇ ପାରିଥିଲା।

ମୌର୍ଯ୍ୟ ଶାସିତ କଳିଙ୍ଗରେ କୌଣସି ନୃତ୍ୟ ପରିବେଷଣ କରିବା ବା ନୃତ୍ୟ ଶିକ୍ଷା କରିବା ରାଜ୍ୟଶାସନ ଦ୍ୱାରା ନିଷିଦ୍ଧ ଥିଲା । ମଗଧରାଜ କେବଳ ତାଙ୍କର ସର୍ବଶେଷ ବିଜିତ କଳିଙ୍ଗରେ ନୁହେଁ ସମଗ୍ର ମୌର୍ଯ୍ୟଶାସନାଧୀନ ଭାରତବର୍ଷରେ ସମାଜ ତ ଉତ୍ସବ ବାରଣ କରିଥିଲେ । ପର୍ବପର୍ବାଣି ପାଳନ ନିଷେଧ କରିଥିଲେ । ଏହି ସମୟରେ କିନ୍ତୁ କଳିଙ୍ଗର ଅଭ୍ୟନ୍ତରକୁ ଛାଡିଦେଲେ, ଶାସକ ଗୋଷ୍ଠୀ ସକ୍ରିୟ ଥିବା ଶାସନ କେନ୍ଦ୍ରଗୁଡ଼ିକରେ ଉତ୍ସବ ପାଳନ ସମ୍ପୂର୍ଣ୍ଣ ଭାବରେ ମନା ଥିଲା ।

କିନ୍ତୁ ଏହି କଳିଙ୍ଗର ଉତ୍ତର ଭାଗରେ କେବଳ ଏପରି ନିଷେଧାଦେଶ ବଳବତ୍ତର ରହିଥିଲେ ହେଁ ଏହା ସ୍ୱାଧୀନ ବିଦ୍ୟାଧର ରାଜ୍ୟ ଓ ଦକ୍ଷିଣ କଳିଙ୍ଗରେ ପ୍ରଭାବଶୂନ୍ୟ ହୋଇଥିଲା । କଳିଙ୍ଗର ଅଧିବାସୀମାନେ ତାଙ୍କର ଗନ୍ଧର୍ବ ବିଦ୍ୟାକୁ ସମ୍ପୂର୍ଣ୍ଣ ଲୋପ ପାଇବାକୁ ଦେଇ ନ ଥିଲେ । ରାଜ୍ୟର ଗାଁଗଣ୍ଡାମାନଙ୍କରେ ବାଦ୍ୟ, ଶଙ୍ଖ, ମହୁରି, ମର୍ଦ୍ଦଳ ଆଦିର ପ୍ରଚଳନ ରହିଥିଲା, କେବଳ ଦେଖାଣିଆ ଦେଶୀ ନୃତ୍ୟ, ନାଟିକା ଆଦି ବନ୍ଦ ହୋଇଯାଇଥିଲା । ଦାସକାଠିଆ, କେନ୍ଦେରା ଓ ଧୁଡୁକି ପରି ଗ୍ରାମୀଣ ପଦ୍ଧତି ମାଟିର କଳା ଭାବରେ ରହି ଆସିଛି ।

ଗୁରୁ ପ୍ରିୟମ୍ବଦ ଗୋଦାବରୀ ସନ୍ନିକଟ ସାରଭଙ୍ଗା ନଗରରୁ ନିଜର ସଙ୍ଗୀତ ବିଦ୍ୟା ସାଧନ କରି କଳିଙ୍ଗ ରାଜପ୍ରାସାଦରେ ଗନ୍ଧର୍ବଗୁରୁ ଭାବରେ ଖ୍ୟାତ ହୋଇଥିଲେ । ସିଏ ନିଜର ଜୀବନକାଳ ମଧ୍ୟରେ ଖାରବେଳଙ୍କ ପରି କୁଶଳୀ ଛାତ୍ର ଦେଖି ନ ଥିବା ମନେକରନ୍ତି । ବାଳକ ଖାରବେଳ ସଙ୍ଗୀତ ଓ ନାଟକ ଉଭୟ କଳାକୁ ନିଜ ଜୀବନ ପରି ଭଲ ପାଆନ୍ତି । ସୁନ୍ଦର ସ୍ୱରରେ କଳିଙ୍ଗର ଗାଁ ଗଣ୍ଡାର ପ୍ରଚଳିତ ଲୋକଗୀତ ଗାଇ ଅନ୍ୟର ଦୃଷ୍ଟି ଆକର୍ଷକ କରିପାରନ୍ତି । ଏହି କୋମଳମତି ବାଳକଟିର ଆକର୍ଷଣରୁ ଗୁରୁ ହିଁ ଶିଖିଲେ, କଳିଙ୍ଗର ଲୋକମାନଙ୍କର ମୁଖନିସୃତ ପ୍ରାକୃତ ଭାଷାର ଗୀତ, ଭାଷଣ ଓ ଲୋକମାନଙ୍କୁ ଦିଆ ଯାଉଥିବା ଉଦ୍‌ବୋଧନ ।

କଳିଙ୍ଗର ରୀତି ନିଆରା । ଏହାର ଅଧିବାସୀମାନେ ପ୍ରକୃତି କୋଳରେ ମିଳିପାରୁଥିବା ଉପକରଣରେ ନିଜର ମୃଦଳ, ଢୋଲ, ବଂଶୀ ଓ ବୀଣା ବଜାନ୍ତି । ସବୁଠାରୁ ବିଶେଷ ହେଲା ଏମାନଙ୍କର ନୃତ୍ୟ ଶରୀର ସବୁ ଅଙ୍ଗରେ ପ୍ରସ୍ଫୁଟିତ ହୋଇଉଠେ । ସର୍ବାଙ୍ଗରେ ଗୀତର ଲହରୀ ଖେଳିଯାଏ । ସେଇଥିପାଇଁ ଯୁବରାଜ ନିଜେ ଗୁରୁଙ୍କ ଶିକ୍ଷା ସହିତ ନଗର ଓ ବସତିମାନଙ୍କରେ ଲୋକନୃତ୍ୟ ଦେଖିବାକୁ ବହୁ ଆଗ୍ରହ ପ୍ରକାଶ କରନ୍ତି । ନିଜର ସାଙ୍ଗ ମାନଙ୍କୁ କଳିଙ୍ଗର ଲୋକପ୍ରିୟ ଗୀତ ଓ ବାଦ୍ୟର ବ୍ୟବହାର ପାଇଁ ଉତ୍ସାହିତ କରନ୍ତି । କେଜାଣି କାହିଁକି କୋମଳମତି ମନରେ ମଗଧ ଓ ବଙ୍ଗ ବାଇଦ ପାଇଁ ଅନାଗ୍ରହ ରହିଛି । ଯେତେ ଚେଷ୍ଟା କଲେ ବି ଯୁବରାଜ ନିଜ ରାଇଜର ଲୋକାଦୃତ ଗୀତ ନାଚ ଓ ବାଜାର କେବଳ ଗୁଣଗ୍ରାହୀ ।

ପ୍ରିୟମ୍ବଦ ଗ୍ରହଣ କରି ପାରୁ ନାହାନ୍ତି କେଉଁ ବୃହତ୍ତର ଲକ୍ଷ୍ୟରେ ତାଙ୍କର ସଙ୍ଗୀତ-ନୃତ୍ୟ ବିଶାରଦ ଛାତ୍ର ସମ୍ରାଟ ଖାରବେଳ ଭାରତବର୍ଷର ସର୍ବ ଶକ୍ତିମାନ ମୁକୁଟ ତ୍ୟାଗ କରି କୁମାରୀଗିରିରେ ଆଶ୍ରୟ ନେବାକୁ ଆଗ୍ରହୀ । ଯଦି ନୃତ୍ୟ ଗୀତ କଳା ସାଧନା ପାଇଁ ଅନୁରକ୍ତ ହୋଇ ଥାଆନ୍ତି, ତେବେ ତାହା କଳା ଦୃଷ୍ଟିରୁ ଯେତିକି ସୁଖଦ ହେବା କଥା, ରାଷ୍ଟ୍ର ଦୃଷ୍ଟିରୁ ଦୁଃଖଦ । ଏ ଅବସ୍ଥାରେ ସେ ରାଜଗାଦି ତ୍ୟାଗ କରୁଥିବା ତାଙ୍କ ଛାତ୍ର ଖାରବେଳଙ୍କୁ କିଛି ପରାମର୍ଶ ଦେବାକୁ ଦ୍ୱିଧା ବୋଧ କରନ୍ତି ପ୍ରିୟମ୍ବଦ ।

ଏବେ ଚିନ୍ତା ପଶିଛି ଖାରବେଳଙ୍କ ବାଲ୍ୟ କାଳର ଶିକ୍ଷକ ଯତ୍ନଶୀଳଙ୍କ ମନରେ । ଖାରବେଳଙ୍କ ସିଂହାସନ ତ୍ୟାଗ ନିଷ୍ପତ୍ତିରେ ଚକିତ ହୋଇ ପଡିଛନ୍ତି ।

ରାଜପୁତ୍ର ଖାରବେଳଙ୍କୁ ବାଲ୍ୟ କାଳରେ ପାଦେପାଦେ ଜଗି ରହିଥିଲେ ବାଳ-ଶିକ୍ଷକ ଯତ୍ନଶୀଳ । ପିଲାଟି ଦିନରୁ ଯତ୍ନଶୀଳ ଦେଖିପାରୁଥିଲେ ଏହି ଅଳ୍ପ ବୟସର ପିଲାଟି ମୁଣ୍ଡରେ ଅସୀମ ଧୈର୍ଯ୍ୟ, ଅନିସନ୍ଧିତ୍ସୁ ଓ କଳିଙ୍ଗପ୍ରେମୀ ଭାବାବେଗ । ମହାମେଘବାହନ ପରିବାର ଖୁସିରେ ଉଛୁଳି ପଡୁଥିଲା ଶୁଭଲଗ୍ନରେ ପିଲାଟିର ଜନ୍ମ ହେବାପରେ । ରାଜଜ୍ୟୋତିଷ ସୂଚନା ଦିଅନ୍ତି, ଶକ୍ତ ଭାଗ୍ୟଡୋରି ନେଇ ଜନ୍ମଲାଭ କରିଛନ୍ତି ରାଜପୁତ୍ର । ସର୍ବଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱ ବିକଶିତ ହେବ ପିଲାଟିର ଯୁବାବସ୍ଥାରେ । ଦେଶ ଦଶର ମଙ୍ଗଳକାରୀ ହୋଇ ଉଭା ହେବେ । ପିତାମହ ଅତ୍ୟନ୍ତ ଆଶାବାଦୀ, 'ନାତି ମୋର ଠିକଣା ଜବାବ ଦେବ ମଗଧକୁ' । ଆମେ ସିନା ଶୃଙ୍ଖଳ ଛିନ୍ନ କରିଛୁ, ସିଏ ଆକ୍ରମଣ କରି ଦାଉ ଶୁଝିବ । ପିତା ବୃଦ୍ଧରାଜ ଏତେ ସାହସୀ ଓ ଆଶାବାଦୀ ନ ଥିଲେ ବି, ମହାମେଘବାହନ ତୃତୀୟ ପୁରୁଷ ଯେ ନିଶ୍ଚିତ ଶକ୍ତିସମ୍ପନ୍ନ ଏହା ଉପଲବ୍ଧି କରିପାରଛନ୍ତି । କଳିଙ୍ଗ ଗଢି ଉଠୁଛି ଏଇ ରାଜବଂଶର ଦେଶ ଭକ୍ତି ପାଇଁ । ଆଶାବାଦୀ ନବଜନ୍ମିତ କଳିଙ୍ଗ ତାରକା ପାଇଁ ।

କଳିଙ୍ଗନଗରୀ ରାଜପରିବାରରେ ଖୁସିର ଲହରି ଖେଳୁଛି । ନବଜାତକର କ୍ରନ୍ଦନରେ କେବଳ ରାଜପ୍ରାସାଦ ଉନ୍ମାଦନାରେ ଫାଟି ପଡୁନି, ସମଗ୍ର କଳିଙ୍ଗନଗରୀ ଓ ଚତୁଃପାର୍ଶ୍ୱ ତୋଷାଳିରେ ଆନନ୍ଦର ଲହରି ଖେଳୁଛି । ଅନେକ ବ୍ରାହ୍ମଣ, ପୁରୋହିତ, ଅର୍ହତ, ସଂଘସ୍ଥବିର ତୋଷାଳିରେ ଅପେକ୍ଷମାଣ । ସମୟ ଉପୁଜିଲେ ରାଜପ୍ରାସାଦରେ ଆଶୀର୍ବାଦ କରି କଳିଙ୍ଗର ଶୁଭେଚ୍ଛା କାମନା କରିବେ । ଗ୍ରହାଚାର୍ଯ୍ୟ ରାଜକୁମାରଙ୍କ ଜନ୍ମଜାତକ ପ୍ରସ୍ତୁତ କରି ସମସ୍ତ ଶୁଭବାର୍ତ୍ତାରେ ଗଗନ ପବନ ମୁଖରିତ କରି ସାରିଲେଣି । ଏହି ଘଟଣା ବି ତୋଷାଳି ବାସିନ୍ଦା ଯତ୍ନଶୀଳଙ୍କୁ ରାଜକୁମାରଙ୍କ ବିଷୟରେ ସଚେତନ କରାଇଅଛି । ଭାଗ୍ୟକ୍ରମେ ସିଏ ନିଜ ମେଧା ବଳରେ ପିତାମହଙ୍କୁ ଆକର୍ଷିତ କରି ରାଜକୁମାରଙ୍କର ମାର୍ଗଦର୍ଶକ ଦାୟିତ୍ୱ ନେଇଛନ୍ତି ।

ଯତ୍ନଶୀଳ ଅନୁଭବ କରନ୍ତି, ବାଲ୍ୟ କାଳରୁ ଏକକ ଭାବରେ କଳିଙ୍ଗର ଗର୍ବରେ ଗର୍ବିତ ଓ ଲଜ୍ଜାରେ ମ୍ରିୟମାଣ ଖାରବେଳ । ସବୁବେଳେ ରାଜପୁତ୍ରଙ୍କର ମନ ନେଇ ଚଳିବା ତାଙ୍କ ପାଇଁ ଯେମିତି ଅପରିହାର୍ଯ୍ୟ ହୋଇପଡିଛି ! ପିଲାଟି ନିଜ ବଂଶ ବିଷୟରେ ଯେତିକି ଉତ୍ସୁକ, ନିଜ ରାଜ୍ୟ ବିଷୟରେ ତଥା ଦେଶ ଶାସନ ବିଷୟରେ ଶୁଣିବାପାଇଁ ସେତିକି ଆଗ୍ରହୀ । ରାଜପୁତ୍ରଙ୍କ ପାଖରେ ଯତ୍ନଶୀଳ ଖୁବ୍ ବିଶ୍ୱାସଭାଜନ ହୋଇ ଯାଇଛନ୍ତି । କୌଣସି ସମ୍ବାଦ ବା କୌତୂହଳର ବିଷୟ ଆସିଲେ, ଏହାର ନିର୍ଭରଯୋଗ୍ୟ ଉତ୍ତର ଆଶା ରଖିବେ ତାଙ୍କଠାରୁ । ଆଉ କିଏ କଅଣ କହିଲେ ବି ରାଜପୁତ୍ର ଖୋଜି ବୁଲିବେ ତାଙ୍କୁ ସତ୍ୟାସତ୍ୟ ନିର୍ଣ୍ଣୟ କରିବାକୁ ।

ଥରେ କଥାଟିଏ ଶୁଣିଲେ, ଯଦି ମନକୁ ଆସିଲା ମନେମନେ ଗୁଣି ହେଉଥିବେ, ପୁଣି ଭାବନା ସ୍ରୋତରେ ଯଦି କିଛି ପ୍ରଶ୍ନବାଚୀ ଉଙ୍କିମାରେ, ବସେଇ ଉଠେଇ ଦେବେନି ଯତ୍ନଶୀଳଙ୍କୁ । ଦିନେ ଖାରବେଳ ଜଣେ କଳିଙ୍ଗବୀରଙ୍କ ବିଷୟରେ ଶୁଣିବାକୁ ଇଚ୍ଛା କଲେ । ଯତ୍ନଶୀଳ ଭାବିଚିନ୍ତି ଗୋଟିଏ ଦୂର ରାଇଜରେ କଳିଙ୍ଗ ବାହୁବଳର ସେକାଳର କାହାଣୀଟିଏ କହିବାକୁ ଚାହିଁଲେ । ସେଇଟି କଳିଙ୍ଗ ରାଜରକ୍ତ ସଂପର୍କୀୟ ଶ୍ରୀବିଜୟଙ୍କର

ତାମ୍ରପର୍ଣ୍ଣୀ ତଥା ଶ୍ରୀଲଙ୍କା ପ୍ରତିଷ୍ଠା କରି ଥିବାର ଗାଥା। ଏଇଟା ବୁଦ୍ଧଦେବଙ୍କ ତିରୋଧାନ ଅବଧିର କଥା। ବହୁ ଆଗ୍ରହର ସହିତ ଖାରବେଳ ଶୁଣୁଥାଆନ୍ତି ସେ କଥା।

କଳିଙ୍ଗ ରକ୍ତର ଉଷ୍ମତା ବହନ କରିଥିବା ବିଜୟ ଯେତେବେଳେ ଜମ୍ବୁଦ୍ୱୀପର ଦକ୍ଷିଣସ୍ଥ ବିନ୍ଦୁ ପ୍ରତିମ ଦ୍ୱୀପଟିରେ ପହଞ୍ଚିଲେ। ଏଇ ଦ୍ୱୀପଟି ରାମାୟଣର ଶ୍ରୀଲଙ୍କା। ସେଠାରେ ବୋଇତରେ ଅବତରଣ କରି ଦେଖିଲେ, ସେଠାରେ ଯକ୍ଷ ଓ କିନ୍ନରମାନେ ଆଡ୍ଡା ଜମାଇ ଜନ ଜୀବନ ବିଷମୟ କରିଦେଇଛନ୍ତି। ବିଜୟ ନିଜର ସାତଶହ ସହଚରମାନଙ୍କ ସମେତ ଯେତେବେଳେ ଏଠାରେ ପହଞ୍ଚିଲେ, ସେମାନଙ୍କର ରକ୍ତର ଉଷ୍ମତା ସ୍ଖଳିତ ହୋଇଯାଇଥିଲା।

କୁଆଡୁ ଏତେ ସଦ୍‌ବୁଦ୍ଧି ମନକୁ ଆସିଲା କେଜାଣି, ଦ୍ୱୀପଟିର ମହାତୀର୍ଥରେ ବେଳାଭୂମିରେ ପହଞ୍ଚି ବାଲୁକାକୁ ଚୁମ୍ବନ କରିବାକୁ ଲାଗିଲେ। ଗୋଟିଏ ସିଂହ ଚିତ୍ର ଥିବା ପୀତବର୍ଣ୍ଣର ପତାକା ଉଡାଇ ଏହି ଦ୍ୱୀପଟିରେ ଜୀବନ ଭରିଦେଲେ। ଦ୍ୱୀପଟିର ନାମକରଣ କଲେ, ତାମ୍ରପର୍ଣ୍ଣୀ।

ଦଣ୍ଡିତ ବିଜୟ। ନିଜର ରାଜ୍ୟ ବଙ୍ଗ-କଳିଙ୍ଗ। ପ୍ରମାତାମହୀ କଳିଙ୍ଗ ରାଜବଂଶୀ। ସିଂହ ପରି ଉଦ୍ଦାମ ରକ୍ତବଂଶରେ ଜାତ। ରାଜା ସିଂହବାହୁଙ୍କର ଜ୍ୟେଷ୍ଠପୁତ୍ର। ସେଇ ବଂଶ ଆଭିଜାତ୍ୟରେ ନିଜର ପିତାଙ୍କ କଥାକୁ ଅବମାନନା କରି ରାଜ୍ୟରେ ବିଶୃଙ୍ଖଳାର ଚରମ ଔଦ୍ଧତ୍ୟ ଘଟାଇଥିବାରୁ ତଦାନୀନ୍ତନ ପ୍ରଚଳିତ ଗଣତନ୍ତ୍ର ମଧ୍ୟରେ କଳିଙ୍ଗ ରାଜଧାନୀ ଓ ବଙ୍ଗ ରାଜଧାନୀରୁ ଗୋଟିଏ ବୋଇତରେ ବିତାଡିତ ହୋଇ ନିକ୍ଷେପିତ ହୋଇଥିଲେ କଳିଙ୍ଗୋଦ୍ର ଗର୍ଭକୁ। ଦୁଃଖରେ ମ୍ରିୟମାଣ ହେବାକୁ ସମୟ କି ଶୋଚନା ନ ଥିଲା, ସାତଶହ ଅନୁଚର, କିପରି ନିଜକୁ ଓ ବନ୍ଧୁମାନଙ୍କୁ ଏହି ଦୁର୍ଦ୍ଦିନରୁ ମୁକୁଳାଇ ପାରିବେ, ସେ ବିଷୟରେ ସଚେତନ ଥିଲେ ବିଜୟ। ଭାଗ୍ୟକୁ ରାଜାଶୂନ୍ୟ ତାମ୍ରପର୍ଣ୍ଣୀରେ ପହଞ୍ଚି ରାଜଗାଦି ଲାଭକଲେ ସତ, କିନ୍ତୁ ଯେଉଁ ଯକ୍ଷପିପାସୀର ସହାୟତାରେ ସବୁ ପ୍ରତିବନ୍ଧକ ଅତିକ୍ରମ କରିପାରୁଥିଲେ, ସେଇ ମହିଳା ଜଣକ ସେଠିକାର ରାଣୀ, କୁବେଣୀ। ବିଜୟଙ୍କୁ ଭଲ ପାଇ ସବୁ କ୍ଷମତା ବଢାଇଦେଲେ ସେଇ ମହିଳା। ଉଦ୍ଦେଶ୍ୟ ତାଙ୍କର ସଫଳ ହେଲାନି। ବିଜୟଙ୍କ ସାନ୍ନିଧ ଲାଭ କରି ପାରିଲେନି।

ଅମାନୁଷିକ ହେବାର ଉପକ୍ରମ ଆସିବା ବେଳକୁ ବିଜୟ ନିଜକୁ ସୁଧାରି ନେଇଥିଲେ, ଜଣେ ବିଜ୍ଞ ରମଣୀ ସହିତ ତାଙ୍କର ପରିଣୟ ହେଲା, କେବଳ ତାଙ୍କର ନୁହେଁ, ସମସ୍ତ ସହଚର ମାନଙ୍କର ବି ବିବାହ ସମ୍ପାଦିତ ହେଲା, ତାମ୍ରପର୍ଣ୍ଣୀରେ ଆଲୋକର ଦିନ ଆସିଗଲା, ବହୁ ମୂଲ୍ୟବାନ ଉପଢୌକନ ପଠାଇ ପ୍ରିୟ ହୋଇପାରିଲେ ଦ୍ରାବିଳମେଳର ମୁଖ୍ୟ ପାଣ୍ଡ୍ୟ ମହାରାଜାଙ୍କ ସହିତ। ପରିଶେଷରେ ଦିନେ ମହାରାଜା ଶ୍ରୀ ବିଜୟଙ୍କୁ ନିଜର ଜାମାତା ଭାବରେ ବାଛି ପାଣ୍ଡ୍ୟ ରାଜକୁମାରୀଙ୍କୁ ବିବାହ ଦେଲେ। ପାଣ୍ଡ୍ୟ କେବଳ ତାମ୍ରପର୍ଣ୍ଣୀର ବନ୍ଧୁ ହେଲାନି, ସେତେବେଳର ମହାଜନପଦ ଶାସନ କାଳରେ ଭାରତବର୍ଷରୁ ବିଚ୍ଛିନ୍ନ ଭାବରେ ରହିଥିବା କଳିଙ୍ଗ ଓ ବଙ୍ଗ ସହିତ ବି ସୁସମ୍ପର୍କ ରଖିଥିଲା। ଆଜିର ଉପସ୍ଥିତ ପାଣ୍ଡ୍ୟ ନୃପତିଙ୍କର ତିନି ଶତାବ୍ଦୀ ପୂର୍ବର ପ୍ରପିତାମହ।

କିନ୍ତୁ ସବୁବେଳ ପାଇଁ କଳିଙ୍ଗ ନୌବାଣିଜ୍ୟର ଖୋଲା ନୌପଥ ହୋଇଗଲା ତାମ୍ରପର୍ଣ୍ଣୀ, କଳିଙ୍ଗ ଓ ତାମ୍ରପର୍ଣ୍ଣୀ ମଧ୍ୟରେ ଚିରକାଳର ସମ୍ପର୍କ, ରାଜବଂଶୀୟ ରକ୍ତ ସମ୍ବନ୍ଧ। ହାତୀ ବ୍ୟବସାୟ ତ କଳିଙ୍ଗ ସହିତ ଚିରାଚରିତ ପ୍ରଥା, କଳିଙ୍ଗ ସାଗର ପଥରେ ନିଜ ବୋଇତରେ ହାତୀ ନେବା ଲୋକକଥାରେ ପରିଣତ ହୋଇ ସାରିଥିଲା।

ବିଜୟଙ୍କର ତାମ୍ରପର୍ଣ୍ଣୀରେ ପ୍ରତିଷ୍ଠା ପୂର୍ବରୁ ବି କଳିଙ୍ଗର ସଚରାଚର ସାଗରଯାତ୍ରା ସମ୍ଭବ ଥିଲା। ରାଜ୍ୟ ରାଜ୍ୟର ସୀମା ନିର୍ଦ୍ଧାରିତ ହେବାର ଅବ୍ୟବହିତ ପୂର୍ବରୁ, ଭାଷା ଓ ଭାବ ବିନିମୟ ହେବାବେଳକୁ ବୋଧହୁଏ କଳିଙ୍ଗ ନାବିକ କଳିଙ୍ଗୋଦ୍ର କୂଳେକୂଳେ ଖୋଜି ବୁଲୁଥିଲା ମନୋରମ ପରିବେଶ, କାଳ୍ପନିକ ସୁବର୍ଣ୍ଣ କଳସ, ଅବିଳମ୍ବେ ଅସାଧ ସାଧନ କରିପାରିବାର କଳ୍ପନା। ସାଗରକୁ ଅଣ୍ଟାଏ ପାଣି ବୋଲି ବିବେଚନାକରି ଜୀବନକୁ ବାଜି ମାରି ସ୍ଥଳରୁ ସାଗର ମଧ୍ୟରେ କଳିଙ୍ଗ ଅବତୀର୍ଣ୍ଣ ହୋଇଥିଲା। ଏହାର ସମୟ ନିଧାର୍ଯ୍ୟ କରିବା ଅସମ୍ଭବ, କିନ୍ତୁ ଏହି ସାଗର ହୋଇଥିଲା କଳିଙ୍ଗ ଜୀବନର ରାହା। ତାହାର ପରେ ପରେ ଆସିଛି ରାଜ୍ୟ ଓ ରାଜା, ଭାଷା ଓ ଭାବ, ଧନ ଓ ଧର୍ମ, ବ୍ୟବସାୟ ଓ ପଣ୍ୟ।

ଅତି ଆଦିମ କାଳରୁ ସେହି ଦ୍ୱୀପଟିରେ ଅନେକ କିନ୍ନର, ଯକ୍ଷ ଓ ଅସୁର ବସବାସ କରୁଥିଲେ। ଯେଉଁ ସମୟରେ ଶ୍ରୀବିଜୟ ମାତୃଭୂମିରୁ ନିର୍ବାସିତ, ସେତେବେଳକୁ ବୁଦ୍ଧଦେବଙ୍କର ନିର୍ଯ୍ୟାସ ରାଜା ମହାରାଜାମାନଙ୍କୁ ଉଗ୍ର ଅମାନବିକତାରୁ ଅବତରଣ କରିବାରେ ଫଳବତୀ ହୋଇଥିଲା। ବିମ୍ବିସାରଙ୍କ ସମେତ ବହୁ ମହାରାଜାଙ୍କୁ ଆକର୍ଷିତ କରିସାରିଥିଲା। କିନ୍ତୁ ହଠାତ୍ ତଥାଗତ ହେଲେ ଅସ୍ତାଚଳଗାମୀ ସୂର୍ଯ୍ୟ, ସହାୟକ ଆନନ୍ଦଙ୍କୁ ବ୍ୟକ୍ତ କରିସାରିଲେଣି ନିଜ ଅନ୍ତରର କଥା। ନିଜେ ଜୀବନର ଶେଷ ଭିକ୍ଷାଟିକୁ ଗ୍ରହଣ କରିବାକୁ ମନା ବା କରିବେ କିପରି ? ସେଇ କୁମ୍ଭାରୁଣୀର କଥା ରଖି ତା ପର୍ଣ୍ଣକୁଟୀରରେ ଭିକ୍ଷା ଗ୍ରହଣ କରିଛନ୍ତି। ସେଦିନ ଦୁଇଟି ଶାଳ ବୃକ୍ଷ ମଧ୍ୟରେ ତଥାଗତଙ୍କର ମହାନିର୍ବାଣ। ଯେଉଁ ମୁହୂର୍ତ୍ତରେ ତଥାଗତ ବୁଦ୍ଧ ମହାନିର୍ବାଣ ଲାଭକରିଥିଲେ, ସେଇ ମୁହୂର୍ତ୍ତରେ ହିଁ ଏହି ଦିଗ୍‌ବିଜୟୀ କଳିଙ୍ଗସୂତ ଶ୍ରୀବିଜୟ ତାମ୍ରପର୍ଣ୍ଣୀର ମୃତ୍ତିକା ସ୍ପର୍ଶ କରିଥିଲେ।

ଖାରବେଳ ବାଲ୍ୟକାଳରେ ବୁଦ୍ଧଙ୍କର ଏହି ମହାଭସ୍ମ କାବ୍ୟର ଗଳ୍ପ ଶୁଣି ନିଜକୁ କିପରି ଗଢ଼ାଯାଇପାରେ, ସେ ଦିଗରେ ଉଦ୍ୟମ କଲେ। ଦେଶ ଛାଡି ବିଦେଶ ମାଟିରେ ବି କଳିଙ୍ଗ ଗଢୁଛି ତାର ଅନେକ ନିବାସ। ଦେଶର ସର୍ବାଙ୍ଗ ଉନ୍ନତି କଳ୍ପେ ନିଜକୁ ସମର୍ପଣ କରିବା ପରମ୍ପରାର ଉଦାହରଣ ହୋଇଗଲେ ଶ୍ରୀବିଜୟ। କଳିଙ୍ଗ ମାଟିର ଉନ୍ମାଦନା ଭରି ରହିଛି, କଳିଙ୍ଗ ରକ୍ତର ତେଜ ଆଣିଛି, କଳିଙ୍ଗର ମନୋବଳ ପ୍ରଖର। ନିଜ ଦେଶ ମାତୃକାର ଆଧାର ଶକ୍ତିରେ ପୂର୍ଣ୍ଣତାର ଏକ ପରିଚୟ କିପରି ଦିଆଯାଇ ପାରେ, ଚିନ୍ତିତ ହୋଇପଡିଲେ।

ଏଇ କଥାଟି ଶୁଣି ଅନ୍ୟମନସ୍କ ହେବାର ଦେଖି ଯତ୍‌ଶୀଳ ପ୍ରଶ୍ନ କଲେ ଖାରବେଳଙ୍କୁ, "ତୁମକୁ ଶ୍ରୀବିଜୟଙ୍କ ଚରିତ୍ର ଓ କାର୍ଯ୍ୟକଳାପ କିପରି ଲାଗିଲା ?"

ଖାରବେଳ ନିଜ ବାଳସୁଲଭ ଢଙ୍ଗରେ କହିଲେ, "ସେ ଅପରାଧୀ ହେଲେ ବି ଦେଶ ପାଇଁ, ଜାତି ପାଇଁ ଯାହା କରି ଦେଖାଇଲେ, ତାହା ବହୁଦିନ ପର୍ଯ୍ୟନ୍ତ କେହି ଭୁଲି ପାରିବେ ନାହିଁ। କଳିଙ୍ଗ ସନ୍ତାନ। କଳିଙ୍ଗର ଯଶ, କୀର୍ତ୍ତି ବଜାୟ ରଖିବାରେ ନିଜର ସମସ୍ତ ବଳ ଖଟାଇ ନିଜକୁ ଉତ୍ସର୍ଗ କରିବା ଦ୍ୱାରା ତାଙ୍କ ନିଜର ନାମକୁ ତାମ୍ରପର୍ଣ୍ଣୀ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ଦେଇଛନ୍ତି।"

ପୁନଶ୍ଚ ଗୋଟିଏ ପ୍ରଶ୍ନ ପଚାରିଛନ୍ତି ରାଜପୁତ୍ର ଖାରବେଳ। ମଗଧ ରାଜ୍ୟ ସେଦିନ କଳିଙ୍ଗର ଶକ୍ତି ଓ ଶ୍ରୀବିଜୟଙ୍କର ବୀରତ୍ୱ ଉପଲବ୍ଧି କରି ପାରିବାର ସମୟ ଥିଲା। ସେତେବେଳକୁ ମଗଧ ଭାରତବର୍ଷରେ କଳିଙ୍ଗ ପରି ବଳଶାଳୀ ଆଉ ପରାକ୍ରମୀ ଥିଲା କି ନା ?

ଯନ୍ତ୍ରଶୀଳ ସେଦିନ ଦେଖିପାରିଲେ ଖାରବେଳଙ୍କର ବିଚକ୍ଷଣତା। କଳିଙ୍ଗ ପ୍ରତି ଗଭୀର ଅନୁରକ୍ତି ଆଉ ଦେଶପ୍ରେମ। କଳିଙ୍ଗ ତୁଳନାତ୍ମକ ଭାବରେ ଭାରତବର୍ଷରେ ସର୍ବଶ୍ରେଷ୍ଠ, ଏହା ରାଜପୁତ୍ର କଳ୍ପନା କରନ୍ତି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତପାଇଁ। ପାଞ୍ଚ ଶହ ବର୍ଷ ଆଗରୁ କଳିଙ୍ଗର ମଗଧ ସହିତ ତୁଳନାତ୍ମକ ବିବରଣୀ ଚାହାନ୍ତି ଶୁଣିବାକୁ। ଯନ୍ତ୍ରଶୀଳ ସିନା କଳିଙ୍ଗ ଶ୍ରୀବିଜୟଙ୍କର ତାମ୍ରପର୍ଣ୍ଣୀ ପ୍ରତିଷ୍ଠା ବିଷୟ ଶୁଣିଛନ୍ତି ଓ ଲୋକକଥା ହିସାବରେ କହି ଚାଲିଛନ୍ତି, କିନ୍ତୁ ପାଞ୍ଚ ଶତାବ୍ଦୀ ତଳର ଦେଶର କୌଣସି ଇତିହାସ ଅବା ଭୂଗୋଳ ବିଷୟରେ ନିର୍ଦ୍ଦିଷ୍ଟ ଘଟଣା ଜାଣନ୍ତିନି।

କିପରି ରାଜପୁତ୍ରଙ୍କର ସଂଶୟ ଦୂର କରିବେ, ଏହା ତାଙ୍କର ଚିନ୍ତା ହୋଇଛି। ଯଦି ସିଏ ରାଜପୁତ୍ରଙ୍କର ଏହି ପ୍ରଶ୍ନର ଉତ୍ତର ନ ଦିଅନ୍ତି କଥାଟି ନିଶ୍ଚୟ ମହାମେଘବାହନ ପିତାମହଙ୍କର କାନରେ ପଡିବ। ଯଦି ମିଛରେ କଅଣ କହିବେ, ତାହା ବି କାଲିକୁ ପ୍ରଘଟ ହୋଇଯିବ, ଭୟ ଆସୁଛି କାଳେ ନିଜର ନିଯୁକ୍ତି ଚାଲିଯିବ।

ଶେଷରେ ଯନ୍ତ୍ରଶୀଳଙ୍କ ମନରେ ଗୋଟିଏ ଦୀପର ଆଲୋକ ବତୀ ତେଜି ଉଠିଛି। ନିଜର ବୁଦ୍ଧି ଯେତିକି କଳ୍ପନା କରିଛନ୍ତି, ଆଜିକା ଯୁଗରେ କେବଳ ଆଦିଧର୍ମ ଜୈନ ଧର୍ମାବଲମ୍ବୀ ମୁନି, ସାଧୁ ଓ କେବଳୀ ରାଜ୍ୟ ରାଜ୍ୟ, ଦରବାର ଦରବାର ବୁଲି ଦିନକାଳର ଘଟଣା ଜାଣି ପାରନ୍ତି। ରାଜ୍ୟ ରାଜ୍ୟ ମଧ୍ୟରେ ଥିବା ସମ୍ପର୍କ ଜାଣିବେ ଓ ତା ସହିତ ମଗଧ କଳିଙ୍ଗର ଆପାତତଃ ସମ୍ପର୍କ ବିଷୟରେ ଅବଗତ ହୋଇଥିବା ସମ୍ଭନ୍ଧ। ଏଥିପାଇଁ କାହାଠାରୁ ମତ ନିଆଯିବା ଫଳପ୍ରଦ ହେବ ?

ଚିନ୍ତାମଗ୍ନ ଯନ୍ତ୍ରଶୀଳ। କେଉଁ ମୁନିଙ୍କୁ କହିବେ ଦେଶ ଦେଶର ସମ୍ପର୍କ ବଖାଣିବାକୁ ?

ମହାମେଘବାହନ ଓ ଚେତରାଜ ସମସ୍ତେ ତ ଆଦିଧର୍ମର ପୃଷ୍ଠପୋଷକ, କଳିଙ୍ଗ କାଳେ କାଳେ ଏହି ଆଦିଧର୍ମର ଗୁଣଗ୍ରାହୀ। କଳିଙ୍ଗ ନିଜ ବକ୍ଷରେ ଆଦିଧର୍ମର ପ୍ରବାହ ସୃଷ୍ଟି କରିଛି। କଳିଙ୍ଗର କୁମାରୀପର୍ବତ ମହାଭାରତ ପୂର୍ବରୁ ହିନ୍ଦୁଧର୍ମ ଦାନା ବାନ୍ଧିବାର ବହୁ ପୂର୍ବରୁ ଆଦିଧର୍ମ ଅର୍ହତ ଓ ସିଦ୍ଧ ମୁନିମାନଙ୍କର ସିଦ୍ଧିର କ୍ଷେତ୍ର ବୋଲି ଦେଶରେ ପ୍ରସିଦ୍ଧ। ସେହି ମୁନିମାନେ ଯାହା ଜାଣନ୍ତି ଜୈନଧର୍ମରେ ବିଶ୍ୱାସ କରୁଥିବା ସାଧାରଣ ଲୋକ ବା ଶ୍ରାବକମାନଙ୍କ ମଧ୍ୟରେ ପ୍ରଚାର କରନ୍ତି। ଯେତେଜଣ ବିଜ୍ଞ ଜୈନ ସାଧୁଙ୍କ ବିଷୟରେ ଯନ୍ତ୍ରଶୀଳ ଜାଣନ୍ତି, ସେମାନଙ୍କ ଭିତରେ ବିଚାରପଦ ସବୁଠାରୁ ବିଚାରବନ୍ତ।

ବିରାରପଦ କୁମାରୀ ପର୍ବତରେ ବାସ କରନ୍ତି, ସିଏ ସ୍ଥିର ଓ ବୁଦ୍ଧିମନ୍ତ। ମୁନି ଓ ସାଧୁମାନେ ସାଧାରଣତଃ ଜନବସତିକୁ କେବଳ ଭିକ୍ଷାପାଇଁ ଆସନ୍ତି, କିନ୍ତୁ ସେମାନଙ୍କର ଲୋକ ସମ୍ପର୍କ ଲାଜକୁଳା ବାଲ୍ମିକୀଙ୍କ ପରି ଉଇହୁଙ୍କା ହେବା ପର୍ଯ୍ୟନ୍ତ ଧ୍ୟାନମଗ୍ନ ହୋଇ କୁମାରଗିରିରେ ମାସ ମାସ ନିରାହାରରେ ବସିଯିବେ। ତା ପରେ ନିଜର କେବଳ ଜ୍ଞାନର ଉଦୟ ହେବ। ନିଜେ ସିଦ୍ଧପୁରୁଷ ହୋଇଯିବେ। ସମାଜ ତାଙ୍କୁ ତୀର୍ଥଟିଏ ପରି ମନେକରିବ, ସିଏ ବି ନିଜକୁ ଜ୍ଞାନର ତୀର୍ଥଟିଏ ମଣି ଲୋକମାନଙ୍କର ଧର୍ମର ରାସ୍ତା ସୂଚାଇଦେବେ। ପାପ ପୁଣ୍ୟର ବିଭେଦ ଦର୍ଶାଇବେ, ଜନ୍ମ ମୃତ୍ୟୁର ରହସ୍ୟ ଉନ୍ମୋଚନ କରିବେ, ସମାଜକୁ ସତ୍ୟ ଅହିଂସା ଓ ମାନବିକତାର ପଥପ୍ରଦର୍ଶକ ହେବେ। ଏଥିପାଇଁ ରାଜ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ରାଜାମାନେ ନିଜର ପ୍ରଜା ମାନଙ୍କୁ ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ଧାର୍ମିକ ଭାବରେ ଜୀବନ ଯାପନ କରିବାର ଅଭିପ୍ରାୟ ନେଇ ଏମିତି ଧର୍ମର ଆଦର କରନ୍ତି। କଳିଙ୍ଗର ଜୈନ ସମ୍ପ୍ରଦାୟରେ ବିଚାରପଦ ହେଉଛନ୍ତି ସେମାନଙ୍କର ପ୍ରତିନିଧି।

ବିଚାରପଦ ବହୁ ସମୟରେ କୁମାରୀପର୍ବତରୁ ଚାରିକୋଶ ବାଟ ପୂର୍ବଦିଗକୁ ଚାଲି କଳିଙ୍ଗ ନଗରୀ ଆସନ୍ତି। ବୃଦ୍ଧରାଜଙ୍କ ପାଖରେ ରାଜ୍ୟାନ୍ତର ଖବର ପରିବେଷଣ କରନ୍ତି, ରାଜଭିକ୍ଷା ଗ୍ରହଣ କରନ୍ତି। ତାଙ୍କ ଜ୍ଞାନ ଗାରିମାରେ ରାଜପୁତ୍ରଙ୍କର ପ୍ରଶ୍ନର ଉତ୍ତର ପାଇବାକୁ ସକ୍ଷମ ହୋଇ ପାରିଛନ୍ତି ଯନ୍ତ୍ରଶୀଳ। ସବିଶେଷ ଘଟଣା ରାଜପୁତ୍ରଙ୍କର ପାଖରେ ଉପସ୍ଥାପନ କରିବାକୁ ଆଗ୍ରହର ସହିତ ଆସିଛନ୍ତି।

ରାଜକୁମାର ଶୁଣୁଛନ୍ତି ପାଞ୍ଚଶହ ବର୍ଷର ଇତିହାସ। ବର୍ଦ୍ଧମାନ ମହାବୀରଙ୍କର ସମ୍ପର୍କୀୟ କଥା, ତଥାଗତ ବୁଦ୍ଧଙ୍କର ଜ୍ଞାନାଲୋକ ପ୍ରାପ୍ତି ଓ ଦେଶର ବହୁ ଜନପଦ ମାନଙ୍କରେ ଜନସମାଜର ଚାଲିଚଳଣ, ଆଚାର ବ୍ୟବହାର, ରାଜ୍ୟ ଶାସନ, ଧର୍ମପ୍ରବାହ। ସେଇ ସବୁ ଘଟଣା ଭିତରେ ବେଶି ଚମକତା ଦିଅନ୍ତି ମଗଧର ବର୍ଦ୍ଧିତ ଆୟତନ, ସାମରିକତା ଓ ତତ୍କାଳୀନ କଳିଙ୍ଗର ତୁଳନାତ୍ମକ ଚିତ୍ର ଓ ମାନଚିତ୍ର।

କଳିଙ୍ଗ ତ ତିନି ଭୌଗୋଳିକ ଭାଗର ମିଶ୍ରଣ ନିଜର ପରିସୀମା ଅମରକଣ୍ଟକ ଠାରୁ କଳିଙ୍ଗୋଦ୍ର ପଶ୍ଚିମରୁ ପୂର୍ବ, ଗଙ୍ଗାରୁ ଗୋଦାବରୀ ଉତ୍ତରରୁ ଦକ୍ଷିଣ ଆୟତନ ମଧ୍ୟରେ। ଗଙ୍ଗାକୂଳ କଳିଙ୍ଗ, ମୁଖ୍ୟ କଳିଙ୍ଗ ଓ ଦକ୍ଷିଣର ମୋଡୋକଳିଙ୍ଗ। ଉତ୍ତର ଓ ମଧ୍ୟଭାରତର ସବୁ ସାମାଜିକତା କଳିଙ୍ଗରେ ପଶିପାରିନି। କଳିଙ୍ଗର ଭୂଗୋଳ ନିଜକୁ ବର୍ଣ୍ଣାଶ୍ରମ ଜାତିଭେଦ ପରି ସଂକ୍ରାମକ ସାମାଜିକ ବ୍ୟାଧିରୁ ମୁକ୍ତ ରଖିପାରିଛି, କଳିଙ୍ଗରେ ଗୋଟିଏ ଜାତି। କର୍ମଜୀବୀ ଜାତି। ବୃତିଗତ ଜାତି। ଯିଏ ନିଜର ସକଳ ଅର୍ଥ ବିନିଯୋଗ କଲା ସାଗରରେ ବୋଇତରେ ସିଏ ବଣିକ, ସିଏ ସାଧବ। ଯିଏ ରାଜ୍ୟ ରକ୍ଷାକଲା ସିଏ ପାଇକ। ଏମିତି ବହୁ କର୍ମର କଳିଙ୍ଗ ସନ୍ତାନ। ବଣିକ ଜାତି ବୋଲି ଦେଶ ଜାଣୁଛି। କର୍ମଠ କଳିଙ୍ଗଜାତି।

କଳିଙ୍ଗ ତ ଗୋଟିଏ ବୃହତ୍ ଜନପଦ, ଏହା ପଛରେ ଦେଶର ଜନପଦ କାହାଣୀରେ ବୌଦ୍ଧ ଗ୍ରନ୍ଥ ଉଲ୍ଲେଖ କରିଛି, କିନ୍ତୁ ଜନପଦ ଇତିହାସରେ ମଗଧ, ଅଙ୍ଗ, ବଙ୍ଗ, ଅବନ୍ତୀ, କୋଶଳ ଆଦି ଯାହା ଛୋଟ ଛୋଟ ରାଜ୍ୟ ରହିଛି, ମଗଧ ମହାଭାରତର ଜରାସନ୍ଧର ରାଜ୍ୟ, ଅଙ୍ଗ କର୍ଣ୍ଣବୀରଙ୍କର ରାଜ୍ୟ। ବିମ୍ବିସାର ଗୌତମ ବୁଦ୍ଧଙ୍କ ସମସାମୟିକ ମଗଧ ସମ୍ରାଟ। ଜୈନ ଭାଷାରେ ବିମ୍ବିସାରଙ୍କର ନାମ ଶ୍ରେଣିକ। ବିମ୍ବିସାରଙ୍କ ମଗଧ ଓ ପୂର୍ବଦିଗର ବଙ୍ଗ ମଧ୍ୟରେ ଅବସ୍ଥିତ ଅଙ୍ଗରାଜ୍ୟ। ସୁଦୂର ଅତୀତରେ ଏହି ଅଙ୍ଗରାଜା କପଟ କରିଥିଲେ ବିମ୍ବିସାରଙ୍କ ପିତା ଭାତିୟାଙ୍କ ପ୍ରତି, ଘୋର ଅପମାନିତ କରିଥିଲେ। ବିମ୍ବିସାର କୌଶଳରେ ବିଷକନ୍ୟା କର୍ତ୍ତୃକ ଅଙ୍ଗରାଜଙ୍କୁ ଗାଦିଚ୍ୟୁତକରି ମଗଧର ରାଜ୍ୟଭୁକ୍ତ କରିପାରିଥିଲେ।

ସମାଜରେ ବିବାହ ଯେତେବେଳକୁ ଗୃହୀତ ହୋଇସାରିଥିଲା, ରାଜା ମହାରାଜା ମାନଙ୍କ କ୍ଷେତ୍ରରେ କିଛିଟା ବ୍ୟତିକ୍ରମ ଥିଲା। ସେଇ ବିବାହର

ଆଳ ନେଇ ବିମ୍ବିସାର ବିସ୍ତାର କରି ଚାଲିଲେ ନିଜର ସମ୍ରାଜ୍ୟ, ମିତ୍ରତାର ବନ୍ଧନ ବଢାଇ ଚାଲିଲେ ଉତ୍ତର ଆଉ ପଶ୍ଚିମ ଦିଗରେ। ମଗଧ ଭାରତବର୍ଷ ଅଭ୍ୟନ୍ତରରେ ଏକ ସମୃଦ୍ଧ ରାଜ୍ୟ, ପଛକୁ ଯିଏ ଗାଦିରେ ବସୁ, ନନ୍ଦ ହେଉ କି ମୌର୍ଯ୍ୟ ହେଉ। ରାଣୀ କୌଶଳୀ ଦେବୀଙ୍କୁ ବାହାହୋଇ କୋଶଳର ଜ୍ୱାଇଁ ହେଲେ, କାଶୀ ସେତେବେଳେ ଗାଁ ଟିଏ ଥିଲା, ସେଇଟିକୁ ପାଇଥିଲେ ଯୌତୁକ ଭାବରେ କୋଶଳ ନରେଶଙ୍କ ପାଖରୁ। ତା ପରେ ବିମ୍ବିସାର ଚାଲିଲେ ବୈଶାଳୀ, ବେଶାଳପୁରୀ ନଗରୀ। ସେଠାର ରାଜକନ୍ୟାଙ୍କୁ ଦ୍ୱିତୀୟ ପତ୍ନୀ ଭାବରେ ଗ୍ରହଣ କରି ବୈଶାଳୀର ଜାମାତା ହୋଇ ପାରିଲେ। ସେତେବେଳକୁ ତ ମହାବୀରଙ୍କର ମହାନିର୍ବାଣ ସରିଯାଇଥିଲା, ତଥାପି ଏହି ବୈଶାଳୀ ଏକଦା ଜୈନ ଧର୍ମର ସୃଜନ କେନ୍ଦ୍ର ଥିଲା। ମହାବୀରଙ୍କର ମାତା ଅତୀତରେ ବୈଶାଳୀର ରାଜକନ୍ୟା ଥିଲେ, ବୈଶାଳୀ ରାଜତନ୍ତ୍ରରୁ ଅଧିକାଂଶ ସମୟ ଗଣତନ୍ତ୍ରର ପୃଷ୍ଠପୋଷକ ହୋଇପଡୁଥିଲା।

ଏମିତି ବଢିଥିଲା ମଗଧର ପରିସୀମା ଓ ଲୋକସମ୍ପର୍କ।

ସେଇ ବିମ୍ବିସାର ସୁନ୍ଦର ରାଜଧାନୀ ଗଢି ତୋଳିଥିଲେ ରାଜଗୃହରେ। ପରେ ଅବଶ୍ୟ ପାଟଳୀପୁତ୍ର ସ୍ଥାପନ କରିଥିଲେ। ସେ ଜୈନ ଥିଲେ, ତଥାପି ବୁଦ୍ଧଦେବଙ୍କ ସମବୟସ ହୋଇ ଥିବାରୁ ତାଙ୍କୁ ଅଭ୍ୟାଗତ ଦେବାକୁ ଆଗଭର ଥିଲେ। ଏପରିକି ତଥାଗତ ବୁଦ୍ଧ ବିମ୍ବିସାରଙ୍କର ରାଣୀ ଅନ୍ତଃପୁରକୁ ଆଗମନକୁ ସ୍ୱାଗତ କରି ନିଜର ପତ୍ନୀମାନଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିବାର ଉଦାହରଣ ରହିଛି। ରାଣୀମାନେ ବୁଦ୍ଧଙ୍କର କେଶ ଓ ନଖ ସ୍ମରଣରେ ରାଜପ୍ରାସାଦରେ ଗୋଟିଏ ସ୍ତୁପ ଗଠନ ପାଇଁ ବିମ୍ବିସାରଙ୍କୁ ପ୍ରାର୍ଥନା କରିଛନ୍ତି। ତଥାଗତ ବୁଦ୍ଧଙ୍କର ନିଷ୍କପଟ ଜୀବନ ଦର୍ଶନରେ ସିଏ ବିମୁଗ୍ଧ ହୋଇଛନ୍ତି।

ଖାରବେଳଙ୍କର କୋମଳ ମନରେ କେତେକ ଭାବନା ଖେଳିଯାଇଛି। ମହାବୀର ହୁଅନ୍ତୁ କି ଗୌତମ ବୁଦ୍ଧ ହୁଅନ୍ତୁ, ସମସ୍ତେ ରାଜପୁତ୍ର। ନିଜ ନିଜ ମନରେ ମାନବିକତାର ସ୍ପର୍ଶରେ ବିତୃଷ୍ଣ ହୋଇ ପଡିଛନ୍ତି ଦୁନିଆ ପ୍ରତି। ସମାଜର ରୀତିନୀତି ଦିନକୁ ଦିନ ସ୍ଖଳିତ ହେଉଛି। କିଏ କାହାକୁ ଶୋଷଣ କରୁଛି। କିଏ ରାଜପ୍ରାସାଦରେ ଅନ୍ୟର କଷ୍ଟ ଅର୍ଜିତ ଧନରାଶିର ଅପଚୟ କରୁଛି ତ କିଏ ଧର୍ମ ନାମରେ ପୂଜାର୍ଚ୍ଚନା କରି ଲୋକମାନଙ୍କୁ ବିଶ୍ୱାସରେ ଅଧର୍ମବିତ୍ତ ଆୟ କରୁଛି।

ମହାବୀର ଓ ତଥାଗତ ନିଜ ନିଜ ଅୟସପୂର୍ଣ୍ଣ ଜୀବନରେ ଦୁଃଖ ଓ ଦୁଃଖୀମାନଙ୍କର ଅନୁଶୋଚନାରେ ସନ୍ୟାସ ନେଇ ମଣିଷ ସମାଜର ଶୁଭ ମନାସି ସତ୍ୟର ସନ୍ଧାନରେ ବାହାରି ଯେଉଁ ନିରାଟ ସତ୍ୟର ସନ୍ଧାନ ପାଇଲେ, ତାହା ଅତି ଅସାଧାରଣ ନୁହେଁ। ମଣିଷ ନିଜର ଜୀବନ ଓ ବଞ୍ଚିବାର ସୀମା ମଧ୍ୟରେ ସତର୍କତାର ସହିତ ରହିବା ଦରକାର। ମଣିଷ ହୋଇ ଜନ୍ମ, ମୃତ୍ୟୁ ଅବା ଦୁଃଖକୁ ଡରି ଯେ ନୀତି ନିୟମ ମାନି ଚଳିବ, ଘରଛାଡି ସନ୍ୟାସୀ ହୋଇଯିବ, ଖାରବେଳ ତାହାର ଅର୍ଥ ବୁଝିବାକୁ ସମର୍ଥ ହେଲେନି। ପୁଣି ସେହି ରାଜକୁମାର ମାନେ ନିଜ ରାଜ୍ୟ ଛାଡି ଅନ୍ୟରାଜାଙ୍କ ପ୍ରୋତ୍ସାହନରେ ପରପାଖରେ ଭିକ୍ଷାକରି ଜୀବନ କଟାଇବାର ମହତ୍ତ୍ୱ ବୁଝି ପାରିବାକୁ ଅସମର୍ଥ ହେଲେ।

ସେ ଯତ୍ନଶୀଳଙ୍କୁ ପଚାରିଲେ, "ଏମିତି ରାଜ୍ୟ ଛାଡି ବାବାଜି ହୋଇଗଲେ କଅଣ ମଣିଷର ଦୁଃଖ, କ୍ଷୁଧା, ବ୍ୟାଧି ଦୂର ହୋଇଯିବ?"

ଏହି ପ୍ରଶ୍ନରେ ଯତ୍ନଶୀଳ କିଂକର୍ତ୍ତବ୍ୟବିମୂଢ ହୋଇପଡିଲେ। ଏହି ପ୍ରଶ୍ନଟି କିପରି ଚତୁର ନିଷ୍କପଟ ଖାରବେଳଙ୍କୁ ବୁଝାଇବେ, ଦ୍ୱନ୍ଦ୍ୱରେ ପଡିଗଲେ। କହିଲେ, "ସାନ ରାଜା, କାଲି ପୁଣି ବିଚାରପଦ ଆଉ ଥରେ ଏହି ରାଜପ୍ରାସାଦକୁ ଆସିବେ। ତାଙ୍କଠାରୁ ସତ୍ୟଟା ବୁଝିନେବା।"

ଖାରବେଳ ତାଙ୍କ ପ୍ରଶ୍ନର ଉତ୍ତରକୁ ଅପେକ୍ଷାକରି ରହିଲେ।

ପରଦିନ ବିଚାରପଦ ଆସି ରାଜପୁତ୍ରଙ୍କୁ ବୁଝାଇଦେଲେ। ଗୌତମ ବୁଦ୍ଧ ପିଲାଦିନରୁ ସମ୍ବେଦନଶୀଳ ଥିଲେ। ତାଙ୍କର ମନୋଭାବ ବୁଝିପାରି ବାପା ତାଙ୍କୁ ବାହାର ଦୁନିଆକୁ ଛାଡିବାକୁ ରାଜି ନ ଥିଲେ। କିନ୍ତୁ ସବୁ ପ୍ରତିକାର ସତ୍ତ୍ୱେ ଗୌତମ ବିଭା ହୋଇ ବି ନିଜର ସ୍ତ୍ରୀ, ପୁଅ, ରାଜବଂଶ, ରାଜ୍ୟ ତ୍ୟାଗକରି ମଣିଷ ଜୀବନର ପରାଭବ ଓ ତାହାର କାରଣ ଖୋଜିବାରେ ଅର୍ଦ୍ଧଯୁଗ ସମୟ ତପସ୍ୟା କରିଛନ୍ତି। ସିଏ କଅଣ ବା ପାଇଲେ? ଯାହା ପାଇଲେ ତାହା ତ ସମସ୍ତେ ଜାଣନ୍ତି, କିନ୍ତୁ କେହି ମୁହଁରେ କହନ୍ତି ନାହିଁ। ବୁଦ୍ଧ ତାହା କହି ବୁଲିଲେ ଓ ନିଜର ପ୍ରାଥମିକ ମାନବିକ ଦୋଷଗୁଣ ଓ ଚଳନ୍ତି ଦୁନିଆର ନିଛକ ସତ୍ୟ ପ୍ରଚାର କରି ବୁଲିଲେ, ବହୁ ଶିଷ୍ୟପ୍ରିୟ ଭାବରେ। କାମନାର ବିନାଶରେ ଦୁଃଖର ବିନାଶ, କିନ୍ତୁ କାମନା ମଣିଷ ଜୀବନର ଅବିଚ୍ଛେଦ୍ୟ ଅଂଶ।

ପୁଣି ତାଙ୍କର ଅର୍ଦ୍ଧଶତାବ୍ଦୀ ପୂର୍ବରୁ ମହାବୀର ନିଜର ସମାଜର ଅମାନବିକ ନୃଶଂସ ବ୍ୟବହାର ଦେଖି ସଂସାର ତ୍ୟାଗ କରିଥିଲେ। ସିଏ ମଣିଷକୁ ବ୍ୟବହାରିକ ପରିବର୍ତ୍ତନ ପାଇଁ ବହୁ ଉପଦେଶ ଦେଇଛନ୍ତି। ଏମିତି ସେ ଆଦିମ ସଭ୍ୟତାରେ ଲୋକ ମିଛ କହିବାକୁ କି ଚୋରି କରିବାକୁ ପଛଘୁଞ୍ଚା ଦେଉ ନ ଥିଲେ; ହିଂସା ଆଚରଣକରି ପଶୁପକ୍ଷୀ କଅଣ ମଣିଷ ମାରିବା ବି ସାମାଜିକ ଜୀବନରେ ଦୋଷାବହ ବୋଲି ବୁଝୁ ନ ଥିଲେ। ସେଇ ସମାଜର ସୁରକ୍ଷା ପାଇଁ ସମାଜରେ ଶିକ୍ଷିତ ଏହି ରାଜପୁତ୍ରମାନେ ଗୃହତ୍ୟାଗ କରି ସନ୍ୟାସୀ ହୋଇଯାଉଥିଲେ। ରାଜ୍ୟଗୁଡିକ ତ ଛୋଟ ଛୋଟ ଥିଲା, ସେପରି ରାଜ୍ୟରେ ଜନ୍ମିତ ପାର୍ଶ୍ୱନାଥ, ମହାବୀର, ଗୌତମ ବୁଦ୍ଧ।

ଧର୍ମଗୁରୁ ବିଚାରପଦ ପୁଣି କହିଛନ୍ତି ବାଳକ ରାଜପୁତ୍ର ଖାରବେଳଙ୍କୁ। କେତେ କଷ୍ଟରେ ପାର୍ଶ୍ୱନାଥ ବାଧାବିଘ୍ନ ସତ୍ତ୍ୱେ ସନ୍ୟାସ ଗ୍ରହଣ କରିଛନ୍ତି। ଜନ୍ମଜନ୍ମାନ୍ତର ତାଙ୍କର କିପରି କାମାଥ ବହୁ ଅନିଷ୍ଟ ସାଧନ କରି ବି କୌଣସି ଲାଭ ପାଇ ନାହାନ୍ତି, ବରଂ ନିଜେ ପାର୍ଶ୍ୱନାଥ ସବୁଠାରେ ଜୟଲାଭ କରି ତୀର୍ଥଙ୍କର ଭାବରେ ଜନ୍ମ ନେଇ ଜଗତର ଅଶେଷ ଉନ୍ନତି କରିବା ସହିତ ନିଜେ ପୁନର୍ଜନ୍ମରୁ ମୁକ୍ତ ହୋଇଛନ୍ତି।

ପୁଣି ଜୈନ ଧର୍ମର ମାନବସୁଲଭ ଗୁଣ ଗୁଡିକ ବୁଝାଇ କହିଛନ୍ତି ବାଳ ଖାରବେଳଙ୍କୁ। ମହାବୀର ନିଜର ପ୍ରଚାରରେ ପାର୍ଶ୍ୱନାଥଙ୍କର ଚତୁର୍ଗୁଣ ଅହିଂସା, ଅସ୍ତେୟ, ଅଚୌର୍ଯ୍ୟ, ଅପରିଗ୍ରହ ସହିତ ପଞ୍ଚମ ଉପାଦାନର ମିଶ୍ରଣ କରିଛନ୍ତି। ଏହି ପଞ୍ଚମ ଗୁଣଟି ହେଲା - ବ୍ରହ୍ମଚର୍ଯ୍ୟ।

ଖାରବେଳ ଏହି ଧର୍ମ ବିଷୟ ଶୁଣିବା ପରେ ନିଜର ସ୍ଥିତି ବିଷୟରେ ଚିନ୍ତା କରିନେଲେ। ସତେ ସିଏ କଅଣ ସନ୍ୟାସ ଗ୍ରହଣ କରିବେ। ନିଜ ରାଜ ପରିବାର ଯେତେବେଳେ ଏହି ଜୈନ ଧର୍ମରେ ଦୀକ୍ଷିତ ନିଜର ଭବିଷ୍ୟତ କିପରି ହେବ ସେ ବିଷୟରେ କେଉଁ ଦିଗକୁ ଯିବେ, ଦ୍ୱନ୍ଦ୍ୱରେ ପଡିଛନ୍ତି।

ବିଚାରପଦ ତାଙ୍କର ସନ୍ଦେହ ମୋଚନ କରି ମହାବୀରଙ୍କର ଅନେକ

ଉକ୍ତିର ଉଦ୍ଧାର କରିବା ସହିତ ତାଙ୍କୁ ଏକାଧାରାରେ ଜୈନ ଧର୍ମ ଆଶ୍ରିତ ପ୍ରତାପୀ ରାଜା ହେବାର ସୂତ୍ର ବତାଇଛନ୍ତି।

ଜଣେ ସାଧାରଣ ଜୈନ ସାଧକ ଯିଏ ଗୃହୀ, ତାଙ୍କୁ ସ୍ରାବସ୍ତ କହନ୍ତି। ଜଣେ ସାଧାରଣ ଗୃହୀ ବି ଅସାଧାରଣ ଧର୍ମର ଆଧାର ହେବାର ଗୋଟିଏ ଉଦାହରଣ ଦେଲେ ବିଚାରପଦ।

ବର୍ଦ୍ଧମାନ ମହାବୀରଙ୍କ ନାମ ଉଚ୍ଚାରଣ କରିବାଦ୍ୱାରା ଜୀବନର ସର୍ବବ୍ୟାଧି ଦୂର ହେଉଥିଲା।

ଗୋଟିଏ ବାଣିଜ୍ୟ ନଗର ଥିଲା। ସେଠିକାର ରାଜା ଥିଲେ ଜିତଶତ୍ରୁ। ଜଣେ ଧନୀ ଗୃହସ୍ଥ ଥିଲେ, ନାମ ତାଙ୍କର ଆନନ୍ଦ। ପ୍ରକୃତରେ ସିଏ ଥିଲେ ଜଣେ କୋଟିପତି। ପାଖରେ ତାଙ୍କର ଥିଲା ୪ ନିୟୁତ ସ୍ୱର୍ଣ୍ଣମୁଦ୍ରା, ସେତିକି ସୁନା ଓ ଟଙ୍କାପଇସା। ବହୁ ବଡ ବ୍ୟବସାୟ, ସେତିକି ପରିମାଣର ମୁଦ୍ରା ବ୍ୟବସାୟରେ ରହିଥିଲା। ନିଜେ ଚାରି ସହସ୍ର ଗାଇ ରଖିଥିଲେ। ଜିତଶତୃ ରାଜା ହୋଇ ବି ଆନନ୍ଦଙ୍କୁ ସମ୍ମାନ କରୁଥିଲେ।

ମହାବୀରଙ୍କର ଧର୍ମ ଉପଦେଶ ଶୁଣି ଆନନ୍ଦ ଗୃହସ୍ଥ ମାନଙ୍କ ପାଇଁ ଉଦ୍ଦିଷ୍ଟ ଦ୍ୱାଦଶ ଶପଥ ପାଳନକରି ଶ୍ରାବକ ବ୍ରତ ପାଳନ କଲେ। ଚଉଦ ବର୍ଷ ଏହି ଶପଥ ପାଳନ କରିବା ପରେ ଆନନ୍ଦ ସଂସାର ତ୍ୟାଗ କରିବାକୁ ଚିନ୍ତା କଲେ। ଦାୟାଦ ମାନଙ୍କୁ ନିଜର ସକଳ ବଣିଜ ବେପାର ହସ୍ତାନ୍ତର କରି ନିଜର ଧାର୍ମିକ ଭାବଧାରାରେ ଆଗେଇ ଯିବାକୁ ଚାହିଲେ। ଜୀବନର ଅବଶିଷ୍ଟ ଦିନ ତ୍ୟାଗ ଓ ତପ ମାଧ୍ୟମରେ କଟାଇଦେବାର ନିଷ୍ପତ୍ତିନେଲେ। ଅନେକ ଦିନ ତପ କଲାପରେ ମାନସିକ ଶୁଦ୍ଧତ୍ୱ ପ୍ରାପ୍ତ ହେଲେ। ତାଙ୍କର ଆତ୍ମା ଶୁଦ୍ଧି ହେବା ସଙ୍ଗେସଙ୍ଗେ ଅବଧିଜ୍ଞାନ ଲାଭ କଲେ। ଏହା ସୀମିତ ସ୍ୱର୍ଗୀୟ ଜ୍ଞାନ। ଭାଗ୍ୟକୁ ମହାବୀର ଓ ତାଙ୍କର ଶିଷ୍ୟମାନେ ସେହି ନଗରରେ ଉପନୀତ ହୋଇଥିଲେ। ତାଙ୍କର ପ୍ରଧାନ ଶିଷ୍ୟ ଗୌତମ ସ୍ୱାମୀ ନଗରକୁ ଭିକ୍ଷା ପାଇଁ ଯାଇ ଆନନ୍ଦଙ୍କର ଅବଧିଜ୍ଞାନ ଲାଭ ବିଷୟ ଶୁଣିଲେ ଓ ଆନନ୍ଦଙ୍କୁ ଦେଖାକଲେ। ଆନନ୍ଦ ଗୌତମ ସ୍ୱାମୀଙ୍କୁ ପ୍ରଣିପାତ ହୋଇ ଅବଧିଜ୍ଞାନଲାଭ ବିଷୟ ଜଣାଇଲେ।

ଗୌତମ ସ୍ୱାମୀ କହିଲେ, "ଜଣେ ଶ୍ରାବକଙ୍କ ପକ୍ଷରେ ଅବଧିଜ୍ଞାନ ଲାଭ ସମ୍ଭବ ନୁହେଁ। ମିଥ୍ୟା କହିଥିବାରୁ ପ୍ରାୟଶ୍ଚିତ କରନ୍ତୁ।"

ଆନନ୍ଦ କହିଲେ, "ସତ କହିବାପାଇଁ କଅଣ ପ୍ରାୟଶ୍ଚିତ କରାଯାଏ ?"

ଏହି ବିଷୟ ମହାବୀରଙ୍କ କାନରେ ପଡିଲା। ସିଏ କହିଲେ, "ଆନନ୍ଦ ଠିକ୍ କହିଛନ୍ତି। ସିଏ ଠିକ୍‌ରେ ଅବଧିଜ୍ଞାନ ଲାଭ କରିଛନ୍ତି। ଗୌତମ ସ୍ୱାମୀ, ତୁମେ ମୋର ପ୍ରଥମ ଶିଷ୍ୟ ହୋଇ ଏହା କିପରି ଜାଣି ପାରିଲ ନାହିଁ ?"

ଗୌତମ ସ୍ୱାମୀ ନିଜର ଭୁଲ ସ୍ୱୀକାର କରି ଆନନ୍ଦଙ୍କ ପାଖକୁ ଗଲେ। କ୍ଷମା ପ୍ରାର୍ଥନା କଲେ। ଆନନ୍ଦ ନିଜେ ମହାବୀରଙ୍କର ସତ୍ୟପଥର ଭୂୟସୀ ପ୍ରଶଂସା କଲେ, ଆଦିଧର୍ମର ଗୃହସ୍ଥଙ୍କ ଜୀବନରେ ପ୍ରୟୋଗ ପନ୍ଥାର ସତ୍ୟତା ପ୍ରତିପାଦନ କରୁଥିବାରୁ ଆନନ୍ଦିତ ହେଲେ। ଗୌତମ ସ୍ୱାମୀଙ୍କ ପରି ସିଦ୍ଧ ସାଧକ ବି ତାଙ୍କ ପାଖକୁ ନିରାଟ ସତ୍ୟର ଅବତାରଣା କରିବାକୁ ଦ୍ୱାରସ୍ଥ। ଜୈନ ଧର୍ମପ୍ରତି ତାଙ୍କର ଆହୁରି ଘନିଷ୍ଠ ସମ୍ପର୍କ ଗଢିଉଠିଲା।

ସବୁ ଶୁଣି ଖାରବେଳ ଆହୁରି ଆଗ୍ରହର ସହିତ ସ୍ୱୀକାର କଲେ, ବାସ୍ତବରେ ଏହି ଜୈନଧର୍ମ ଧାର୍ମିକ ସତ୍ୟପଥର ଜୀବନ କାଟିବା ପାଇଁ ସାଧାରଣ ଗୃହସ୍ଥ ଜୀବନରେ ସହାୟକ ନିଶ୍ଚୟ। ସମସ୍ତେ ଯେ ଘରଦ୍ୱାର ସଂସାର ତ୍ୟାଗ କରି ସନ୍ୟାସୀ ହୋଇଯିବେ, ତେବେ ଦୁନିଆ ଚଳିବ କିପରି ? ସମାଜରେ ଜନସମାଜ ଆସିବ କୁଆଡୁ? ରାଜ୍ୟ ଆଉ ରାଜା ରହିବେ କିପରି ? ଧର୍ମ ମଣିଷକୁ ମଣିଷ କରିବାପାଇଁ ନିଶ୍ଚିତ ଦରକାର। ତା ନୁହେଁ ଯେ ସମସ୍ତେ ସଂସାର ତ୍ୟାଗକରି ମଣିଷର ସଭ୍ୟତା ଓ ସଂସ୍କୃତିକୁ ବିପନ୍ନ କରିଦେବେ। ମନରେ ଆଶ୍ୱସ୍ତ ହେଲେ ଖାରବେଳ। ଧର୍ମ ରହିବ, ଧାର୍ମିକ ମନୋବୃତ୍ତି ରହିବ ମାତ୍ର ସଂସାର ତ୍ୟାଗ କରିବା ସିଦ୍ଧ, ସନ୍ୟାସୀ, ମୁନି ଓ ଅର୍ହତ ମାନଙ୍କ ପକ୍ଷରେ ସମ୍ଭବ, କିନ୍ତୁ ଗୃହୀ ମାନେ ସ୍ରାବକ ହୋଇ ସମସ୍ତ ଧର୍ମ ସୁବିଧା ଲାଭ କରିପାରିବେ, ଦିବ୍ୟଜ୍ଞାନ ବି ଲାଭ କରିପାରିବେ। ଜୈନ ଧର୍ମରେ ଅତୁଟ ବିଶ୍ୱାସ ରହିଛି ଯୁବରାଜ ଖାରବେଳଙ୍କର, କିନ୍ତୁ ସିଏ ଏତେଟା ନିଷ୍ପାପର ଯେ, କୌଣସି ବ୍ୟତିକ୍ରମ ସହିବାକୁ ରାଜି ନୁହନ୍ତି। ପୁଣି ଜଣେ ଜୈନ ରାଜା ହେଲେ କିପରି ଚଳିବ, ପ୍ରଶ୍ନ କରିବାକୁ ଇଚ୍ଛା ଥିଲେ ହେଁ ସେତେବେଳର ପରିସ୍ଥିତି ଟିକିଏ ଗମ୍ଭୀର ଥିଲା।

ତଥାପି ଯୁବରାଜ ହେବା ସମୟରେ ବିଚାରପଦଙ୍କୁ ଡାକି ପଚାରିଛନ୍ତି, "ସାଧୁ, ମୋତେ ସଦ୍‌ବୁଦ୍ଧି ଦିଅନ୍ତୁ। ରାଜକାର୍ଯ୍ୟରେ ବହୁ କଠିନ ସମସ୍ୟା ଉପୁଜିପାରେ। ହିଂସା ରାଜଦଣ୍ଡର ବିଧି ହୋଇପାରେ। ସେଇ ପରିସ୍ଥିତିରେ ଶାସକ ରାଜା ଧର୍ମମତରେ ଚଳିଲେ, କଅଣ ଉଚିତ୍ ହେବ ?"

ସେତେବେଳେ ବିଚାରପଦଙ୍କର ଉତ୍ତର ଥିଲା, "ରାଜା ନିଜ ରାଜକାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରିବାପାଇଁ ରାଜବିଧି ଆଚରଣ କରିବେ। ଦୋଷୀକୁ ଦଣ୍ଡବିଧାନ ଓ ରାଜ୍ୟର ସୁରକ୍ଷାର ଦାୟିତ୍ୱ ତାଙ୍କ ହାତରେ ନ୍ୟସ୍ତ। ରାଜକାର୍ଯ୍ୟ ତାଙ୍କର କର୍ତ୍ତବ୍ୟ। ରାଜାଙ୍କର ବ୍ୟକ୍ତିଗତ ଜୀବନ ତାଙ୍କର ଦାୟିତ୍ୱପୂର୍ଣ୍ଣ ଶାସକ ଜୀବନଠାରୁ ପୃଥକ୍। ନିଜ ବ୍ୟକ୍ତିଗତ ଜୀବନରେ ଯାହା ପାଳନ କରିବା ଉଚିତ, ରାଜା ନିଜ ବ୍ୟକ୍ତିଗତ ଜୀବନ ଲାଗି ଅନୁସରଣ କରିବେ, କିନ୍ତୁ ରାଜକୀୟ ମାମଲାରେ ରାଷ୍ଟ୍ରନୀତି, ନୀତିଶାସ୍ତ୍ର ଓ ଅର୍ଥଶାସ୍ତ୍ରର ସମସ୍ତ ଦିଗକୁ ଦୃଷ୍ଟି ଦେଇ ରାଜ୍ୟର ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ କାର୍ଯ୍ୟକରିବେ। କୌଣସି ରାଜାଙ୍କ କ୍ଷେତ୍ରରେ ଜୈନଧର୍ମ ରାଜଧର୍ମକୁ ଲୋପକରି ଦେଇନାହିଁ। ମଗଧ, ବୈଶାଳୀ ଅବା କୌଣସି ଜନପଦର ରାଜା ରାଜଧର୍ମକୁ ପରିତ୍ୟାଗ କରିନାହାନ୍ତି, ବରଂ ରାଜଧର୍ମ ବ୍ୟକ୍ତିଗତ ପ୍ରଭାବମୁକ୍ତ ହୋଇ ବେଶ୍ ମାନବିକ ଓ ନୀତିଗତ ହୋଇଛି।"

ବିଚାରପଦ ଜଣେ ନୈଷ୍ଠିକ ଜୈନ ହିସାବରେ ବିରାଟ ଭାରତବର୍ଷର ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ଉଦାହରଣ ଦେଇଛନ୍ତି। ତାଙ୍କପରି ଜଣେ ସମ୍ରାଟ ବିଶାଳ ଭାରତ ଶାସନ କରୁଥିଲେ। ପୂର୍ବରେ ବଙ୍ଗରୁ ଆରମ୍ଭକରି ପଶ୍ଚିମରେ ତକ୍ଷଶିଳା, ଉତ୍ତରରେ କାଶ୍ମୀରରୁ ଆରମ୍ଭକରି ଦକ୍ଷିଣରେ ପାଣ୍ଡ୍ୟ ଥିଲା ତାଙ୍କର ବିଶାଳ ଭାରତବର୍ଷ ସାମ୍ରାଜ୍ୟର ପରିସୀମା। କିନ୍ତୁ ରାଜ୍ୟ ଜୟ କରିବାରେ ବା ଯୁଦ୍ଧ କରିବାରେ କେବେ ଜୈନଧର୍ମ ତାଙ୍କୁ ନିଜ ରାଜକର୍ମକୁ ବାଧା ଦେଇନି। ସେଇ ଚନ୍ଦ୍ରଗୁପ୍ତ ହିଁ ଦେଶ ଶାସନପାଇଁ ଗ୍ରହଣ କରିଥିଲେ କୌଟଲ୍ୟଙ୍କର ଅର୍ଥନୀତି। ଦେଶର ଶାସନ ସହିତ ବ୍ୟବସାୟିକ, ସାମରିକ ଓ ଆର୍ଥିକ ବ୍ୟବସ୍ଥାରେ କୌଟଲ୍ୟଙ୍କର ନୀତି ଅନୁସୃତ ହେଉଥିଲା।

ଜଣେ ଜୈନ ରାଜା ଭାବରେ ସିଏ ଯେତେବେଳେ ଭାରତବର୍ଷର ପଶ୍ଚିମ ଭାଗରୁ ସିକନ୍ଦରଙ୍କର ସେନାପତି ନିକେଟର ସେଲ୍ୟୁକସ୍‌ଙ୍କୁ ହରାଇଲେ, ଜଣେ ବିଜେତା ଭାବରେ ରାଜସୂତ୍ରରେ ଯବନ ରାଜକନ୍ୟା ହେଲେନ୍‌ଙ୍କୁ ସ୍ତ୍ରୀ ଭାବରେ ପାଇଲେ। ଏଠାରେ ଧର୍ମ ତାଙ୍କର ପ୍ରତିବନ୍ଧକ ହୋଇନି।

ଯୁବରାଜ ଖାରବେଳଙ୍କ ମନରେ କୁହୁଳି ଉଠୁଥିଲା, ତେବେ ଚନ୍ଦ୍ରଗୁପ୍ତଙ୍କୁ କେଉଁ କାରଣରୁ ଜଣେ ନୈଷ୍ଠିକ ଜୈନଧର୍ମାବଲମ୍ବୀ ବୋଲି କୁହାଯିବ ? ମନ ତାଙ୍କର ବୁଝୁ ନ ଥିଲା, ଏଇ କଳିଙ୍ଗର ଚେଦିବଂଶ ନିଜ ଧର୍ମ ମର୍ଯ୍ୟାଦାକୁ ଅତିକ୍ରମ କରିବାକୁ ନାଚାର। ଧର୍ମର ଆଚରଣ ତେବେ ବ୍ୟକ୍ତିଗତ ଜୀବନରେ ପ୍ରଯୁଜ୍ୟ ? ମାନବିକତା ରାଜନୀତିରୁ ବାଦ୍ ପଡିଯାଇଛି ?

ବିଚାରପଦ ଚନ୍ଦ୍ରଗୁପ୍ତଙ୍କର ବ୍ୟକ୍ତିଗତ ଜୀବନ ସଂକ୍ରାନ୍ତରେ ଯୁବରାଜଙ୍କୁ ଗୋଟିଏ ଉଦାହରଣ ଦେଲେ। କୌଟିଲ୍ୟଙ୍କର ଅର୍ଥଶାସ୍ତ୍ର ପ୍ରୟୋଗ କରି ସମଗ୍ର ଭାରତବର୍ଷରେ ସବୁ କ୍ଷେତ୍ରରେ ଉତ୍କର୍ଷ ଗଢି ତୋଳିଥିବା ଅବଧିରେ ମଗଧ ସମ୍ରାଟ ସ୍ମୃତିହରା ହୋଇ ପଡ଼ି ନାହାନ୍ତି। ସିଏ ଶାସନ ଦଣ୍ଡ ହସ୍ତାନ୍ତର କରି ଦେଇ ଧର୍ମ ଆଚରଣ ପାଇଁ ରାଜ୍ୟଛାଡ଼ି ଚାଲିଯାଇଛନ୍ତି। ନିଜର ଗୁରୁ ଭଦ୍ରବାହୁଙ୍କ ସହିତ ରାଜ୍ୟ ତ୍ୟାଗକରି ସନ୍ୟାସ ଗ୍ରହଣ କରିଛନ୍ତି। ଆଶ୍ରୟ ନେଇଛନ୍ତି ଶ୍ରାବଣବେଲଗୋଲାରେ। ଦକ୍ଷିଣ ଭାରତର ସର୍ବବୃହତ୍ ଜୈନ କ୍ଷେତ୍ର।

ସନ୍ୟାସୀ ହେବାବେଳକୁ ମଗଧ ରାଜଗାଦିରେ ବିନ୍ଦୁସାର କିପରି ଶାସନ କରିବେ ତାଙ୍କୁ କେବେ ଏହି ଚିନ୍ତା ପ୍ରଭାବିତ କରିନି। ସିଏ ଜାଣନ୍ତି ରାଜ୍ୟ ପରିଚାଳନା କରିବା ଯନ୍ତ୍ରବତ୍ ଚାଲିବ, ରାଜା ପ୍ରଚଳିତ ନୀତିରୁ ବିଚ୍ୟୁତ ହେବେନି। ବିନ୍ଦୁସାର ବା ଯିଏ କେହି ଶାସନକଳ ସମ୍ଭାଳିବା ଗୁରୁ କାର୍ଯ୍ୟ ନୁହେଁ।

ଭଦ୍ରବାହୁ ସାଜିଛନ୍ତି ଚନ୍ଦ୍ରଗୁପ୍ତଙ୍କର ଗୁରୁ, ଉଭୟ ଶ୍ରାବଣ ବେଲଗୋଲାଠାରେ ଜୀବନର ଅନ୍ତିମ ପର୍ଯ୍ୟାୟ ପାଇଁ ବାଛି ନେଇଛନ୍ତି ଅନାହାର। ଏହା ଜୈନ ସନ୍ୟାସୀଙ୍କ ପାଇଁ ବହୁ ସମୟରେ ଆନନ୍ଦରେ ଅନୁସୃତ ଇଚ୍ଛାମୃତ୍ୟୁ। ଜୈନମାନଙ୍କର ଇଚ୍ଛାମୃତ୍ୟୁ ପଦ୍ଧତି - ସଲ୍ଲେହନ ମାନସିକତା !

ଏଇକଥା ଶୁଣିବା ବେଳକୁ ଯୁବରାଜ ସବୁବିଦ୍ୟାରେ ପାରଙ୍ଗମ ହୋଇ ସାରିଥିଲେ। ଦେଶଦଶ କଥା ଶୁଣି ଶୁଣି ମଗଧ ସମ୍ରାଟ ଚନ୍ଦ୍ରଗୁପ୍ତଙ୍କ ଶେଷ ଜୀବନ ତାଙ୍କୁ କୌଣସିମତେ ଆକୃଷ୍ଟ କରିପାରିଥିଲା। ସିଏ ଏହି ଜୈନ ପରମ୍ପରାକୁ ଜୀବନର ଶେଷ ବ୍ରତ ଭାବରେ ଗ୍ରହଣ କରି ଧର୍ମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏଇ ଧର୍ମ ଆଚରଣକୁ କେଜାଣି କାହିଁକି ଖାରବେଳ ଏକ ଆଦର୍ଶ ଭାବି ମନର ଗଭୀରତମ ପ୍ରଦେଶରେ ସଞ୍ଚି ରଖିଥିଲେ।

ଆଜି ବିଚାରପଦ ଏହି ଶୋକାକୁଳ ପରିବେଶରେ ନିଜକୁ ଅସହାୟ ମଣି ନିରବରେ ଠିଆହୋଇଛନ୍ତି। ମହାସଭା ମଞ୍ଚ ସାମନାକୁ ଆସିଲେ ଲୋକ ଗହଳି ସାମନାକୁ।

ହଠାତ୍ ସମ୍ରାଟଙ୍କ ପାଖକୁ ଆସି କହିଲେ, "ମହାମାନ୍ୟ କଳିଙ୍ଗାଧିପତିଙ୍କର ଜୟ ହେଉ। ମଣିମା କଅଣ ସମ୍ରାଟ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ ପରି ସନ୍ୟାସ ଗ୍ରହଣ କରୁଛନ୍ତି କି ?"

ଆପ୍ତିସୂଚକ ଉତ୍ତର ଦେଇ କିଛି ସମୟ ନିରବ ରହିଲେ ସମ୍ରାଟ ଖାରବେଳ। ମହାବିଜୟ କକ୍ଷର ନିରବତା ଆଗନ୍ତୁକ ମୌସୁମୀଠାରୁ ଗରୁତର ସାବ୍ୟସ୍ତ ହେଲା। ନିଜ କୃତିତ୍ୱର ଚରମ ସୋପାନରେ ନିଜ ପରିବାର, ରାଜକର୍ମଚାରୀ ଏବଂ ପ୍ରଜାମାନଙ୍କ ଗହଣରେ ନିଜର ପାଟି ଖୋଲିବାକୁ ସହଜ ମଣିଲେ ନାହିଁ।

ନିରବତା ଭଙ୍ଗ କରି କହିଲେ, "ଗୁରୁ ବିଚାରପଦ, ତୁମେ ବହୁ ବର୍ଷ ପୂର୍ବେ ମୋତେ ଅନେକ କଥା ଶିଖାଇଥିଲ। ମୁଁ ସବୁଗୁଡିକ ପାଳନ କରିଛି। ସେଥିରେ କିଛି ବ୍ୟତିକ୍ରମ ନ ଥାଇପାରେ, କିନ୍ତୁ ମୋର ଜୀବନର ପ୍ରତିଜ୍ଞା ଭାବରେ ଦିଗ୍‌ବିଜୟୀ କାମନାର ଶିଖରରେ ସନ୍ନ୍ୟାସ ଗ୍ରହଣ କରିବାର ଯେଉଁ ବ୍ରତ ନେଇଥିଲି, ତାହା ଆଜି ପୂରଣ କରୁଛି।"

ସେ ନିଜ ଭିତରେ ସବୁ ଶୁନ୍ୟ ହୋଇଯିବାର ଅନୁଭବ କଲେ। ଯେଉଁ ମହାମହିମ ମହାମେଘବାହନ ଖାରବେଳଙ୍କର ଚକ୍ଷୁଯୁଗଳ ଦିଗବିଜୟ କାଳରେ ଅଗ୍ନିର ସ୍ଫୁଲିଙ୍ଗ ଥିଲା, ଏବେ ତାହା ଶାନ୍ତିରେ ନିରବ ହୋଇ ଲାଜକୁଳୀ ଲତାପରି ମଉଳି ପଡିଲା। ନିଜର ରାଜମୁକୁଟର ଓଜନ ଯାହା ତାଙ୍କ ଶକ୍ତିର ନିର୍ଝର ଥିଲା, ଏବେ ତାହାକୁ ସେ ବୋଝ ବୋଲି ଅନୁଭବ କରୁଛନ୍ତି।

ଥର ଥର କଣ୍ଠରେ ସେ କହିବାକୁ ଆରମ୍ଭ କଲେ, "ମୋର ଦିଗ୍‌ବିଜୟର ପରିସମାପ୍ତି ଘଟିଲା। ଜୀବନରେ ଦୁଇଟି ପଣ କରିଥିଲି, କଳିଙ୍ଗର ମାନ୍ୟାର୍ଥେ ଅତି କମ୍‌ରେ ମଗଧ ବିଜୟ କରିବି, ଧର୍ମ ଉପଲକ୍ଷ୍ୟେ ଅଗ୍ରଜୀନଙ୍କୁ ଫେରାଇ ଆଣି କୁମାରୀଗିରିରେ ପ୍ରତିଷ୍ଠା କରି ଧର୍ମଚେତନାରେ ଝାସ ଦେବି।

"ଚେଦିବଂଶ ଶାସନ ଅବ୍ୟାହତ ରହିବ। ମୁଁ ନିଜ ଧର୍ମନିଷ୍ଠାରେ ରହି ଏହି କୁମାରୀଗିରି ଉପରେ ଶେଷ ଜୀବନ ବିତାଇବି। ମୋର ଶାସନାନ୍ତର କାର୍ଯ୍ୟକ୍ରମରେ ଏହି କୁମାରୀଗିରି ଓ କଳିଙ୍ଗକଳା ଅବ୍ୟାହତ ରହିବ। ଯଦି କେହି କଳିଙ୍ଗ ଶାସକ କୌଣସି ବିପତ୍ତି ବା କଲ୍ୟାଣମୟ କାର୍ଯ୍ୟରେ ମୋର ପରାମର୍ଶ ଆବଶ୍ୟକ କରିବେ, ତାଙ୍କୁ କୌଣସି ଉପଦେଶ ଦେବାକୁ ଏହି ତାପସ ଖାରବେଳ କଦାପି ଦ୍ୱିଧାବୋଧ କରିବ ନାହିଁ।

"କୁମାରୀଗିରିରେ ଶିକ୍ଷାନୁଷ୍ଠାନ ଦାୟିତ୍ୱ ଏବଂ କୁମାରଗିରିର ସିଦ୍ଧକ୍ଷେତ୍ରର ପରିଚାଳନା ସହିତ ମୋର ତାପସ ଜୀବନ ସେଇ ଶିଳାନିବାସରେ ହିଁ ଅତିବାହିତ ହେବାର ପରିକଳ୍ପନା କରି ମୁଁ ମୋର ରାଜପଦ ତ୍ୟାଗ କଲି।"

ଚାରିଆଡୁ ଗମ୍ଭୀର ପରିବେଶ ମହାସଭାର ଉତ୍ସାହକୁ ଫିକା କରିଦେଲା, ଉଚ୍ଚ ସ୍ୱରରେ ରାଜପରିବାରରୁ କ୍ରନ୍ଦନ ଶୁଣିବାକୁ ମିଳିଲା। ସମଗ୍ର ଜନତା ଏବଂ ରାଜକର୍ମଚାରୀମାନେ ବିଷର୍ଣ୍ଣ ମନରେ ଚାହିଁ ପାରୁ ନଥିଲେ। କେହି ନିଜର ଲୋତକ ସମ୍ବରଣ କରିପାରୁ ନଥିଲେ।

ଖାରବେଳ ନିଜର ମୁକୁଟଟିକୁ କନ୍ଦର୍ପଶ୍ରୀଙ୍କୁ ଧରି ପାଖରେ ଠିଆହୋଇଥିବା ପାଟରାଣୀଙ୍କୁ ପ୍ରଦାନକରି କୁମାରଗିରି ଆଡକୁ ଅଗ୍ରସର ହେବାକୁ ପାଦ ବଢାଇଲେ।

*ସମାରୋହ, ୧୨୮, ଢୁମୁଢୁମା(କ),*
*ଖଣ୍ଡଗିରି, ଭୁବନେଶ୍ୱର-୩୦;*
*ଦୂରଭାଷ: ୯୪୩୮୦୦୭୫୦୯*

- ସମାପ୍ତ -




# ଆମେ ଏ' ଯୁଗର ନାରୀ

**ପ୍ରଫୁଲ୍ଲ କୁମାରୀ ରାୟ**

ଆମେ ଏ' ଯୁଗର ନାରୀ
ଘରକୋଣେ ବସି ଚୁଲ୍ଲୀ ଫୁଙ୍କି ନିତି
ସାରାଦିନ କରି ଘରର ଆଡ଼ତି
ତଥାପି ନୀରବେ ଗଞ୍ଜଣାସହି
ନେତ୍ର ପୋଛୁଥିଲୁ ବାରୀ-
ଆମେ ଏ' ଯୁଗର ନାରୀ।

ନ' ସହିବୁ ଆଉ- ଗଲାଣି ସେ'ଦିନ
ନିଜ ବାହୁବଳେ ଝଳି, ବ୍ୟୋମଜାନ
ଭ୍ରମି ସାରାବିଶ୍ୱ ଚନ୍ଦ୍ର ରାଜ୍ୟେ ବୁଲି
ଆସୁଛୁ ଆନନ୍ଦେ ଫେରି
ଆମେ ଏ' ଯୁଗର ନାରୀ।

ଆମେ ଡାକ୍ତର - ଆମେ ଅଧାପିକା
ଓକିଲ, ଯନ୍ତ୍ରୀ, ମନ୍ତ୍ରୀ, ବୈଜ୍ଞାନିକ
ଆମେ ଅଭିନେତ୍ରୀ, ଆମେ ହିଁ ସେବିକା
ମାତା, ଭଗ୍ନୀ, ସହଚରୀ
ଆମେ ଏ' ଯୁଗର ନାରୀ-

ନାରୀ ନ' ପାରୁଛି ନାହିଁ କିଛି କଥା
ପୁରୁଷର ତୁଲେ ସେ' ବି ସାମରଥୀ
ରଣକ୍ଷେତ୍ରରେ ଚଣ୍ଡିକା ସେ' ତ
ବନ୍ଧୁକ, କମାଣ ଧରି
ଆମେ ଏ' ଯୁଗର ନାରୀ।

ପୁରୁଷର ସାଥେ ସମାନ ତାଳରେ
କରୁ ସବୁ କାର୍ଯ୍ୟ, ଦାମ୍ଭିକ ପଣରେ
ଅବଳା, ଦୁର୍ବଳା, ଆକ୍ଷ୍ୟା ଦେଇଣ
ଦିଅନ୍ତି ଦୁର୍ବଳା କରି
ଆମେ ଏ' ଯୁଗର ନାରୀ।

ଆମ ଭ୍ରମ ଆମେ କରି ସଂଶୋଧନ
ଏଣିକି ଗଢୁଛୁ ନୂତନ ଜୀବନ
କରୁଛୁ ସ୍ୱପ୍ନକୁ ସାକାର ଆମର
କାହାରେ ନ'ଯାଇ ଡରି
ଆମେ ଏ' ଯୁଗର ନାରୀ।

*ପ୍ଲଟ୍ ନଂ. ଏ-୫୫, ରାମେଶ୍ୱର ପାଟଣା,*
*ମାଉସୀମା ଛକ, ଭୁବନେଶ୍ୱର*
*ଦୂରଭାଷ: ୮୭୬୩୮୯୫୭୨୭*

# କେତେ ଭାବୁଛି

**ଦୁର୍ଗାଚରଣ ଷଡ଼ଙ୍ଗୀ**

କିଏ ଜଣେ ଉଲ୍ଲାସ ଭରିଦେଉଛି
ଭୁଷୁଡ଼ି ପଡୁଥିବା ମୋ ଇଟା କାନ୍ଥର
ଛାତିରେ। ଧୀରେ ଧୀରେ।
ଫଗୁଣର ପବନରେ ମଧୁର ଗୁଞ୍ଜନ
କୋଇଲିର କୁହୁ
ନେସି ହୋଇଥିବା ଆମ୍ବ ବଉଳର ଫୁଲରେ
କେତେ ଯେ ବାସ୍ନା
ବୋଳିହୋଇ ଯାଉଛି ଆହାଃ
ହିମଶୀତଳ ହୋଇ ପଡୁଥିବା
ମୋ ଅଙ୍ଗ ରାଗରେ।

ଏବେଳେ ସେ କିଏ ଜଣେ ଡାକେ
ସେ ମାନବୀ ନୁହେଁ ତ - ଦେବୀ
ଆଉଟା ସୁନା ପରି ତା' ଦେହର ଗଢ଼ଣ
ଜହ୍ନ ପରି ଆନତ
ଶୀତଳ କାକର ଓଠରେ
ମୋତେ ଶୋଷି ଝଲିଛି ଥରକୁ ଥର
ତା' ସ୍ମିତ ହସରେ
ମୁଁ କଅଁଳି ଉଠୁଛି ଦୁବଘାସରୁ
ମହା ଦ୍ରୁମ ହୋଇ।

ସ୍ୱପ୍ନ କେବେ କେବେ ସତ ହୋଇଯାଏ
କେବେବି ଅନନ୍ତ ପ୍ରତୀକ୍ଷାର ଅନ୍ତ ଘଟେ
ଖୋଜା ଲୋଡ଼ାର ବଶମ୍ବଦରେ
ରାତି ପାହିଯାଏ।

ହସି ହସି ଈଶ୍ୱର ତଥାସ୍ତୁ କହନ୍ତି।

ଆହା ଏଇ ସ୍ୱପ୍ନ ମୋତେ ଦେଖାନ୍ତ କି ?
ଥରକୁ ଥର ପ୍ରେମର ନଈ କୂଳୁ
ଫେରିଆସୁଥିବା ମୋ ସଲ୍ଲଜ ପାଦ ଦୁଇଟି
ଘଡ଼ିଏ ଅଟକି ଯାଆନ୍ତା
ଆଉ ବା କେତୋଟି ନିଶ୍ୱାସ ଯେ !
ଭାବୁଛି ବଞ୍ଚିଯିବି ବୋଲି
ନିଜକୁ ନିରେଖି
ତମ ସେହି ମୁହଁ ଦର୍ପଣରେ।

# ଡେଣା ଭଂଗା ପକ୍ଷୀର ବିଳାପ

**ଡକ୍ଟର ନାରାୟଣ ପଣ୍ଡା**

ନିଦାରୁଣ ନିଷାଦ
ଆଖିରୁ ହଜେଇ ଦେଇଚି ନିଦ।
ସାରା ଆକାଶର ନୀଳିମା
ଲାଗୁଚି ବିଷ।

ଜୀବନ
ଅନେକ ଥର
ମୁକୁଳି ଆସିଚି କାଳହାତରୁ।

ପେଟର ଆହାର ନିଶାରେ
ବିହାର ନିରନ୍ତର।
ବେଳେବେଳେ
ମାଛି ଅଂଧାର ପୂର୍ବରୁ
ବାହୁଡ଼ିଲା ବେଳକୁ
ଚିହ୍ନବର୍ଣ୍ଣ ନ'ଥାଏ ବସାର।

ନିରୁପିତ ଦୁଃଖ
ଭାଗ୍ୟରେ ଚିରକାଳ।

ଶୋକର ନଈରେ
ଆକ୍ତାମାତା ହୋଇ ପହଁରୁଥିବା
ଗୋଟେ ନିରୀହ ମାଛ।

କାଳ ପାଖରେ
ସବୁବେଳେ ନିବଳ।

ନୀରବତା ଭିତରେ
ଲୁଚିଥାଏ ଅନେକ କଥା।
ଖଳାରେ ପଡ଼ିଲା ବେଳକୁ
ଘୂରିଯାଏ ମଥା।
ବଳିପଡ଼େ ଜୀବନର ବ୍ୟଥା।

*ବଉଳପଦା, ବଳରାମପୁର, ଆଠଗଡ଼, କଟକ*
*ପିନ୍- ୭୫୪୨୯୫*

# ଖାଲି ହାତର କବିତା

**ଭିକାରି ଧଳ**

ଏତେ ଅଜବ କଥାକୁ ଲେଖିବା ପାଇଁ
କି ଦେଖିବା ପାଇଁ
ସମୟ କାହିଁ କାହା ହାତରେ ?
ପୃଷ୍ଠା ପରେ ପୃଷ୍ଠା ସେଇ କଥାକୁ
ବଖାଣିଲେ ରାତିସାରା ଉଜାଗର
ମୁଗୁରା ମେଳାପରି କଥା ନୁହେଁ କି ?

କେତେ ପ୍ରକାର ଅଜବ କଥା
ଏ ଦୁନିଆରେ ନ ଘଟୁଛି ଯେ
କେତେବେଳେ ପୋଲିସ ହୁଏ ଚୋର ତ
କେତେବେଳେ ଚୋର ପୋଲିସ ହୋଇ
ଜଗିଥାଏ ଗନ୍ତାଘର।

ଏଇସବୁ ଅଜବ କଥାକୁ ଭାବି ବସିଲେ
କିଛି ମୂଲ୍ୟ ହୁଏକି !
ମୂଳାରେ ଲାଗିଥିବା ମାଟିପରି
ଏମାନେ ଧୁଆ ଅଧୁଆ ରହି
ଲାଗିଥାନ୍ତି ଅଜବ ପ୍ରକାରେ
ମାରିନେବାପାଇଁ ତ ମାରିଦେବା ପାଇଁ
କରୁଥାନ୍ତି ଷଡଯନ୍ତ୍ର
କେତେବେଳେ ଉଚ୍ଚା ମଥାକୁ ତ ନୀଚ୍ଚା ଲୋକକୁ
ଅଜବ ଚିନ୍ତାରେ ସଭିଏଁ ମସ୍ତ ମସଗୁଲ୍
ଅଜବ ଅବସ୍ଥାର ଗୋଟେ ଧାରାକୁ
ଆପଣେଇ ସାରିଲେଣି
ଏ ନୂଆ ଶତାବ୍ଦୀର ଲୋକ।

କେମିତି ଏସବୁକୁ ଅଜବ କହିବ ନାହିଁ କହିଲ !
ଏ ବ୍ୟବସ୍ଥାକୁ ତ ଶହେ ସଲାମ, ଗୋଇଠା ମାଡ଼
ରାଜା ଗୋଜା ଯାହା ବୁଝନ୍ତି ସେଇଆ
ତାଙ୍କ ଫେରକାନି ଧରୁଥିବା ଲୋକଗୁଡ଼ା ବି

କେମିତି ଅଜବ ପ୍ରକାରେ ପାଦ ଚାଟନ୍ତି
ଚୌକି ଖସିଗଲା ପରେ ଧରନ୍ତି ତ୍ରୁଟି ।

ଅଜବ ଲୋକଗୁଡ଼ା ବୁଝନ୍ତି ନାହିଁ
କାହିଁକି ଯେ ?
ଯାହାକୁ କହୁଥିଲେ ଈଶ୍ୱର ପରମେଶ୍ୱର
ଦେବଦୂତ ସାକ୍ଷାତ ଈଶ୍ୱର
ଚବିଶଟା ବର୍ଷରେ ସିଏ କ'ଣ କରିଗଲା ଯେ
ମୁହଁ ବୁଲେଇଦେଲେ ପ୍ରଜାଗଣ ।

ଏବେ ଆସ ! ଆମେ
ସେଇ ଅଜବ ଲୋକଗୁଡ଼ାଙ୍କ କଥାକୁ ନେଇ
ଗପକରିବା, କେତେକଥା କୁହାକୁହି ହେବା,
ଦିନେ ତ ମାଆ ପୁଅ ମିଶି ଦଫା ତିଆରି କଲେ
ମା' କଲା କୋଡିଏ, ପୁଅର ଚାରି
କ'ଣ ହେଲା କେଜାଣି ସେ ଦଫା ?
ପୁଅଟାତ ଖସିପଡ଼ିଲା ଆକାଶରୁ
ମିଶିଗଲା ମାଟିରେ
ପୁଣି ମାଟିର ଅଖଣ୍ଡତା ପାଇଁ ମାଆ ସହିଲା ଚୋଟ
ଲିଭିଗଲା ଯେତେ ତ୍ୟାଗ, ତପସ୍ୟା ଓ ହସ ।

ଏଇ ଅଜବ ଲୋକଗୁଡ଼ାକ ତ ଭିଆଣ କରନ୍ତି
ସବୁପ୍ରକାର ରହସ୍ୟ ସେମାନେ
ଏ ଘରେ ସେଘରେ ମାଉସୀ ପିଉସୀ ହୋଇ
ସଂଗ୍ରହ କରିବାରେ ଲାଗିଥାନ୍ତି ବିତ୍ତ
ନିଜ ପାଇଁ ସେସବୁ ରହେ କି ନାହିଁ
ବୁଝିବା ପୂର୍ବରୁ ହାତରୁ ଖସିଯାଇଥାଏ କାତ ।

ଏବେ ସେଇ ଅଜବ ଦୁନିଆର ମଣିଷ ମୁଁ
କି କଥା କହିବି, କି ଗୀତ ଗାଇବି
ସତ କହୁଥିବା ମଣିଷମାନେ
ସବୁଥାଇବି ସଦାକାଳ ଖାଲିହାତ ।

*୨୯୭୪, ଗ୍ୟାରେଜ ଛକ, ଲୁଇସ୍ ରୋଡ, ଭୁବନେଶ୍ୱର-୨*
*ଦୂରଭାଷ: ୯୪୩୭୨୮୩୯୦୭*



# ଉଠିବୁ ନାହିଁକି

**ପିନାକୀ ମିଶ୍ର**

ଉଠିଲାଣି ଗଛ
ଉଠିଲେଣି ସୂର୍ଯ୍ୟ
ମାଛିଅନ୍ଧାରୁ ଉଠିଲାଣି ଜେଜେମା
ପଲଙ୍କରୁ ଉଠିଲେଣି ଅଯୋଧ୍ୟା କରୁଣାନିଧି ।

ମୁକୁଳା ଅଛି ଗଙ୍ଗୋତ୍ରୀ କବାଟ
ଧ୍ୟାନମଗ୍ନ ତୁଷାରଶୁଭ୍ର ହିମାଳୟ
ନିଇତି ସଜଗାଧୁଆ ତଟିନୀପଖଳା ବସୁମତୀ
ଅବିରତ ଅନାହତ ପତିତଉଦ୍ଧାର ନେତ ।

ଉଠିବୁ ନାହିଁକି ମନୁପୁତ୍ର ?
ପଢ଼ିବେ ପୁରାଣପୋଥିର ସମ୍ବେଦନ କବିତା,
ଚାଖଣ୍ଡେ ଛାତି ଠୁଳେଇପାରେ କୋଟିଏ ହୃଦୟ
ମାଟିମୋହ ଭଗତ - ଦେଖେନା ନିଜଜୀବନର ଗତି ଓ ନିୟତି
ଦୁର୍ଦ୍ଧର୍ଷକୁ ତଡ଼ିପାର କରିଦେବା ଥିଲା - ଚରମ ବାଜି,
ପବନ ଦୋଳିରେ ସୁନାର ଫସଲ
ଆଚରଣରେ ବସୁଧାବୈକୁଣ୍ଠ ।

ଉଠ ବାବୁ, ହାତରେ ଅଳ୍ପ ସମୟ
ନିଜ ଘର ସଂସାର ଜୀବିକା ଥାଇ ବି -
ହୁଅ ରୂପାନ୍ତର, ହୁଅ ଦେଶବନ୍ଧୁ, ହୁଅ ବିଶ୍ୱଚେତନ,
ଭୂଇଁରେ ପଡ଼ିଛି ଜୀର୍ଣ୍ଣ ଦୁର୍ଗପ୍ରାଚୀର, ଉଠାଅ ତାଳଗଛ ପରି
ଉଠପୁତ୍ରୀ - ଲକ୍ଷ୍ମୀତେଜ ଧରି
ଉଠ କଙ୍କାଳ, ତୁଟୁ ଆବିଳ ।

ଧୂଳିଧୂଆଁ ଅନର୍ଥ - ମୁଣ୍ଡ ନୁଆଁଇବ
ଭୟ - ଛାଡ଼ି ପଳେଇବ କୁଆଁରୀ ଆଖିରୁ
ବୁଢ଼ାବାପ - ବୋହୂ ହାତରୁ ପାଇବ ଅମୃତଆଦର,
ସୀମାନ୍ତ ଆତତାୟୀ ପାଇବ ମରଣ ଭେଟି
ଦିଗହଜା ଗାଁର ବର୍ଣ୍ଣାଳି ଫେରିବ, କାଉ ଚାଳରେ ବସିବ ।

ଅଛି ଅଳ୍ପ ସମୟ - ହେ ଭାରତପୁତ୍ର
ଦେବତା ବି ଥିଲେ ଗାଇଆଳ
ତୁ ଦେଇଦେ ତୋ ଅନଳ୍ପ ତ୍ୟାଗର ଆୟୁଷବଳ ।

*"ଶୂନ୍ୟନୀଳ"*
*ଚର୍ଚ୍ଚ ପାଖ, ଜେଲ ରୋଡ଼, କେନ୍ଦୁଝର-୧*
*ଦୂରଭାଷ: ୯୪୩୮୧୧୮୩୯୭*

# କେନ୍ଦୁଝର ର ଶୀତ

**ଦେବାଶିଷ ଚକ୍ରବର୍ତ୍ତୀ**

ଯେଉଁଠି ସୁଖ ଅଳପ
ଅଥଚ ଦୁଃଖ ଅପ୍ରମିତ
ନିଧଡକରେ ତାକୁ କହିପାର
କେନ୍ଦୁଝରର ଶୀତ ।

ବଣୁଆ ହାତୀର ପାହୁଲକୁ ସିନା
ବାଟ ଓଗାଳି ପାରେ ନିଆଁହୁଳା
ହେଲେ ତାହା ଆକଟ କରିପାରିବ କି
ଶୀତର ନିଶଙ୍କ ଚଲା ବୁଲା ?

ପତ୍ରର ପାପୁଲିରୁ ଝରି ପଡୁଥିବା
ଟୋପା ଟୋପା କଅଁଳା କାକର
ମନେ ହୁଏନି କି ନିଆଶୀର ଅଶ୍ରୁ ନୀର ?
ଉପର ପାଣିଆ ଜମି ଅରାକରେ
ଯାହା କିଛି ହୋଇଥିଲା ଫସଲ
ତାକୁ ଉଜାଡ଼ି ଦେଇଛନ୍ତି ହାତୀପଲ
ତାକୁ କୁଆଡ଼େ ଭରଣା କରିବେ ସରକାର
ହେଲେ ସେତକ ପାଇବା ଲାଗି
ବାବୁଭାୟାଙ୍କର ଦିଲ୍ ଖୁସ୍ କରିବାକୁ
କାହୁଁ ପାଇବ ସମ୍ବଳ ?

ତଇଲାରେ ସୋରିଷ ବିଛେଇ
ଦେଇଛି ତାର ପଣତ
ମନେ ହୁଏ ସିନା ଧରଣୀ
ମନ ଖୁସିରେ ନାଇଛି
ହଳଦୀ ରଙ୍ଗର ପାଟ
ହେଲେ ତା ଭିତରୁ ଶୁଭେନିକି
ଭୋକର କୁହାଟ ?
ଏହା ସିନା ଯୋଗାଇବ
କେଇ ମାସର ଆହାର
ବାକି ଦିନତକ ତ ଆଶ୍ରା କେବଳ
ମଉଆଳୁ, ପିତାକୁ କି ସିଆଡ଼ିଫଳ
ନୋହିଲେ ଭୋକର ଡିଙ୍କି ପାହାର ।

ନଅ ତଳକୁ ଖସିଲାଣି ପାରଦ
ରେଜେଇ, କମ୍ବଳ ବି
କରିପାରୁ ନାହାନ୍ତି ଶୀତକୁ ଆକଟ
ଚିରାଫୁଟା ଚାଦର ର କେତେ ବହପ ଯେ
ସମ୍ଭାଳିବ ତାର ଦାପଟ ?

ସେକେଉଁ ଯୁଗରୁ ଦିହରେ ତାର
ଜମିଛି ବୋଲି ବିଧେ ବହଳର ମଳି
ହେଲେ ତାହା ନୁହେଁକି
ଅରକ୍ଷିତକୁ ଦଇବର ସାହା ଭଳି ?

ରାସ୍ତା କଡ଼ର ଗଛ ତ ତାଳୁରୁ ତଳିପା
ଧୂଳି ସର ସର
ଯେମିତିକି ଉପେକ୍ଷାରେ
ଜୀବନ ଏଇଠି ଧୂଳିଧୂସର
ଏଠାରେ ସିନା ବେଳ ଉଇଁବାକୁ ଉଛୁର
ହେଲେ ବେଳ ବୁଡ଼ିବାକୁ ଭାରି ତରତର
ଏଠି ଆଲୁଅ କମ୍ ଅଧିକ ଅନ୍ଧାର
ଜଙ୍ଗଲକୁ ତ ଅଧାରୁ ଅଧିକ
ଚନ୍ଦା କରିସାରିଲେଣି କାଠଚୋର
ଖଣି ମାଫିଆ ତ ଲୁଟି ନେଲେଣି
ରତନ ଭୂଧର
ସତେ କଣ ଏଇମିତି
କେନ୍ଦୁଝରିଆଙ୍କ କପାଳରେ ଲେଖାଥିବ
ଶୀତର ନୈରାଜ୍ୟ କେବଳ ?
ଜୀବନ ତରୁ ର ଡାଳରେ ବସି
ଆଶାବରି ଶୁଣାଇବନି
ଆଶାର କୋକିଳ ?

*ମଣ୍ଡୁଆ, କେନ୍ଦୁଝରଗଡ଼*
*ଦୂରଭାଷ: ୯୪୩୭୭୫୨୩୯୫*

# ଅସମ୍ପୂର୍ଣ୍ଣ ପରିଭାଷା

**ଡ. ଗୋପବନ୍ଧୁ ଦାଶ**

ରାତି ସବୁ ନିଦହରା ବନ୍ଧ୍ୟା
ସ୍ୱପ୍ନ ସବୁ ଠିକଣା ହଜା ମରୁଯାତ୍ରୀ
ଫୁଲ ସବୁ ସୁଗନ୍ଧ ହରା ଗଜରା
ଆକାଶ ଏକ ଅସମ୍ପୂର୍ଣ୍ଣ ପରିଭାଷା,
ତାରା ସବୁ ନିଛାଟିଆ କୃଷ୍ଣଗର୍ତ୍ତ
ପୁନେଇ ରାତି ବାସି ଲୁହର ଦାଗ
ପ୍ରେମ ଏକ ବିକାର ଶୂନ୍ୟ ଦୁଷ୍ଟ ବ୍ରଣ
ଓଠ ଲାଜୁଆ ପ୍ରେମିକାର
ବାଇଗଣୀ କ୍ଷତ,
ରାଜନୀତି ବାବଦୁକତାର
ବରମୁଡା ଟ୍ରାଏଙ୍ଗେଲ

ଆଉ ମୁଁ, ବିଭାଜନ ଡରକୁଳା
ନିଜ ଭିତରେ ନିଜେ
ଅଟକିଥିବା କାହାଣୀ।

# ସବୁ ବୈଚିତ୍ର୍ୟମୟ : ସୁଜନେ !

**ଡାଃ ମନୋରଞ୍ଜନ ଦାଶ**

ପ୍ରଜାପତି ଫୁଲକୁ ଛୁଇଁ ଦେଇ
କ୍ରମବିବର୍ତ୍ତନର ବିଭୋରରେ...
ଭ୍ରମର ତ ଫୁଲରୁ ମଧୁ ଚୁମିଥାଏ...
ନିଆଁର ପ୍ରେମରେ ପଡ଼ି ପତଙ୍ଗ ଟିଏ ଜଳିଯାଏ !
ସବୁ ବୈଚିତ୍ର୍ୟମୟ ! ସୁଜନେ !
ଏଠି କିଏ ବିଶ୍ୱାସର କୂଳ ଛୁଉଁଚି ତ
କିଏ ଛଳନା ଓ ପ୍ରତାରଣାର କୂଳକୁ ଛୁଇଁ,
ବେଶ୍ ସୁଖ ପାଉଚି।
ପ୍ରେମ ତ ଛଳଛଳ ଆବେଗର ଧାରାଟିଏ...
ସଂପର୍କର ରଜ୍ଜୁରେ ବନ୍ଧା ତା ଜୀବନ।
ପୁଣି କିଏ ସ୍ୱପ୍ନ ଉପରେ ସ୍ୱପ୍ନ ଦେଖିଚାଲେ,
ତା ମନର ପୋଷଣ ନିଶାରେ...
ଏଠି ସଂଘର୍ଷକୁ ଆପଣାର କରି
ବାଟ ଚାଲୁଥାଆନ୍ତି, କେତେ କିଏ !
ଅନେକ ନିଜର ଅନୁଚ୍ଚାରିତ ଆବେଗକୁ
ସଂକୋଚର ଅଗଣାରେ ଜାବୁଡ଼ିଧରି
ଜୀବନକୁ ପଢ଼ନ୍ତି...।
କିଏ ପ୍ରାପ୍ତିରେ ସନ୍ତୁଷ୍ଟ ତ କିଏ
ଅବଶୋଷ ସହ ଯୁଝୁଥାଏ।। କାଳକାଳ।।

*ପ୍ରଭାବତି ନିଳୟମ୍, ବେଲତଳ,*
*ପଟ୍ଟାମୁଣ୍ଡାଇ, ଜି: କେନ୍ଦ୍ରାପଡ଼ା*
*ଦୂରଭାଷ: ୯୪୩୭୩୧୭୭୨୨*



# ଭୋଗ

**ଅକ୍ଷୟ ପାତ୍ର**

ଜୀବନ ଆଉ କ'ଣ କି ?
ଏକ ଭୋଗ
ଏଡିହେଉନଥିବା ଭୋଗଲାଳସୀ ସମୟର !

ଏଠି ଅନବରତ ଚାଲିଛି ଫଳଭୋଗ
ଆପଣା କର୍ମର
ଯଦା ଚାଲିଚି ବି ଭୋଗ
କେଉଁ ଦିଅଁଙ୍କ କତିରେ
ଅବା କେଉଁ ଉପରିସ୍ଥଙ୍କ ଠାରେ
ନତୁବା କେଉଁ କାର୍ଯ୍ୟ ନିର୍ବାହୀର ଇଜିଲାସରେ
ସମ୍ଭାବ୍ୟ କର୍ମଫଳକୁ
ଆଶା ମୁତାବକ ରୂପନେବାର ଲୋଭରେ !

ସତରେ କ'ଣ ଅଭିଳକ୍ଷିତ ଭୋଗଲାଭ କରାଯାଇପାରେ
ସ୍ୱାର୍ଥାନ୍ଧ ମାନସର ଚତୁର ଗୋଟି ଚାଳନାରେ ?
ସତରେ କ'ଣ କର୍ମଫଳ ବଦଳିଯାଇପାରେ
ଶକୁନିର ପଶାପାଲିରେ ?

ଭୋଗ ହିଁ କରିବାକୁ ପଡ଼େ
ଷଡ଼ରାଗ –
ଜୀବନଗୀତିର;
କ୍ରମନିଃସରଣରତ ଆୟୁକାଳର
ଅସ୍ତରାଗରେ !

ଉଦୟରାଗ ବି
କେବେ କେବେ ବିଶ୍ୱାସର ଦିଗନ୍ତରେ ଭୋଗପ୍ରାୟ ଦୃଶ୍ୟ ହୁଏ
ଭଙ୍ଗୁରତାର ଚଟୁଳ ଭଙ୍ଗିମାରେ !

ଯୋଗୀ ହେଉ କି ବୈରାଗୀ
ଏଠି ଭୋଗ ହିଁ ଅବଶ୍ୟମ୍ଭାବୀ
ଆପଣା ଭୋକ, ଭେକ, ବିବେକର
ବିକୃତି ଓ ସୁକୃତି ଦାୟରେ !

ଅଗତ୍ୟା ମହାଭାଗ !
ଜୀବନ ହିଁ ଏକ ବୈଚିତ୍ର୍ୟଭରା ବେହାଗ
ଜାତି ଜାତି ଭୋଗର;
ଯା'କୁ ଅବହେଳେ ଭୋଗିବାକୁ ହିଁ ପଡ଼େ
କେବେ ଉଚ୍ଛଳ ଥାଇଁ ଅନୁରାଗର ବିହ୍ୱଳତାରେ ତ
କେବେ ସ୍ଥବିର ଥାଇଁ ବିରାଗର ନିଃସ୍ପୃହତାରେ !

*ବିଭାଗ ମୁଖ୍ୟ, ଇଂରାଜୀ ବିଭାଗ, ହିନ୍ଦୋଳ ମହାବିଦ୍ୟାଳୟ,*
*ଖଜୁରୀଆକଟା, ଢେଙ୍କାନାଳ-୨୦*
*ଦୂରଭାଷ: ୭୦୭୭୯୮୪୯୬୦*

# ଟିକେ ନିଆଁ ମିଳିବ !

**ତାରକ ମହାନ୍ତି**

ବିଡ଼ି ଲଗେଇବାକୁ
ଶୀତ ରାତିରେ
ଟିକେ ନିଆଁ ଦରକାର
ଦେଇହେବ !
ନା, ସବୁ ଘରେ
ତାଟି କବାଟ ମୁଦା
ଆହାଃ, କି ଶୀତ
ବୋଉ ମନା କରୁଥିଲା
ହାଟକୁ ଯିବି କହିଲି
ସାତ କୋଶ ଦୂର
ହାଟରୁ ଗାଁ
ବାଟରେ ଅନାବନା ଗଛ
ଠିକ ଜଙ୍ଗଲ ପରି,
ବାବୁ, ନିଆଁ ମିଳିବ ?

ନିଆଁ ଜଳୁଛି ବୋଲି ତ
ଗୋଟେ ଜୀବନ
ଜଳିଯାଉଛି ନିଆଁରେ
ପ୍ରେମ କୁହ କି ଗୃହସ୍ତୀ
ସବୁ ନିଆଁରେ ସ୍ୱାହା
କେବଳ କହିହେଉନି
ତଥାପି ନିଆଁ ମିଳିବ !

ନିଆଁ ମିଳିବାର ଅପେକ୍ଷା
ଭାରି କଷ୍ଟ...
ରକ୍ତ ଝାଳ ସବୁ ସରିଯାଏ
ଯଦି ପୁଅ ମଣିଷ ନହୁଏ,
ନିଆଁ ଆପେ ଜଳିବ
କେହି ଜଣେ ଜାଳିବ,
କିଛି ନହେଲେ
ସକାଳ ମେହେନ୍ତର
ଖବର ଦେବ ମଡ଼ା ପଡ଼ିଛି
ଗାଡ଼ି ଆସିଯିବ...
ରେକର୍ଡ଼ କ'ଣ ହେବ ?
ତାହା ତ ମୃତ ଲୋକ ଜାଣେନି
ଆରମ୍ଭ ହେବ ବାକ୍ସ ଖୋଲା
ବ୍ୟାଙ୍କ ଆକାଉଣ୍ଟ କେଉଁଠି
କେଉଁଠି ଜମି କାଗଜ
କେଉଁଠି କିଏ ନେଇଛି କି
ସବୁର ହିସାବ ଚାଲିବ
କୋର୍ଟ କଚେରୀ ଯାଏ
ହୁଏତ ଯାଇପାରେ କଥା
ଅନେକ କିଛି ଘଟିବ
ଯାହା ଭାବି ନଥିବ
ବାବୁ, ଟିକେ ନିଆଁ ମିଳିବ !

*ସେକ୍ଟର-୬/୨୮୯, ନୀଳାଦ୍ରି ବିହାର, ଭୁବନେଶ୍ୱର*
*ଦୂରଭାଷ: ୮୨୪୯୪୦୬୧୩୪*

# ତଥାପି

**ବାସନ୍ତୀ ଦାସ**

ତଥାପି ଝୁରୁଚି ଆଜି ଯମୁନା କଦମ୍ବ ବନ
ଝୁରୁଛି ମାଳତୀ ଆଉ ତମାଳ ଯୁଇ
ମଧୁବନ ବସ୍ତ୍ରା ଗଣ ସଖୀ ଆଉ ଗୋପବାଳ
ଗୋପନେ ଗୃହ ଅଙ୍ଗନେ ଝୁରେ ଗୋପଗୋଇ ।

ନୀଳ ଆକାଶେ ଆଉ ଘୋଟେ ନାହିଁ କଳା ମେଘ
ଇନ୍ଦ୍ରଧନୁ ଶୋଭେନାହିଁ ରଙ୍ଗକୁ ବିଛାଇ
ଶୁଭେ ନାହିଁ ବଂଶୀ ସ୍ୱନ ଦେଖେନି କେହି ସପନ
ଗୋପ ଶୋଭା ଶିରୀ କାହିଁ ଗଲାତ ଉଭାଇ ।

ଗୋ ଗୋଷ୍ଠ ନିରବୀ ଗଲେ ପକ୍ଷୀ କୁଳ ହଜିଗଲେ
ଚନ୍ଦ୍ରିକା ତୋଳି ମୟୂର କରୁନାହିଁ ନୃତ୍ୟ
ଯଶୋଦାର ଲୁହ ନାହିଁ ଶୂନ୍ୟକୁ ରହିଛି ଚାହିଁ
ନନ୍ଦ ନିର୍ବିକାରେ ଭାବେ ମିଛ କିବା ସତ୍ୟ ।

ଚାରିଦିନ ବିତିଗଲା କାହ୍ନୁ ଆଉ ନ ଫେରିଲା
ମିଠା କଥା କହି ସେତ ଧୋକ୍କା ସତେ ଦେଇଗଲା ।

*ସମ୍ପାଦିକା - ଶିଳାଶ୍ରୀ, ଭୀମଟାଙ୍ଗୀ-୧, ପ୍ଲଟ ନଂ-୨୩୮୦,*
*ଭୁବନେଶ୍ୱର-୨*
*ଦୂରଭାଷ: ୯୮୫୩୯୯୩୯୯୩*

# ରେ ଜୀବନ

**ସୁଶୀଲ କୁମାର ପାଣିଗ୍ରାହୀ**

ଜୀବନ !
ମୋର ସବୁଠୁ ପ୍ରିୟ କବିତା
ଯେଉଁମାନେ ଭଲ ପାଆନ୍ତି ତୁମକୁ
ଉତ୍ସର୍ଗ କଲି ସେମାନଙ୍କୁ ।

ଭାରି ପାଦ ତଳେ
ଦଳି ମକଚି
ଜଳି ପୋଡ଼ି ଶୁଖି ଗଲାପରେ ବି
ଫୁଲ ଫୁଟାଇବାର ତୁମର ଅକ୍ଷତ ଜିଦ୍ ଆଗରେ
ଏ ସଂସାର ନତମସ୍ତକ ଦୂର୍ବା !

ରେ ଜୀବନ
ସେତିକି ଭଲ ପାଇବାକୁ
ପୁଂଜି କର୍
ସ୍ୱପ୍ନ ଦେଖ, ମୂର୍ତ୍ତ କର୍
ଅସ୍ତ୍ର କର୍
ନିଜ ସହ ନିଜର ଲଢ଼େଇରେ
ହୁଅ ଯୋଦ୍ଧା ।

ହେ ଜୀବନ !
ନିଆଁରେ ଜଳିପୋଡ଼ି ଯାଅ
ହେଲେ ନିଆଁ ହେବାକୁ ଚାହଁନା
ନିଆଁ ହୁଅନା

ନିର୍ଦ୍ଦୟ ପାଦମାନଙ୍କ ପାଇଁ
ପାଷାଣ କି କଣ୍ଟକଙ୍କ ଭ୍ରମିତ ଲକ୍ଷ୍ୟକୁ
ପାଥେୟ କରନା

ଉପାଡ଼ି ଫିଙ୍ଗି ଦେଇଥିବା
ନିଷ୍ଠୁର ହାତମାନଙ୍କୁ କହନା-
ବିଦାୟ ! ମୁଁ ପରାଜିତ
ସେମାନଙ୍କ ସହ ପୁଣି ବଂଚିବାକୁ

ସଳଖି ଠିଆ ହୁଅ
ରେ ଜୀବନ !
କବର ଉପରେ ଫୁଲ ଫୁଟାଇ
କହ ଛଅଫୁଟର ଗାତ ଭିତରର
ଅନ୍ଧାର ବିପକ୍ଷରେ ସତ୍ୟର
ଏ ଆଲୋକିତ ବିଜୟ ।

ନିଜେ ନିଜ ପରି ହେଇ ରୁହ
ହେ ଜୀବନ

ଯେତେବେଳେ ବି ଧୂଳି ଉଡ଼େ
ଶିରାବଣରେ
ବସନ୍ତ ଝରାପତ୍ର ପରି
ଖରାର ନିଃଶ୍ୱାସରେ
ନିଜ ପ୍ରେମଗୀତ ଭୁଲେ
ଦେଖିଛ !
ଦୂର୍ବାଙ୍କ ପିଠି ଉପର ଉପର ଦେଇ
ଯୁଦ୍ଧଖୋର୍ ସଭ୍ୟତାର ଟ୍ୟାଙ୍କ
ମାଡ଼ି ମାଡ଼ି ଗଲେ ବି ଜୀଜିବିଷା
ଭୂଇଁ ଛାଡ଼େନା ।

ସେମାନଙ୍କ ଛାତି ଭିତର ଦେଇ
ଅବାଟକୁ ବାଟ କହି
ଅନ୍ଧକାରର ଅନ୍ଧତ୍ୱକୁ ନିର୍ବିକଳ୍ପ ବୋଲି ପ୍ରମାଣିତ କଲେ ବି
ଆଲୋକାନୁବର୍ତ୍ତି ହେଇରହିବା ଅଭ୍ୟାସ ଅପରିବର୍ତ୍ତିତ
ରହିଥାଏ
ଟିକିଏ ବି ଊଣା ହୁଏନି
ନିଜ ପ୍ରତି ଆସ୍ଥା
ନିଜ ଅନ୍ତରର ଉଜ୍ଜ୍ୱଳ ସୂର୍ଯ୍ୟୋଦୟର ସଂଭାବନା ।

ହେ ଜୀବନ !
ମୋର ସବୁଠୁ ପ୍ରିୟ କବିତା
ତୁମେ ଏ ମାଟିର, ତା ପ୍ରୀତି ପ୍ରାଚୁର୍ଯ୍ୟର, ତା ଅନନ୍ତ
ମହକର, ଅନ୍ନବ୍ରହ୍ମକୁ ସମର୍ପିତ ତା ଇଚ୍ଛାର...

ତୁମର ଅନାବିଳ ଭଲପାଇବା ପାଇଁ
ଅଛି ଭବିଷ୍ୟତ, ପୂର୍ବାଶାରେ ଝଙ୍କୃତ ଉଦୟ ରାଗ
ଭବିଷ୍ୟତ ଆଡ଼କୁ ସବୁ ବାଟ

ଉତ୍ସର୍ଗ ସେମାନଙ୍କୁ
ସେମାନଙ୍କ ବୁକୁ ପରି
ହେ ପ୍ରିୟ କବିତା ମୋର
ପ୍ରେମରେ ପୁରିଉଠ୍
ବହିଯା
ସବୁ ହୃଦୟକୁ
ଅମୃତ କଳସ ସମ ଶୁଭମନାସ କର ।

*କଲ୍ୟାଣୀ ରେସିଡେନ୍ସି, ଫ୍ଲାଟ୍ - ୨୦୩, ବ୍ଲକ୍-ସି, ଜଲାନ ଗଳି,*
*ପୋ: ମୁଦିପଡ଼ା, ସମ୍ବଲପୁର-୨*
*ଦୂରଭାଷ: ୮୧୪୪୨୨୮୨୦୨*

# ଉଛୁଳା ଭାବ

**ସ୍ୱୟଂପ୍ରଭା ରଥ**

ତୁମକୁ ମୁଁ ବାହାରେ ଖୋଜିଲି
ତୁମେ ମୋ' ଭିତରେ ସଞ୍ଚରି ଗଲ
ତୁମକୁ ମୁଁ ଭିତରେ ଖୋଜିଲି
ତୁମେ ମାୟା ହୋଇ ବାହାରେ ଭରିଗଲ
ଆଖି ଖୋଲିଲେ ତୁମେ, ଆଖି ବୁଜିଲେ ତୁମେ
ତୁମେ ମୋ ନିଦ୍ରାରେ, ତନ୍ଦ୍ରାରେ, ସୁସୁପ୍ତିରେ
ଆଦ୍ୟ ଅରୁଣର ଅରୁଣିମାର ଉଷୁମ ପରଶ ତୁମେ
ସନ୍ଧ୍ୟା ନଇଁଗଲେ ଚନ୍ଦ୍ର ଜ୍ୟୋସ୍ନାର ଶୀତଳତା ତୁମେ !!

ତୁମେ ମୋ' ସର୍ବୋତ୍କୃଷ୍ଟ ଉପଲବ୍ଧିର ଚିହ୍ନ
ମୋ ଶୁଖିଲା କଂଠର ଶେଷ ଶୋଷ
ମୋ ଭୋକିଲା ପେଟର ଅନ୍ନ
ତୁମେ ମୋ କାବ୍ୟ, ତୁମେ ମୋ କବିତା
କାଳ ରାତ୍ରି ଚିରି ଉଇଁ ଆସୁଥିବା
ଉଜ୍ଜ୍ୱଳ ସବିତା !
ପାଇବାରେ ତୁମେ, ହଜିବାରେ ତୁମେ
ଖୁସିରେ ତୁମେ, ଦୁଃଖରେ ତୁମେ

ତୁମେ ମୋ ଜୀବନ ସଙ୍ଗୀତ
ହୃଦୟ ସ୍ପନ୍ଦନରେ ଗୀତ
ମୋ ଆଲୋକ, ସ୍ଫୁର୍ତ୍ତି, ଦ୍ୟୁତି
ମୋ ଆନନ୍ଦ, ବିଶାଦ, ପ୍ରୀତି

ଆଖି ଖୋଲିଲେ କ'ଣ ଜାଣିପାରିବ
ମୋତେ ଥରେ ହୃଦୟରେ ଭରିକି ତ ଦେଖ
ନାବିକଟେ ତୁମେ, ସମୁଦ୍ରରେ ଓହ୍ଲେଇକି ଦେଖ
ମୁଁ ପଥରଟେ ନୁହେଁ
ମହମ ପରି କେମିତି ତରଳି ଯିବି
ତୁମ ଉଷୁମ ସ୍ପର୍ଶ ଦେଇକି ତ ଦେଖ

ଯୁଆଡ଼େ ଗଲେ, ଯାହାବି ଦେଖିଲେ
କେବଳ ତୁମେ ହିଁ ତୁମେ
ମୋର ସ୍ଥିତି, ଅନ୍ତ, ସର୍ବସ୍ୱ ତୁମେ
କେମିତି କହିବି ତୁମେ ମୋର କ'ଣ
ତୁମ ବିନା ମୁଁ, ମୁଁ ତ ନୁହେଁ !

ତୁମେ ଅଛ ବୋଲି ସିନା ହୃଦୟ ଚାଲୁଛି
ତୁମେ ଅଛ ବୋଲି ସିନା ନିଶ୍ୱାସ ଭରୁଛି
ତୁମେ ଯଦି ଅହର୍ନିଶି ଅଛ ମୋ ଭିତରେ
ତେବେ ମୁଁ ପାଗଳିଙ୍କ ପରି ଖୋଜୁଛି କାହାକୁ ?
ପୂର୍ଣ୍ଣ ରୂପେ ମିଳିଯାଅ ମୋତେ
ଏ ପ୍ରାପ୍ତିକୁ ସମ୍ପୂର୍ଣ୍ଣ କରିଦିଅ
ତୁମ ଆନନ୍ଦ ହିଁ ମୋ ପାଇଁ ଯଥେଷ୍ଟ
ଏମିତି ଜିତିଯାଅ ମୋଠୁ
ମୋ ହାରିବାକୁ ସମ୍ପୂର୍ଣ୍ଣ କରିଦିଅ !!

*ଫ୍ଲାଟ୍ ନଂ.- ୫୧୩,*
*୭୮, ଡ୍ରିମ୍‌ସ ଆପାର୍ଟମେଣ୍ଟ, ଭୁବନେଶ୍ୱର-୭୫୧୦୦୩*

# ନୀଳକଣ୍ଠଙ୍କ ଆବାହନ ପୂର୍ବରୁ

**ଗୋପାଳ ଚନ୍ଦ୍ର ମିଶ୍ର**

ମଣିଷ ମାତିଛି,
ରକ୍ତର ନଦୀ ବହୁଛି ।
ଦୁଃଶାସନ ଆଉ ଦୁର୍ଯ୍ୟୋଧନମାନେ
ହସ୍ତିନା ପୁରରେ ରଙ୍ଗରସରେ ମସଗୁଲ,
ରଙ୍ଗ ଭବନରେ ଲାଞ୍ଛିତ ଦ୍ରୌପଦୀଙ୍କର ବୁକୁଫଟା ଚିତ୍କାର ।

ଜଟାୟୁର ପକ୍ଷ ରକ୍ତ ଭିଜା !
ପୁଷ୍ପକ ଯାନରେ ରାବଣ,
ସ୍ୱର୍ଣ୍ଣ ଲଙ୍କା ହସୁଛି,
ବରଂ ରାବଣ ଭଲ ।

ପ୍ରତିଜ୍ଞାବଦ୍ଧ ଯୁଧିଷ୍ଠିରମାନେ,
ଶକୁନିର କପଟ ପାଶାରେ ବନ୍ଦୀ,
ଧର୍ମାଙ୍ଗମାନେ ଅଜ୍ଞାତ ବାସରେ
ମିଛ ପରିଚୟରେ ବନ୍ଦୀ ଏ ଜୀବନ

ପରିବର୍ତ୍ତନ ଅବଶ୍ୟମ୍ଭାବୀ,
ଇତିହାସ ଏହାର ମୂକ ସାକ୍ଷୀ,
ଘର ଡିଙ୍କି ଆଉ କେତେ ଦିନ କୁମ୍ଭୀର ହେବ !
ପ୍ରତୀକ୍ଷା କେବଳ ସମୁଦ୍ର ମନ୍ଥନକୁ,
ଆଉ ଗରଳ ପିଇପାରୁଥିବା ନୀଳକଣ୍ଠମାନଙ୍କୁ ।

*ଗ୍ରାମ: ଅରିଲୋ, ପୋଷ୍ଟ: ଶଂଖତ୍ରାସ, ଜିଲ୍ଲା-କଟକ*
*ଦୂରଭାଷ: ୮୪୫୭୯୩୧୦୫୬*

# ଅଧିକାର

ରୀନାରାଣୀ ରାଉତରାୟ

ପବନରେ ଖବର ଆସିଛି
କେହି ଜଣେ ବିଶ୍ୱାସ ମାଟିରେ ପୁଣ୍ୟର ବୀଜ ବୁଣୁଛି ।
ଅଥଚ, ମଲା ନଈରେ ମୁକ୍ତା ଚାଷ ପ୍ରକଳ୍ପର
ପରିକଳ୍ପନା କରୁଛି ।
କିଏ ବି କଣ କହିବ ଏବଂ ବୁଝେଇବ
ସବୁ ତ ଜଳ ଜଳ ଦିଶୁଛି ।
ଯାହାର ଯେମିତି ଖୁସି
କାହାକୁ କଣ ବଦଳେଇ ହେବ !
ଦିନେ ଏଇ ବିସ୍ଥାପନ ଏରିଆରେ
ଗୋଟେ ଗାଁ ଥିଲା
ଗୋଟେ ଘର ଥିଲା
ସବୁଜ ଖରା ଥିଲା
ଅବୁଝା ବର୍ଷା ବି ଥିଲା
ଜଣେ ବଡ଼ ଭାଇର ଭଲପାଇବା, ଗାଳି ଏବଂ ଆକଟ ବି ଥିଲା ।
ଏସବୁ କେବେ ବି ଖୋଜିବି ନାହିଁ ।
କେହି ଯଦି ତାରାଙ୍କ ଭିତରେ ଖୋଜୁଛି ତାକୁ ଖୋଜୁ ।
ଗୋଟେ ଅନ୍ଧାରର ଶବ ପାଖରୁ ମନ ପସନ୍ଦର କଥା ଶୁଣିବାକୁ
ଅପେକ୍ଷା ରଖୁଥିବା ମଣିଷକୁ
କେବେ ବି କହିବିନି
ଥରେ ଭଲକରି ଦେଖିନିଅ ସେ ଶବକୁ
କାଲେ ଏମିତି କେହିଜଣେ କୋଉଠି ଥିବ ।
କେବେବି ଯୋଗାଯୋଗ ହୋଇପାରୁ ନଥିବା
ସେ ବିଛିନ୍ନାଞ୍ଚଳକୁ ସବୁ ସାଧନ ଦେଇ
ନୂଆକରି ସେତୁଟେ ଗଢ଼ିଦିଅ ।
ଖରାକୁ ମିତ କରି ଛାଇକୁ ସାଥି କରି
ନଈ ପାଣିରେ ନୀଳ ଆକାଶର ପ୍ରତିବିମ୍ବ ଦେଖ ।
କେହି ଯଦି ମରିଚୀକା ପଛରେ ଧାଇଁ
ଖୁସି ହେଉଛି
ତାକୁ କେବେବି ବାଧା ଦେବିନି ।
କେବେବି କହିବି ନାହିଁ
ବେଳେବେଳେ ମରିଚୀକାର ଭ୍ରମ ବି ସତ ହୁଏ
କାହାର କଳ୍ପନା ତା କପାଳର ରେଖା ପରି ଚମକେ ।
ଥରେ ଖାଲି ଅନ୍ଧାରକୁ ନାଁଟେ ଦିଅ
ଆଲୁଅକୁ ରୂପଟେ ପିନ୍ଧାଅ
କେବେବି ଥିବା ନଥିବାର ମାଟି ଦେହକୁ ନୁହେଁ
ପାରିବତ ଖୁବ୍ ପାଖରେ ଥିବା
ଗୋଟେ ଅମ୍ଳାନ ଆତ୍ମାକୁ ଖୋଜିନିଅ ।

*ସା.କରଡ଼ାପଲ୍ଲୀ, ପୋ.ଗୋବରା*
*ତାଳଚେର, ଅନୁଗୋଳ, ପିନ-୭୫୯୧୧୩*

# ପରିଚିତ ସମୟ

ଡ. ଶର୍ମିଷ୍ଠା ମହାପାତ୍ର

ଚବିଶର ପରିଚୟ ପଚିଶିରେ
ଥିବ କି ନାଇଁ ଜାଣିନି
ସକାଳ କିନ୍ତୁ ଆସିସାରିଛି ପଚିଶିର
ବିଦାୟ କିଏ ଦେଲା କେମିତି ଚବିଶକୁ
ରାତିର ଆକାଶ ଓ
ସହର ଶୂନ୍ୟତାକୁ ଉଭେଇ ଦେଇ
ଆଲୁଅ ଆଡ଼କୁ କିଛି ଦୌଡୁଥିବା ବିଭୋର ଜୀବନ ସବୁକୁ
ମୋ' ଛଡ଼ା ଅନେକେ ବି ଏଠି ଚିହ୍ନନ୍ତି।
ଏଥର ବି ସ୍ୱପ୍ନ ହାର୍ ମାନିବ ?
ନୂତନତା କାହା ଖମାରର ସାଇତା ସମ୍ପଦ
ଆଉ ଘଷାମଜା ଶଗଡ଼ଗୁଳାରେ ମୁଁ
ଭଡ଼ାଘର କାନ୍ଥରେ ଆଉଜି
ଆଉ ଏକ ସକାଳକୁ ଭେଟୁଥିବି !

ଇଚ୍ଛାନଥବା ଇଲାକାରେ
ଆପେ ଆପେ ଟଣାଯାଇ ଜଞ୍ଜାଳ ଭିତରେ ନିଜ ଅସ୍ତିତ୍ୱ ସମର୍ପି
ଦରବୁଝା ଜୀବନର ସ୍ୱାଦ ଚାଖୁଥିବି ! !

ଚଳନ୍ତା ଟ୍ରେନ୍ ଝରକାରୁ
ଦିଶୁଥିବା ଶାଗୁଆ କିଛି ଶୃଙ୍ଖଳା
ସମୟକୁ କୋଉ ଚାଳତଳେ ଖୋସିରଖିବି ?
ମୋ ବ୍ୟସ୍ତତାକୁ ଦେଖି
ସମୟ ଅପେକ୍ଷା କରିବନି ଜାଣେ
କିନ୍ତୁ, ସମୟ ସାଙ୍ଗରେ ମୁଁ ଯାଇପାରୁନି
ପରିଚିତ ବଳୟ ଭିତରୁ ବାହାରି।

*ଅଧ୍ୟାପିକା, ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ*
*ଦୂରଭାଷ: ୭୨୦୫୪୦୦୫୮୪*

ତନ୍ମାତ୍ର

# ନୂଆ ଓଡ଼ିଆ ଚଳଚ୍ଚିତ୍ର ସମ୍ପର୍କରେ







**-: ହାପ୍ ଲଭ୍ ଷ୍ଟୋରୀ :-**

ପ୍ରଯୋଜକ- ପ୍ରଭାତ କୁମାର ପ୍ରଧାନ, ନିର୍ଦ୍ଦେଶନା- ମୃତ୍ୟୁଞ୍ଜୟ ସାହୁ (ବାପି), ସଙ୍ଗୀତ- ବୈଦ୍ୟନାଥ ଦାସ। ଅଭିନୟରେ- ସୁନିଲ, କୃକିଜ୍, ମନସ୍ୱିନୀ, ହରିହର ମହାପାତ୍ର, ପୃଥ୍ୱିରାଜ୍ ନାୟକ, ପିଣ୍ଟୁ ନନ୍ଦ, ଜ୍ୟୋତି ମିଶ୍ର, ବବି ମିଶ୍ର, ଭୂପତି ତ୍ରିପାଠୀ, ହାଡ୍ଡୁ, ଅସିତ୍ ପତି, ସୂର୍ଯ୍ୟ ଡୋରା ପ୍ରମୁଖ। ଚଳଚ୍ଚିତ୍ରର କାହାଣୀ ଏଇପରି -

ପିଲାଦିନୁ ବାପା ମା'ଙ୍କୁ ହରେଇ ମାମୁଁ ମାଇଁଙ୍କ ପାଖରେ ରହୁଥିବା ଶିବୁ ଗୋଟେ ଅଳସୁଆ ପିଲା। ତାର ପୈତୃକ ସମ୍ପତ୍ତିକୁ ମାମୁଁ ମାଇଁ ଖାଇଯାଉଥିବାର ଅଭିଯୋଗ କରି ମାମୁଁଙ୍କୁ ସବୁବେଳେ ନିନ୍ଦା କରେ ଓ ନିଜର ପକେଟ୍ ଖର୍ଚ୍ଚ ଏବଂ ମଦ ପିଇବା ଖର୍ଚ୍ଚ ଉଠେଇବାକୁ ନିଜ ଘରୁ ହିଁ ବାରମ୍ବାର ଚୋରି କରୁଥାଏ। ସେଇ ଗାଁର ଗୋଟେ ଝିଅ ମାନୀ ଶିବୁକୁ ଭଲପାଉଥାଏ। ଯାହାକୁ ଶିବୁ ସବୁବେଳେ ହତାଦର କରୁଥାଏ। ମାନୀଠୁ ଅଧିକ ଭଲ ଗୋଟେ ଝିଅକୁ ଦିନେ ନା ଦିନେ ବାହାହବ ବୋଲି ଶିବୁ ମାନୀ ସହ ବାଜି ମାରିଥାଏ। ସତକୁ ସତ ସେମିତିକା ଝିଅଟିଏ ସହ ଶିବୁର ଦେଖା ହୁଏ, ପ୍ରେମ ହୁଏ ଓ ଗୋପନରେ ବିବାହ ବି ହୁଏ। କିନ୍ତୁ ପରେ ସମସ୍ତେ ଜାଣିବାକୁ ପାଆନ୍ତି- ସେସବୁ ତା' ମନର ଭ୍ରମ। ସେମିତି ଝିଅ ହିଁ କେହି ନାହାନ୍ତି। ଏହା ଏକ ମାନସିକ ରୋଗ ଭାବି ତା'ର ଚିକିତ୍ସା କରେଇବାକୁ ଗଲାବେଳେ ସତ ଜଣାପଡ଼େ ଯେ- ସେମିତି ଗୋଟେ ଝିଅ ଥିଲା... ଯାହାର ନାଁ ରାନୀ। ରାନୀ ଓ ତା' ବାପାକୁ କିଛି ଅପରାଧି ହତ୍ୟା କରି ଦେଇଛନ୍ତି। ଆଉ ସେ ହତ୍ୟାର ପ୍ରତିଶୋଧ ନେବା ପାଇଁ ରାନୀ ଘୁରି ବୁଲୁଛି। ରାନୀ ଶିବୁ ମାଧ୍ୟମରେ ନିଜ ପ୍ରତିଶୋଧ ପୂରଣ କରିବାକୁ ଚାହୁଁଥିବାରୁ ସେ ଶିବୁକୁ ଦେଖାଯାଏ। ଶିବୁ ସେ ହତ୍ୟାର ପ୍ରତିଶୋଧ ନବାକୁ ଯାଇ ଅପରାଧିଙ୍କୁ ଜୀବନରୁ ମାରି ଦିଏ। କିନ୍ତୁ ଜଣେ ମାନସିକ ରୋଗୀ ହେଇଥିବାରୁ ତା' ଅପରାଧକୁ ଆଇନ୍ କ୍ଷମା ଦେଇଦିଏ। ଏଇ ଚଳଚ୍ଚିତ୍ରଟି ୨୦୨୪ ଶେଷରେ ମୁକ୍ତିଲାଭ କରିଛି।

**-: ରଙ୍ଗଶୁର :-**

ଏହି ଚିତ୍ରର ପ୍ରଯୋଜକ- ସଚିକାନ୍ତ ଜେନା। କାହାଣୀ ଓ ନିର୍ଦ୍ଦେଶନା- ପ୍ରତାପ ରାଉତ, ସଙ୍ଗୀତ- ଗୌରବ ଆନନ୍ଦ ଓ ବୁନି। ବିଭିନ୍ନ ଭୂମିକାରେ ଅଛନ୍ତ ଚୌଧୁରୀ ବିକାଶ ଦାଶ, ଚୌଧୁରୀ ଜୟପ୍ରକାଶ ଦାସ, ସୂର୍ଯ୍ୟମୟୀ

ମହାପାତ୍ର, ସମରେଶ ରାଉତରାୟ, ଶୁଭାଶିଷ ଶର୍ମା, ଜ୍ୟୋତି ରଞ୍ଜନ, ଦ୍ୱିପନୀତ, ଶୁଭଶ୍ରୀ, ସୁଶାନ୍ତ ପ୍ରମୁଖ।

"ରଙ୍ଗଶୁର" ର ଅର୍ଥ ହେଉଛି ରଙ୍ଗର ବୀର ବା ଯୋଦ୍ଧା ବାଘ। ରଙ୍ଗମାନେ (କଲର), ଶୁର ମାନେ ବୀର, ଯୋଦ୍ଧା, ବାଘ, ସାହସୀ। ଏହି ଫିଲ୍ମଟି ଆମ ଓଡ଼ିଶାର ଲୋକନୃତ୍ୟ ବୀର ନାଚ ବା ବାଘ ନାଚ ଉପରେ ପର୍ଯ୍ୟବେସିତ। ଗୋଟିଏ ଛୋଟିଆ ଗାଁ। ପାହାଡ଼ର ପାଦତଳେ, ବାରିପଟେ ଜଙ୍ଗଲ, ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ। ସେଇ ଗାଁର ଘନିଆ ଆଉ ତା'ର ୨୦ ବର୍ଷର ଝିଅ ଚିତ୍ରାର କାହାଣୀ। ଘନିଆ ବେଶ୍ ସୁନ୍ଦର ବାଘ ନାଚ କରେ। ତା'ର ଆଖ ପାଖ ଗାଁରେ ବହୁତ ନାଆଁ ଅଛି। ହେଲେ ଘନିଆର ସ୍ତ୍ରୀ ଚିତ୍ରାକୁ ଜନ୍ମଦେଇ ଆରପାରିକୁ ଚାଲିଯାଏ। ଯେହେତୁ ଏହା ଗୋଟିଏ ପୁରୁଷ ପ୍ରଧାନ ନାଚ, ତେଣୁ ଘନିଆର ଚିନ୍ତା ବଢ଼େ। ଚିତ୍ରା ବଡ଼ ହେବା ସହିତ ବାପା ଘନିଆର ମନକଥା ଶୁଣି ନିଜକୁ ତିଆରି କରେ ବାଘ ନାଚ କରିବା ପାଇଁ। ସମାଜ ଆଉ ପଞ୍ଚାୟତର ବାରଣ ସତ୍ତ୍ୱେ ଚିତ୍ରା ବାଘ ନାଚ କରେ ଓ ତାହା ସହିତ ତା'ର ଜଙ୍ଗଲ ପ୍ରତି ଥିବା ପ୍ରେମ ଏବଂ ଜଙ୍ଗଲ କିପରି ବଞ୍ଚିବ, ବାଘ କିପରି ବଞ୍ଚିବ ତା' ପ୍ରତି ଧ୍ୟାନ ଦିଏ। ଶେଷରେ ସେ କିପରି ଏହି ସୁନ୍ଦର ବାଘ ନାଚ, ଯାହାକି ଆମ ଓଡ଼ିଶାର ଗର୍ବ ଆଉ ଗୌରବ ଗାଥାକୁ କୁହେ ସେ ତାକୁ କିପରି ଆଗକୁ ନିଏ- ଏହାହିଁ ଏହି ଚିତ୍ରର କାହାଣୀ। ଚିତ୍ରଟି ୨୦୨୫ ଜାନୁୟାରୀରେ ମୁକ୍ତିଲାଭ କରିବାର ଯୋଜନା ଅଛି।




**-: ଅକ୍ସିଜେନ୍ :-**

ଏହି ଚିତ୍ରର ପ୍ରଯୋଜକ- ଶିବ ପ୍ରସାଦ ପଣ୍ଡା, ନିର୍ଦ୍ଦେଶନା ଦେଇଛନ୍ତି ପିନୁ ନାୟକ, ସଙ୍ଗୀତ- ଅଭିଜିତ୍ ମଜୁମଦାର। ବିଭିନ୍ନ ଭୂମିକାରେ ଅଛନ୍ତି ସମ୍ବିତ ଆଚାର୍ଯ୍ୟ, ତମନ୍ନା ବ୍ୟାସ, କବି ମିଶ୍ର, ନିଲେନ୍ଦୁ ଘୋଷ, ରଶ୍ମିରଞ୍ଜନ ପାଢ଼ୀ, ଶ୍ରାବଣୀ ପ୍ରମୁଖ।

ପରିବେଶ ସୁରକ୍ଷା ପାଇଁ ସଂଗ୍ରାମ। କାହାଣୀ ଅନୁଯାୟୀ ଜଣେ ଫରେଷ୍ଟ ଅଫିସ୍ର ବହୁତ କଷ୍ଟରେ ଜଙ୍ଗଲ ରକ୍ଷଣାବେକ୍ଷଣ କରନ୍ତି। ତାଙ୍କ ଝିଅ ଜଣେ ଆଇ.ଟି. ଇଞ୍ଜିନିୟର, ଯିଏକି ଜଣେ ପରିବେଶବିତ୍ ମଧ୍ୟ। କିଛି ଖଳ ଲୋକଙ୍କ କୁଚକ୍ରାନ୍ତ ଯୋଗୁ ଫରେଷ୍ଟ ଅଫିସ୍ରଙ୍କର ମୃତ୍ୟୁ ହୁଏ। ସମୟକ୍ରମେ ତାଙ୍କ ଉଚ୍ଚ ଶିକ୍ଷିତା ଝିଅ ନିଜ ବାପାଙ୍କର ଲକ୍ଷ୍ୟ ହାସଲ କରିବା ପାଇଁ ଏବଂ କିପରି ପ୍ରକୃତିକୁ ସଜାଡ଼ିବାକୁ ଚେଷ୍ଟା କରେ ଏହାହିଁ କାହାଣୀର ମୂଳ ବସ୍ତୁ। ସମ୍ପୂର୍ଣ୍ଣ ମନୋରଞ୍ଜନ ଭିତ୍ତିକ ନୂଆ ବିଷୟବସ୍ତୁକୁ ନେଇ ଫିଲ୍ମଟି ତିଆରି ହୋଇଛି। ଏଥିରେ ସମାଜକୁ ଖୁବ୍ ସୁନ୍ଦର ବାର୍ତ୍ତା ରହିଛି।




**-: ପ୍ରେମୀ ଆୱାରା :-**

ଏହି ଚିତ୍ରର ପ୍ରଯୋଜକ- ପ୍ରଭାତୀ ଆଚାର୍ଯ୍ୟ, ନିର୍ଦ୍ଦେଶନା ଦେଇଛନ୍ତି ଲୁବୁନ୍-ଟୁବୁନ୍, ସଙ୍ଗୀତ- ଅଭିଜିତ୍ ମଜୁମଦାର। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଓଁକାର, ଅଙ୍କିତା ଦାଶ, ଧୀର ମଲ୍ଲିକ, ପ୍ରଭାତୀ ସାହୁ, ରିସ୍ମି, କାଳିଆ, ସରୋଜ ଦାଶ, ରମେଶ ଦାସ, ବାବୁ ପ୍ରଧାନ, ନାରାୟଣ, ସୋନା, କୁମୁଦିନି, ଅକ୍ଷୟ ସାହୁ, ରବି ମିଶ୍ର, ବିଜୟ, ଶିଳା ପ୍ରମୁଖ।

କାହାଣୀର ନାୟକ ଇଶାନ ମଉଜମସ୍ତିରେ ଜୀବନ ବିତାଉଥିବାବେଳେ ପ୍ରେମକୁ ନେଇ ଆଦୌ ସିରିୟସ ନଥିଲା। କାହାଣୀର ନାୟିକା ଦିଶା ସମ୍ପୂର୍ଣ୍ଣ ବିପରୀତ। ତା'ର ସ୍ୱପ୍ନ ସେ ଜଣେ ଭଦ୍ର, ଚରିତ୍ରବାନ ଯୁବକକୁ ବିବାହ କରିବାକୁ ଚାହେଁ। ଦିନେ କଲେଜରେ ପ୍ରିନ୍ସିପାଲଙ୍କ ଝିଅ ସହିତ ଅପ୍ରୀତିକର ଅବସ୍ଥାରେ ଧରାପଡ଼େ ଇଶାନ। କଲେଜର ସବୁ ଝିଅମାନେ ଦାବି କରନ୍ତି ଇଶାନକୁ କଲେଜରୁ ବାହାର କରିଦେବାକୁ। ଦିଶା ଏକଥା ଜାଣେ ଓ ମନେ ମନେ ଇଶାନ ଉପରେ ବିରକ୍ତ ହୁଏ। ଏଭଳି ପରିସ୍ଥିତିରେ ଇଶାନର ସାନ ଭଉଣୀ ସହିତ ଦିଶାର ବଡ଼ ଭାଇ ସହିତ ବାହାଘର ସ୍ଥିର ହୁଏ। ଦିଶାକୁ ଇଶାନ୍ ସହିତ ମିଶି ବାହାଘରରେ ସବୁ କିଣାକିଣି କରିବାକୁ ଦୁଇ ପରିବାର ପଠାନ୍ତି। ଇଶାନର ଅନ୍ୟମାନଙ୍କ ପ୍ରତି ଥିବା ଦୟା ଭାବନାକୁ ଦେଖି ଦିଶା ଇଶାନ ପ୍ରତି ଆକୃଷ୍ଟ ହୁଏ। ଦିଶା ଇଶାନକୁ ତା' ସହିତ ଗୋଟିଏ ମାସ କଟେଇବାକୁ ଅନୁରୋଧ କରେ। ଇଶାନ ମଧ୍ୟ ତା' ସହିତ ଗୋଟିଏ ମାସ ବିତାଏ। ଘଟଣାକ୍ରମେ ଦିଶା ଦୂର ସହରକୁ ଚାଲିଯାଏ। ଗୋଟିଏ ମାସ ଭିତରେ ଇଶାନ ଦିଶା ପ୍ରେମରେ ପଡ଼ିଯାଇଥାଏ। ଦିଶାକୁ ଖୋଜି ଖୋଜି ଇଶାନ୍ ଦିଶା ପାଖରେ ପହଞ୍ଚେ ଓ ନିଜ ପ୍ରେମକୁ ପ୍ରମାଣିତ କରେ।

*ସୌଜନ୍ୟ:- "ଚଳଚ୍ଚିତ୍ର ଜଗତ"*

**ଖେଳ ଓ ଖେଳାଳୀ**




# ଚାଂପିୟାନ୍ସ ଟ୍ରଫି - ୨୦୨୫

ଆଇ.ସି.ସି. ଆୟୋଜନ କରୁଥିବା ଚାଂପିୟାନସ ଟ୍ରଫି ୨୦୦୯ ଠାରୁ ପ୍ରତ୍ୟେକ ଚାରିବର୍ଷରେ ଥରେ ଖେଳାଯାଉଥିବା ଗୋଟିଏ ପ୍ରତିଯୋଗିତା। ପୂର୍ବରୁ ଏହା ପ୍ରତ୍ୟେକ ଦୁଇବର୍ଷରେ ଖେଳାଯାଉଥିଲା ଏବଂ ଗୋଟିଏ ଥର ୩ ବର୍ଷପରେ ଖେଳାଯାଇଥିଲା। ୨୦୦୭ ପରେ ଆଠବର୍ଷ ଅନ୍ତରରେ ଏହି ପ୍ରତିଯୋଗିତା ହେଉଛି। ପ୍ରଥମ ଚାଂପିୟାନ ଟ୍ରଫି ଆୟୋଜିତ ହୋଇଥିଲା ଜୁନ୍ ୧୯୯୮ ରେ ଯେତେବେଳେ କି ବିଗତ ୨୩ ବର୍ଷ ମଧ୍ୟରେ ବିଶ୍ୱକପର ଛଅଟି ସଂସ୍କରଣ ଅନୁଷ୍ଠିତ ହୋଇସାରିଥିଲା। ଚାଂପିୟାନ୍ସ ଟ୍ରଫିର ପ୍ରଥମ ଦୁଇଟି ସଂସ୍କରଣ ଆଇ.ସି.ସି. ର ସହଯୋଗୀ ଦେଶମାନଙ୍କରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଖେଳାଯାଇଥିବା ଟ୍ରଫିର ଯୋଗ୍ୟତା ପର୍ଯ୍ୟାୟ ରୂପେ ଗତ ବିଶ୍ୱକପର ପ୍ରଦର୍ଶନକୁ ବିଚାରକୁ ନିଆଯାଇଛି। ବିଶ୍ୱକପର ଶ୍ରେଷ୍ଠ ଆଠଟି ଦଳ ସମେତ ଯେଉଁ ଦେଶରେ ଟ୍ରଫି ଅନୁଷ୍ଠିତ ହେଉଛି ସେଇ ଦେଶର ଦଳ ମଧ୍ୟ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ଯୋଗ୍ୟତା ଅର୍ଜନ କରିଛି। ବିଗତ ଆଠଟି ସଂସ୍କରଣରେ ସମୁଦାୟ ତେରଟି ଦେଶ ଅଂଶ ନେଇଥିଲାବେଳେ ୨୦୧୭ ରେ ଆଠଟି ଦେଶର ଦଳ ଅଂଶଗ୍ରହଣ କରିଥିଲେ। ଅଷ୍ଟ୍ରେଲିଆ ଓ ଭାରତ ଦୁଇଥର ଲେଖାଏଁ ଏଇ ଟ୍ରଫି ଜିତିଥିଲା ବେଳେ ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା, ଇଣ୍ଡିଜ ଓ ପାକିସ୍ତାନ ପ୍ରତ୍ୟେକ ଥରେ ଲେଖାଏଁ ଏଇ ପ୍ରତିଯୋଗିତାରେ ବିଜୟୀ ହୋଇଛନ୍ତି। ଶ୍ରୀଲଙ୍କା ଓ ଭାରତ ଗୋଟିଏ ବର୍ଷ ଯୁଗ୍ମ ବିଜୟୀ ହୋଇଥିଲେ। ଇଂଲଣ୍ଡ ହେଲା ଏକମାତ୍ର ପ୍ରତିଷ୍ଠିତ ବିଶ୍ୱକପ୍ ବିଜୟୀ ଦଳ ଯେକି କେବେହେଲେ ଏହି ଟ୍ରଫି ଜିତିନାହିଁ।

| ବର୍ଷ | ଅନୁଷ୍ଠିତ ହେଉଥିବା ଦେଶ | ବିଜେତା | ଉପବିଜେତା | ବିଜୟ ବ୍ୟବଧାନ |
|---|---|---|---|---|
| ୧୯୯୮ | ବାଂଲାଦେଶ | ଦକ୍ଷିଣ ଆଫ୍ରିକା | ଇଣ୍ଡିଜ | ୪ ଉଇକେଟ୍ |
| ୨୦୦୦ | କେନିଆ | ନ୍ୟୁଜିଲାଣ୍ଡ | ଭାରତ | ୪ ଉଇକେଟ୍ |
| ୨୦୦୨ | ଶ୍ରୀଲଙ୍କା | ଭାରତ ଓ ଶ୍ରୀଲଙ୍କା ଯୁଗ୍ମ ବିଜେ | | |
| ୨୦୦୪ | ଭାରତ | ଅଷ୍ଟ୍ରେଲିଆ | ଇଂଲଣ୍ଡ | ୨ ଉଇକେଟ୍ |
| ୨୦୦୬ | ଭାରତ | ଅଷ୍ଟ୍ରେଲିଆ | ଭାରତ | ୮ ଉଇକେଟ୍ |
| ୨୦୦୯ | ଦକ୍ଷିଣ ଆଫ୍ରିକା | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ | ୬ ଉଇକେଟ୍ |
| ୨୦୧୩ | ଇଂଲଣ୍ଡ | ଭାରତ | ଇଂଲଣ୍ଡ | ୫ ରନ୍ |
| ୨୦୧୭ | ଇଂଲଣ୍ଡ | ପାକିସ୍ତାନ | ଭାରତ | ୧୮୦ ରନ୍ |

## ବିଭିନ୍ନ ଅଂଶଗ୍ରହଣକାରୀ ଦଳର ଖେଳାଳୀ ତାଲିକା

**ଭାରତ:** ବ୍ୟାଟର - ରୋହିତ ଶର୍ମା, ଶୁବମନ ଗିଲ, ଜୟସଓ୍ୱାଲ, ବିରାଟ କୋହଲୀ, ଶ୍ରେୟସ ଆୟାର
ଅଲରାଉଣ୍ଡର - ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଦେଜା, ଅକ୍ଷର ପଟେଲ, ଓ୍ୱାସିଂଟନ ସୁନ୍ଦର
ବୋଲର - କୁଲଦୀପ ଯାଦବ, ମହମ୍ମଦ, ସାମ୍ମି, ଅର୍ଶଦୀପ ସିଂହ, ବୁମ୍‌ରା
ଉଇକେଟ୍ ରକ୍ଷକ - କେ, ଏଲ୍. ରାହୁଲ, ରିଷଭ ପନ୍ଥ

**ଦକ୍ଷିଣ ଆଫ୍ରିକା:**
ବ୍ୟାଟର - ତେମ୍ବା ବେଭୁମା, ମାର୍କରାମ, ଡି. ଜର୍ଜି, ଭାନ୍ ଡାର ହୁସେନ, ମିଲର
ଅଲରାଉଣ୍ଡର - ମାର୍କୋ ଜାନସେନ, ମୁଲଡର
ଉଇକେଟ୍ ରକ୍ଷକ - ରିକେଲଟନ, କ୍ଲାସେନ, ଷ୍ଟବ୍‌ସ
ବୋଲର - ରାବାଡ଼ା, କେଶବ ମହାରାଜ, ସାମ୍‌ସି, ଲୁଙ୍ଗି ନିଗିଡ଼ି

**ଅଷ୍ଟ୍ରେଲିଆ:**
ବ୍ୟାଟର - ଟ୍ରାଭିସ ହେଡ୍, ଲାବୁସେନ, ସ୍ମିଥ, ମାଥ୍ୟୁ ସର୍ଟ
ଉଇକେଟ୍ ରକ୍ଷକ - ଆଲାନ୍ ହାର୍ଡି, ମିଚେଲ ମାର୍ଶ, ମାକ୍ସୱେଲ, ଷ୍ଟୋଇନିସ

| | | |
|---|---|---|
| ବୋଲର | - | କମିନ୍ସ, ଏଲିସ, ହେଜଲଉଡ଼, ଷ୍ଟାର୍କ |
| ଉଇକେଟ୍ ରକ୍ଷକ | - | ଆଲେକ୍ସ କ୍ୟାରି, ଜୋସ ଇଂଗଲିସ |

**ଇଂଲଣ୍ଡ:**

| | | |
|---|---|---|
| ବ୍ୟାଟର | - | ହ୍ୟାରି ବ୍ରୁକ୍, ଡକେଟ୍, ରୁଟ୍ |
| ଅଲରାଉଣ୍ଡର | - | ବେଥେଲ, ଲିଭିଂଷ୍ଟୋନ |
| ବୋଲର | - | ବ୍ରାଇଡନ୍, କାର୍ସ, ଓଉର୍ଟନ, ଆଟକିନ୍ସନ, ଆର୍‌ଚର, ଆଡଲେ ରସିଦ, ସାକିବ୍ ମାମୁଦ୍, ମାର୍କ ଉଡ୍ |
| ଉଇକେଟ୍ ରକ୍ଷକ | - | ଜେମି ସ୍ମିଥ, ବଟଲର, ଫିଲିପ ସଲ୍ଟ |

**ନ୍ୟୁଜିଲାଣ୍ଡ:**

| | | |
|---|---|---|
| ବ୍ୟାଟର | - | ଚ୍ୟପମ୍ୟାନ, ଉଇଲିୟମସନ୍, ୟାଙ୍ଗ |
| ଅଲରାଉଣ୍ଡର | - | ମିଚେଲ, ରବୀନ୍ଦ୍ରା, ବ୍ରେସୱେଲ, ଫିଲିପ୍ସ, ମାମୁନର, ସ୍ମିଥ |
| ବୋଲର | - | ଓରୁର୍‌କେ, ଫର୍ଗୁସନ, ବେନ ସିଅର୍ସ |
| ଉଇକେଟ୍ ରକ୍ଷକ | - | କନ୍‌ୱେ, ଲାଥାମ୍ |

**ବାଂଲାଦେଶ:**

| | | |
|---|---|---|
| ବ୍ୟାଟର | - | ନଜମୁଲ ସାଣ୍ଟୋ, ପରଭେଜ ହୋସେନ ଏମନ୍, ତାନଜିନ୍ ହାସାନ, ତାହ୍ୱିଜ ହୃଦୟ |
| ଅଲରାଉଣ୍ଡର | - | ମହମ୍ମଦୁଲ୍ଲା, ମିରାଜ, ନସୁଣ ଅହମ୍ମଦ, ରିସାନ ହୋସେନ, ସୌମ୍ୟ ସରକାର, ତାନଜିମ ହାସାଦ ସାକିବ |
| ବୋଲର | - | ମୁସ୍ତାଫିଜୁର ରହମନ, ନାହିଦ୍ ରାନା, ଟାସ୍କିନ ଅହମ୍ମଦ |
| ଉଇକେଟ୍ ରକ୍ଷକ | - | ଜାକେର ଅଲ୍ଲୀ, ମୁସଫିକର ରହିମ |

ସମୁଦାୟ ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଲିଗ୍ ପର୍ଯ୍ୟାୟରୁ ପ୍ରତ୍ୟେକ ଗ୍ରୁପ୍‌ରୁ ଦୁଇଜଣ ଲେଖାଏଁ ସର୍ବାଧିକ ପଏଣ୍ଟ ପାଇଥିବା ଦଳ ସେମି ଫାଇନାଲ ଖେଳିବେ।

**ଗ୍ରୁପ୍ - ଏ**

**(ଭାରତ, ବାଂଲାଦେଶ, ନ୍ୟୁଜିଲାଣ୍ଡ, ପାକିସ୍ତାନ)**

| | | |
|---|---|---|
| ୧୯ ଫେବୃୟାରୀ | - | ପାକିସ୍ତାନ - ନ୍ୟୁଜିଲାଣ୍ଡ |
| ୨୦ ଫେବୃୟାରୀ | - | ବାଂଲାଦେଶ - ଭାରତ |
| ୨୧ ଫେବୃୟାରୀ | - | ଆଫଗାନିସ୍ତାନ - ଦ. ଆଫ୍ରିକା |
| ୨୨ ଫେବୃୟାରୀ | - | ଅଷ୍ଟ୍ରେଲିଆ - ଇଂଲଣ୍ଡ |
| ୨୩ ଫେବୃୟାରୀ | - | ଭାରତ - ପାକିସ୍ତାନ |
| ୨୪ ଫେବୃୟାରୀ | - | ବାଂଲାଦେଶ - ନ୍ୟୁଜିଲାଣ୍ଡ |
| ୨୫ ଫେବୃୟାରୀ | - | ଅଷ୍ଟ୍ରେଲିଆ - ଦ. ଆଫ୍ରିକା |
| ୨୬ ଫେବୃୟାରୀ | - | ଆଫଗାନିସ୍ତାନ - ଇଂଲଣ୍ଡ |
| ୨୭ ଫେବୃୟାରୀ | - | ପାକିସ୍ତାନ - ବାଂଲାଦେଶ |

**ଗ୍ରୁପ୍ - ବି**

**(ଅଷ୍ଟ୍ରେଲିଆ, ଇଂଲଣ୍ଡ, ଦ. ଆଫ୍ରିକା, ଆଫଗାନିସ୍ତାନ)**

| | | |
|---|---|---|
| ୨୮ ଫେବୃୟାରୀ | - | ଆଫଗାନିସ୍ତାନ - ଅଷ୍ଟ୍ରେଲିଆ |
| ୦୧ ମାର୍ଚ୍ଚ | - | ଇଂଲଣ୍ଡ - ଦ. ଆଫ୍ରିକା |
| ୦୨ ମାର୍ଚ୍ଚ | - | ଭାରତ - ନ୍ୟୁଜିଲାଣ୍ଡ |
| ୦୪ ମାର୍ଚ୍ଚ | - | ପ୍ରଥମ ସେମି ଫାଇନାଲ<br>'ଏ' ଗ୍ରୁପ୍ ଶ୍ରେଷ୍ଠ ଦଳ ବନାମ<br>'ବି' ଗ୍ରୁପ୍ ଦ୍ୱିତୀୟ ଶ୍ରେଷ୍ଠ ଦଳ |
| ୦୫ ମାର୍ଚ୍ଚ | - | ଦ୍ୱିତୀୟ ସେମି ଫାଇନାଲ<br>'ବି' ଗ୍ରୁପ୍‌ର ଶ୍ରେଷ୍ଠ ଦଳ ବନାମ<br>'ଏ' ଗ୍ରୁପ୍‌ର ଦ୍ୱିତୀୟ ଶ୍ରେଷ୍ଠ ଦଳ |
| **୦୯ ମାର୍ଚ୍ଚ** | **-** | **ଫାଇନାଲ** |

ଏହି ଆଠଟି ଦଳ ପାକିସ୍ତାନ ଓ ଦୁବାଇରେ ବିଭିନ୍ନ ମ୍ୟାଚ୍ ଖେଳିବେ। ଭାରତ ଖେଳୁଥିବା ସମସ୍ତ ମ୍ୟାଚ୍ ଦୁବାଇରେ ହିଁ ଅନୁଷ୍ଠିତ ହେବ। ପ୍ରତ୍ୟେକ ମ୍ୟାଚ ଦିବା ରାତ୍ରି ମ୍ୟାଚ ହେବ ଏବଂ ମ୍ୟାଚ ଭାରତୀୟ ସମୟ ଦିନ ୨.୩୦ ରେ ଆରମ୍ଭ ହେବ।

ଏବେ ଆସିବା ଏହି କପ୍‌ରେ ଦଳମାନଙ୍କର ସମ୍ଭାବନାର ଚର୍ଚ୍ଚାକୁ। ଗ୍ରୁପ୍ 'ଏ' ରୁ ସେମି ଫାଇନାଲକୁ ଉନ୍ନୀତ ହେବାକୁ ଆଶା କରାଯାଉଥିବା ଦଳ ଦୁଇଟି ହେଲା ଭାରତ ଓ ନ୍ୟୁଜିଲାଣ୍ଡ। କିନ୍ତୁ ବାଂଲାଦେଶ କିଛି ବିପର୍ଯ୍ୟୟ ଘଟାଇଲେ ପାକିସ୍ତାନର ସମ୍ଭାବନାକୁ ଏଡ଼ାଇହେବ ନାହିଁ। ଠିକ୍ ସେଇଭଳି ଗ୍ରୁପ୍ 'ବି' ରୁ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଶ୍ରେଷ୍ଠ ଦୁଇଦଳ ଭାବରେ ସେମି ଫାଇନାଲକୁ ଉନ୍ନୀତ ହେବାର ସମ୍ଭାବନା। କିନ୍ତୁ ଆଫଗାନିସ୍ତାନର ବିପର୍ଯ୍ୟୟ ଘଟାଇବା ଉପରେ ଇଂଲଣ୍ଡର ଶେଷ ମୁହୂର୍ତ୍ତରେ ଉନ୍ନୀତ ହେବା ଆଶା କରାଯାଇପାରେ। ତେବେ ଅଷ୍ଟ୍ରେଲିଆ କିମ୍ବା ଦକ୍ଷିଣ ଆଫ୍ରିକା ଫାଇନାଲକୁ ଯିବାର ଉଜ୍ଜ୍ୱଳ ଆଶା ଥିଲାବେଳେ ରୋହିତ ଏବଂ ବିରାଟ ଠିକଣା ଫର୍ମରେ ରହିଲେ ଭାରତ ମଧ୍ୟ ଫାଇନାଲକୁ ଯାଇପାରେ।

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ


## (ତା: ୧୫/୦୨/୨୦୨୫ ରୁ ତା: ୧୪/୦୩/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ




**ମେଷ:-** ମାସଟି ଆପଣଙ୍କ ନିମିତ୍ତ ଶୁଭଫଳର ବାର୍ତ୍ତା ପ୍ରେରଣ କରିବ। ପୂର୍ବର ଅନେକ ସମସ୍ୟା ଦୂରହେବା ଯୋଗେ ଜୀବନ ଯାପନ ଓ ଦିନଚର୍ଯ୍ୟା ସହଜ ସରଳ ହେବ। କର୍ମ ସଂପାଦନରେ ଅଗ୍ରଣୀ ହେବେ। ବକେୟା କର୍ମର ସୁ ସମାଧାନ ଓ ପୂର୍ଣ୍ଣତା ଦେବାରେ ସମର୍ଥ ହେବେ। କେତେକ ସୁବିଧା ସୁଯୋଗ ସହଜ ଉପଲବ୍ଧ ହେବା ଯୋଗେ ମନରେ ଆନନ୍ଦ ଓ ଉତ୍ସାହ ଭରିପାରେ। ଲକ୍ଷ୍ୟପ୍ରାପ୍ତି ଅସମ୍ଭବ ହେବନାହିଁ। ସରକାରୀ ସ୍ତରରୁ ଉପକୃତ ହେବାର ସମ୍ଭାବନା ଅଧିକ। ସୁଖ ଭ୍ରମଣ ସାଙ୍ଗକୁ ସୌଖୀନ ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ବଚନ କୁଶଳତା ଓ ସେବା ପରାୟଣତା ଯୋଗେ ଯଶ ମାନର ଉପଭୋକ୍ତା ହେବେ। ବିବାଦୀୟ ପରିବେଶରେ ଆତ୍ମ ସମ୍ମାନ ବୃଦ୍ଧି ପାଇବ। ସାମାଜିକ ସ୍ତରରେ ବଢ଼ତି ରହିବ। ଆର୍ଥିକ ଦିଗ ହୀନବଳ ହେବନାହିଁ। ବେପାର ବାଣିଜ୍ୟରେ ଦୂରଦୃଷ୍ଟି ସଂପନ୍ନ ହେବା ଯୋଗେ କାରବାର ପ୍ରସାରିତ ହୋଇପାରେ। କିଛି ସମସ୍ୟା ଉପଗତ ହେଲେବି ତାହାର ଆଶୁ ସମାଧାନ ନିମନ୍ତେ ଉପାୟ ମିଳିଯିବ। ଶତ୍ରୁମାନେ ଆତ୍ମ ସମର୍ପଣ କରିପାରନ୍ତି। ସାମାନ୍ୟ ଥଣ୍ଡାରୋଗ ସାଙ୍ଗକୁ ପେଟବ୍ୟଥା ସାମାନ୍ୟ ଯନ୍ତ୍ରଣା ଭୋଗିପାରନ୍ତି। ପାରିବାରିକ ଜୀବନରେ ଅଶାନ୍ତି ଘଟିବାର ନାହିଁ। ମହିଳାମାନେ ମାସଟିରେ ଆମୋଦ ପ୍ରମୋଦରେ ସମୟ ବିତାଇବାର ସୁ ଅବସର ପାଇବେ? ପରିବାରରେ ମୁଖ୍ୟ ଭୂମିକା ନିର୍ବାହ କରିବେ। ଅବିବାହିତ ମାନଙ୍କ ନିମିତ୍ତ ମାଙ୍ଗଳିକ କାର୍ଯ୍ୟର ସୁଯୋଗ ମିଳିବ। ବିଦ୍ୟାର୍ଥୀମାନେ ଯୋଗୀ ଅପେକ୍ଷା ଭୋଗୀ ହେବେ।

ଅଶୁଭ ଦିବସ:- ୨୩, ୨୪, ୧, ୨, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୦, ୨୧, ୨୨ ଘାତଚନ୍ଦ୍ର:- ୩, ୪, ୫ ବାକିଦିନ ଶୁଭ।



**ବୃଷ:-** ମାସଟିରେ ଆପଣଙ୍କୁ ଶୁଭାଶୁଭ ମିଶ୍ରିତ ଫଳ ମିଳିଲେବି ପୂର୍ବ ତୁଳନାରେ ଶୁଭଫଳର ପରିମାଣ ଆଖିଦୃଶିଆ ହେବ। ଦୌଡ଼ଧୂପ ଓ ପରିଶ୍ରମ ଜନିତ କ୍ଲାନ୍ତି ଲାଗି ରହିଲେବି ଅସଂପୂର୍ଣ୍ଣ କାର୍ଯ୍ୟର ପୂର୍ଣ୍ଣତା ଓ ଅବଶୋଷର ପୂର୍ତ୍ତି ଘଟିବା ଯୋଗେ ମତରେ ବିବାଦ ଦେଖାଦେବ ନାହିଁ। ସରକାରୀ କଳରୁ କାଳକ୍ଷେପଣ ନୀତିଯୋଗେ ମଝିରେ ମଝିରେ ଅସନ୍ତୋଷ ଜାତ ହୋଇପାରେ ମାତ୍ର କାର୍ଯ୍ୟ ଅସଫଳ ହେବାର ନାହିଁ। ବିବାଦୀୟ କ୍ଷେତ୍ରରେ ଯଥେଷ୍ଟ ଧୈର୍ଯ୍ୟ ଓ ମନୋବଳ ଯୋଗେ କାର୍ଯ୍ୟ ହାସଲ କରିବସିବେ। ବେପାର ବାଣିଜ୍ୟରେ ମନକଷ୍ଟ ହେବାଭଳି ପରିସ୍ଥିତି ଉପୁଜିବ ନାହିଁ। ସାମାଜିକ ସ୍ତରରେ ଆତ୍ମ ସନ୍ତୋଷତା ଜାତ ହେବାଭଳି ପରିବେଶ ଉପସ୍ଥିତ ହେବ। ବନ୍ଧୁବାନ୍ଧବରେ ସାମୟିକ ଭୁଲ ବୁଝାମଣା ଭଳି ପରିବେଶ ଉପୁଜିଲେବି ତାହା ଦୀର୍ଘସ୍ଥାୟୀ ହେବନାହିଁ। ଆର୍ଥିକ ଦିଗ ସନ୍ତାପିତ କରିବ ନାହିଁ। ଉତ୍ତମ ପୋଷାକ ଓ ପରିଧାନ କ୍ରୟ କରିବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବେ। ବନ୍ଧୁବାନ୍ଧବ ମାନଙ୍କ ନିମିତ୍ତ ଖର୍ଚ୍ଚ ବୃଦ୍ଧିପାଇବ। ଥଣ୍ଡା କାଶ ଓ ଶର୍ଦ୍ଦି ରୋଗରେ ଆକ୍ରାନ୍ତ ହେବେ। ମନର କଥା ମନରେ ମାରିବାକୁ ପଡ଼ିବ। ଖାଦ୍ୟପେୟରେ ସଂଯମତା ଆବଶ୍ୟକ। ପାରିବାରିକ ସ୍ତରରେ ସମସ୍ତଙ୍କ ସହ ମନ ମିଳାଇ ଚଳିବେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ସାଜିବ। ମହିଳାମାନେ କର୍ତ୍ତବ୍ୟ ସଂପାଦନରେ ପଛେଇ ଯିବେ ନାହିଁ। ଧର୍ମ ଧାରଣ ଓ ଦାୟିତ୍ୱ ନିର୍ବାହରେ ନିପୁଣା ହେବେ। ଶରୀର ସଜ୍ଜା ପ୍ରତି ଆଗ୍ରହ ବଢ଼ିବ। ବିଦ୍ୟାର୍ଥୀମାନେ ପରିଶ୍ରମରୁ ସନ୍ତୋଷ ପାଇବେ।

ଅଶୁଭ ଦିବସ:- ୨୫, ୨୬, ୩, ୪, ୫, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୩, ୨୪ ଘାତଚନ୍ଦ୍ର:- ୧୫, ୧୬, ୧୭ ବାକିଦିନ ଶୁଭ।



**ମିଥୁନ:-** ଶୁଭାଶୁଭ ମିଶ୍ରିତଫଳ ପ୍ରଦାନ କରି ଆପଣଙ୍କ ନିମିତ୍ତ ମାସଟି ଅତିବାହିତ ହେବ। କର୍ମସ୍ଥଳୀର ଗତି ଆଶାଜନକ ଭାବେ ଅଗ୍ରଗତି ନ କଲେବି ପଛେଇଯିବେ ନାହିଁ। ଉଦ୍‌ଯୋଗ ଓ ଚେଷ୍ଟା ଚରିତ୍ର ଯୋଗେ ଉନ୍ନତିର ସୋପାନରେ ପାଦ ଥାପିବେ। ଦୈବୀକୃପା ତଥା ଆତ୍ମବଳ ସହାୟତାରେ ସମସ୍ୟାର ଘନତ୍ୱ ସାଧାରଣରେ ପରିଣତ ହେବ। ସରକାରୀ କଳ ସାମାନ୍ୟ


ବିଳମ୍ବରେ ହେଉପଛେ ସପକ୍ଷରେ ଯିବାର ସମ୍ଭାବନା ଅଧିକ। ଆତ୍ମୀୟମାନେ ଅଶାନ୍ତିର କାରଣ ହୋଇପାରନ୍ତି। ଶତ୍ରୁମାନଙ୍କର ପ୍ରାବଲ୍ୟ ଲାଘବ ହେବାର ସୂଚନା ମିଳୁଛି। ବିବାଦୀୟ କ୍ଷେତ୍ରରେ କୌଶଳ ପ୍ରୟୋଗ କରି ଉଦ୍ଧାର ପାଇବେ। ସାମାଜିକ ସ୍ତର ବିଡ଼ମ୍ବିତ ହେବନାହିଁ। ବେପାର ବାଣିଜ୍ୟର ଧାରା ପୂର୍ବ ତୁଳନାରେ ସାମାନ୍ୟ ଧିମେଇ ଯାଇପାରେ। ସଞ୍ଚିତ ଅର୍ଥ ସତ୍‌ପଥରେ ବ୍ୟୟିତ ହେବ। ଆନୁଷ୍ଠାନିକ କାର୍ଯ୍ୟରେ କୁଶଳତା ପ୍ରଦର୍ଶନ କରିବେ। ଆର୍ଥିକ ଦିଗ ମଧ୍ୟମ ଧରଣର ରହିବ। ଭ୍ରମଣରୁ ଶାନ୍ତି ପାଇବେ। କୃଷି କାର୍ଯ୍ୟରୁ ଲାଭ ପାଇବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବାର ଅଛି। ଦାନଧର୍ମ ପ୍ରତି ରୁଚି ବଢ଼ିବ। ମୁଣ୍ଡବିନ୍ଧା ସାଙ୍ଗକୁ ଗଣ୍ଠିବାତ ଦେଖାଦେବ। ପାରିବାରିକ ଶାନ୍ତି ଭଙ୍ଗ ହେବନାହିଁ। ମହିଳାମାନେ ଶୁଭ କାର୍ଯ୍ୟର ଆଶା ମନରେ ପୋଷଣ କରିବେ। ନେତୃତ୍ୱ ଗ୍ରହଣ କରିପାରନ୍ତି। ବସ୍ତ୍ରଭୂଷଣ ପ୍ରାପ୍ତିଯୋଗ ଅଛି। ଛୁଆ ପିଲା ତଥା ପରିବାରର ଉନ୍ନତିରେ ଚେଷ୍ଟିତ ହେବେ। ବିଦ୍ୟାର୍ଥୀମାନେ ଉତ୍ତମ ପରାମର୍ଶ ଗ୍ରହଣ କରି ମାର୍ଗୀ ହେବେ।

ଅଶୁଭ ଦିବସ:- ୧୮, ୧୯, ୬, ୭ ଅଷ୍ଟମଚନ୍ଦ୍ର:- ୨୫, ୨୬ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**କର୍କଟ:-** ମାସଟିରେ ଆପଣ ଶୁଭାଶୁଭ ମିଶ୍ରିତ ଫଳ ପ୍ରାପ୍ତ ହେବେ। କ୍ଳାନ୍ତି ଓ ଅବସନ୍ନତାର ଶିକାର ହେବାଫଳରେ କର୍ମର ଗତି ମାନ୍ଦା ଅବସ୍ଥା ଧାରଣ କରିବ। କର୍ମାନୁସାରି ଫଳଭୋଗ ଅବଧାରିତ ଯୋଗେ ନିଜର କର୍ମ ଓ ଚିନ୍ତନକୁ ଉତ୍ତମ କରିପାରିଲେ ବିଡ଼ମ୍ବିତ ହେବାର ଆଶଙ୍କା ଅପସରି ଯିବ। ଧର୍ମ ଧାରଣ ଓ ଐଶୀ କୃପା ଦ୍ୱାରା କର୍ମପଥ କେତେକ ସମସ୍ୟାରୁ ଛନ୍ଦିହେବାରୁ ଉଦ୍ଧାର ମିଳିବ। ଉପରିସ୍ଥ ମାନଙ୍କ ପ୍ରେରଣା ଲାଭକରି ମନର ଅବଶୋଷ ଦୂର କରିବେ। ସାମାଜିକ ମୂଲ୍ୟବୋଧ ଅବକ୍ଷୟ ଘଟିବାର ଧାରା ଗତାନୁଗତିକତା ରକ୍ଷା କରିବ। ପ୍ରାୟ ଅଧିକାଂଶ କ୍ଷେତ୍ରରେ ବୁଝାମଣାର ଆବଶ୍ୟକତା ଅଛି। ଲୋକ ସମ୍ପର୍କ ଦ୍ୱାରା ଉତ୍ତମ ପରାମର୍ଶ ଓ ସୁପଥ ପାଇପାରନ୍ତି। ଆର୍ଥିକ ଦିଗ ଦୁର୍ବଳ ହେବାର ଆଶଙ୍କା ଅଛି। ବିବାଦୀୟ କ୍ଷେତ୍ରରେ ହାରିଯିବାର ଭୟ ନାହିଁ। ଦେବଦର୍ଶନ ଓ ସାଧୁସନ୍ଥ ସଙ୍ଗଦ୍ୱାରା ଶାନ୍ତି ପାଇବେ। ମାଙ୍ଗଳିକ କର୍ମରେ ଯୋଗଦାନ କରିବେ। ଆଚର ବ୍ୟବହାର ପରିବର୍ତ୍ତନ କରି ଶାନ୍ତି ସନ୍ତୋଷ ଲାଭ ଯୋଗ ଅଛି। ପେଟ ଗୋଳମାଳ ସାଙ୍ଗକୁ ଶାରୀରିକ ଯନ୍ତ୍ରଣା ଅନୁଭୂତ ହେବ। ପାରିବାରିକ ଜୀବନରେ ଖଟ୍‌କା ଉପୁଜିବ ନାହିଁ। ମହିଳାମାନେ ଜଂଜାଳ ମଧ୍ୟେ ବୁଡିରହି ମାନସିକ ସନ୍ତୁଳନ ହରାଇ ପାରନ୍ତି। କର୍ତ୍ତବ୍ୟରେ ହେଳା ହେବନାହିଁ। ବିଦ୍ୟାର୍ଥୀମାନେ କଷ୍ଟକର ପରିବେଶରେ ଗତିକରି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ।

ଅଶୁଭ ଦିବସ:- ୨୦, ୨୧,୨. ୮, ୯ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୧୨, ୧୩, ୧୪ ବାକିଦିନ ଶୁଭ।



**ସିଂହ:-** ପୂର୍ବ ତୁଳନାରେ ଚଳିତ ମାସଟି ଆପଣଙ୍କ ନିମିତ୍ତ ଶୁଭପ୍ରଦ ହେବାର ସୂଚନା ମିଳୁଛି। ବକେୟା କାର୍ଯ୍ୟର ସମାଧାନ ଦ୍ୱରାନ୍ୱିତ ହେବାଫଳରେ ମନରେ ନୂତନ ଆଶାର ସଞ୍ଚାର ହେବ। କର୍ମପଥର ଗତି ଦ୍ରୁତ ଓ ନିର୍ଭୁଲ ହେବ। ନିନ୍ଦୁକମାନେ ବିଦ୍ରୋହାତ୍ମକ ପନ୍ଥା ଅବଲମ୍ବନ କରି ଅସଫଳ ହେବେ। ସରକାରୀ କଳ ଆପଣଙ୍କ ସପକ୍ଷରେ ଯିବାଯୋଗେ କାର୍ଯ୍ୟ ସାଧନ ସହଜ ସରଳ ହେବ। ମାସର ପ୍ରଥମାର୍ଦ୍ଧ ଅପେକ୍ଷା ଦ୍ୱିତୀୟାର୍ଦ୍ଧରେ ଉପକୃତ ହେବେ। ଗଠନ ମୂଳକ କାର୍ଯ୍ୟରେ ଉତ୍ସାହ ବର୍ଦ୍ଧିତ ହେବ। ସାଙ୍ଗଠନିକ କାର୍ଯ୍ୟରେ ପ୍ରମୁଖ ଭୂମିକା ନିର୍ବାହ କରିବେ। ସାମାଜିକ କ୍ଷେତ୍ରରେ ଆଦୃତି ବୃଦ୍ଧି ପାଇବ। ବେପାର ବାଣିଜ୍ୟରେ ପଛେଇଯିବାର ଆଶଙ୍କା ନାହିଁ। ଭ୍ରମଣରୁ ଶାନ୍ତି ପାଇବେ। ଜୀବନଚର୍ଯ୍ୟାର ମାନବୃଦ୍ଧି ଘଟିବ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ସେବା ମନୋବୃତ୍ତି ଯୋଗେ ବହୁଜନଙ୍କର ଶୁଭେଚ୍ଛା ପ୍ରାପ୍ତ ହେବେ। ମନର ଅବଶୋଷ ମେଣ୍ଟିବାର ସମୟ। ଆର୍ଥୀକ ଦିଗ କାର୍ଯ୍ୟ ସାଧନରେ ଅନ୍ତରାୟ ସୃଷ୍ଟି କରିବ ନାହିଁ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ବନ୍ଧୁବାନ୍ଧବମାନେ ବୋଝ ସାଜିପାରନ୍ତି। ଆପଣାର ମାନେ ଈର୍ଷା କରିବେ। ମୁଣ୍ଡବ୍ୟଥା ସାଙ୍ଗକୁ ଚକ୍ଷୁପୀଡ଼ା ଦେଖାଦେବ। ପାରିବାରିକ ଅଶାନ୍ତି କ୍ରମଶଃ ଦୂରେଇଯିବ। ମହିଳାମାନେ ଉତ୍ସବର କର୍ମରେ ଛାମୁଆ ହେବେ। ବସ୍ତ୍ର ଆଭୂଷଣ ପ୍ରାପ୍ତି ଯୋଗଅଛି। ପରିବାରରେ ଓ ସମାଜରେ ପ୍ରାଧାନ୍ୟ ବୃଦ୍ଧି ଘଟିବ। ବିଦ୍ୟାର୍ଥୀମାନେ ଉନ୍ନତିପଥରେ ଅଗ୍ରଗତି କରିବେ।

ଅଶୁଭ ଦିବସ:- ୧୫, ୧୬, ୧୭, ୨୩, ୨୪, ୧୦, ୧୧ ଅଷ୍ଟମଚନ୍ଦ୍ର:- ୧, ୨ ଘାତଚନ୍ଦ୍ର:- ୨୫, ୨୬ ବାକିଦିନ ଶୁଭ।



**କନ୍ୟା:-** ମାସଟି ଆପଣଙ୍କୁ ଶୁଭଫଳ ଦେବାରେ ଅନୁକୂଳ ପ୍ରଦହେବ। ମଝିରେ ମଝିରେ ସକାଳର କୁହୁଡ଼ି ଭଳି କେତେକ ସମସ୍ୟା ମୁଣ୍ଡ ଟେକିଲେବି ତାହା ଅବିଳମ୍ବେ ଅପସରିଯିବ। ସରକାରୀ କଳ ତଥା ଉଚ୍ଚବର୍ଗରୁ ସାହାଯ୍ୟ ସହାନୁଭୂତି ପ୍ରାପ୍ତ ହେବାରେ ପଥରୋଧ ହେବନାହିଁ। ଭାବମୂର୍ତ୍ତିର ଔଜ୍ଜଲ୍ୟ ବୃଦ୍ଧି ହେବା ଯୋଗେ ସମ୍ବଳ ବୃଦ୍ଧି ଘଟିବାର ଅବକାଶ ଉପଗତ ହେବ। ଲକ୍ଷ୍ୟ ପ୍ରାପ୍ତି ଆଡ଼କୁ ବିନା ବାଧାରେ ଆଗେଇବେ। ଶତ୍ରୁମାନଙ୍କ ଉତ୍ପାତ ଦୁର୍ବଳ ହେବ। ସାମାଜିକ ସ୍ତରରେ ଲୋକାଦୃତିର ଅଭିବୃଦ୍ଧି ଘଟିବ। ଗଡ଼ି ଚାଲିଥିବା ସମସ୍ୟାରୁ ମୁକୁଳିଯିବେ। ବିବାଦୀୟ କ୍ଷେତ୍ରରେ ବିଜୟର ଆଶା ଅଧିକ। ବେପାର ବାଣିଜ୍ୟରେ ନୂତନ ଆଗ୍ରହ ସୃଷ୍ଟିହେବ। ମନର ମଣିଷକୁ ପାଖରେ ପାଇ ଉଲ୍ଲସିତ ହେବେ। ଆର୍ଥିକ ଦିଗରୁ ହରକତ ହଇରାଣ ଭୋଗିବାର ନାହିଁ। ଗୃହ ନିର୍ମାଣ ଅଥବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ଭ୍ରମଣ ଏବଂ ଦେବାରାଧନାରୁ ଶାନ୍ତି ମିଳିବ। ମାଙ୍ଗଳିକ କାର୍ଯ୍ୟ ନିମିତ୍ତ ତତ୍ପରତା ପ୍ରକାଶ ପାଇବ। ସାମୟିକ ଶାରୀରିକ ପୀଡ଼ା ଦେଖାଦେଲେବି ତାହା ଗୁରୁତର ହେବାର ନାହିଁ। ପାରିବାରିକ ଜୀବନରେ ଜଂଜାଳ ବୃଦ୍ଧିପାଇବ। ଜୀବନସାଥୀଙ୍କ ନିମନ୍ତେ ଚିନ୍ତିତ ହୋଇପାରନ୍ତି। ମହିଳାମାନେ ସାମାଜିକ ତଥା ପାରିବାରିକ ପ୍ରତିଭା ଲାଭ କରିବେ। ଉପଢୌକନ ମଣ୍ଡିତ ହେବାର ଯୋଗ ଅଛି। ପରିଚାଳନା ଦକ୍ଷତା ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ ଉତ୍ତମ ପଥର ଯାତ୍ରୀ ହେବେ।

ଅଶୁଭ ଦିବସ:- ୧୮, ୧୯, ୨୫, ୨୬, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୩, ୪, ୫ ଘାତଚନ୍ଦ୍ର:- ୮, ୯ ବାକିଦିନ ଶୁଭ।

**ତୁଳା:-** ଶୁଭାଶୁଭ ମିଶ୍ରିତ ଫଳ ଚଳିତ ମାସରେ ଅନୁପ୍ରାପ୍ତ ହେଲେବି ପୂର୍ବ ତୁଳନାରେ ଶୁଭଫଳର ମାତ୍ରା ଅଧିକ ହେବ । କର୍ମକ୍ଷେତ୍ରରେ ସମସ୍ତ ପରିବେଶକୁ ପଛରେ ପକାଇ ଗନ୍ତବ୍ୟ ପଥରେ ଅଗ୍ରଗତି କରିବେ । ବେଳେବେଳେ ଦୌଡ଼ଧୂପ ଓ ଅପରିକଳ୍ପିତ ଅର୍ଥ ବ୍ୟୟ ମନରେ ସନ୍ତାପ ସୃଷ୍ଟି କରିବ । ସରକାରୀ କଳରୁ କାର୍ଯ୍ୟ ହାସଲ ହେବ ମାତ୍ର ଏଥି ନିମିତ୍ତ ସାମାନ୍ୟ ବିଳମ୍ବ ଘଟିପାରେ । ବିରୋଧୀ ଶକ୍ତିର ହ୍ରାସ ଘଟିବା ଯୋଗେ ନିରୁପଦ୍ରବ ଜୀବନଚର୍ଯ୍ୟାକୁ ଆପଣେଇବାରେ ଅସୁବିଧା ହେବନାହିଁ । ବିବାଦୀୟ କ୍ଷେତ୍ରରେ ବୁଦ୍ଧିବଳ ଓ ଧନବଳ ଖଟାଇ ନିଜର ପକ୍ଷକୁ ନିରାପଦ ରଖିପାରିବେ । କଠିନ ପରିଶ୍ରମ ସାଙ୍ଗକୁ ଦାୟିତ୍ୱବୋଧର ଋପ ଭାରାକ୍ରାନ୍ତ କରିପାରେ । ସାମାଜିକ ସ୍ଥିତି ନିମ୍ନଗାମୀ ହେବାର ନାହିଁ । ବେପାର ବାଣିଜ୍ୟରେ ଅର୍ଥ ଓ ପ୍ରତ୍ୟୁତ୍ପନ୍ନମତିତା ଯୋଗେ ଲାଭର ପରିମାଣ ବୃଦ୍ଧି ପାଇପାରେ । ବୃହତ୍ତର ଯୋଜନାରେ ନିଜକୁ ସାମିଲ କରିବେ । ଆନୁଷ୍ଠାନିକ କର୍ମ କୁଶଳତା ଆଖିଦୃଶିଆ ହେବ । ଆର୍ଥୀକ ଦିଗ ମଧ୍ୟମ ଧରଣର ହେବ । ପରିବାରରୁ ଆବଶ୍ୟକୀୟ ସହଯୋଗ ମିଳିବ । ଗୃହ ନିର୍ମାଣ ଏବଂ ଯାନକ୍ରୟ ନିମିତ୍ତ ଉପଯୁକ୍ତ ସମୟ । ପେଟରୋଗ ଓ ବାତ ବିକାର ଦେଖାଦେଇପାରେ । ଅସ୍ଥିରେ ଆଘାତ ଲାଗିପାରେ । ବନ୍ଧୁ ବାନ୍ଧବ ମାନଙ୍କ ନିମିତ୍ତ ଅର୍ଥ ବଢ଼ିବ । ପାରିବାରିକ ସ୍ଥିତି ବିଗିଡ଼ିବାର ନାହିଁ । ମହିଳାମାନେ ଶରୀର ଓ ମନର ଦୁର୍ବଳତାକୁ ଋପିରଖି କର୍ତ୍ତବ୍ୟରେ ନିମଗ୍ନ ହେବେ । ହାତରେ ଦୁଇପଇସା ରଖିପାରିବେ । ଉତ୍ତମ ଖବର ପ୍ରାପ୍ତିର ଆଶା ପୋଷଣ କରିବେ । ବିଦ୍ୟାର୍ଥୀମାନେ ପରିଶ୍ରମର ଫଳ ପାଇବାରୁ ବଞ୍ଚିତ ହେବେନାହିଁ ।

ଅଶୁଭ ଦିବସ:- ୨୦, ୨୧, ୨୨, ୨୭, ୨୮ ଅଷ୍ଟମଚନ୍ଦ୍ର:- ୬, ୭ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ ।

**ବିଛା:-** ଆପଣଙ୍କ ପକ୍ଷେ ମାସଟି ପ୍ରାୟତଃ ଅଧିକାଂଶ ଦିଗରେ ଶୁଭଫଳ ପ୍ରଦାନ କରିବ । ପୂର୍ବର ମାନସିକ ଅଶାନ୍ତି ବହୁ ପରିମାଣରେ ଦୂରହେବା ଫଳରେ ମନୋବଳ ବୃଦ୍ଧି ପାଇବ ଏବଂ କର୍ମପଥରେ ଆଗେଇବେ । ମଝିରେ ମଝିରେ ଛୋଟବଡ଼ ଦୁର୍ଭାବତାକୁ ହଜମ କରିବାକୁ ପଡ଼ିବ । ସରକାରୀ କଳରୁ ଅଥବା ଉଚ୍ଚବର୍ଗୀୟ ପ୍ରେରଣା ଓ ପ୍ରଶଂସା ପାଇବା ଫଳରେ କର୍ମକ୍ଷେତ୍ର ପ୍ରତି ଉତ୍ସାହ ପରିଲକ୍ଷିତ ହେବ । ସାହାଯ୍ୟର ହାତମାନ ଲମ୍ବିଆସିପାରେ । ବିବାଦୀୟ ପରିବେଶରେ ପଛେଇ ଯିବାର ନାହିଁ । ସାମାଜିକ କ୍ଷେତ୍ରରେ ନିଜର ପ୍ରତିପତ୍ତି ଓ କ୍ଷମତା ବଜାୟ ରହିବ । ଆର୍ଥିକ ଦିଗ ପୂର୍ବ ତୁଳନାରେ ସୁଧାର ହେବ । ବେପାର ବାଣିଜ୍ୟରୁ ଦୁଇପଇସା ହାତେଇ ପାରନ୍ତି । ସୁଖ ଭ୍ରମଣ ଯୋଗ ଘଟିବ । ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଆଗ୍ରହୀ ହୋଇପାରନ୍ତି । ଭୋଗ ବିଳାସର ପ୍ରାଚୁର୍ଯ୍ୟ ମଧ୍ୟେ ଉଚ୍ଚମନ୍ୟତା ସମ୍ପନ୍ନ ହୋଇପାରନ୍ତି । ମୂଲ୍ୟବାନ ଧାତୁଦ୍ରବ୍ୟ କ୍ରୟ କରିବେ । ବନ୍ଧୁମେଳରେ ସମୟ ବିତିବ । ଈଶ୍ୱର ବିଶ୍ୱାସ ବୃଦ୍ଧିପାଇବ । ମନର ଅଭିମାନ ମେଣ୍ଟାଇବେ । ପିତ୍ତଦୋଷ ସାଙ୍ଗକୁ ବାତବିକାର ରୋଗର ଶିକାର ହେବେ । ପରିବାରରେ ଅନ୍ୟମାନଙ୍କ ସହିତ ମନମିଶାଇ ଚଳିବାର ଆବଶ୍ୟକତା ଅଛି । ମହିଳାମାନେ ଭୋଗ ବିଳାସ ମାଧ୍ୟମରେ ସମୟ ବିତାଇବେ । ଅହଂକାର ତ୍ୟାଗ କଲେ ଆଦର ପାଇବେ । ବୃହତ୍ତର ପରିକଳ୍ପନା କରିବସିବେ । ପଇସାର ଅଭାବ ରହିବ ନାହିଁ । ବିଦ୍ୟାର୍ଥୀମାନେ ପଠନ ଅପେକ୍ଷା ଗଠନ ଦିଗରେ ମନ ବଳାଇବେ ।

ଅଶୁଭ ଦିବସ:- ୨୩, ୨୪ ଅଷ୍ଟମଚନ୍ଦ୍ର:- ୮, ୯ ଘାତଚନ୍ଦ୍ର:- ୬, ୭ ବାକିଦିନ ଶୁଭ ।

**ଧନୁ:-** ପୂର୍ବରୁ ଗଢ଼ି ଋଲିଥିବା ଅଶୁଭତ୍ୱ ଓ ଅଶାନ୍ତିର ମାତ୍ରା ସର୍ବାଧିକ ଭାବେ ଅପସରିଯାଇ ଶୁଭଫଳର ଉଦ୍ରେକ ହେବା ଫଳରେ ନୂତନ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହେବାଯୋଗେ କର୍ମ ପଥରେ ଆଗେଇଯିବା ନିମିତ୍ତ ସାହାସ ଓ ଆଗ୍ରହ ସୃଷ୍ଟିହେବ । ସରକାରୀ କଳରୁ ଅନୁକୂଳ ପବନ ବହିବା ଦ୍ୱାରା କର୍ମକ୍ଷେତ୍ର ସହଜ ହେବ । ଉତ୍ତମରୂପେ କର୍ତ୍ତବ୍ୟ ସଂପାଦନ କରି ପ୍ରଶଂସା ସାଉଣ୍ଟି ପାରନ୍ତି । ବିବାଦୀୟ କ୍ଷେତ୍ରରେ ଆପଣାପକ୍ଷ ମଜବୁତ ରହିବ । ସାମାଜିକ କ୍ଷେତ୍ରରେ ସ୍ନେହ ସହାନୁଭୂତିର ପ୍ରାବଲ୍ୟତା ପରିଲକ୍ଷିତ ହେବ । ଆର୍ଥିକ ଦିଗ ସବଳ ରହିବ । ନୂତନ ଯୋଜନା ହାତକୁ ନେଇପାରନ୍ତି । ବେପାର ବାଣିଜ୍ୟରେ ଲାଭର ଆଶା ବ୍ୟର୍ଥ ହେବନାହିଁ । ବାସସ୍ଥାନ ପରିବର୍ତ୍ତନ କରିବାର ସମ୍ଭାବନା ଅଛି । ଘରୋଇ ମାଲିକାନା ବୃଦ୍ଧିପାଇବ । ଭ୍ରମଣ ଯୋଗେ ମନ ପ୍ରଫୁଲ୍ଲିତ ରହିବ । କର୍ମସ୍ଥଳୀରେ ପ୍ରମୋଶନର ଆଭାସ ମିଳିପାରେ । ଐଶ୍ୱରୀୟ ଚେତନାରେ ଉଦ୍‌ବୁଦ୍ଧ ହେବେ । ଆନୁଷ୍ଠାନିକ କର୍ମ କୁଶଳତା ବୃଦ୍ଧିପାଇବ । ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତା ବଢ଼ାଇପାରେ । ପିତ୍ତଶ୍ଳେଷ୍ମା ସାଙ୍ଗକୁ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇପାରନ୍ତି । ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ଅଶାନ୍ତି ମୁଣ୍ଡ ଟେକିଲେବି ତାହା ନିୟନ୍ତ୍ରଣାଧିନ ହେବ । ମହିଳାମାନେ ବୁଝାମଣାକୁ ଆପଣେଇ ନେଲେ କ୍ରୋଧରୁ ଶାନ୍ତ ପାଇବେ । ଛୁଆପିଲାମାନଙ୍କ ଚିନ୍ତା ଉଦ୍ରେକ ହେବ । ହାତରେ ଦୁଇପଇସା ରଖିହେବ । ବିଦ୍ୟାର୍ଥୀ ମାନେ ଆଶାଜନକ ଅଗ୍ରଗତି କରିବେ ।

ଅଶୁଭ ଦିବସ:- ୨୫, ୨୬ ଅଷ୍ଟମଚନ୍ଦ୍ର:- ୧୦, ୧୧ ଘାତଚନ୍ଦ୍ର:- ୧, ୨ ବାକିଦିନ ଶୁଭ ।

**ମକର:-** ମାସଟି ଆପଣଙ୍କ ନିମିତ୍ତ ମଧ୍ୟମ ଧରଣର ଶୁଭଫଳ ଦାୟକ ହେବ । ଅଡୁଆ ପରିବେଶକୁ ସଜାଡ଼ିବାରେ କିଛି ସମୟ ବ୍ୟୟିତ ହୋଇପାରେ । ଅନେକ ଆଶଙ୍କା ଓ କଳ୍ପନାର ଅବସାନ ଘଟିବା ଫଳରେ ସ୍ଥିର ଓ ନିରୁପଦ୍ରବ ଜୀବନଚର୍ଯ୍ୟାର ସୁ ଅବସର ମିଳିବ । କର୍ମକ୍ଷେତ୍ରର ଗତି ଅଟକିବ ନାହିଁ । ଉଚ୍ଚ ପଦବୀ ବ୍ୟକ୍ତିମାନଙ୍କ ସ୍ନେହ, ସହଯୋଗ ଓ ପ୍ରେରଣା ପ୍ରାପ୍ତ ହୋଇ କର୍ମପଥରେ ଆଗେଇବେ । ଶତ୍ରୁମାନେ କ୍ଷତି ସାଧନ କରିବାକୁ ଚେଷ୍ଟିତ ହେଲେବି କ୍ଷତି ସାଧନ କରିବାରେ ଅସଫଳ ହେବେ । ସାମାଜିକ ତଥା ସାଙ୍ଗଠନିକ କାର୍ଯ୍ୟରେ ଅଗ୍ରଣୀ ଭୂମିକା ନିର୍ବାହ କରିବାର ସୁଯୋଗ ମିଳିବ । ସ୍ଥାନ ମାନ ପ୍ରତି ବିପଦ ନାହିଁ । ଈର୍ଷାଳୁମାନେ ବିରକ୍ତିବୋଧ କରିପାରନ୍ତି ।

ବେପାର ବାଣିଜ୍ୟର ଧାରା ସଙ୍କୁଚିତ ହେବାର ନାହିଁ। ସ୍ୱାର୍ଥପର ଗୁଣକୁ ଆୟତ୍ତ କଲେ ଶାନ୍ତି ପାଇବେ। ପରିଚାଳନା କ୍ଷେତ୍ରରେ କପଟୀ ମିତ୍ରଙ୍କର ମୁଖା ଖୋଲିଯାଇପାରେ। ଆର୍ଥିକ ଦିଗରୁ ବିବ୍ରତ ହେବେନାହିଁ। ସୃଜନଶୀଳତା ପରିସ୍ଫୁଟ ହେବ। ଆୟ ତୁଳନାରେ ବ୍ୟୟର ମାତ୍ରା ସାମାନ୍ୟ ଅଧିକ ହେବ। ଭ୍ରମଣ ଯୋଗକୁ ବାଦ୍ ଦେଇ ହେବ ନାହିଁ। ସୌଖୀନ ଦ୍ରବ୍ୟରେ ଆଗ୍ରହ ବଢ଼ିବ। ଦେବକର୍ମରେ ନିଜକୁ ନିୟୋଜିତ କରିବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି ଅଥବା ମାଙ୍ଗଳିକ କାର୍ଯ୍ୟର ସଂପାଦକ ହେବେ। ଗଳା ନାସା କର୍ଣ୍ଣ ରୋଗ ଦେଖାଦେବ। ଦୃଷ୍ଟିଦୋଷରେ ଆକ୍ରାନ୍ତ ହୋଇପାରନ୍ତି। ପାରିବାରିକ ଜୀବନ ସହାନୁଭୂତିପୂର୍ଣ୍ଣ ହେବ। ମହିଳାମାନେ ସମ୍ବେଦନଶୀଳ ହେବେ। ଦାୟିତ୍ୱ ଓ ଜଂଜାଳ ବୃଦ୍ଧି ପାଇବ। ଦାୟିତ୍ୱ ଓ ଜଂଜାଳ ବୃଦ୍ଧି ପାଇବ। କ୍ଷମତାର ପରିସର ବୃଦ୍ଧିପାଇବ। ବିଦ୍ୟାର୍ଥୀମାନେ ଶିକ୍ଷା ଅପେକ୍ଷା ଅନ୍ୟ ଦିଗରେ ଆଗ୍ରହ ଦର୍ଶାଇବେ।

ଅଶୁଭ ଦିବସ:- ୧୫, ୧୬, ୧୭, ୨୭, ୨୮, ୩, ୪, ୫ ଅଷ୍ଟମଚନ୍ଦ୍ର:- ୧୨, ୧୩, ୧୪ ଘାତଚନ୍ଦ୍ର:- ୧୨, ୧୩, ୧୪ ବାକିଦିନ ଶୁଭ।



**କୁମ୍ଭ:-** ଆପଣଙ୍କ ନିମିତ୍ତ ମାସଟି ଶୁଭାଶୁଭ ମିଶ୍ରିତଫଳ ଭୋଗ ହେଲେବି ମଝିରେ ମଝିରେ ଆତୁରତା ଏବଂ ଅସ୍ଥିରତା ଦେଖାଦେଇପାରେ। କର୍ମକ୍ଷେତ୍ରରେ ଘୋଷାରି ହୋଇ ଚାଲିବା ବ୍ୟତୀତ ଅନ୍ୟପନ୍ଥା ନାହିଁ। ଶୋଷଣର ଶିକାର ହେବା ଫଳରେ ମନରେ ବିରକ୍ତିଭାବ ଉଦ୍ରେକ ହେବ। ଉତ୍ତମ ଚିନ୍ତାଧାରା ଏବଂ ନିଷ୍ପାପର କର୍ମଧାରା ମାଧ୍ୟମରେ ପ୍ରତିକୂଳ ପରିବେଶକୁ ଏଡ଼ାଇଦେବା ସମ୍ଭବ ହେବ। ସରକାରୀ ସ୍ତରରେ ପ୍ରତିଦ୍ୱନ୍ଦିତା ଲାଗି ରହିଲେବି ସଫଳକାମ ହେବାର ଆଶାପୋଷଣ କରିପାରନ୍ତି। ନିଜର ଅସହାୟତା ଅନ୍ୟ ଆଗରେ ଉପସ୍ଥାପନା କଲେ ସହାନୁଭୂତି ପରିବର୍ତ୍ତେ ସମାଲୋଚନାର ଶରବ୍ୟ ହୋଇପାରନ୍ତି। ସାମାଜିକ ସ୍ତରରେ ମାନବିକତାର ଔଜ୍ଜ୍ୱଲ୍ୟତା ପରିପ୍ରକାଶ ହେବ। ବିବାଦୀୟ କ୍ଷେତ୍ର ବିପଦଶଙ୍କୁଳ ହେବାର ନାହିଁ। ଶତ୍ରୁମାନେ ନୀରବିଯିବା ଯୋଗେ ଶାନ୍ତି ପାଇବେ। ଆର୍ଥିକ ଦିଗ ଟାଣଟୁଣ ରହିବ। ବେପାର ବାଣିଜ୍ୟରେ ପଛେଇ ଯିବେ ନାହିଁ। ମାଙ୍ଗଳିକ କାର୍ଯ୍ୟରେ ପ୍ରତ୍ୟକ୍ଷ ସଂପୃକ୍ତି ଘଟିବ। ଦ୍ରବ୍ୟ କ୍ରୟର ସୁଯୋଗ ଅଛି। ନିଜ ଶିଙ୍ଗରେ ମାଟି ତାଡ଼ି ସନ୍ତୋଷ ପ୍ରାପ୍ତ ହେବେ। ସନ୍ତାନମାନଙ୍କ ଯୋଗେ ଚିନ୍ତା ବଢ଼ିବ। ମୁଣ୍ଡ, ଦାନ୍ତ ଓ ଅବୟବରେ ପୀଡ଼ା ପ୍ରାପ୍ତ ହେବେ। ପାରିବାରିକ ପରିବେଶ ଚଳନୀୟ ହେବ। ମହିଳାମାନେ ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ପ୍ରଦର୍ଶାଇବେ। ଭୋଗ ବିଳାସରେ ଅଙ୍କୁଶ ଲାଗିବାର ନାହିଁ। ପରିବାରରେ ତଥା ସମାଜରୁ ଆଦୃତି ମିଳିବ। ଭ୍ରମଣ ଯୋଗେ ଉଲ୍ଲସିତ ହେବେ। ବନ୍ଧୁ ଗହଣରେ ସମୟ ବିତାଇବେ। ବିଦ୍ୟାର୍ଥୀମାନେ କଠିନ ପରିଶ୍ରମ ଦ୍ୱାରା ସ୍ଥିତି ବଜାୟ ରଖିବେ।

ଅଶୁଭ ଦିବସ:- ୧୮, ୧୯, ୬, ୭ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୭ ଘାତଚନ୍ଦ୍ର:- ୨୩, ୨୪ ବାକିଦିନ ଶୁଭ।



**ମୀନ:-** ମାସଟି ଆପଣଙ୍କ ନିମିତ୍ତ ଶୁଭ ଦ୍ୟୋତକ ହେବାର ସୂଚନା ପ୍ରଦାନ କରୁଛି। ମଝିରେ ମଝିରେ ସମସ୍ୟାମାନ ଅଦିନ ବଉଦ ଭଳି ଉପଗତ ହେଲେବି ତାହା ଦୀର୍ଘସ୍ଥାୟୀ ହେବନାହିଁ। କର୍ମ ମାଧ୍ୟମରେ ଦୁଶ୍ଚିନ୍ତାକୁ ପାଶୋରିବେ। ଖଳଲୋକମାନେ ନିନ୍ଦା ଗାଇବାକୁ ଅପଚେଷ୍ଟା କଲେବି ତାହା କାର୍ଯ୍ୟକାରୀ ହେବନାହିଁ। କର୍ମର ଗତି ସାବଲୀଳ ରହିବ। କର୍ମକ୍ଷେତ୍ର ଅଥବା ସରକାରୀ ସୂତ୍ରରୁ ଆବଶ୍ୟକୀୟ ସହଯୋଗ ଓ ସୁଯୋଗ ପ୍ରାପ୍ତ ହେବେ। କର୍ମଚାରୀମାନେ ସ୍ୱାର୍ଥ ସାଧନରେ ବ୍ୟସ୍ତତା ପ୍ରକାଶ କଲେବି କର୍ତ୍ତବ୍ୟ ସଂପାଦନ ନିମିତ୍ତ ବିଶୃଙ୍ଖଳିତ ହେବେନାହିଁ। ବିବାଦୀୟ କ୍ଷେତ୍ରରୁ ସୁବିଚାର ମିଳିବ। ବେପାର ବାଣିଜ୍ୟରୁ ଲାଭାଂଶ ସନ୍ତୋଷପ୍ରଦ ହେବ। ସାମାଜିକ ସ୍ତରରେ ନିଜର ପ୍ରତିଷ୍ଠା ଓ ପ୍ରତିଭା ଅକ୍ଷୁର୍ଣ୍ଣ ରଖିପାରିବେ। ନୂତନ ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଭ୍ରମଣରୁ ଶାନ୍ତି ମିଳିବ। ଆର୍ଥିକ ଦିଗ ନୂତନ ଯୋଜନାରେ ବ୍ୟୟିତ ହୋଇପାରେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ବିବ୍ରତ କରିବ। ପରୋପକାର ତଥା ଆନୁଷ୍ଠାନିକ କର୍ମରେ ନିଜକୁ ସଂପୃକ୍ତ କରିବେ। ପେଟ ଦୋଷ ଓ ଅଣ୍ଡାଦୋଷରେ ଆକ୍ରାନ୍ତ ହେବେ। ପାରିବାରିକ ଜୀବନ ଦୂଷିତ ହେବନାହିଁ। ମହିଳାମାନଙ୍କର ପୂର୍ବ ଦୁଶ୍ଚିନ୍ତା ଅପସରି ଯିବା କାରଣରୁ ଶାନ୍ତି ଓ ଆନନ୍ଦମୟ ଜୀବନ ବିତାଇବେ। ବନ୍ଧୁ ବର୍ଗରେ ସମୟ ବିତିବ। ବିଦ୍ୟାର୍ଥୀମାନେ ଶୁଭଫଳର ଉପଭୋକ୍ତା ହେବେ।

ଅଶୁଭ ଦିବସ:- ୨୦, ୨୧, ୨୨, ୮, ୯ ଅଷ୍ଟମଚନ୍ଦ୍ର:- ୧୮, ୧୯ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

Postal Regd. No. CK (C)/91/2024-2026
The Samaroha February - 2025, Vol. - 34, Issue - 5 RNI Regd. No. : 034056/1981

KCC
BHUBANESWAR
KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**

₹ 25/-
Date of Publication : 03.02.2025
Facebook: The Samaroha
E-mail: thesamaroha@gmail.com, Website: www.samaroha.in